Split by PDF Splitter



ସାଟର ନେହ ମା ବାପ ନ ଥିଲାପରି ହେବା ବଡ଼ ଦୁଃଖର ବିଷୟ । ଅମ୍ଭମାନଙ୍କ ମତ୍ରେ ମିଉନିସିପାଲ କମିସନରମାନ ବର୍ଷାକାଳ ପରେ ମରାମତ କରିବା ଉଚିତ ଏବଂ କଣ୍ଟ୍ରାକ୍ଟରମାନଙ୍କୁ କାର୍ଯ୍ୟ ବାଣ୍ଟିଦେଇ ନିଶ୍ଚିନ୍ତ ନ ରହି ସେମାନଙ୍କଠାରୁ ଯଥାମତ କାର୍ଯ୍ୟ ନେବା ବାଞ୍ଛନୀୟ । ପ୍ରଧାନ ପ୍ରଧାନ ରାସ୍ତାମାନ ପକ୍କା ହେବା ଅବଶ୍ୟ ପ୍ରୟୋଜନୀୟ ମାତ୍ର ତହିଁର ଠିକା ଅନୁଲଣ ହେଲେ ବାଲି ପକାଇ ବାଟ ମରାମତ କରିବା ଏକାନ୍ତ କର୍ତ୍ତବ୍ୟ । ଗ୍ରାମ୍ୟ ସଡ଼କମାନ ମଧ୍ୟ ବାଲି ପକାଇ ମରାମତ କରିବା ଉଚିତ । ଲୋକଙ୍କ ଯିବାଆସିବା ସକାଶେ ବାଟ ନିର୍ମାଣର ପ୍ରୟୋଜନ ଏବଂ ସେଥିସକାଶେ ଲୋକେ ଟିକସ ଦେଉଅଛନ୍ତି । ଯଥାତଥା ମରାମତ କରିବାରେ କିଛିମାତ୍ର ପ୍ରୟୋଜନ ନାହିଁ ଏବଂ ସେ ବ୍ୟୟ ଅନୁପଯୁକ୍ତ ଅଟେ ।

---

## କଟକରେ ଦୁର୍ଗାପୂଜା ।

ଦୁର୍ଗାପୂଜା ବଙ୍ଗଦେଶରେ ପ୍ରଚଳିତ । ଅନ୍ୟାନ୍ୟ ଯେଉଁ ସ୍ଥାନରେ ଦୁର୍ଗାପ୍ରତିମା ହୁଅଇ ସେଠାରେ ବଙ୍ଗାଳୀଙ୍କ ବସତି ନିଶ୍ଚୟ ଥାଏ । ଓଡ଼ିଶାର ମୋଫସଲସ୍ଥ ପ୍ରତି ଉଲ୍ଲେଖୀୟ [illegible] ସ୍ଥାନରେ ମାତ୍ର ଦୁର୍ଗାମେଢ଼ ହୋଇଥାଏ । କଟକ ବହୁତ କାଳର ଉପନିବେଶ ହେଲେ ସୁଦ୍ଧା ପ୍ରାୟ ଶତାବ୍ଦୀ ଦୁର୍ଗା ପ୍ରତିମା ନିର୍ମାଣ ହୋଇଥାଏ ସୁତରାଂ କଟକର ପୂଜା ବାରୱାରି ପୂଜା ପ୍ରାୟ । ଯାହା ହେଉ ପଞ୍ଜାବଧି ଯଥାସମୟରେ ସ୍ଥାନେ ହୋଇ ନ ଥିଲେହେଁ ନିୟମର ବହିର୍ଭୂତ ହୋଇ ନାହିଁ । ମୋଫସଲ ନିୟମ ସବୁକି ପାଳନ ହେଉ ନ ଥିଲେହେଁ ସ୍ଥାନେ ନାଚ ତମାସା ଓ ବାଦ୍ୟାଦି ଆମୋଦ ଦର୍ଶକମାନଙ୍କ ଚିତ୍ତରଞ୍ଜକ ହୋଇଥିଲା ଓ ତଦ୍ୱାରା ମୋଫସଲର ଆମୋଦର ଅଭାବ ପାସୋଯାଇଥିଲା । କିନ୍ତୁ ବର୍ଷା ହେତୁ ଦର୍ଶକମାନେ ମନପୂର୍ତ୍ତି ବାହ୍ୟିକ ଆନନ୍ଦ ଉପଭୋଗ କରି ପାରି ନ ଥିଲେହେଁ ମା ଆନନ୍ଦମୟୀଙ୍କ ଦର୍ଶନ ସେମାନଙ୍କ ଯଥାର୍ଥ ଆନନ୍ଦ ପ୍ରଦାନ କରିଥିଲା ।

ଏବର୍ଷ ଏଠାରେ ମୋଟ ୧୦ ଟି ଦୁର୍ଗାମେଢ଼ ଓ ୨୨ ଗୋଟି କାଳୀ ପ୍ରତିମା ମେଢ଼ ହୋଇଥିଲା । ଗତ ବର୍ଷ ୯ ଗୋଟି ଦୁର୍ଗାମେଢ଼ ହୋଇଥିଲା ସୁତରାଂ ଗତବର୍ଷାପେକ୍ଷା ମେଢ଼ସଂଖ୍ୟା ବେଶିଥିଲା । ତେଲେଙ୍ଗାବଜାରରେ ଗୋଟିଏ ଦୁର୍ଗାମେଢ଼ ଏ ବର୍ଷ ନୂତନ ହୋଇଥିଲା । କଟକରେ ପ୍ରତିମା ଗଠନ ସାଜ ସଜ୍ଜା ପ୍ରତି ସମାନ ଭାବରେ ଦୃଷ୍ଟିଥାଏ ମୋଫସଲର ମେଢ଼ ଅପେକ୍ଷା ଏଠାର ଢାଞ୍ଚା ଅତ୍ୟନ୍ତ ଭଲ । ପ୍ରତିମାକୁ ସାଜରେ ଯୋଡ଼ାଇ ପକାନ୍ତି ଓ ମେଢ଼କୁ ଏକାଇ ଅଳଙ୍କୃତ କରିବାକୁ ଯାଇ ମଧ୍ୟ ଭେସଡ଼ା କରିଦଅନ୍ତି । ଯାହା ହେଉ ପ୍ରଚଳିତ ମେଢ଼ ମଧ୍ୟରେ ବଙ୍ଗାଳୀସାହିର ସ୍ଥିତ ଅନ୍ୟତମ ମେଢ଼ ଏଥର ଏକ ନୂତନ ହୋଇଥିଲା ଓ ବିଶେଷତଃ ସାଜସଜ୍ଜାରେ ଏକ ଅନ୍ୟକୁ ଟପିବା ନିମନ୍ତେ ସଜା ହୋଇଥିବା ପରି ଅନୁମିତ ହେଉଥିଲା । ଚନ୍ଦନଚୌକିର ପ୍ରତିମା ଟିକିଏ ବଡ଼ ହୋଇଥିଲା ଏବଂ ସାଜ ପୂର୍ବଠାରୁ ଭଲଥିଲା । ବଖରାବାଦ ବଜାରର ପ୍ରତିମା ଗଠନରେ ପୂର୍ବ ଟେକ ରହିଥିଲା । ଚୌଧୁରୀବଜାରର ସାଜ ଅଧିକ ଜାକୁଳା ହୋଇଥିଲା [illegible]ର ମେଢ଼ ଚିତ୍ତାକର୍ଷକ ହୋଇଥିଲା । ବଙ୍ଗାଳି ସାହି ଶୀଘ୍ର ହୋଇଯାଇଥିବାର ପ୍ରକାଶ ପାଉଥିଲା । କେହି ବିଶେଷ ସାହାଯ୍ୟକାରୀ ନ ଥିଲେ ପରା ? ବଙ୍ଗାଳି ସାହି ଦଶା ଏହିପରି ଘଟିଅଛି । ନୂତନ ମେଢ଼ମଧ୍ୟରେ କାଳୀଗଳି ବା ମାହିଦାସବଜାର ଓ ଆଲିସାବଜାରର ମେଢ଼ ଉତ୍ତମ ହୋଇଥିଲା । ମହାଦେବ ମେଢ଼ ଦୁର୍ଗାମେଢ଼ ପ୍ରାୟ ପ୍ରତିମା ଗଠନ ଓ ସାଜସଜ୍ଜାରେ ସମାନ ଥିଲା ଓ କେହିକେହି ମଧ୍ୟ ଜିଣି ଯାଇଥିଲା । ମହାଦେବ ମେଢ଼ରେ ଅନ୍ୟ ପ୍ରତିମା ସବୁ ଦୁର୍ଗାମେଢ଼ ପ୍ରାୟ ଥିବାରୁ ମିଳନ ସମୟରେ ସାଧାରଣ ମହାଦେବ ମେଢ଼କୁ ବିଶେଷ ପସନ୍ଦ କରୁଥିଲେ । ଚୌଧୁରୀ ବଜାରର ତେଲଙ୍ଗା ସନ୍ୟାସିଙ୍କ, ବକ୍ସିବଜାରର ସୁଧାପ୍ରସାଦ ଭଗତଙ୍କ, ଡେଙ୍କାନେଶ୍ୱର ଓ ଘଣ୍ଟିହାଟର ମେଢ଼ ପ୍ରାୟ ସମାନ ଥିଲା । ଏମାନଙ୍କର ସାଜସଜ୍ଜା ଅତିଶୟ ମନୋହର ଓ କାର୍ଯ୍ୟ ଅତି ସୂକ୍ଷ୍ମ ହୋଇଥିଲା ମାତ୍ର ସାଜ ମେଢ଼କୁ ଢକ ପଡ଼ିଥିଲା । ଡେଙ୍କାନେଶ୍ୱ ମେଢ଼ର ମହାଦେବ ପ୍ରତିମା ଅତି ସୁନ୍ଦର ହୋଇଥିଲା ଓ ଅତି ଉଗ୍ରମୂର୍ତ୍ତି ଥିବାରୁ ସମସ୍ତଙ୍କ ମନକୁ ଯେନୁଥିଲା । ଅନ୍ୟ ପ୍ରତିମା ମଧ୍ୟରେ ବିଖ୍ୟାତ କାରିଗର ସଦାଶିବ ଭଗତଙ୍କ ବିରାଟ ସାଜରେ ଯୁଧିଷ୍ଠିରଙ୍କ ଅଭିଷେକ, ବଣିଆ ସାହିର ଦାନଦଳନ, ସାହେବଜାଦା ବଜାରର ପଞ୍ଚଦେବତା, ମହମ୍ମଦିଆ ବଜାରର ରାଜା ହରିଶ୍ଚନ୍ଦ୍ର ଓ କାଜିବଜାରର ଅକ୍ରୂର ରଥ ଚିତ୍ତାକର୍ଷକ ହୋଇଥିଲା ।

ଏ ବର୍ଷ ବର୍ଷା ହେତୁ ଦର୍ଶକ ସଂଖ୍ୟା ମୋଟରେ କମ ହୋଇଥିଲା । ସପ୍ତମୀ ଅଷ୍ଟମୀରୁ ଦର୍ଶକ ବେଶୀ ନ ଥିଲେ ନବମୀଦିନ ବର୍ଷା ସାମାନ୍ୟ ହୋଇଥିବାରୁ ଦର୍ଶକମାନଙ୍କ ସମାଗମ ହୋଇଥିଲା ଓ ଦଶମୀଦିନ ଆକାଶ ପରିଷ୍କାର ହେବାରୁ ଦଶହରା ମିଳନକୁ ସହରରେ ଅଧିକ ଲୋକ ହେବାର ଆଶା ହୋଇଥିଲା ମାତ୍ର ରାତ୍ର ଘ ୯ ଟା ସମୟରୁ ଏକଅଶ୍ରା ପ୍ରାୟ ଦୁଇଘଣ୍ଟା କାଳ ସ୍ଥାୟୀ ହେବାରୁ ସମସ୍ତଙ୍କ ମନ ମଳିନ ହୋଇ ଯାଇଥିଲା ଯାହା ହେଉ ଶେଷରେ ଆକାଶ ପରିଷ୍କାର ହେବାରୁ ମେଢ଼ ସବୁ ସ୍ଥାନ ଛଡ଼ ବାହାରିଲୁ ଆସି ବାହାରିବା ସମୟକୁ ରାତ୍ର ଶେଷପ୍ରାୟ ହୋଇଥିଲା । ତଥାପି ବକ୍ସିବଜାରର ମହାଦେବ ମେଢ଼ ଓ କାଜିବଜାର ଚୌଧୁରୀବଜାର ତେଲେଙ୍ଗାବଜାର ଦୁର୍ଗା ମେଢ଼ମାନ ଚୌଧୁରୀବଜାରଠାରେ ଏକ ଯୋଗ ହୋଇଥିଲେ କିନ୍ତୁ ଚନ୍ଦନଚୌକିଠାରେ ଯେଉଁ ମିଳନ ହୁଏ ତାହା ହୋଇପାରି ନାହିଁ । କେବଳ ମେଢ଼ ରାତ୍ର ଥାଉଁ ବାଲୁବଜାର ଛାଡ଼ି ଯାଇଥିବାରୁ ଚନ୍ଦନଚୌକି ଯାଇଥିଲେ ମାତ୍ର ଅନ୍ୟ ସବୁ ସକାଳବେଳକୁ ବାଲୁବଜାର ଛକରେ ଉପସ୍ଥିତ ହେବାରୁ ପ୍ରକାଶ ସେମାନଙ୍କୁ ନଦୀକୂଳ ଦିଗକୁ ଘଉଡ଼ାଇ ଆଣିଥିଲେ । ପ୍ରାୟ ସବୁମେଢ଼ ନଦୀକୂଳରେ ପହଞ୍ଚିଲା ବେଳକୁ ସକାଳ ଦଶଘଣ୍ଟା ହୋଇଥିଲା ଓ ଘ ୧୧ ଟା ବେଳକୁ ପ୍ରତିମାମାନେ ଜଳଶାୟୀ ହେଲେ । ନଦୀଜଳ ବୃଦ୍ଧି ହେତୁ କୂଳରେ ମିଳନ ସ୍ଥାନ ଅନାଟନ ହୋଇଥିବାରୁ ସ୍ଥାନଟି ଦର୍ଶକମାନଙ୍କଦ୍ୱାରା ଭର୍ତ୍ତି ହୋଇଥିବାର ଦେଖା ଯାଉଥିଲା । ଏ ଦୃଶ୍ୟ ଅତି ମନୋହର ଥିଲା ।

ଏ ବର୍ଷ ଦଶହରା କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହୋଇଥିଲା । କୌଣସି ଦୁର୍ଘଟନା ଉପସ୍ଥିତ ହୋଇ ନ ଥିଲା । ପୋଲିସ ପାହିଆଇନ ଅଯଥା ମେଢ଼ମାନଙ୍କୁ [illegible] ନାହିଁ ।

—o—

## ପୁରୀ-ଦୁର୍ଗାପୂଜା ।

ଭବଭୟ ନାଶିନୀ ଭଗବତୀ ଷୋଡ଼ଶୋପଚାର ପୂଜା ଉପଲକ୍ଷ ପାଦରେ ପ୍ରଣତ କରି ଦେଶମଧ୍ୟରୁ ବର୍ଷକପାଇଁ ବିଦାୟ ହୋଇ ଯିବା ସଙ୍ଗେ ଲୋକେ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୋଇଅଛନ୍ତି । ଭକ୍ତ ସନ୍ତାନବର୍ଗ ଆନନ୍ଦମୟୀଙ୍କ ଅପାର କରୁଣା ବଳରୁ ସ୍ୱଦେଶ ଓ ସ୍ୱଜନ ଦର୍ଶନାଦି ସୁଖୋପଭୋଗରେ ପୂଜା ଅବକାଶ ନିର୍ବିଘ୍ନରେ କଟାଇଥିଲେ । ମୃଣ୍ମୟୀ ପ୍ରତିମା ଓ ଗୃହାଧିଷ୍ଠାତ୍ରୀ ଦେବୀମାନଙ୍କର ଏବଂ ଗୟା ଫେରନ୍ତା ଯାତ୍ରୀ ବିଶେଷତଃ କଲିକତା ପ୍ରଭୃତି ସ୍ଥାନର ବଙ୍ଗୀୟ ଯାତ୍ରୀମାନଙ୍କ ସମାଗମରେ ଏହି କେତେକ ଦିନ ପୁରୀରେ ଆନନ୍ଦସ୍ରୋତ ପ୍ରବାହିତ ହୋଇଥିଲା । ପୂଜା ତିନ ଦିନ ସମୟେ ସାମାନ୍ୟ ବର୍ଷା ସଙ୍ଗେ ଶୀତପାତ ହୋଇଥିବାରୁ ଲୋକେ ବିଶେଷ ଅସୁବିଧା ଭୋଗ କରି ନ ଥିଲେ । ଦଶହରା ରାତ୍ରରେ ଶ୍ରୀ ମନ୍ଦିରକୁ ବଳେ କରି ଠାକୁରମାନେ ଦଶହରାପଦା ଜଗନ୍ନାଥବଲ୍ଲଭରେ ଉପଗତ ହୁଅନ୍ତେ ଲୋକେ ଆନନ୍ଦରେ ନିଜ ବୃଦ୍ଧିର ଅନୁକୂଳ ଓ ଶ୍ରୀ ମହାବୀର ଦର୍ଶନ କରି ଫେରି ଯାଇଥିଲେ । ଏହି ସମୟରେ ଏବଂ ଶୁକ୍ରବାର ରାତ୍ର ଦେଶ ମିଳନ ବେଳେ ବର୍ଷା ଛଡ଼ି ଆକାଶ ପରିଷ୍କାରଥିବାରୁ ଆ-

Digitized by srujanika@gmail.com

ମୋଦ ପ୍ରମୋଦରେ ବ୍ୟାଘାତ ଘଟି ନ ଥିଲା ।

ତା ୧୪ ରିଖ ଶୁକ୍ରବାର ସନ୍ଧ୍ୟାପୂର୍ବରୁ ପ୍ରେତବାଟର ପ୍ରତିମା ଅଧିକାଂଶ ସିଂହଦ୍ୱାରରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ଜଳଶାୟୀ ହୋଇଥିଲେ । ଗତବର୍ଷ କେବଳ ପ୍ରଧାନ ପ୍ରତିମାମାନଙ୍କର ଏକତ୍ର ସମାବେଶ ହୋଇଥିଲା । ଏ ବର୍ଷ ସାନ ବଡ଼ ଦେବୀ ମୂର୍ତ୍ତି ବା ଗୋସାଣୀ ସଂଖ୍ୟା ପ୍ରାୟ ୩୫ ଟି ମଧ୍ୟରୁ ବାରବାଟୀ, ଚନ୍ଦ୍ରକୋଠ ଅଖେଡ଼ା, ମଣିକର୍ଣ୍ଣିକା ସାହି ଏବଂ ଜଳିମୁଣ୍ଡିଆ ଏହି ୪ ଟି ଦେବୀ ପ୍ରତିମା ଗଠନକାର ଓ ସାଜସଜ୍ଜାରେ ଅଗ୍ରଣୀ ହୋଇଥିଲେ । ବନଦୁର୍ଗା, ଖୁଣ୍ଟିଆସାହି, ମହାଗଣେଶ, ଶୀତଳପିଣ୍ଡା ପ୍ରଭୃତି ପ୍ରତିମା ମଧ୍ୟମାକାର ହୋଇଥିଲେହେଁ ଏମାନଙ୍କର ଗଠନ ଓ ସାଜ ମନ୍ଦ ନ ଥିଲା ଏଥିମଧ୍ୟରେ ବାଲିସାହି ଯମକୋଠ ପ୍ରତିମାଟି ଗଠନ ସୌଷ୍ଠବରେ ଉତ୍କୃଷ୍ଟ ହୋଇଥିଲା । ଅବଶିଷ୍ଟ ମୂର୍ତ୍ତିଗୁଡ଼ିକ କ୍ଷୁଦ୍ର ହୋଇଥିଲେ । ଗଉଡ଼ବାଡ଼ସାହିରେ ଗୋଟିଏ ମାତ୍ର ମେଢ଼ ହୋଇଥିଲା । ଗୁଣ୍ଡିଚାବାଡ଼ିରେ ଏ ବର୍ଷ ହରଚଣ୍ଡୀ ସାହି ଗୃହମୁଣ୍ଡା ମେଢ଼ ନ ହୋଇ ଗୋଟିଏ କ୍ଷୁଦ୍ର ପ୍ରତିମା ମାତ୍ର ହୋଇଥିଲା । ବଡ଼ଯେଖଣ୍ଡା, କଦମ୍ବଗଡ଼ି ଓ ଦୋଳମଣ୍ଡପ ସାହିର ୩ ଗୋଟି ବଡ଼ ସୁସଜ୍ଜିତ ନାଗାମୂର୍ତ୍ତି ଦର୍ଶକମଣ୍ଡଳୀର ଦୃଷ୍ଟି ଆକର୍ଷଣ କରୁଥିଲା । ଅନ୍ୟାନ୍ୟ ଉଲ୍ଲେଖ ଯୋଗ୍ୟ ୩୨ ଗୋଟି ନାଗା ଅପେକ୍ଷାକୃତ ସାନ ହୋଇଥିଲେ । ହରଚଣ୍ଡୀସାହି ନାଗା ମଠ ନିକଟରେ ଏକ ହଠାତ୍ ସର୍କସ୍ ତାହା ହୋଇଥିଲା । ତାହା ଉପରସ୍ଥ ସିଂହୋପରି ଦଣ୍ଡାୟମାନ ରୂପସୀ ୨ ଗୋଟି ସ୍ତ୍ରୀ ମୂର୍ତ୍ତିର ସ୍କନ୍ଧରେ ଏକ ମାଲ ଠିଆ ହୋଇ ଦୁଇ ହାତରେ ଦୁଇ ଗୋଟି ସିଢ଼ି ଧରିଥିଲା । ସିଢ଼ିର ଧାପମାନଙ୍କରେ ବାଳକମାନେ ସର୍କସ୍ ବା କ୍ରୀଡ଼ା ଦେଖାଉଥିଲେ । ଦୁଇ ସିଢ଼ିର ଉଭୟ ଅନ୍ତରେ ଦୁଇ ବାଳକର ମୁଣ୍ଡ ଉପରେ ଅବସ୍ଥିତ ଯୋଡ଼ିଏ ବାଘ ଉପରେ ଗୋଡ଼ ଦେଇ ସାହାବର ଏକ ନାଗା ଠିଆ ହୋଇଥିବା ଦୃଶ୍ୟ ପ୍ରକୃତରେ ବିସ୍ମୟକର ଓ କୌତୂହଳପ୍ରଦ ହୋଇଥିଲା । ବଡ଼ଅଖେଡ଼ା ସ୍ଥାପନର କୈଳାସ ପର୍ବତସ୍ଥିତ ଧ୍ୟାନମଗ୍ନ ଶିବଙ୍କ ମସ୍ତକରେ ବହଳ ଝରଣା ଦୃଶ୍ୟ ମନ୍ଦ ହୋଇ ନ ଥିଲା । କପାଳମୋଚନ ମହାଦେବ ମୂର୍ତ୍ତିର ପୂର୍ବ ଗୌରବ ଅକ୍ଷୁଣ୍ଣ ରହିଥିଲା ବାଙ୍କେ ପ୍ରତିମା ମଧ୍ୟରେ ମହାଜନ ଆନନ୍ଦ ମହାନ୍ତିଙ୍କର କଲିକତା ବା ତାଙ୍କ ପାଖରେ ସୁସଜ୍ଜ ଚୈତନ୍ୟ ମୂର୍ତ୍ତି ଏବଂ କଣ୍ଟୁଆଣୁ ଖୁଣ୍ଟିଆ ପଞ୍ଚମୁଖୀ ହନୁମାନ ମେଢ଼ ସର୍ବୋତ୍କୃଷ୍ଟ ହୋଇଥିଲା । ଏହାଛଡ଼ା ଚତୁର୍ମୁଖ ବ୍ରହ୍ମା, ଗଣେଶ, କୃଷ୍ଣକାଳୀ ଓ ମାଳ, ମଲ୍ଲ, ପୁରୋହିତ ବେଶୀ ବୃଦ୍ଧ ବ୍ରାହ୍ମଣ, ବୁଦ୍ଧ, ଗୁଣ୍ଡିଆ ପ୍ରଭୃତି ବିବିଧ ହାସ୍ୟୋଦ୍ଦୀପକ ମୂର୍ତ୍ତି ସବୁ ବୁଢ଼ାବୁଢ଼ୀ ନାଟ ଦର୍ଶକମାନଙ୍କର ଆନନ୍ଦ ବର୍ଦ୍ଧକ ଓ ଚିତ୍ତାକର୍ଷକ ହୋଇଥିଲା ଏ ସମୟରେ ସିଂହଦ୍ୱାରରେ ବିଶେଷ ଭିଡ଼ ହୋଇଥିଲା । ପୋଲିସ ପଥଘାଟ ଶାନ୍ତି ରକ୍ଷାରେ ନିଯୁକ୍ତ ଥିଲେ । ପ୍ରତିମା ସମୂହ ରାତ୍ର ପ୍ରାୟ ୨ ୧୦ ଟା ପର୍ଯ୍ୟନ୍ତ ସିଂହଦ୍ୱାରରେ ରହି ଜଳଶାୟୀ ହେଲେ ।

---

## ସାପ୍ତାହିକ ସମ୍ବାଦ ।

### ଗଭର୍ଣ୍ଣମେଣ୍ଟ ଗେଜେଟ ।

ଶ୍ରୀଯୁକ୍ତ ଭବନାଥ ଦ, ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ଓଡ଼ିଶା ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତି ପାଇ ସାରଣ ଜିଲାର ସଦରମହକୁମାରେ ସଂସ୍ଥାପିତ ହେଲେ ।

ପାଟନାର ସବ୍ ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦ ମିଶ୍ର ବାଲେଶ୍ୱର ଓ ପୁରୀ ଜିଲା ସର୍ଭେ ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ଓ ତାଙ୍କର ଉପଯୋଗୀ ମୋକଦ୍ଦମାର ବିଚାର ଡେପୁଟି କଲେକ୍ଟର କ୍ଷମତା ଦେବାର ନିଯୋଗ ରହିତ ହେଲା ।

ବାବୁ ନଗେନ୍ଦ୍ରନାଥ ଘୋଷ ଡେପୁଟି ବାଲେଶ୍ୱର ଓ ପୁରୀ ଜିଲାର ସର୍ଭେ ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ବସୁ ସାହେବ ଏମ ଘୋଷଣ ସିଂହ ଓଡ଼ିଶାର ଦୁଇ ବାଲିଆପାଳ ୧୩ ଓ ୨୪ ରିଖ ମାଜିଷ୍ଟ୍ରେଟ ୧ମ ଶ୍ରେଣୀ ସବ ଡେପୁଟି କମିଶନରଙ୍କ ବର୍ତ୍ତି ପରୀକ୍ଷାର ପାଠ୍ୟପୁସ୍ତକ ରୂପେ ଅନୁମୋଦିତ ହୋଇଅଛି ।

ଏଚ, ଏଲ, ଟିଫେନସନ ସାହେବ ଆଇ ସି, ଏସ ବଙ୍ଗଳା ରେଭେନ୍ୟୁ ବୋର୍ଡର ଧିତୀୟ ସେକ୍ରେଟରୀ ନିଯୁକ୍ତ ହେଲେ ।

ଡେପୁଟି ମାଃ ଓ ଡେପୁଟି କଲେକ୍ଟର ବାବୁ ଶ୍ରୀ ଗୋପାଳ ଭଟ୍ଟାଚାର୍ଯ୍ୟ ଦୁଇମାସ ଛୁଟି ପାଇଲେ ।

ବ୍ରାହ୍ମଣୀ ବୈତରଣୀ ଜିଲ୍ଲାର ସବ୍ଡିଭିଜନ ଇଞ୍ଜିନିୟର ମିଃ ଏଚ ବସୁ ଡୁମ୍ରାଓଁ ଷ୍ଟେସନ ସ୍ଥାୟୀ ପଦରେ ସ୍ଥାପିତ ହୋଇଅଛନ୍ତି ।

ଛୁଟିରେ ଥିବା ଏଲ୍. ଇ. ଷଡ଼ାମି ସାହେବ କଟକର ଜଜ୍ ଓ ସେସନସ ଜଜ ହେଲେ ।

ସମ୍ବଲପୁରର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏ. ଓ. ଜନ୍ସନ ସାହେବ ମାନଭୂମକୁ ବଦଳି ହେଲେ ।

ବାବୁ ଚନ୍ଦ୍ରପ୍ରସାଦ ଦାସ ଓ ବାବୁ ଭବସୁନ୍ଦର ଦେ ଡେପୁଟି ଶ୍ରେଣୀର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ବାଲେଶ୍ୱର ସଦର ହେବାର ସଙ୍ଗ ହେଲେ ଓ ଇଂରାଜୀ ଭାଷାରେ ସାକ୍ଷ୍ୟ ନେବାର କ୍ଷମତା ପାଇଲେ ।

ମାନଭୂମ ସବଡିଭିଜନ ହଇତ ସମ୍ବଲପୁରର ଅଫିସିଏଟିଂ ସବ ଡିପୁଟି କଲେକ୍ଟର ବାବୁ ସମରେନ୍ଦ୍ର ଦାସ ଅନ୍ୟ ଆଦେଶ ପର୍ଯ୍ୟନ୍ତ ବର୍ତ୍ତମାନର ଅଫିସିଏଟିଂ ଡେପୁଟି କଲେକ୍ଟର ଜଜ ନିଯୁକ୍ତ ହେଲେ ।

ବାବୁ ସଚ୍ଚିଦାନନ୍ଦ ଘୋଷ ବ, ଏଲ ଅନ୍ୟ ଆଦେଶ ପର୍ଯ୍ୟନ୍ତ ମାନଭୂମ ସମ୍ବଲପୁର ଜିଲାର ମୁନସଫ ନିଯୁକ୍ତ ହୋଇ ବଡ଼ଗଡ଼ରେ ସ୍ଥାପିତ ହେଲେ ।

ସମ୍ବଲପୁରର ସବ ଡେପୁଟି ଇନସ୍ପେକ୍ଟର ବାବୁ ଶ୍ୟାମ ଚରଣ ଏକମାତ୍ର ଛୁଟି ପାଇଥିବାରୁ ସେହି ଜିଲାର ସବ ଇନସ୍ପେକ୍ଟର ବାବୁ ଭାଗବତପ୍ରସାଦ ମହାପାତ୍ର ତାଙ୍କ ସ୍ଥାନରେ ନିଯୁକ୍ତ ହେଲେ ।

କଟକର ସବ୍ଡିଭିଜନ ସ୍କୁଲ ସବଇନସ୍ପେକ୍ଟର ବାବୁ ଗୋପୀନାଥ ଦାସ ସେହି ଜିଲାର ସ୍କୁଲ ସବଇନସ୍ପେକ୍ଟର ନିଯୁକ୍ତ ହେଲେ ।

ଗତ ତା ୨୪ ରିଖରେ ଶେଷ ହେବା ସପ୍ତାହରେ ଗଞ୍ଜାମର ବର୍ଷା ଶତକଡ଼ା ୧୦୦, ବାଲେଶ୍ୱର ୧୮ ସମ୍ବଲପୁର ୧୬୩, ପୁରୀ ୧୧୩/, ଓ ସମ୍ବଲପୁର ୧୪ ଏହି ଅଞ୍ଚଳ ମଧ୍ୟରେ ସର୍ବୋଚ୍ଚ ଗଡ଼ଜାତ ୨୪ ଓ ସର୍ବନିମ୍ନ ଅଠମଲ୍ଲିକ ୧୦ ।

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା—କଟକ ୦.୪୨, ବାଲେଶ୍ୱର ୧.୦୨, ସମ୍ବଲପୁର ୨.୩୪, ପୁରୀ ୩.୦୨ ଓ ସମ୍ବଲପୁର ୨.୩୫ ଇଞ୍ଚ ଏହି ଅଞ୍ଚଳ ମଧ୍ୟରେ ସର୍ବୋଚ୍ଚ କେନ୍ଦୁଝର ୪.୩୨ ଓ ସର୍ବନିମ୍ନ ଅନୁଗୁଳ ୦.୧୫ ଇଞ୍ଚ ।

—୦—

### ସ୍ଥାନୀୟ ସମ୍ବାଦ ।

ଏଠା ବଡ଼ଦେଉଳର ଇତିହାସ ଲେଖା ଭଳି ବଡ଼ ପଥର ଖସି ଏକ ସ୍ତ୍ରୀ ଲୋକରେ ଆଘାତ କରିବାରୁ ସେ ସ୍ତ୍ରୀ ଡାକ୍ତରଖାନାରେ ଏବେ ଅଛନ୍ତି ବୋଲି ଶୁଣାଯାଉଅଛି ।

ଏଠା ଦରଘାଟରେ ସାଧାରଣଙ୍କ ରଥଯାତ୍ରା ଅବେଳ ହୋଇ ୧ ଘଣ୍ଟା ବେଳ ମାସପଡ଼ିଥିବା ଓ ଚାରି ଘଣ୍ଟା ପଡ଼ିଛି ।

ନରସିଂହପୁରରୁ କୁସୁମ୍ ପୁରସ୍କାର ଗୋଲଗୋଲିକୁ ଦିଶ ଦେଇଥିବା ସମୟେ ଥିଲା ଟଙ୍କା ୫୦. ଯାଜପୁରରେ ବିଚାରାଧୀନ ଅଛି ।

### ଜଗତ୍ସିଂହପୁର ସମ୍ବାଦ ।

ଏଠାରେ ଗତ ଶନିବାର ବିଲାତରେ ଅବସ୍ଥାନ ସମୟରେ ଶ୍ରୀ ସ୍କୁଲ ବୋର୍ଡ, ଡିଷ୍ଟ୍ରିକ୍ଟ ଇଞ୍ଜିନିୟର, ଡେପୁଟି କଲେକ୍ଟର, ଡମିଶନ ଆଦି ଆସି ଅବସ୍ଥାନ କରି ଥିବାରୁ; ଅନ୍ୟ ତଦାରଖ ନ ପାଇବା ବାସ୍ତବ ପରିତାପର ବିଷୟ ।

ଭଦ୍ରକୋଳ କୋଳପଡ଼ା ଗ୍ରାମରେ ବଡ଼ ବନ୍ଦୋବସ୍ତ ହେବା ପାଇଁ ଉପସ୍ଥିତ ହୋଇଅଛି । ଏବେଠୁ ପ୍ରକୃତ ଭାବେ ପ୍ରଜା ସାଧାରଣଙ୍କ ବନ୍ଦୋବସ୍ତ । ଗତ ବନ୍ଦୋବସ୍ତ ବ ୩୦ ବର୍ଷ ପୂର୍ବରେ ପ୍ରଥମ ଥର । ମାତ୍ର ବ ୧୨ ଥର ପାଇଁ ସାନ ବନ୍ଦୋବସ୍ତ ହେବା ଓ ନୂତନ ଜମିଦାର କହିଥିବାରୁ ପ୍ରଜା ବାଡ଼ି ଯାଉଥିବା ହେଉଅଛନ୍ତି । ଅତଏବ ସେଟଲମେଣ୍ଟ ଅଫିସର ମହୋଦୟଙ୍କୁ ଅନୁରୋଧ, ପୂର୍ବ ବନ୍ଦୋବସ୍ତ ଦେଖି ରକ୍ଷା ପୂର୍ବକ ପ୍ରଜାବର୍ଗର କଲ୍ୟାଣ ସାଧନ କରିବା ହେବେ ନେତେତ ଆବଶ୍ୟକ ଅଧିକ ବଡ଼ ଫଳ ପ୍ରାପ୍ତ ହେବେ ।

ଦଶହରାର ଗତ ଅକ୍ଟୋବର ତା ୨୨ ରିଖ ରାତ୍ର ସମସ୍ତ ପ୍ରତିମା ମେଢ଼ ଜଳଶାୟୀ ହେଲା । ସବୁଠାରୁ ୧୨ଟି ମେଢ଼ ମଧ୍ୟରୁ ଚଣ୍ଡୀପାଟ ଦେବୀଙ୍କ ଓ ପ୍ରତିମା ଗଠନ ଉତ୍କୃଷ୍ଟ ଥିଲା ଏବଂ ଏଠାର ଅନ୍ୟ ବେଶ ଭୂଷଣ ମେଢ଼ ମଧ୍ୟ ପ୍ରଶଂସାଜନକ ହୋଇଥିଲା ।

ଚଇତ୍ରଘୋଡ଼ାରୁ କେନ୍ଦୁଝର ଯାଇ ଘୋଡ଼ା ଧାଉଁଥାନ୍ତି ବୋଲି ଚର୍ଚ୍ଚା ହେଉଅଛି । ଏହି ପୋଲିସ କର୍ତ୍ତୃପକ୍ଷ ସତର୍କ ନ ହେଲେ ଏଥର ଆଉ ରକ୍ଷା ନାହିଁ ।

ଏଠା ସ୍କୁଲ ପଣ୍ଡିତ ଆଶୁତୋଷ ମହାପାତ୍ରଙ୍କଠାରୁ ଚଇତ୍ର ପୂର୍ବରୁ ବହୁ ଉପଦ୍ରବ ପାଇ ପ୍ରତାପିତ ହୋଇଅଛନ୍ତି ।

ବୃଷ୍ଟିର ଅବସ୍ଥା ଏପର୍ଯ୍ୟନ୍ତ ଭଲ ଅଛି; ପରେ କ'ଣ ହେବ ଭଗବାନଙ୍କ ଇଚ୍ଛାଧୀନ ।

Split by PDF Splitter
Digitized by srujanika@gmail.com

## ବିଜ୍ଞାପନ ।

ଏତଦ୍ୱାରା ଆମ୍ଭେ ଆମ୍ଭର ସମସ୍ତ ଜମିଦାରୀର ପ୍ରଜା ଓ ତହସିଲ୍‌ଦାର ଆଦି ନଉକରମାନଙ୍କୁ ଏବଂ ଆମ୍ଭର ମହାଜନୀ ଏଲାକାର ଖାତକମାନଙ୍କୁ ଓ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ବାବୁ ଶ୍ରୀ ରାମଶଙ୍କର ରାୟ ଓକିଲ ଏବଂ ବାବୁ ଶ୍ରୀ ରାଧାଶ୍ୟାମ ଦାସ ମୋକ୍ତାରଙ୍କ ସହିତ ଆମ୍ଭର ତହସିଲ୍‌ଦାର । ସା । ମୂଳବସନ୍ତ । ପ୍ର । ଜୟପୁର ନିବାସୀ ଶ୍ରୀ ଶ୍ୟାମଚରଣ ମହାନ୍ତିଙ୍କୁ ତା ୩୦।୪।୦୪ ଓ ୧୮।୩।୦୯ ମସିହାରେ ଆମ୍ଭ କ୍ଷମତାପତ୍ର ଦେଇଥିଲୁଁ । କିନ୍ତୁ ଉକ୍ତ ଶ୍ୟାମଚରଣ ମହାନ୍ତି ଆମ୍ଭ ନିକଟରେ ଏକାନ୍ତ ଅବିଶ୍ୱାସର କାର୍ଯ୍ୟ କରିବାରୁ ଆମ୍ଭେ ତାଙ୍କର କ୍ଷମତାପତ୍ର ୨୦।୮।୧୯୧୦ ମସିହାରେ ରଦ କରି ତାଙ୍କୁ ବରଖାସ୍ତ କଲୁଁ । ସେହି କ୍ଷମତାପତ୍ର ବଳରେ ଉକ୍ତ ଶ୍ୟାମଚରଣ ମହାନ୍ତି କୌଣସି କାର୍ଯ୍ୟ କଲେ ଆମ୍ଭେ ଦାୟୀ ହେବୁ ନାହିଁ । ଅମ୍ଭ କେହି ଶ୍ୟାମଚରଣ ମହାନ୍ତିଙ୍କୁ ଖଜଣା ବା କରଜା ଟଙ୍କାଆଦି ଦେଲେ ତାହା ମଞ୍ଜୁର ହେବ ନାହିଁ ।

ଖୋଠପଦା ୨୭।୯।୧୯୧୦ } Mohant Taponidhi Raghunath Puri Gosain

---

# ଉତ୍କଳ ବସ୍ତ୍ର ଭଣ୍ଡାର ।

ବିରାଟ ଆୟୋଜନ ! ବିରାଟ ଆୟୋଜନ ! !

ବହୁସ୍ଥାନ— ବିଶେଷତଃ କଲିକତାଠାରୁ ଆମଦାନୀ ବହୁବିଧ ସୁନ୍ଦର ସୁନ୍ଦର ଧୋତି, ଶାଢ଼ି, ଛିଟର କୋଟ, କାମିଜ ଇତ୍ୟାଦି ଉଚିତ ମୂଲ୍ୟରେ ଏଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଅନୁଗ୍ରହପୂର୍ବକ ପରୀକ୍ଷାସ୍ୱରୂପ ଥରେ ଏଠାରେ ପଦାର୍ପଣ କରନ୍ତୁ । ମଫସଲବାସିଙ୍କର ସୁବର୍ଣ୍ଣ ସୁଯୋଗ । ପ୍ରତାରଣାର ନାମ ଗନ୍ଧ ନାହିଁ । ଏଠାରେ କୋଟ, କମିଜ; ସୁଟ ପ୍ରଭୃତି ଛିଟର ତିଆରି ହବା! ସକାଶେ ବହୁ ବେତନରେ ଜଣେ ମାନ୍ଦ୍ରାଜ ସୁଶିକ୍ଷିତ ଦର୍ଜି ନିଯୁକ୍ତ କରିଅଛୁଁ । ଅର୍ଡର ପାଇଲେ ଅବିଳମ୍ବେ ଭିଃ ପିଃ ରେ ମାଲ ପଠାଯାଏ । କେବଳ ପରୀକ୍ଷା ପ୍ରାର୍ଥନୀୟ । ଇତି ।

ମ୍ୟାନେଜର ଓ ପ୍ରୋପ୍ରାଇଟର
ଉତ୍କଳ ବସ୍ତ୍ରଭଣ୍ଡାର
ବାଲୁବଜାର କଟକ

---

## ଦୁର୍ଗାପୂଜାର ବିରାଟ ଆୟୋଜନ

ସୁଲଭ ମୂଲ୍ୟରେ ଶୀଘ୍ର କ୍ରୟ କରନ୍ତୁ ।

ଏତିମାନ ପ୍ରକୃତ କି ନକଲ ବୁଝି ପାରିବେନାହିଁ । ଏଥିର ରଙ୍ଗ, ନେଂଆଳ, ଆକୃତି ଇତ୍ୟାଦି ଅସଲ ଠାରୁ ଅପେକ୍ଷା କୌଣସି ପ୍ରକାର ନ୍ୟୂନ ନୁହେ । ବାହୁଲ୍ୟରୂପେ ବିଜ୍ଞାପନ ଦେବା ବୃଥା ଜାଣି ଗ୍ରାହକମାନଙ୍କୁ ପ୍ରାର୍ଥନା କରୁଅଛୁ ଯେ ଥରେ ପରୀକ୍ଷା କଲେ ଅମ୍ଭମାନଙ୍କ ସତ୍ୟାସତ୍ୟ ବୁଝି ପାରିବେ । ଯେଉଁମାନେ ଅମ୍ଭମାନଙ୍କ ସଙ୍ଗେ କାରବାର କରି ଅଛନ୍ତି ସେମାନେ ଆନନ୍ଦର ସହିତ ବିଶେଷ ପ୍ରଶଂସା କରିଅଛନ୍ତି ଏବଂ ଅନେକ ପ୍ରଶଂସାପତ୍ର ଦେଇଅଛନ୍ତି ।

ପଦ୍ମରାଗ ଯୋ ୧ ତଲୁ ୦ ୨୫ ଠାରୁ ଟ ୪
ହୀରା ଏକନ ଟ ୨୫ „ ଟ ୫
ମଣି (ନୀଳରଙ୍ଗ) ଯୋ ୧ ତଲୁ ୨ ଠାରୁ ୦ ୪
ପାନ୍ନା (ସବୁଜରଙ୍ଗ) „ ଟ ୧୫ „ ଟ ୪୫
ନୀଳମ୍ (ନୀଳବର୍ଣ୍ଣ) „ ୦ ୨ „ ଟ ୪
ଯବର୍ଦ୍ଦସ୍ତ (ବାଇଗଣିଆ „ ଟ ୧ „ ଟ ୩
ଓପଲ (ବଡ଼ାଲାଲ) „ ଟ ୧ „ ୦ ୨୫
ମୋତି „ ଟ ୦ ୫ „ ଟ ୨
ଧାନୁଆମଣି ହରଦ୍ୱାରଙ୍କ ଟ ୧୫ „ ଟ ୩
ରୁଦ୍ରପଥର ଯୋ ୧ ଡ଼ାଲୁ ଟ ୦ । „ ଟ ୦ ୫
ଚନ୍ଦନପଥର „ ୦ ୦ ୬ „ ଟ ୧୫
ନବରତ୍ନ ମୁଦ ଗୋ ୧ ଟା ଟ ୧। „ ଟ ୪
ଦେବଦର୍ଶନ ମୁଦ „ ୦ ୧।
ସିରେସେଠ „ ଟ ୧୫ „ ଟ ୫
ଇଲ୍‌ଏକ୍ କମିଜବଟମ ସେ ୧ ଟ ଟ ୦ ୬ ୦ ୧।
ହୀରାଜଡ଼ାଉ ଏକନ „ ଟ ୧। ୦ ୨୫
ଯାପାନ ରେସମ ଚାଦର ଗୋ ୧ ଟା ଟ ୪ ଟ ୫୫
„ ଲକ୍ଷ୍ନଉ ଚିକଣ କାର୍ଯ୍ୟ ହୋଇଥିବା ଗୋ ୧ ଟାଇ ଟ ୭
„ ଫାନ୍ସିରେଶମ ଶାଢ଼ୀ ଗୋ ୧ ଟ ୧୨୫ ଟ ୧୫
ନାନାପ୍ରକାର ଡ଼ୋରିଆ, ଫଳଦାର ଗି ୧୨ ଗ ଓ ଏକଗଜ ଓସାର ରେସମ ସାଟିନ ଗ ୧ } ଟ ୧। ଟ ୩
ଡ଼ୋରିଆ ଓ ଫୁଲବଟିଆ ରେସମ ବିଲ୍ଡ ଲୁଗା ଏକଗଜକୁ } ୦ ୧୫ ଟ ୪୫
ଟମସନ, କସ୍ତାନ, ବିବିଧନା ସଠିକ ପଗଡ଼ି ଓ ଜରି ଟୋପିମାନ ଗୋ ୧ ଟାରୁ ଟ ୦ ୬ ଟ ୨
ହାର ( ମୋତି ମାଣିକ ଖଞ୍ଜା ) ଗୋ ୧ ଟ ୫ ୧
କାନଫୁଲ „ ଯୋ ୧ ୦ ୧୫ ୦ ୩୧
ଚୁଡ଼ି ଓ ପଇଁଚି „ ଯୋ ୧ ଟ ୨ ଟ ୩୧
ମୁଣ୍ଡରଫୁଲ „ ଗୋ ୧ ଟ ୧୫ ୦ ୪୧
ନାକଚଣା „ ଗୋ ୧ ଟ ୦୫ ୦ ୧।
ନଥ „ ଗୋ ୧ ୦ ୦୫ ୦ ୧
ସିନ୍ଥି ଓ ଅଳକା „ ଗୋ ୧ ୦ ୨୫ ଟ ୫୧
ସ୍ପ୍ରେଙ୍ଗ୍ ବଜୁ „ ଯୋ ୧ ଟ ୦୬ ୦ ୧।
ବାଜୁ (ରୁପେଲ) „ ଯୋ ୧ ୦ ୧୫ ଟ ୨୫
ଢ଼ାଉଲ ଗୋ ୧ ଟ ୦୬ ଟ ୩୧

ସଲ ଯାକେଟ ଗୋ ୧ ଟ ୩ ଟ ୫୧
କୋଟ ଗୋ ୧ ଟ ୧୦ ଟ ୨୫୧
ଚେଗା ଗୋ ୧ ଟ ୧୦ ଟ ୨୦୧
ଉଲକୋଟ ଗୋ ୧ ଟ ୧୨ ୦ ୨୦୧
ପାଏଜମା ଗୋ ୧ ଟ ୪ ୦ ୮୧
ସପ୍ତପର୍ଣ୍ଣୀଟୋପି ଗୋ ୧ ୦ ୧୫ ୦ ୪୧
ଜରିଟୋପି ଗୋ ୧ ଟ ୧। ୦ ୩
ଜରି ଓ ମୋତି ପଗଡ଼ି ଗୋ ୧ ୦ ୩ ୦ ୪୫
ଫୁଲଦାର ରେସମିପଗଡ଼ି ଗୋ ୧ ୦ ୩ ୧
ସାଟିନପଗଡ଼ି ଗୋ ୧ ଟ ୨ ୧
କାଶ୍ମୀରପଗଡ଼ି ଗୋ ୧ ଟ ୧। ୦ ୫
ଜରିଚନ୍ଦ ଓ ପଦକ ଗୋ ୧ ଟ ୦୬ ୦ ୧
ରୁପେଲ ସ୍ପ୍ରେଙ୍ଗ ଜରି ଗଜ ୦ ୦୵ ୦ ୦୫
ଜମରବନ୍ଦ ଜରିପଟି ଗଜ ୦ ୧୵ ୦ ୦୬
ବନାରସିଜରିପଟି ଗଜ ଟ ୧୵ ୦ ୦୬

ଏହା ବ୍ୟତୀତ ଅନ୍ୟାନ୍ୟ ପୋଷାକ ଆଦି ସାଜ ପୋଷାକବେ ତାହା ଅମ୍ଭେମାନେ ରଖି ଅଛୁଁ ।

ଚନ୍ଦ୍ର ସୁବର୍ଣ୍ଣ ଫୁଲ ପେସନ ଗୋ ୧ ଟ ୧୧
„ ବେମିଚଲସୁନା ଗୋ ୧ ଟ ୨୫
„ ଡ଼ାୟମଣ୍ଡକଟା ଚହଳଡ଼ାଉ ଗୋ ୧ ୦ ୨୫
ରେଶମ ବିବିଧନା ଟୋପି
ଜଡ଼ାଉ ଫୁଲ ସହିତ ଗୋ ୧ ଟ ୧୬
ପିଲାମାନଙ୍କର ବନେମାତରଂ
ରେସମ ପଗଡ଼ି ଗୋ ୧ ଟ ୧୫
„ ଜରି ଚୁମୁକି କାର୍ଯ୍ୟଯୁକ୍ତ ଗୋ ୧ ୦ ୨
ପଞ୍ଜାବୀ ରେଶମପଗଡ଼ି (ପିଲାମାନଙ୍କର) ଗୋ ୧ ଟ ୨୧
„ ଜରି ବେଲପତିଯୁକ୍ତ ଗୋ ୧ ୦ ୨୬
ବଡ଼ ପଞ୍ଜାବୀ ରେଶମପଗଡ଼ି ୦ ୪୧
ନୀଳା ସାହେବମୁଖା ଗୋ ୧ ଟ ୧।
„ ମୁଣ୍ଡର ବାଳସହିତ ଗୋ ୧ ଟ ୧୬
„ କଲାମେମ ଗୋ ୧ ୦ ୧୬
ଉର୍ବ୍ବଳ ଓ ରାକ୍ଷସମୁଖା ଗୋ ୧ ୦ ୧୫
ବାସ ଭଲ୍ଲୁ ବିଲେଇ ଠେକୁଆ
ଶିଥିଲ ମୁଖା ଗୋ ୧ ୦ ୧।
କାବୁଲ ମେମ ମୁଖା ଗୋ ୧ ଟ ୧।

ନାନାବିଧ ସୁଗନ୍ଧ ଅତର ଏସେନ୍ସ, ସୁଗନ୍ଧ ତେଲ ଇତ୍ୟାଦି ଓ ଦୁର୍ଗାପୂଜା ଉପଲକ୍ଷର ବ୍ୟବହାର୍ଯ୍ୟ ଯାବତୀୟ ଭଦ୍ରଲୋକମାନଙ୍କ ଉପଯୋଗୀ କୋଟ, କମିଜ, ଓ୍ୟାସକୋଟ, ଧୋତି, ଶାଢ଼ୀ, ଚାଦର, ଦେଶୀ ବିଲାତି ଦକ୍ଷିଣୀ ଚନ୍ଦେରୀ ବନାରସୀ ଲୁଗାମାନ ମହାଜନୀ ଉଚିତ ମୂଲ୍ୟରେ ମିଳିବ ଅପସନ୍ଦ ହେବା ଜିନିଷ ଓ୍ୟାପସ ଫେରସ୍ତ କରାଯାଇ ଅନ୍ୟ ଜିନିଷ ବଦଳ ଦିଆଯିବ । ଅଦେଶ ପତ୍ର ପଠାଇବେ ।

ରାମଚନ୍ଦ୍ର ଓ ବୃନ୍ଦାବନ ମାରୱାଡ଼ି
ମହାଜନ
ନ୍ୟୁସଡ଼କ କଟକ

Digitized by srujanika@gmail.com

Split by PDF Splitter



### WANTED.

8 Attestation Kanangos for a period of 3 months on a salary of Rs. 65 each per month for the Settlement work of this Sub-division. None need apply who has no experience of attestation work. Preference shall be given to eligible Uria candidates.

Applications with copies of testimonials should reach the undersigned on or before the 15th November. Candidates selected shall have to join by the end of November.

Karanjia 21-10-10 } Sd. D. D. Bhaduri M. A. Settlement Officer Panchpir.

## Wanted

A Manager for the Sakhigopal Endowment of Satyabadi, District Puri, on a salary of Rs 30 to Rs 40 according to qualification. He will have free quarters for himself only. None need apply who has no fair knowledge of English and Oria, and sound experience in account keeping and management. A Government pensioner or a Government servant with sound experience in office organisation, and of active habits will be preferred. The applicant must be an orthodox Hindu and of good moral character. He will now be appointed on probation for 6 months after which there is every chance of the post being made permanent. On his being confirmed he will have to furnish security of landed property to the extent of Rs 1000 to the satisfaction of the Temple-Committee.

Applications with copies of testimonials and statement of past services should reach "The Agent, Temple Committee, P. O. Satyabadi, District Puri" before the 20th of November next. The nominee will have to join the post at once on appointment.

Braja Sunder Das
Gopabandhu Das
(Sd) Behary Ota
Gopal Ch. Paharaj

Temple Committee Office, Satyabady 19—10—1910. } Members Sakhigopal Endowment committee.

## ନୋଟିସ ।

ହିନ୍ଦୋଳ ବାଳିକା ବିଦ୍ୟାଳୟ ପାଇଁ କିଣ୍ଡର ଗାର୍ଟେନ ପ୍ରଣାଳୀରେ ଶିକ୍ଷିତା ଜଣେ ଶିକ୍ଷୟିତ୍ରୀ ଆବଶ୍ୟକ । ମାସିକ ବେତନ ଟ ୧୫ ଙ୍କା ନଭେମ୍ବର ଶେଷ ତାରିଖ ମଧ୍ୟରେ ପ୍ରଶଂସାପତ୍ର ସହିତ ଆବେଦନ କରିବାକୁ ହେବ ।

Syamsunder Nanda
Suprintendent of Hindol
The 22nd October 1910

## NILMONEY HALDER & Co.,

106, Radha Bazar, Calcutta,
Stationers, Printers and Diesinkers.



Dealers in Stationery - Note and Letter Papers, Inks, Account Books Office Sundries Printing Materials, etc., etc., etc.,

Dealers and manufacturers of Drawing and Surveying Materials and Instruments, Compass Planetables Tracing Cloth, etc., etc.,



Price Lists sent when asked for.

Orders and enquiries respectfully solicited.

*Try our Emperor Note and Foolscap Papers; Very good value.*

## ନୀଳମଣି ହାଲଦାର ଏଣ୍ଡ୍ କୋଂ ।

ନଂ ୧୦୬ ରାଧାବଜାର କଲିକତା ।
ଷ୍ଟେସନରସ୍, ପ୍ରିଣ୍ଟର୍ସ, ଡ଼ାଇ ସିଙ୍କର୍ସ ।

ଅମ୍ଭର ଦୋକାନରେ ଷ୍ଟେସନରି, ଚିଠି-କାଗଜ ଛପାଖାନାର




କାଗଜ ଓ ଛପାଖାନାର ସମସ୍ତ ସାଜ ସରଞ୍ଜାମ, ଦୁଆତ, କଲମ, ଲେଖିବାର ନାନାବିଧ କାଳି, ହିସାବ ଲେଖିବାର ବହି, ଅଫିସ ବ୍ୟବହାରୋପଯୋଗୀ ଯାବତୀୟ ଜିନିଷ ଓ ବହି ଜରିପ ଓ ସର୍ଭେ ମାପର ଯନ୍ତ୍ର ଓ କାଗଜାଦି ସମସ୍ତ ଦ୍ରବ୍ୟ



ସର୍ବଦା ଶସ୍ତା-ଦରରେ ବିକ୍ରି ସ୍ୱାର୍ଥେ ପ୍ରସ୍ତୁତ ଅଛି । ଖବର ପାଇବା ମାତ୍ରେ ସମସ୍ତ ଜିନିଷ ସ୍ୱଳ୍ପ ସମୟ ମଧ୍ୟରେ ଶୀଘ୍ର ପଠାଯାଏ । ପତ୍ର ଲେଖିଲେ ଅମ୍ଭର ସଚିତ୍ର ସୁବୃହତ୍ ମୂଲ୍ୟ ତାଲିକା ବିନା ପାଇବେ ।

ଅମ୍ଭର "ଏମ୍ପରର" ନୋଟ ପେପର ଓ ଫୁଲ-ସ୍କେପ କାଗଜ ଅତି ଉତ୍କୃଷ୍ଟ । ବ୍ୟବହାର କଲେ ଜାଣିପାରିବେ ।

## ବିଜ୍ଞାପନ ।

ଟ୍ରାମଗାଡ଼ି ଚଳାଇବା ପାଇଁ ଉଚ୍ଚ ବଂଶୀୟ ଭାରତବାସୀ ଯୁବକ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଉନ୍ନତିରେ ଉନ୍ନତିର ଆଶା ଅଛି । କଲିକତା ଟ୍ରାମଓ୍ୱେ କମ୍ପାନୀ ଲିମିଟେଡ଼ର ଟ୍ରାଫିକ ସୁପର ଇଣ୍ଟେଣ୍ଡେଣ୍ଟ ନିକଟରେ ଆବେଦନ କରିବାକୁ ହେବ । ନଂ ୬୭ ନମ୍ବର ଉଏଲସଲି ଷ୍ଟ୍ରିଟ କଲିକତା

## ଓଡ଼ିଶା ଆର୍ଟ ଉଏୖରସ୍

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଆର୍ଟ ଉଏୖରସରେ ସୁନା ଏବଂ ରୂପାର ଫିଲିଗ୍ରିର, ଅର୍ଥାତ୍ ତାରର କାମ ଏବଂ ପାଲିସ ଓ ମଧ୍ୟ ଏଲୁମିନମ୍ ବାସନକୁସନ ଓ ମହାଣ ସିଂହର ଇଂରେଜୀ ଏବଂ ଦେଶୀୟ ଅଳଙ୍କାରାଦି ଓ ଅନ୍ୟାନ୍ୟ ବିବିଧପ୍ରକାର ଆବଶ୍ୟକୀୟ କାର୍ଯ୍ୟମାନ ଏଠାରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଥାଏ ମଧ୍ୟ ଅର୍ଡର ଅର୍ଥାତ୍ ଫରମାସ୍ ଦେଲେ ଠିକ୍ ସମୟରେ ଓ୍ୟାଜିବ ମୂଲ୍ୟରେ ତୟାରକରି ଦିଆହୁଏ ପତଳା କାର୍ଯ୍ୟମାନଙ୍କର ମୂଲ୍ୟ ଅଧିକ ଓ ମୋଟା କାର୍ଯ୍ୟର ମୂଲ୍ୟ କମ । କୌଣସି କାର୍ଯ୍ୟସକାଶେ ଫରମାସ୍ ଦେବାକୁ ହେଲେ ତୟାରପୂର୍ବରୁ କିଛି ଟଙ୍କା ଜମାରେ ରଖିବାକୁ ହୁଏ । ଯେ ୨ ଜିନିଷମାନ ଏଠାରେ ମିଳିଯାଏ ଏବଂ ତୟାର ହୁଏ ସେ ସମସ୍ତମଧ୍ୟରୁ କେତେକଟିର ନାମ ନିମ୍ନରେ ଦେଲୁଁ ।

ପ୍ରକାଶଥାଉ କି ଏଠାକୁ ପତ୍ର ଲେଖିବାକୁ ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ପତ୍ର ଦେବେ ।

| | | |
|---|---|---|
| ଫଟୋଫ୍ରେମ | ବାଲା | ନାକଚଣା |
| ଅତରଦାନ | ଅନନ୍ତ | ଗୁଣା |
| ଗୋଲାପପାସ | ବେକରହାର | ବେସର |
| ପାନଡବା | ତଡ଼ | ଗଣ୍ଡିଆ |
| ବାଡ଼ିର ହେଣ୍ଡଲ୍ | କଙ୍କଣ | ମନ୍ଥଚୁଡ଼ି |
| ଚୁଦା | ପଇଁଚି | ଟୀକା |
| ଥାଳି | ଚୁଡ଼ି | ପଟା |
| ଡାବିଆ | ଖଡ଼ୁ | ଗୋଠ |
| ଗିନା | ଚମ୍ପକଳି | ଚନ୍ଦ୍ରହାର |
| ନାନାପ୍ରକାର ଖେଳଣା | ବାଜୁ | ପଞ୍ଚମ |
| ଗ୍ଲାସ୍ | ତାଡ଼ | ପାଁଜିବ୍ |
| | ନଥ | ପାହୁଡ଼ |
| | ବୋତାମ | ମଲ |
| | ପାପଡ଼ି | ଅଗୁଠି |

ଅନ୍ୟାନ୍ୟ ଅନେକ ପ୍ରକାର ଜିନିଷ ମଧ୍ୟ ମିଳିଯାଏ

ମେନେଜର
ଓଡ଼ିଶା ଆର୍ଟ ଉଏୖରସ୍
କଟକ

Digitized by srujanika@gmail.com

## NOTICE

Wanted for the Office of the Registrar of co-operative credit Societies, Bengal, a typist on Rs 40 rising to Rs 50 by annual increments of Rs 2. Thorough knowledge of Uriya language is essential. Preference will be given to Uriya candidates who have previous office experience. Applications will be received up to the 15th November 1910 by

The Registrar of Co-operative
Credit Societies, Bengal,
Writers' Buildings, Calcutta

## ବିଜ୍ଞାପନ ।

( ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଉତ୍ସବ । )

ଗତବର୍ଷମାନଙ୍କ ପରି ଶ୍ରୀଜଗନ୍ନାଥଙ୍କ କୃପା ବଜାରସ୍ଥ ଗୋଶାଳାରେ ଏ ବର୍ଷ କାର୍ତ୍ତିକ ଶୁକ୍ଳାଷ୍ଟମୀ ଗୁରୁବାର ତା ୧୦ ରଖେ ନବେମ୍ବର ଗୋଷ୍ଠାଷ୍ଟମୀ ବ୍ରତର ଅନୁଷ୍ଠାନ ହେବ, ବିନୀତ ପ୍ରାର୍ଥନା ଏହି ଯେ ସର୍ବସାଧାରଣ ବନ୍ଧୁ ବାନ୍ଧବ ସହ ଉପରୋକ୍ତ ସ୍ଥାନରେ ଉପସ୍ଥିତ ହୋଇ ହିନ୍ଦୁ ଧର୍ମୋଚିତ ଗୋ ପୂଜନ, ଗୋ ପ୍ରଦକ୍ଷିଣ ଗୋ ଗ୍ରାସ ଦାନ ଓ ଗୋସେବାଦି କାର୍ଯ୍ୟ ସମାଧା କରି ପୁଣ୍ୟଲାଭ କରିବେ । ଇତି ।

କଟକ ୩।୧୧।୧୦

ଆପଣଙ୍କର
ଶ୍ରୀହରିଦେବଗମ
ତତ୍ତ୍ୱାବଧାରକ
ଭିଃ ଗୋଃ ସଭା


# ଉତ୍କଳ ଦୀପିକା ।

## UTKAL UNION CONFERENCE.

We note with satisfaction that the central Committee at its meeting on Thursday last decided to hold the Conference at Cuttack in December next. There is a saying "out of sight, out of mind." It would have been unwise to further postpone the sitting of the Conference. People have already grown suspicious and speculations have been rife as to why the leaders have come to a stand still. In a country like Orissa where stagnation is pre-eminently noticeable in all directions, constant fanning is necessary to keep alive the embers of national life. The Utkalyas require constant dinning into their ears that mere whinings and favour-seeking would not ameliorate their condition, that no social, economical and educational advancement can be made without effort, that stagnation leads to death and that no life can exist or be sustained without energy. The leaders should move and move with all the energy they possess, for without their efforts the nation can achieve nothing. If the engine stands still, the train that follows it must come to a dead stop. Great responsibility therefore rests with the persons who call themselves leaders or who are looked upon as such by the people. They must be up and doing—sacrifice their self for the up-lifting of the people they represent. Let every Utkalya, whatever his original nationality may be, do everything in his power to make the Conference a success.

In deference to the objections raised in certain quarters that the sitting of the Conference in December clashed with the Congress, the month of April (Easter holidays) had been selected to hold its sitting, but experience has taught that the selection of the season was un-congenial. So the Committee had to revert to the old position and fix the 'Xmas holidays for holding the Conference. On the last two days of the month of December, viz, 30th and 31st, the Conference will sit; and we think this selection of the dates will enable any one, if he so wishes, to attend the congress and also attend the Conference. This year the congress will sit at Allahabad on the 26th December. The exhibition there will surely attract a large number of visitors but it will remain open for a pretty long time.

No Commoner, if we may use the expression, has hitherto sat as President of the Conference. This year too, it is expected there will be no deviation from the old rule and a Premier Rajah will worthily fill the Presidential chair. We wait to see who is elected.

A strong reception Committee has been appointed. Among others we are glad to notice the names of the Hon'ble the Raja of Kanika, the Hon'ble Madhusudan Das and the Rajah of Madhupur. Hitherto the delegates who came from different districts were housed and fed at the cost of the people of the district in which the Conference was held. No doubt it is desirable that houses should be found for the people who come from a distance, but we think the delegates ought not to depend on others for their food.

---

ଗତ ତା ୨୨ ରିଖ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ୪୭୬୮ ହୋଇଥିଲା ଯେ ତହିଁ ମଧ୍ୟରେ ରାଜପୁତାନା ୧୬୭୭ ବମ୍ବେ ୧୧୬୨ ମଧ୍ୟପ୍ରଦେଶ ୫୩୦ ମଧ୍ୟଭାରତ ୫୦୩ ମହୀଶୂର ୩୨୯ ପଞ୍ଜାବ ୩୦୧ ଏବଂ ଯୁକ୍ତପ୍ରଦେଶ ୨୯୪ ଉଚ ଥିଲା । ସକଳ ପ୍ରଦେଶରେ ମୃତ୍ୟୁ ବୃଦ୍ଧିହେତୁ ଗତ ସପ୍ତାହର ଅଙ୍କ ୩୨୨୯ ଠାରୁ ପ୍ରାୟ ୯ ହଜାର ବଢ଼ିଅଛି ।

---

ଗତ ତା ୨୨ ରିଖ ଶେଷ ହେବା ସପ୍ତାହରେ ଉତ୍ତରବଙ୍ଗ ଏବଂ ମାନ୍ଦ୍ରାଜପ୍ରଦେଶରେ ଭାରି ବୃଷ୍ଟି ହୋଇଥିଲା । ମାନ୍ଦ୍ରାଜ ଉତ୍ତର ଉପକୂଳ ବିଶାଖପଟ୍ଟନ ପ୍ରଭୃତିରେ ମଧ୍ୟ ବିଶେଷ ବର୍ଷା ହୋଇ ରେଲବାଟ ଠାବେ ଠାବେ ଭାଙ୍ଗି ଯାଇଥିଲା । ତେଣୁ ମାନ୍ଦ୍ରାଜ ରେଲଗାଡ଼ି ଗମନ ବନ୍ଦ ହୋଇଅଛି । ଓଡ଼ିଶାରେ ତା ୨୪ ରିଖ ପରେ ବର୍ଷା ଛାଡ଼ି ଯାଇଅଛି । କ୍ରମାଗତ ଦୀର୍ଘକାଳ ବର୍ଷା ହେଲେହେଁ ଅନେକ ଦିନ ଅଳ୍ପ ଜଳପାତ ହେତୁ ଗତ ମଇମାସଠାରୁ ଏପର୍ଯ୍ୟନ୍ତ ୫୫ ଇଞ୍ଚ ଜଳ ହୋଇଥିଲା । ଏହି ସମୟର ବାର୍ଷିକ ହାରାହାରି ୫୮ ଇଞ୍ଚ ଅଟେ ସୁତରାଂ ବର୍ଷା ଅଧିକ ନ ହୋଇ ବରଂ ୩ ଇଞ୍ଚ ଊଣା ହୋଇଅଛି ।

—*—

ଖେଦରେ ରଘୁନାଥପୁର ସଡ଼କ ଗତ ଦୁଇ ବର୍ଷରେ ଭଲ ମରାମତ ହୋଇ ନ ଥିବାଯୋଗେ ଏ ବର୍ଷ ନିତାନ୍ତ ଦୁର୍ଗମ ଏବଂ ଦୁଇ ତିନି ଘାଇ ହେବାରୁ ବହୁ କଷ୍ଟେ ସପକ୍ଷଙ୍କ ଦ୍ୱୀଲି ଡଙ୍ଗାରେ ପାର ହେଉଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଆମ୍ଭେମାନେ ଅବଗତ ହେଲୁଁ ଯେ ସଦର ଲୋକାଲବୋର୍ଡ ଚେୟାରମାନ ସ୍ୱୟଂ ସେ ସଡ଼କର ଦୁରବସ୍ଥା ଦେଖି ଆସିଅଛନ୍ତି । ତେଣୁ ଆଶା କରୁଅଛୁ ସଡ଼କଟି ଏଥର ଉତ୍ତମରେ ମରାମତ ହେବ ।

---

ବାଲେଶ୍ୱର ମିଉନିସିପଲ କମିଶନରଗଣ ମିଉନିସିପଲ ଆଇନର ଧା ୬୩୬ ର ମତେ ପ୍ରାର୍ଥନା କରନ୍ତେ ମାନ୍ୟବର ବଙ୍ଗୀୟ ଲେଫଟେନାଣ୍ଟଗବର୍ଣ୍ଣର ବାବୁ ମନମୋହନ ଗୁପ୍ତଙ୍କୁ ସେମାନଙ୍କର ଚେୟାରମାନ ନିଯୁକ୍ତ କରିଅଛନ୍ତି । ମିଉନିସିପଲ କମିଶନରଗଣ ଆପଣା ମଧ୍ୟରେ ଜଣେ ବେସରକାରୀ ଯୋଗ୍ୟବ୍ୟକ୍ତି ଖୋଜି ପାଇଲେ ନାହିଁ ବଡ଼ ଦୁଃଖ ଓ ଲଜ୍ଜାର କଥା । କାର୍ଯ୍ୟ କରିବାର ଯାହାଙ୍କର ଯୋଗ୍ୟତା ନାହିଁ ସେମାନେ କମିଶନର ପଦ ପାଇଁ ଲାଳାୟିତ ହେବା ହାସ୍ୟାସ୍ପଦ ନୁହେଁକି ?

---

ଗତ ଦଶହରା ସମୟରେ ପୂର୍ବ ବର୍ଷପ୍ରାୟ ମହୀଶୂରଠାରେ ସାଧାରଣ ଦରବାର ଓ ବାର୍ଷିକ ରିପୋର୍ଟ ପାଠାଦି ହୋଇଥିଲା । କ୍ରମାଗତ ୨ ବର୍ଷ ଦୁର୍ବର୍ଷ ଉତ୍ତାରୁ ଗତ ବର୍ଷ ସୁଫଳ ଫଳିବା ଯୋଗେ ଲୋକଙ୍କ ଅବସ୍ଥା ଭଲ ଥିବାର ରିପୋର୍ଟରୁ ପ୍ରକାଶ ହେଲା । ବାର୍ଷିକ ଆୟ ବ୍ୟୟର ତାରତମ୍ୟ ଓ ପ୍ରଧାନ ୨ ଘଟଣାମାନ ତଥା ବଡ଼ଲାଟ ମହୋଦୟଙ୍କ ମହୀଶୂର ଗମନରେ ଆନନ୍ଦ ଓ ସମ୍ରାଟଙ୍କ ମୃତ୍ୟୁରେ ଶୋକର ଉଲ୍ଲେଖ ହୋଇ

Split by PDF Splitter



ଥିଲା । ଦଶହରା ବା ପୂଜାର୍ଥି ସମୟରେ ଏ ସବୁ ଏ ପ୍ରଦେଶର ରଜାମାନେ ଅବଲମ୍ବନ କଲେ ଅନେକ ଉପକାର ହେବ ।

———

ଗତ ମଙ୍ଗଳବାର ଏ ନଗର ଦେବାନ୍ ଓ କାଳୀ ପୂଜା ନିର୍ବିଘ୍ନ ଓ ଯଥାସମାରୋହରେ ସମ୍ପନ୍ନ ହୋଇଗଲା । ସପ୍ତମୀ ଏକ ଘଣ୍ଟରେ ମିଳନ ଏବଂ ଶ୍ରାବଣନକ୍ଷତ୍ର ହେତୁ ଯେ ଦୃଶ୍ୟ ହୋଇଥିଲା ତେତେବେଳେ ଜନ ଆକାଶ ପରସ୍ପରଦ୍ୱାରା ବିଦ୍ୟୁତ ହେବାରେ ଲୋକେ ମହା ଆନନ୍ଦରେ ଘର ସଜାଇ ରୋଷନାଇ କରିଥିଲେ ଓ କଣ୍ଟ୍ରିସଙ୍ଗ ମାରବାଡ଼ି ପଟ୍ଟି ରୋଷନାଇ ସର୍ବାପେକ୍ଷା ଭଲ ହୋଇଥିଲା । କାଳୀପ୍ରତିମା ସାନ ବଡ଼ ୧୦ ମୂର୍ତ୍ତି ହୋଇଥିଲା, ବୁଧବାର ପ୍ରତିମା ବିସର୍ଜନସମାରୋହ ରାତି ଅଧିକ ହେବୁ କଷ୍ଟ ଉଣା ପଡ଼ିଥିଲା । ପ୍ରଧାନ ପ୍ରତିମା ସମସ୍ତର ସାଜ ବେଶ ବଡ଼ ମନୋହର ହୋଇଥିଲା ।

———

ବଡ଼ଲାଟ ମହୋଦୟଙ୍କ କାର୍ଯ୍ୟକାରୀ ସଭାରେ ମାନ୍ୟବର ଏସ, ପି, ସିଂହ ମହୋଦୟଙ୍କ ସ୍ଥାନରେ ବାରିଷ୍ଟର ଅଲି ଇମାମ ମହୋଦୟ ନିଯୁକ୍ତ ହୋଇଅଛନ୍ତି । ଏ ମହୋଦୟ ଯେ ଯୋଗ୍ୟ ବ୍ୟକ୍ତି ଏଥିରେ ସନ୍ଦେହ ନାହିଁ । ସେ ୧୮୯୦ ମସୀହାରେ ବାରିଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ୧୯୦୯ ମସୀହା ଅକ୍ଟୋବର ମାସରେ ଷ୍ଟାଣ୍ଡିଂ କାଉନସେଲ ପଦରେ ନିଯୁକ୍ତ ହେଲେ । ଭାରତର ସମସ୍ତ ମୁସଲମାନସଭାର ସେ ଥରେ ସଭାପତି ହୋଇଥିଲେ ଏବଂ ବଡ଼ ବଡ଼ ମୋକଦ୍ଦମା ଚଳାଇ ଆପଣାର ବୁଦ୍ଧିମତ୍ତାର ପରିଚୟ ଦେଇଅଛନ୍ତି । ମାତ୍ର ସିଂହ ମହାଶୟ କାହିଁକି ଏତେ ଶୀଘ୍ର ପଦ ତ୍ୟାଗ କଲେ ଏ ପ୍ରଶ୍ନ ଲୋକଙ୍କ ମନରୁ ସହଜରେ ଯିବ ନାହିଁ ।

———

ଅମ୍ଭମାନଙ୍କର ନୂତନ ରାଜପ୍ରତିନିଧି ଲର୍ଡ ହାର୍ଡିଞ୍ଜ ମହୋଦୟଙ୍କ ସମ୍ମାନାର୍ଥ କଲିକତାର ଏକ ଭୋଜରେ ସେ ପ୍ରକାଶ କରିଥିଲେ ଯେ ଭାରତର ଛାତ୍ରମାନଙ୍କ ବିଲାତରେ ସେଠା ଛାତ୍ରମାନଙ୍କ ସମାନ ବ୍ୟବହାର କରା ନ ଯିବା ଓ ସେମାନଙ୍କ ସହିତ ସର୍ବଦା ସମଭାବେ ମିଳାମିଶା ନ କରିବା ଦୁଃଖର ବିଷୟ । ଭାରତବାସିମାନଙ୍କୁ ସମଭାବେ ଦେଖିବା ସମ୍ରାଜ୍ୟ ନୀତି ଅଟଇ । ଭାରତର ସର୍ବସାଧାରଣ ଲୋକର ରାଜଭକ୍ତି ବିଷୟରେ ତାଙ୍କର ସନ୍ଦେହ ନାହିଁ ଏବଂ ସେଠା ଅସନ୍ତୁଷ୍ଟତା କେତେକ ପଥଭ୍ରଷ୍ଟ ଯୁବକଙ୍କମଧ୍ୟରେ ଆବଦ୍ଧ ଥିବା ଭିନ୍ନ ଅନ୍ୟ ନୁହେ । ସହାନୁଭୂତି ଏବଂ ସଦୟବ୍ୟବହାର ଦ୍ୱାରା ଅଶାନ୍ତି ବିଦୂରିତ ହେବାର ସେ ଦୃଢ଼ବିଶ୍ୱାସ କରନ୍ତି । ଏ କଥାଗୁଡ଼ିକ ଯେ ଯଥାର୍ଥ ଏଥିରେ ଦ୍ୱିମତ ନାହିଁ ।

———

ବଙ୍ଗଳାରେ ଆତ୍ମହତ୍ୟା ନିବାରଣ ଉଦ୍ଦେଶ୍ୟରେ ଏକ ସମିତି ସ୍ଥାପିତ ହୋଇଅଛି । ସମିତି ଅନୁସନ୍ଧାନଦ୍ୱାରା ବୁଝିଅଛନ୍ତି ଯେ ଅନେକଲୋକ ଅର୍ଥ ଏବଂ ସ୍ତ୍ରୀମାନେ ସ୍ୱାମୀ ପ୍ରେମ ଅଭାବହେତୁ ଆତ୍ମହତ୍ୟା କରନ୍ତି । ଏଥିରୁ ଗଡ଼ଜାତ ବାସିନୀ ଯଥାର୍ଥ କହିଅଛନ୍ତି ଯେ ଏପ୍ରଦେଶରେ ଅର୍ଥାଭାବ ବା ଦରିଦ୍ରତା ଜନିତ ଆତ୍ମହତ୍ୟା ଅଳ୍ପ ଶୁଣାଯାଏ । ସ୍ତ୍ରୀମାନେ ଅଶିକ୍ଷା ବା ମୂର୍ଖତାବଶତଃ କ୍ରୋଧର ବଶବର୍ତ୍ତୀ ହୋଇ ଆତ୍ମହତ୍ୟା କରନ୍ତି । ଶାଶୁ ନଣନ୍ଦ ଗଞ୍ଜଣା ସ୍ୱାମିର ଦୁର୍ବ୍ୟବହାର ଇତ୍ୟାଦି ସ୍ୱାମୀ ପ୍ରେମ ଅଭାବର ଅନ୍ତର୍ଗତ ବୋଲାଯିବ ଏବଂ ଏ ସମସ୍ତ ଶିକ୍ଷା ବିସ୍ତାରର ଆବଶ୍ୟକତା ଦେଖାଇ ଦେଉଅଛି ।

———

କଲମ୍ବିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଫସେଣ୍ଡନ ସାହେବ ବାୟୁ ଚାଳିତ ଯନ୍ତ୍ରଦ୍ୱାରା ସମୁଦ୍ରରୁ ଜଳ ଉଠାଇ ତାହା ଉଚ୍ଚରୁ ପକାଇ ନିମ୍ନସ୍ଥ ଜଳ ଭଣ୍ଡାର ମନ୍ଥନ ପୂର୍ବକ ସୂର୍ଯ୍ୟ ତାପ ଦ୍ୱାରା ଜଳରୁ ଗରମ କରି ତହିଁର ବାଷ୍ପରେ ମୋଟର ଚଳାଇବାକୁ ସକ୍ଷମ ହୋଇଅଛନ୍ତି । ପ୍ରକ୍ରିୟା ଏରୂପେ ସିଦ୍ଧ ହେଲେ ଆଉ କୋଇଲା ବା ତେଲର ପ୍ରୟୋଜନ ହେବନାହିଁ । କେବଳ ସୂର୍ଯ୍ୟ, ଜଳ ଏବଂ ବାୟୁଦ୍ୱାରା ବିମାନାଦି ଚାଳିତ ହେବ । ବେଦରେ ସୂର୍ଯ୍ୟ, ବାୟୁ ଏବଂ ଜଳ ପ୍ରଧାନ ଦେବତା ଅର୍ଥାତ୍ ଉପକାରଦାତା ଓ ସେମାନଙ୍କୁ ଚାକର ସ୍ୱରୂପେ କାର୍ଯ୍ୟ କରାଇ ନେବାର ବାରମ୍ବାର ବୋଲା ଯାଇଅଛି । ଆମ୍ଭେମାନେ ଓଲଟା ବୁଝି ପୂଜାକରୁ କିନ୍ତୁ ମାତ୍ର ପାଶ୍ଚାତ୍ୟ ପଣ୍ଡିତମାନେ ପ୍ରକୃତପକ୍ଷରେ ସେମାନଙ୍କଦ୍ୱାରା ସ୍ୱକାର୍ଯ୍ୟ ସାଧନପୂର୍ବକ ଅଲକ୍ଷିତଭାବରେ ବେଦର ଉପଦେଶ ପାଳନ କରି ଧନ୍ୟ ହେଉଅଛନ୍ତି ।

———

ଭାରତର ପଶ୍ଚିମ ସୀମା ଖାଇବର ଗିରିବର୍ତ୍ମର ଦକ୍ଷିଣରେ ଜେକାଖେଲ ଅଫ୍ରିଦ ନାମକ ଏକ ଜାତି ବାସ କରନ୍ତି ଯେ ଚୋରିକରିବା ସେମାନଙ୍କର ପ୍ରଧାନ ବ୍ୟବସାୟ ଏବଂ ସମ୍ମାନ ସୂଚକ ଅଟେ । ଚୋରିବ୍ୟବସାୟରେ କୁଶଳ ନ ହେଲେ କୌଣସି ପୁରୁଷକୁ ସେ ଜାତୀୟ ରମଣୀମାନେ ବିବାହ କରିବାକୁ ଇଚ୍ଛୁକ ହେବେ ନାହିଁ ଏବଂ ମାତା ମଧ୍ୟ ଆପଣାର ପୁତ୍ର ଚୋରି ବିଦ୍ୟାରେ ସୁଦକ୍ଷ ହେବାର କାୟ ମନୋବାକ୍ୟରେ ବାଞ୍ଛା କରନ୍ତି । କୌଣସି ଗୃହସ୍ଥ ଘରେ ପୁତ୍ର ଜନ୍ମ ହେଲେ ଗୋଟିଏ ଉତ୍ସବ ହୁଏ ଓ ସେହି ଉତ୍ସବରେ ସିନ୍ଧୁଗାନ ପ୍ରାୟ ଗୋଟିଏ ଗୀତ ହୁଏ ତହିଁ ମଧ୍ୟରେ ପିଲାର ମାତା ଜାତୀୟ ଲୋକମାନଙ୍କ ସମକ୍ଷରେ ଏକ ପାଖରୁ ଅନ୍ୟ ପାଖଯାଏ 'ଚୋର ହେବୁ, ଚୋର ହେବୁ, ଚୋର ହେବୁ ।' ବୋଲି ଗୀତ ଗାଇ ନାଚି ଆସିବା କରେ । ଯେଉଁଜାତିମଧ୍ୟରେ ଏମନ୍ତ ନୀତି ଆଦୃତ ସେ ଜାତିର ଉନ୍ନତି ଦୀର୍ଘକାଳ ସାପେକ୍ଷ ।

———

ଇଣ୍ଡିଆନ ଫିଲ୍ଡ ନାମକ ପତ୍ରିକାରେ ବଳଦ କରିବା ସମ୍ବନ୍ଧରେ ଲେଖାଅଛି ଯେ କୃଷିବିଭାଗରେ ୧୯୦୪ ମସୀହାରୁ ୧୯୦୭ ମସୀହା ପର୍ଯ୍ୟନ୍ତ ଗୋ ୨୨ ଟି ଷଣ୍ଢ ବାଛୁରୀରୁ ଅଧେ ବଳଦ କରି ବାକି ଅଧକ ସହିତ ସମାନଭାବରେ ଖାଦ୍ୟାଦି ଦିଆଯାଇ ରଖାଯାଇଥିଲା । ଏଥିରେ ଦେଖାଗଲା ଯେ ବଳଦଙ୍କର ବେକ ମୋଟ ହୁଏ ନାହିଁ ମାତ୍ର ତାଙ୍କର ଅଣ୍ଟା ପୃଷ୍ଠ ଏବଂ ଓଜନ ଅଧିକ ହୁଏ ଆଉ ଷଣ୍ଢଙ୍କର ବେକ ମୋଟ ଓ ଅଣ୍ଟା ପତଳା ହୁଏ ଏବଂ ଓଜନ ଅଧିକ ହୁଏ ନାହିଁ । ଷଣ୍ଢଗୁଡ଼ିକ ବଳଶାଳୀ ହେବାହେତୁ ଚଳାଇବା କଠିନ ମାତ୍ର ବଳଦମାନେ ନମ୍ର ହେବାଯୋଗେ ହଳରେ ଭଲ କାର୍ଯ୍ୟ କରନ୍ତି । ଏହା ମଧ୍ୟ ଦେଖାଯାଇଅଛି ଯେ ଅଣ୍ଡିରାବାଛୁରୀକି ପିଲା ଦିନୁଁ ଖାସି କଲେ କ୍ଷତି ହୁଏ ନାହିଁ ଓ ଲଙ୍ଗଳ ସହଜେ ଭଲ ବଳଦ ହୁଏ । ଏଥିରୁ ଦେଖାଯାଏ ପୂର୍ବକାଳରୁ ଯେ ବଳଦ କରିବା ଏବଂ ବଳଦଦ୍ୱାରା ଚାଷ କରିବା ପ୍ରଥା ଏତଦ୍ଦେଶରେ ପ୍ରଚଳିତ ଅଛି ତାହା କାର୍ଯ୍ୟକର ।

———

ଏ ଜିଲ୍ଲା ସାଲେପୁର ଥାନା ଇଲାକା ତରତୋ ମୌଜାରେ ଯେଉଁ ଅଶିଷ୍ଟାଣ୍ଟ ସେଟଲମେଣ୍ଟ କର୍ମଚାରୀ ତାମ୍ବୁ ପକାଇ କାର୍ଯ୍ୟ କରୁଅଛନ୍ତି ତାଙ୍କର ବଡ଼ ପେସ୍କାର ମାନଗୋବିନ୍ଦ ମିଶ୍ର ସେଠା ନାଏବ ଶ୍ରୀ ମାର୍କଣ୍ଡ ପଣ୍ଡାଙ୍କ ନିଜ ଇଲାକା ଜମିର ମୌଜାର ପ୍ରଜା ଅଟନ୍ତି ଏବଂ ସେହି କାମ୍ପରେ ମାର୍କଣ୍ଡ ପଣ୍ଡାଙ୍କ ନିଜ ଓ ବାମନପର ତାଲୁକର ଅନେକ ମୌଜାର କାର୍ଯ୍ୟ ହେଉଅଛି । ପଣ୍ଡା ମହାଶୟ ଉକ୍ତ ବାମନପୁର ତାଲୁକର ନାଏବ ଅଟନ୍ତି । କାମ୍ପ ମଧ୍ୟ ତାଙ୍କର ଶ୍ମଶାନ ଓ ବସନ୍ତ ବଗିଚାରେ ପଡ଼ିଅଛି । ଅମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଯେଉଁ ଇଲାକାରେ କାମ୍ପ ପଡ଼ିଅଛି ସେ ଜମିଦାରର କୌଣସି ପ୍ରଜା ପ୍ରଧାନ ଅମଲା ହୋଇ ରହିବା ଉଚିତ ନୁହେ । ତାଙ୍କୁ ଅନ୍ୟ ଇଲାକାକୁ ବଦଳ କରାଯାଇ ଭିନ୍ନ ଇଲାକାର ଲୋକକୁ ପେସ୍କାର ସ୍ୱରୂପ ନିଯୁକ୍ତ କଲେ କାର୍ଯ୍ୟ ସୁଚାରୁରୂପେ ଚଳିବ ଓ କାହାରି

Digitized by srujanika@gmail.com

Split by PDF Splitter



ଅପଇଁ ରହିବ ନାହିଁ । କେବଳ ଜଣ ଗୁହାଶ୍ରୀ ଭରିବାର ଶୁଣି ଏ ବିଷୟ ଆମ୍ଭମାନଙ୍କର ସୁଯୋଗ୍ୟ ବନ୍ଦୋବସ୍ତ କର୍ମଚାରୀଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ବୋଧହୁଏ ଏହା ତାଙ୍କ ଜଣାନାହିଁ ।

———

କଲିକତାରେ ଓର୍ଲଡ଼ ରେକର୍ଡର ନାମରେ ଗୋଟିଏ ଇଂରାଜୀ ସମ୍ବାଦପତ୍ର ବେଲେ, ବାହାରେ । ଗତ ଅକ୍ଟୋବର ସଂଖ୍ୟାରେ ଲେଖା ଅଛି ଯେ ମୟୂରଭଞ୍ଜ ମହାରାଜା ସପତ୍ନିକ ବିଲାତ ଯିବାରୁ ଓଡ଼ିଶା ଗଡ଼ଜାତ ବ୍ୟବସ୍ଥା ପତ୍ରସ ସବାଇମତେ ମହାରାଜା ସିଂହାସନରେ ବସିବାର ଓ ମହାରାଣୀ ସ୍ୱଜବାଟୀରେ ରହିବାର ଯୋଗ୍ୟ କେବେ ନାହିଁ । ସମ୍ଭବତଃ ଲେଖକ ମୟୂରଭଞ୍ଜର ମଙ୍ଗଳ କାମନାରେ ଅତ୍ୟନ୍ତ ବ୍ୟସ୍ତ ହୋଇ ଏପରି ଲେଖିଅଛନ୍ତି । ମାତ୍ର ସେ କଲିକତାରେ ଥାଇ ପ୍ରାୟ ସର୍ବଦା ବିଲାତ ଫେରନ୍ତା ହିନ୍ଦୁ ଦେଖି ଯାହା ଏପର୍ଯ୍ୟନ୍ତ ବୁଝିନାହାନ୍ତି ଯେ ବିଲାତ ବା ସମୁଦ୍ର ଯାତ୍ରାରେ ହିନ୍ଦୁର ନଷ୍ଟ ହୁଏନାହିଁ ବଡ଼ ଆଶ୍ଚର୍ଯ୍ୟ ଅଟେ । ଓଡ଼ିଶାରୁ ବିଲାତ ଓ ଅନ୍ୟଦେଶ ଯିବାର ଆରମ୍ଭ ହେଲାଣି ଏବଂ କେହି କେହି ଫେରିଆସି ଅବାଧେ ସମାଜରେ ଗୃହୀତ ହୋଇଅଛନ୍ତି । ଜଗନ୍ନାଥ ଦର୍ଶନ ଓ ମହାପ୍ରସାଦ ସେବାବଳରେ ଓଡ଼ିଆରେ ହିନ୍ଦୁର ନାଶ ହେବା ଅସମ୍ଭବ । ଲେଖକ ଯେତେ ଧମକାଇଲେ ଉତ୍କଳୀୟଙ୍କ ହୃଦ ମଣ୍ଡୁକ ଭାବ ଭଙ୍ଗିବା ଚେଷ୍ଟା ସଫଳ ହେବନାହିଁ ।

—•✻•—

ମୂଲତାନରେ ଗତମାସ ତା ୧୦ ରିଖରେ ପଞ୍ଜାବ ହିନ୍ଦୁ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ହୋଇଥିଲା । ବାବା ଗୁରୁବକ୍ସ ସିଂହ ବେଦୀ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତି ଜଣେ ଶିଖ ଅଟନ୍ତି । ତାଙ୍କ ବକ୍ତୃତା ଅତୀବ ହୃଦୟଗ୍ରାହିଣୀ ହୋଇଥିଲା । ସେ କହିଲେ ଯେ ହିନ୍ଦୁ ଶିଖ ବା ସନାତନୀ ଅବା ଆର୍ଯ୍ୟ ବ୍ରହ୍ମ ବ୍ରାହ୍ମଣ ଯେ ହେଉ ହିନ୍ଦୁ ଅଟେ । ଭବିଷ୍ୟନିର୍ଦ୍ଦେଶମତେ ଇଂରେଜରାଜ ଭାରତର ଶାସନଭାର ପାଇଅଛନ୍ତି ଏବଂ ଇଂରାଜମାନେ ଆମ୍ଭମାନଙ୍କର ଭାଇ । କେବଳ ବହୁକାଳରୁ ପାର୍ଥକ୍ୟ ହେତୁ ଉଭୟ ଜାତିଙ୍କ ମଧ୍ୟରେ ବର୍ଣ୍ଣ ଏବଂ ବ୍ୟବହାରର ବୈଷମ୍ୟ ଜନ୍ମିଅଛି । ସରକାରୀ କର୍ମଚାରୀ ବେ ଲୋକ ବିଶେଷତଃ ଶିକ୍ଷିତଲୋକଙ୍କ ମଧ୍ୟରେ ବିଦ୍ୱେଷର ଅଭାବ ଦୁଃଖଜନକ ଅଟେ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ବଦଳ ଗଲେ ଲୋକଙ୍କର ବିଶେଷ ଦୁର୍ଦ୍ଦଶା ହେବ । ବାଳକ ବାଳକାମାନଙ୍କ ଶିକ୍ଷା ଏବଂ ପଞ୍ଜାବୀ, ହିନ୍ଦି ଓ ସଂସ୍କୃତଭାଷାର ବହୁଳ ପ୍ରଚାର ନିତାନ୍ତ ବାଞ୍ଛନୀୟ ଥିବାର କହି ସମସ୍ତଙ୍କୁ ପ୍ରେମଭାବରେ ସୁଶାନ୍ତିରେ ବନଯାପନ କରିବାକୁ ଉପଦେଶ ଦେବା କାରଣ ବୁଝାଇ ଦେଇଥିଲେ । ସଭାପତି ମହାଶୟଙ୍କ କଥାରୁ ଆମ୍ଭମାନଙ୍କ ମଧ୍ୟରେ ଶିକ୍ଷା ଏବଂ ଏକତାର ବିସ୍ତାର ହେଲେ ଉନ୍ନତି ସାଧିତହେବାର ସ୍ପଷ୍ଟ ଜଣାଯାଉଅଛି ଏବଂ ତାହା ଯଥାର୍ଥ ଅଟେ । ଭିନ୍ନ ଧର୍ମାବଲମ୍ବିମାନେ ସାମ୍ପ୍ରଦାୟିକତା ତ୍ୟାଗ କରି ସାର ଗ୍ରହଣ ପୂର୍ବକ ଚଳିଲେ କୌଣସି ବିବାଦ ରହିବ ନାହିଁ ଏବଂ ଶିକ୍ଷାଦ୍ୱାରାହିଁ ତାହା ସାଧିତ ହେବ । ଅତଏବ କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କର ଯତ୍ନପୂର୍ବକ ଶିକ୍ଷାରେ ତତ୍ପର ହେବା ଉଚିତ ।

———

ସାଜପୁର ଏଲାକା ବଖାରପୁର ଗ୍ରାମର ହୁଲଦେଇ ବୟସ ୪୫ ବର୍ଷ ପ୍ରାୟ ଛଅ ବର୍ଷହେବ ନିଃଶ୍ୱାସ ମାରିବା ଓ ଆହାର କରିବା ସମୟରେ ସାମାନ୍ୟ କଷ୍ଟ ଅନୁଭବ କରୁଥିଲା । କ୍ରମେ କ୍ରମେ କଷ୍ଟ ବୃଦ୍ଧିହେଲୁ କେବଳ ତରଳ ଆହାର୍ଯ୍ୟ ଦ୍ରବ୍ୟ ଗିଳି କରି ବଞ୍ଚିଗଲା । ତାହା ମଧ୍ୟ ପିଇ ନ ପାରି କ୍ରମଶଃ ଦୁର୍ବଳ ହେବାରେ ସେ ଅତି ଉକ୍ତ କଷ୍ଟ ସହ୍ୟ କରି ନ ପାରି ସେଠା ଡାକ୍ତରଖାନାକୁ ଆସିଥିଲା ବାବୁ ଯତୀନ୍ଦ୍ରନାଥ ସିଂହ ଡାକ୍ତର ଅନେକ ଅନୁସନ୍ଧାନ କରି ତାହାର ମୁହଁ ମଧ୍ୟରେ ହାତ ଭରତି କରି ବହୁ କଷ୍ଟରେ ଅଙ୍ଗୁଳ ସାହାଯ୍ୟରେ ଜାଣି ପାରିଲେ ଯେ ତାହାର ଗଳା ମଧ୍ୟରେ ନାସିକାର ନିକଟ ଏକ ମୋଟା ଜିହ୍ୱାପରି ମାଂସ ଖଣ୍ଡ ବାହାରି ତାହାର ଖାଦ୍ୟ ଗିଳିବା ନଳୀ ପର୍ଯ୍ୟନ୍ତ ଯାଇଅଛି । ତହୁଁ "ପଲିପସ" ନାମକ ରୋଗ ଜାତ ହୋଇଥିବାର ସ୍ଥିର କଲେ ମାତ୍ର କ୍ଲୋରଫର୍ମ ଅସ୍ତ୍ର ନ ଥିବାରୁ ଡାକ୍ତର ବାବୁ ଏକ ଖଣ୍ଡ ସୂତ୍ର ଚିମୁଟା ପରି ସରୁ ଅସ୍ତ୍ର ତାହାର ନାସିକା ମଧ୍ୟରେ ପ୍ରବେଶ କରାଇ ଉକ୍ତ ପଲିପସ ନାମକ ମାଂସ ଖଣ୍ଡର ମୂଳକୁ ବାମ ହାତରେ ଧରି ତାଙ୍କର ଡାହାଣ ହାତ ତାହା ଗଳା ମଧ୍ୟରେ ଭରତି କରି ଅଙ୍ଗୁଳିଦ୍ୱାରା ତାକୁ ଉତ୍ତମରୂପେ ଠିକଣା କରି ଛିଣ୍ଡାଇ ମୁହଁ ବାଟେ ବାହାର କରି ଆଣିବାରେ ଦେଖାଗଲା ଯେ ଅଠ ଇଞ୍ଚ ଲମ୍ବା ପ୍ରାୟ ଦୁଇ ଇଞ୍ଚ ମୋଟ । ଏହି ମାଂସ ଖଣ୍ଡ ଖାଦ୍ୟ ଦ୍ରବ୍ୟ ଗିଳିବାର ନଳୀମୁହଁ ବନ୍ଦ କରିଥିବାରୁ ସେ ଖାଦ୍ୟ ଦ୍ରବ୍ୟ ଗିଳି ପାରୁ ନଥିଲା । ସେ ସ୍ତ୍ରୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ଘରକୁ ଚାଲି ଯାଇଅଛି । ଡାକ୍ତର ବାବୁ ଉକ୍ତ ପଲିପସ ନାମକ ମାଂସ ଖଣ୍ଡକୁ ଏକ ଗୋଟା ସ୍ପିରିଟ ପୂର୍ଣ୍ଣ ବୋତଲରେ ରଖି ଅଛନ୍ତି । ଶ୍ରୀଯୁକ୍ତ ସିଭିଲ୍ ସର୍ଜନ ସାହେବ ଏଠାକୁ ଆସିଥିବା ସମୟ ତାହା ଦେଖି ଓ ଡାକ୍ତର ବାବୁ ଯେଉଁ ଉପାୟରେ ବିନା ଅସ୍ତ୍ର ସାହାଯ୍ୟରେ ତାକୁ ବାହାର କରିଥିବାର ଅବଗତ ହୋଇ ବିଶେଷ ସନ୍ତୁଷ୍ଟ ହୋଇ ମେଡ଼ିକେଲ ସ୍କୁଲର ଛାତ୍ରମାନଙ୍କ ଶିକ୍ଷା ସକାଶେ ତାକୁ କଟକ ମେଡିକେଲ ସ୍କୁଲକୁ ପଠାଇବାକୁ ଆଦେଶ ଦେଇ ଅଛନ୍ତି ।

———

ଉତ୍କଳସମ୍ମିଳନୀ ।

ଆନନ୍ଦ ସହକାରେ ଜଣାଉଅଛୁଁ ଯେ ଉତ୍କଳସମ୍ମିଳନୀ କେନ୍ଦ୍ର ସମିତିର ଗତ ବୃହସ୍ପତିବାର ଅଧିବେଶନରେ ଆଗାମୀ ଡିସେମ୍ବର ମାସ ତା ୩୦ ଓ ୩୧ ରିଖମାନଙ୍କରେ ଉତ୍କଳସମ୍ମିଳନୀର ବାର୍ଷିକ ଅଧିବେଶନ ହେବାର ସ୍ଥିର ହୋଇ ଅଭ୍ୟର୍ଥନା କମିଟି ମନୋନୀତ ହୋଇଅଛି । କମିଟି ଶୀଘ୍ର ଅଧିବେଶନ କରିବେ ଓ ସଭାପତି ପଦରେ ଯାହାଙ୍କୁ ବରଣ କରିବାର ସ୍ଥିର ହେବ ଏ ପତ୍ରେ ପ୍ରକାଶ ପାଇବ । କେନ୍ଦ୍ର ସମିତିର ସମ୍ପାଦକ ବାବୁ ଗୋକୁଳାନନ୍ଦ ଚୌଧୁରୀ ଅଭ୍ୟର୍ଥନା କମିଟିର ସମ୍ପାଦକ ପଦରେ ନିଯୁକ୍ତ ହୋଇଅଛନ୍ତି । ଏଣିକି ଦେଶ ବାସିଙ୍କର ଏକାନ୍ତ ସାହାଯ୍ୟ ଓ ସହାନୁଭୂତି ଆବଶ୍ୟକ । ମାତୃ ସେବାରେ କାହାର ପଶ୍ଚାତ୍‌ପଦ ହେବା ଉଚିତ ନୁହେ । ଭାରତବର୍ଷର ଅନ୍ୟାନ୍ୟ ଜାତିମାନେ ଆପଣା ଉନ୍ନତି ନିମିତ୍ତ ପ୍ରାଣପଣେ ଲାଗିଥିବା ସ୍ଥଳେ ଉତ୍କଳୀୟମାନେ ଆଳସ୍ୟ ପରବଶ ଏବଂ ନିଶ୍ଚେଷ୍ଟ ହୋଇ ରହିବା ନିତାନ୍ତ ଲଜ୍ଜାର କଥା । ଉତ୍କଳୀୟମାନେ ତୃଣ ପରି ହେଲେ ମଧ୍ୟ ଏକତ୍ର ହେବାଦ୍ୱାରା ମତ୍ତ ହସ୍ତିକୁ ବାନ୍ଧି ପାରିବେ । "ଅଳ୍ପାନାମପି ବସ୍ତୂନାଂ ସଂହତିଃ କାର୍ଯ୍ୟ ସାଧିକା" ଏ ବଚନ ସର୍ବଦା ସ୍ମରଣ ରଖିବା ଉଚିତ । ଅଭ୍ୟର୍ଥନା କମିଟିର ମଧ୍ୟ ବୃଥା ବ୍ୟୟ ନ କରିବାକୁ ଆମ୍ଭେମାନେ ପରାମର୍ଶ ଦେଉଅଛୁଁ । ଆମନ୍ତ୍ରିତ ବିଦେଶୀୟ ଲୋକମାନଙ୍କୁ ଅଭ୍ୟର୍ଥନା କରି ଆଣି ବସା ଓ ଚଳାଇ ବନ୍ଦୋବସ୍ତ କରିଦେଲେ ଯଥେଷ୍ଟ ହେବ । ଖାଦ୍ୟାଦି ଯେ ଯାହାର ଚଳାଇବାକୁ ଦେଶ ଲୋକେ କେହି କୁଣ୍ଠିତ ହେବେ ନାହିଁ । କଂଗ୍ରେସର ପ୍ରତିନିଧିମାନେ ଫିସ ଦିଅନ୍ତି ଅଥଚ ଖାଇବା ଖର୍ଚ୍ଚ ସକାଶେ ତାଙ୍କୁ ଅଲଗା ଦେବାକୁ ପଡ଼େ । ଏମନ୍ତ ସ୍ଥଳେ ସମ୍ମିଳନୀ କିଛି ଫିସ ସଭ୍ୟମାନଙ୍କଠାରୁ ନେଉ ନ ଥିବାରୁ ଖାଦ୍ୟ ନ ଯୋଗାଇଲେ କ୍ଷତି ନାହିଁ ଏବଂ ତାହାହିଁ ବରଂ ସମାଗମ ସ୍ଥଳରେ ଦେଶର ଅବସ୍ଥା ବିବେଚନାରେ ସମୀଚୀନ ।

———

ସର୍ବସାଧାରଣ ସତ୍ୱ ।

ଏଥର ସରକାରି ବନ୍ଦୋବସ୍ତରେ ବାହାରିଥିବା ସର୍ବସାଧାରଣ ସତ୍ୱସମ୍ବନ୍ଧେ ପ୍ରଜାପକ୍ଷର ଅଭିପ୍ରାୟ ଜଣାଇ ଜଣେ ପତ୍ରପ୍ରେରକ ଏକ ଦୀର୍ଘ

Digitized by srujanika@gmail.com

-ପତ୍ର ପଠାଇ ଅଛନ୍ତି । ସ୍ଥାନାଭାବବଶତଃ ତାହା ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ତହିଁର ସାର କଥା ଏହି କି "ଜମିଦାରମାନେ ଗତ ବନ୍ଦୋବସ୍ତରେ ଥିବା ଗୋଚର, ପୁରାତନ ପୁଷ୍କରିଣୀ, ସାଧାରଣସ୍ଥାନର ଓ ଗ୍ରାମ ମଧ୍ୟସ୍ଥ ରାସ୍ତା ଯାହା ଏକମାତ୍ର କୃଷି-ଜୀବୀ ପ୍ରଜାଙ୍କର ହିତାର୍ଥେ ଏକାନ୍ତ ପ୍ରୟୋଜନ ଥିଲା ତାହା ସୁକୌଶଳରେ ପ୍ରମାଣ ଦଣ୍ଡାଦିମାନ କରାଇ ଅନାବାଦ ଅନ୍ତର୍ଗତ କରି ପ୍ରଜାପୀଡ଼କ ହେଉଅଛନ୍ତି ପୁଣି ଏକମାତ୍ର କୃଷିଜୀବୀ ପ୍ରଜାସଂଖ୍ୟା ବୃଦ୍ଧି ସଙ୍ଗେ ସେମାନଙ୍କର ଶୋଚନୀୟ ଅବସ୍ଥା ଓ ଅନ୍ତରଦୃଷ୍ଟେ ଜମିଦାରମାନଙ୍କର ସେମାନଙ୍କୁ ବିଶେଷ ସୁବିଧା ଦେବାର ଦୂରେ ଥାଉ ନ୍ୟାୟାନୁସାରେ ଶତକଡ଼ା ୧୦ ଏକର ସର୍ବସାଧାରଣ ସତ୍ତ୍ୱ ପ୍ରକାରାନ୍ତରେ ପରିବର୍ତ୍ତିତ କରି ଓ ଅନାବଶ୍ୟକ ସ୍ଥାନରେ ରଖାଇ ତାହାକୁ ଅର୍ଥୋଗମର ପନ୍ଥା ସ୍ୱରୂପ କରିନେବାରୁ ପ୍ରଜାମାନଙ୍କ ଅବସ୍ଥା କୂପମଣ୍ଡୂକବତ୍ ହୋଇଅଛି" । ଆମ୍ଭମାନଙ୍କ ବିବେଚନାରେ ସାଧାରଣ ଭାବରେ ଜମିଦାରମାନଙ୍କଠାରେ ଏପରି ଦୋଷ ଲଗାଇବା ଉଚିତ ହୋଇନାହିଁ । ଯେଉଁଠାରେ କେହି ଜମିଦାର ସେପରି କରିଅଛି ତାହା ଦେଖାଇ ଦେବା ଉଚିତ । ବନ୍ଦୋବସ୍ତରେ କବୁଲିୟତ ଯାହା ଜମିଦାରଙ୍କଠାରୁ ନିଆଯାଇଅଛି ତହିଁରେ ଗୋଚର ଦଣ୍ଡା ରାସ୍ତା ପ୍ରଭୃତି ସାଧାରଣ ଜମିବିଶେଷ ଉଲ୍ଲେଖରେ ରଖିଦିଆଯାଇଅଛି ଓ ସେ ସମସ୍ତ ସ୍ଥିର ରଖିବା ପ୍ରତି ଦୃଢ଼ ଅଙ୍କଟ ହୋଇଅଛି । ଯେ କେହି ଜମିଦାର ତହିଁର ଅନ୍ୟଥା କରିଅଛି କଲେକ୍ଟର ସାହେବଙ୍କ କେହି ପ୍ରଜା ଜଣାଇଲେ ସେ ଜମିଦାର ଦଣ୍ଡନୀୟ ହେବ । ପରତାଳ ବନ୍ଦୋବସ୍ତ କର୍ମଚାରୀ ତହିଁର ବ୍ୟତିକ୍ରମ ଦେଖିଲେ କଲେକ୍ଟରଙ୍କୁ ଜଣାଇପାରନ୍ତି ଏବଂ କୌଣସି ଦଣ୍ଡା ରାସ୍ତା ଇତ୍ୟାଦି ପୂର୍ବକାଳରୁ ରହିଥିବା ସ୍ଥଳେ ଯେବେ ଭ୍ରମବଶତଃ ବନ୍ଦୋବସ୍ତବେଳେ ଛଡ଼ା ହୋଇ ନ ଥାଏ ତେବେ ପରତାଳରେ ବିହିତ ଅନୁସନ୍ଧାନ କରି ତାହା କରିପାରନ୍ତି । ଭ୍ରମ ସଂଶୋଧନହିଁ ପରତାଳ ବନ୍ଦୋବସ୍ତର ଉଦ୍ଦେଶ୍ୟ, ନୂତନ ସୃଷ୍ଟି ନୁହେ । ନୂତନ ସୃଷ୍ଟିଦ୍ୱାରା ଜମିଦାରର ସତ୍ତ୍ୱରେ ବାଧାଦେବା ହେଲୁ ସୁଯୋଗ ହୋଇଅଛି । ଏଥିପାଇଁ ଜମିଦାରବର୍ଗ ପ୍ରଜାପୀଡ଼କ ବୋଲିବା ଅନ୍ୟାୟ । ପୁଣି ଅନେକସ୍ଥଳେ ଏହି "ସର୍ବସାଧାରଣ ସତ୍ତ୍ୱ" ପ୍ରୟୋଗ ଅନର୍ଥକ ବା ଅନିଷ୍ଟକର ହେବାର ଦେଖାଯାଏ । ଦାଣ୍ଡର ପୁଷ୍କରିଣୀମାନ ସର୍ବସାଧାରଣ ସ୍ନାନପାନାଦି ସକାଶେ ଦୂଷିତ ହୋଇଅଛି ଏବଂ ସେପରି ବ୍ୟବହାର ନିଷେଧ କରିବାକୁ କେହି କେବେ ଚେଷ୍ଟା କରିବାର ଶୁଣ ନାହିଁ । ସେ ପୁଷ୍କରିଣୀସମ୍ବନ୍ଧେ ବର୍ତ୍ତମାନ୍ ସର୍ବସାଧାରଣ ସତ୍ତ୍ୱ ଲେଖିବାଦ୍ୱାରା ପ୍ରଜାବର୍ଗ ଅଧିକ କିଛି ପାଉନାହାନ୍ତି ମାତ୍ର ଜମିଦାରର ମସ୍ୱତ୍ୱ ଛଡ଼ା ଅନ୍ୟ କିଛି ସତ୍ତ୍ୱ ନ ଥିବାର କହିବାଦ୍ୱାରା ଏହି ଫଳ ହେଉଅଛି ଯେ ପୁଷ୍କରିଣୀ ଗୁଡ଼ାଏ ପ୍ରଜାବର୍ଗ ମଇଳା କରିବାର ଯେ ଗୋଟାଏ କୁଅଭ୍ୟାସ ଅଛି ଓ ଜମିଦାରର କେତେକ ଦୃଷ୍ଟି ଯେ ଏ ନାହିଁ କେତେବେଳେ ଦୃଷ୍ଟି ପଡ଼ିଲେ ମଧ୍ୟ ନିଷେଧ କରିପାରୁନାହିଁ ଏବଂ ପୋଖରୀ ପୋତା ପଡ଼ିଲେ ପ୍ରଜାବର୍ଗ ସଂସ୍କାର କରିବେ କି ? ସଂସ୍କାର ନ କଲେ ଯେତେବେଳେ ପୋତା ପଡ଼ିଯିବ ସେତେବେଳେ ପଡ଼ିଆ ଜଙ୍ଗଲ କରା କି ହେବ ? ପ୍ରଜାବର୍ଗଙ୍କଠାରୁ ଏ ସତ୍ତ୍ୱର ଦାୟିତ୍ୱ ଲେଖାଇ ନେଇ ସର୍ବସାଧାରଣ କରିଦେଲେ କିଛି ଆପତ୍ତି ହୋଇ ନପାରେ । ବଗାଏତ ସମ୍ବନ୍ଧରେ ଏହିପରି ପତ୍ରପ୍ରେରକ ଲେଖିଅଛନ୍ତି କି ଜମିଦାରମାନେ ପ୍ରଜାଙ୍କୁ ନୂଆ ପୁଷ୍କରିଣୀ ଖୋଳାଇବାର ତେଣିକ ଥାଉ ପୁରୁଣା ପୋଖରୀ ସୁଦ୍ଧା ମରାମତ କରିବାର ଦେଖା ଯାଉନାହିଁ । ମାତ୍ର ପ୍ରଜାବର୍ଗ ତାହା କରିଅଛନ୍ତି କି ? ଗ୍ରାମ୍ୟ ଲେଖକମାନେ ମିଶି ଅନାୟାସରେ ତାହା କରିବା ବିଚିତ୍ର ନୁହେ ମାତ୍ର ତାହାଙ୍କୁ ପ୍ରବର୍ତ୍ତାଇବ କିଏ ? ଏଥିର ବ୍ୟବସ୍ଥା ଆବଶ୍ୟକ ।

R ——

### ବର୍ତ୍ତମାନ ରାଜପ୍ରତିନିଧିଙ୍କ ଉକ୍ତି ।

ଆମ୍ଭମାନଙ୍କର ବର୍ତ୍ତମାନ ରାଜପ୍ରତିନିଧି ଲର୍ଡ଼ ମିଣ୍ଟୋ ମହୋଦୟ କାର୍ଯ୍ୟକାଳ ଶେଷକରି ବିଲାତ ଯାଉଥିବାରୁ ତାଙ୍କ ବିଦାୟଦେବା କାରଣ ସିମଲାର ୟୁନାଇଟେଡ ସରଭିସ କ୍ଲବ ଗତ ଅକ୍ଟୋବରମାସ ତା ୧୪ ରଖରେ ଏକ ଭୋଜ ଦେଇଥିଲେ । ଉକ୍ତ ଭୋଜରେ ଜ ୮୦ ଣ ରାଜକର୍ମଚାରୀ ଯୋଗ ଦେଇଥିଲେ ଏବଂ କ୍ଲବର ସଭାପତିଙ୍କ ଅନୁପସ୍ଥିତି ହେତୁ ସାମ୍ରାଜ୍ୟ ସେବକ ସେନାଦଳର ଇନସ୍ପେକ୍ଟର ଜେନେରେଲ ଜେନେରଲ ଡ୍ରମଣ୍ଡ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ଭୋଜନାନ୍ତେ ସଭାପତି ମହାଶୟ ଲର୍ଡ ମିଣ୍ଟୋଙ୍କ ମଙ୍ଗଳ କାମନାର ନିମିତ୍ତ ପ୍ରସ୍ତାବ ଉପସ୍ଥିତ କରି ତାହାଙ୍କର ଗୁଣ କୀର୍ତ୍ତନ କଲେ ଓ ତାହାଙ୍କ ବିଦାୟରେ ଦୁଃଖ ପ୍ରକାଶକଲେ । ଲର୍ଡ ମିଣ୍ଟୋ ମହୋଦୟ ଗାତ୍ରୋତ୍ଥାନ ପୂର୍ବକ ପ୍ରସ୍ତାବକଙ୍କ ସଦୟତା ହେତୁ ଧନ୍ୟବାଦ ଦେଇ ସୁଦୀର୍ଘ ବକ୍ତୃତା ଦ୍ୱାରା ଆପଣା ଶାସନ କାର୍ଯ୍ୟର ଆମୂଳ ଶେଷ ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ । ସେ ବକ୍ତୃତାଟି ଯେମନ୍ତ ସାରଗର୍ଭ ଶିକ୍ଷାପ୍ରଦ ତେମନ୍ତ ସହାନୁଭୂତି ବ୍ୟଞ୍ଜକ ଏବଂ ଉଦାରନୀତି ପୂର୍ଣ୍ଣ ଥିଲା । ଆମ୍ଭେମାନେ ସ୍ଥାନାଭାବ ହେତୁ ତହିଁର ସାର ମାତ୍ର ଏଠାରେ ପ୍ରକାଶ କଲୁ । ସେ ...

ଭାରତବର୍ଷରେ କାର୍ଯ୍ୟର ଭାର ୧...
ପରେ ଦଶ ତହିଁପରେ ସମ୍ରାଟ, ...
ଅଭାବ ହୋଇ ଭୁଲିଯାଏ ଅ...
ନାହିଁ । ଭାରତବର୍ଷରେ ପଞ୍ଚବର୍ଷ
କରିବା କାଳପରି ଲାଗୁଅଛି । ଏ...
ନଥିଲା ପ୍ରାୟ ଆମ୍ଭେ ଭାରତବର୍ଷ...
ନୂଆ କି ଥିଲୁ । ଅମ୍ଭ ଘରର ୪...
ଭାରତର ବିଖ୍ୟାତ ଶାସନକର୍ତ୍ତା ଓ
ବାସ କରନ୍ତି ମଧ୍ୟ ଆମ୍ଭେ ଭାରତର...
ଓ ଶାସକାଦିର ବିଷୟ ପଢ଼ି ମୋ...
ଥିଲୁଁ । ଆମ୍ଭେ ଆସିଲାବେଳେ ...
ସମଭିବ୍ୟାହାରରେ ଭାର ତରେ
ଭାରତର ପ୍ରଜାମାନଙ୍କୁ ସମ୍ରାଟଙ୍କ ପ୍ର...
ବଢ଼ାଉଥିଲେ । ଆମ୍ଭ ପୂର୍ବବର୍ତ୍ତୀ ...
ସୁଦକ୍ଷଭାବେ ଶାସନକାର୍ଯ୍ୟ ଚଳାଇ ...
ବଢ଼ାଇ ଦେବାର ଆମ୍ଭେ ଅନୁଭବ
ତହିଁ ଉତ୍ତାରୁ ଅନେକ ଘଟନା ଏ...
ପରିଷ୍କାର ରହିବାର ଯେଉଁ ଭର...
ତାହା ରହିଲା ନାହିଁ । ଗୃହଅନ୍ତ
ମାଡ଼ି ଆସିଲା ଏବଂ ଯେଉଁ ମେଘମା...
ଗର୍ଜ୍ଜନ ଗର୍ଜ୍ଜନ କଲା ତହିଁ
ବେଳେ କଠିନ ହୋଇ ପଡ଼ିଥିଲା ।
ଆମ୍ଭେ କହିପାରୁଁ ଯେ ଭାରତଗବର୍ଣ୍ଣମେଣ୍ଟ
କାର୍ଯ୍ୟଦ୍ୱାରା ତାଙ୍କ ଜନ୍ମାଥିବା ହୋଟି...
ଉପକାର ଏବଂ ସୀମାନ୍ତ ପ୍ରଦେଶରେ ଶାନ୍ତି...
କରି ଆସିଅଛନ୍ତି । ସୀମାନ୍ତ ପ୍ରଦେଶରେ ...
ଚଢ଼ାଉ ହୋଇଥିଲା ଏବଂ ଯୁଦ୍ଧ ...
ପରିଚାଳନରେ ଯୋଗ୍ୟତା ସଫଳ
ଅଛି । ୧୯୦୭ ମସୀହାର ବସନ୍ତକାଳରେ
ଆମୀର ଭାରତ ସନ୍ଦର୍ଶନାର୍ଥ ଆସି
ଚଳାଇ ଯାଇଅଛନ୍ତି । ଉତ୍ତର ପୂର୍ବ
ପ୍ରଦେଶରେ ମଧ୍ୟ ଗୋଳଯୋଗ ଉପସ୍ଥିତ ...
ଥିଲା ଏବଂ ଯୁଦ୍ଧ ସେକ୍ରେଟେରୀଙ୍କ ସାହାଯ୍ୟ...
ତାହା ଉଠିଯାଇଅଛି । ଭାରତର ଅଭ୍ୟନ୍ତ...
ଅବସ୍ଥା ଦେଖିବାକୁ ଗଲେ ପ୍ଲେଗ, ମାଲେ...
ଏବଂ ଦୁର୍ଭିକ୍ଷ ନିବାରଣ କରିବାରେ ଯଥାସାଧ୍ୟ
ଚେଷ୍ଟା କରାଯାଇଅଛି । ବଙ୍ଗଳାର ଉନ୍ନତି ସଙ୍ଗେ
ସ୍ୱାସ୍ଥ୍ୟୋନ୍ନତିକର କାର୍ଯ୍ୟମାନ "କ...
ଦେଶର ଅବସ୍ଥା ଯଥାସମ୍ଭବ ଉନ୍ନତ ରଖା...
ଅଛି । ଏ ରାଜ୍ୟରେ ପଦାର୍ପଣ କରିବା କାଳରୁ
ଆମ୍ଭେ ରାଜଭକ୍ତ ଲୋକଙ୍କ ଅସନ୍ତୋଷ ...
ଅବଗତ ହୋଇଥିଲୁଁ । ସେମାନଙ୍କର ...
ସଙ୍ଗତ ଉଚ୍ଚାକାଂକ୍ଷା ଜାଗରୂକ ହୋଇଥିବା ଏବଂ
ସାମ୍ରାଜ୍ୟର ଶାସନ ସମ୍ଭୋଗରେ ନ ...
ଆମ୍ଭେ ହୃଦୟଙ୍ଗମ କରି ଏବଂ ସେହି ଉ...

Split by PDF Splitter
Digitized by srujanika@gmail.com

Split by PDF Splitter



...କ୍ଟୋରିଆଦେବୀଙ୍କ ୧୮୫୮ ମସୀ- ...ଣାପତ୍ର ବଳରେ ପ୍ରତିଶ୍ରୁତ ...ନିଯୁକ୍ତ ପ୍ରସ୍ତାବରୁ ତାହା ସତ- ଥିବାର ଜାଣି ଆମ୍ଭେ ବ୍ୟବସ୍ଥାପକ ...ତ ହେବାର ପ୍ରସ୍ତାବାଦ କରୁ ...ଶାସନରେ ସମ୍ପୂର୍ଣ୍ଣ ଭାଗ ଦେଇ- ...ରେ ଅଶାନ୍ତି ଏବଂ ହତ୍ୟାକାଣ୍ଡ ...ଉଟୁଥିବା ସ୍ଥଳେ ତାହା ନିର୍ଭର ...ନ ଥିଲେ ଦେଶର ଅବସ୍ଥା ଅଧିକ ...ଓ ଆମ୍ଭର ବନ୍ଧୁମାନେ ଆମ୍ଭମାନ- ...ଳାପ ଦେଖି ଖେଦ ପାଉଛି ଯାଇ- ...ଏ ନୀତି ସମୀଚୀନ ଥିବା ବିଷୟ ...ଉଦ୍ଦେଶ୍ୟରୁ ସନ୍ତାନମାନେ ଜାଣି- ...ନକ କାର୍ଯ୍ୟମାନ ଦମନ କରିବା ...ସଂଶୋଧନ କାର୍ଯ୍ୟମାନ କରାଯିବା ...ଏମାନଙ୍କରେ ଭିନ୍ନ ସମାଲୋଚନା ...ଗବର୍ଣ୍ଣମେଣ୍ଟଙ୍କୁ ଦୁର୍ବଳ ବୋଲି ...ହିଁରେ ଆମ୍ଭର କ୍ଷୋଭ ନାହିଁ । ...ଅଭିଯୋଗରୁ ନ ଡରେ ସେହି ... । ନବସଂଗଠିତ ବ୍ୟବସ୍ଥାପକ- ...ଙ୍କ କାର୍ଯ୍ୟରୁ ନୂତନ ନୀତି ସଫଳ ...ଶାଯାଉଅଛି ଏବଂ ଦେଶୀୟ ...ଶାସନ ଉନ୍ନତ ହେବା ...ମାନଙ୍କର ଦାୟିତ୍ୱ ବୋଧ ଅଧିକତର ... । ଭାରତୀୟ ଲୋକଙ୍କୁ କାର୍ଯ୍ୟକାରୀ ...ସ୍ଥାନ ଦେବାର ପ୍ରଥମେ ଆମ୍ଭେ ଆରମ୍ଭ ...ହୁଁ । ଏହି ସମସ୍ତ ସଂଶୋଧନ ନୀତି ପ୍ରସ୍ତ- ...ଶ ପରସ୍ପର । ଭାରତପନ୍ଥୀମାନ ସଂଙ୍କୁ ...ଚତୁର୍ଦ୍ଦିଗରେ ପୂର୍ଣ୍ଣ ଶାନ୍ତିର ଲକ୍ଷଣ ...ଯାଉଅଛି । ଅରାଜକତା ଏକାବେଳକେ ...ବୋଲି ଆମ୍ଭେ କହୁ ନାହୁଁ ମାତ୍ର ...ଲୁପ୍ତ ହୋଇ ଆସୁଅଛି ଲୋକଙ୍କ- ...ଥରକୁ ଅଛି ଏବଂ କେବେ ସାଧାରଣ ପ୍ରସାରିତ ହେବ ନାହିଁ । ବସ୍ତୁତ ଭାରତର ଜାତି, ଧର୍ମ ଏବଂ ବର୍ତ୍ତିବିଶିଷ୍ଟ ବସ୍ତୁର ...ଙ୍କ ଶାସନ ଅବଶ୍ୟ କଠିନ ଏବଂ ଯେଉଁ ...ରି ଆମ୍ଭ ସାମ୍ରାଜ୍ୟ ଚଳାଇଲୁ ତଦ୍ଦ୍ୱାରା ଅଶାନ୍ତି ଶୀଘ୍ର ଦୂର ହୋଇ ବାଣିଜ୍ୟ ଏବଂ ଶ୍ରମଶିଳ୍ପ ବିକାଶ ଏବଂ ଶିକ୍ଷା ବିସ୍ତାର ଆଡ଼େ ଲୋକଙ୍କ ମତି ଫେରିବ ଏବଂ ତହିଁ ଉପରେ ଦେଶର ଉନ୍ନତି ନିର୍ଭର କରେ । ଏହା କହି ସମାଗତ ସଦସ୍ୟଙ୍କୁ ଧନ୍ୟବାଦ ଦେଇ ବଡ଼ଲାଟ ମହୋଦୟ ଆସନ ଗ୍ରହଣ କଲେ । ଆମ୍ଭମାନେ ଏ ପ୍ରସଙ୍ଗ ପାଠକର ସମ୍ମୁଖ ପ୍ରୀତି ଲାଭ କରୁଅଛୁ ... ତାଙ୍କ ବିଦାୟରେ ଅଧିକ ଦୁଃଖିତ ...ହୁଁ । ସେ ସହୃଦୟା ସହଧର୍ମିଣୀ ଓ ତନୟା ସହିତ କୁଶଳରେ ସ୍ୱରାଜ୍ୟରେ ପହୁଞ୍ଚି ଦୀର୍ଘକାଳ ସୁଖଭୋଗ କରନ୍ତୁ ଭଗବାନଙ୍କଠାରେ ଏହି ପ୍ରାର୍ଥନା ।

---

## ନୂତନ ରାଜପ୍ରତିନିଧିଙ୍କ ନୀତି ।

ଭାରତବର୍ଷର ନୂତନ ରାଜପ୍ରତିନିଧି ବା ବଡ଼ଲାଟ ଲର୍ଡ ହାର୍ଡିଞ୍ଜ ପେନସର୍ଷ୍ଟ ଏହି ମାସ ତା ୨୧ ଦିନରେ କଲିକତାରେ ପହୁଞ୍ଚି କାର୍ଯ୍ୟଭାର ଗ୍ରହଣ କରିବେ । ସେ ବିଲାତରୁ ଯାତ୍ରାକରିବା ପୂର୍ବେ ଗତମାସ ତା ୨୦ ଦିନରେ ତାହାଙ୍କ ସମ୍ମାନାର୍ଥେ ଗୋଟିଏ ବିଦାୟଭୋଜୀ ହୋଇଥିଲା । ସେହି ମିଳନରେ କାଣ୍ଟରବୁରୀର ପ୍ରଧାନ ପାଦ୍ରୀଙ୍କ ସହିତ ଦେଢ଼ସହସ୍ର ବିଲାତବାସୀ ବନ୍ଧୁଙ୍କ ସ୍ୱାକ୍ଷରିତ ଗୋଟିଏ ଅଭିନନ୍ଦନପତ୍ର ପ୍ରଦତ୍ତ ହୋଇଥିଲା । ଭୋଜୀରେ କାମଡେନର ମାର୍କୁଇସ୍ ସଭାପତିର ଆସନଗ୍ରହଣ କରିଥିଲେ । ବୋମ୍ବାଇର ଭୂତପୂର୍ବ ଗବର୍ଣ୍ଣର ଲର୍ଡ ହାରିସ୍ ମହୋଦୟ ନୟମତ ମଙ୍ଗଳ କାମନା ପ୍ରସ୍ତାବ କରନ୍ତେ ନୂତନ ରାଜପ୍ରତିନିଧି ମହୋଦୟ ତହିଁର ଉତ୍ତରରେ ଯେଉଁ ନୀତି ଅବଲମ୍ବନ ପୂର୍ବକ ଶାସନକାର୍ଯ୍ୟ ଚଳାଇବେ ତାହା ବ୍ୟକ୍ତ କଲେ । ତାହା ପାଠକର ଅମ୍ଭେମାନେ ଆଶ୍ୱସ୍ତ ହୋଇ ତହିଁର କିୟଦଂଶ ପାଠକଙ୍କ ଅବଗତି ନିମିତ୍ତ ଏଠାରେ ପ୍ରକାଶ କଲୁ । ସେ କହିଲେ ଯେ ଭାରତ ସମ୍ବନ୍ଧରେ ତାଙ୍କର ବହୁଦର୍ଶିତାର ଅଭାବ ଥିବା ବିଷୟରେ ଅନେକେ ତର୍କ କରୁଅଛନ୍ତି ମାତ୍ର ସେ କୌଣସି କୁସଂସ୍କାର ଅଥବା ପକ୍ଷପାତ ନ ଘେନି ପରିଷ୍କାର ମନରେ ଭାରତକୁ ଯାଉଅଛନ୍ତି । ଗତ ପଚାଶବର୍ଷ ମଧ୍ୟରେ ଭାରତର ବହିଃସମ୍ବନ୍ଧ ଘେନି ଅନେକ ବିଷୟ ତାଙ୍କ ଆଗରେ ଉପସ୍ଥିତ ହୋଇଅଛି ଏବଂ ତହିଁରେ ଭାରତର ବହିଃସମ୍ବନ୍ଧ ଏକା ଏକ ସଶ୍ଳିଷ୍ଟ ନ ଥାଇ ସମୁଦାୟ ସାମ୍ରାଜ୍ୟନୀତିର ଅନ୍ତର୍ଭୁକ୍ତ ଥିଲା । ୧୮୯୬ ମସିହାରେ ପାରସ୍ୟରେ ଥିବା ସମୟରେ ସେ ମଧ୍ୟ ଆସିଆରେ ଇଂରେଜ ଏବଂ ରୁଷିଆର ଅକାରଣ ପ୍ରତିଯୋଗିତା ବିଷୟ ପ୍ରଥମେ ଉତ୍ତମରୂପେ ବୁଝିପାରିଲେ ଏବଂ ସେଣ୍ଟପିଟର୍ସବର୍ଗରେ ଥିବା ସମୟରେ ଇଂରେଜ ଓ ରୁଷିଆର ପ୍ରତିନିଧିମାନଙ୍କର କୂଟକୌଶଳ ସୁଯୋଗର ଶାନ୍ତିଭଙ୍ଗ ଏବଂ ଭାରତକୁ ନିତାନ୍ତ ଅଧିକ ସୈନ୍ୟବ୍ୟୟରେ ବିଜଡ଼ିତ କରିବାର ହୃଦୟଙ୍ଗମ କଲେ । ତାହା ଗତ ହୋଇଅଛି ଏବଂ ଆଉ କେବେ ଘଟିବ ନାହିଁ । ରୁଷିଆର ତର୍ଫରେ ବସ୍ତୁତ ବ୍ୟୟସଙ୍କୁଳ ଅଫଗାନ ଯୁଦ୍ଧ ଏବଂ ଲାସା ଅଭିଯାନ ଅକାରଣ କରାଯାଇଥିଲା । ଉଭୟ ରାଜ୍ୟମଧ୍ୟେ ଯେଉଁ ସନ୍ଧି ହୋଇଅଛି ତହିଁରେ ଭାରତର ଅଶେଷ ଉପକାର ହୋଇଅଛି ଏବଂ ଭାରତବାସୀମାନେ ବର୍ତ୍ତମାନ ନିଶ୍ଚିନ୍ତ ହୋଇ ସାମାଜିକ ଜଟିଳ ବିଷୟମାନ ମୀମାଂସା କରି ଆପଣାର ମଙ୍ଗଳ ଏବଂ ଉନ୍ନତିସାଧନ କରିପାରିବେ । ସମ୍ରାଟ ଏଡ଼ୱାର୍ଡ ଓ ରୁଷିଆର ସମ୍ରାଟ ଉଭୟେ ସନ୍ଧି ସ୍ଥାପନ କରିବା ବିଷୟରେ ଆପଣାର ଶକ୍ତି ଚଳାଇଥିଲେ ଏବଂ ରୁଷିଆର ସମ୍ରାଟ ବିଲାତପ୍ରତି ବନ୍ଧୁଭାବ ପୋଷଣ କରୁଥିବା ବିଷୟ ସେ ନିଜେ ଜାଣନ୍ତି । ଭାରତର ବହିଃସମ୍ବନ୍ଧରେ ଏ ନୀତି ଅଶେଷ କଲ୍ୟାଣକର । ଭାରତର ଆଭ୍ୟନ୍ତରିକ ଅବସ୍ଥାସମ୍ବନ୍ଧରେ କହିଲେ କି ସର ରବର୍ଟ ପିଲ୍ ତାଙ୍କ ପିତାମହ ଲର୍ଡହାର୍ଡିଞ୍ଜଙ୍କ ସମୀପକୁ ଯେଉଁ ପତ୍ର ଲେଖିଥିଲେ ଏବଂ ଭାରତୀୟ ନମ୍ର ସେକ୍ରେଟରୀ ଭାରତ କନେଷ୍ଟ ଆଗତ ହେବା ସମୟରେ ତାହାର ଉଲ୍ଲେଖ କରିଥିଲେ ତାହା ସେ ସର୍ବଦା ମନେ ରଖିଅଛନ୍ତି ଏବଂ ସର ରବର୍ଟ ପିଲ୍ ବର୍ତ୍ତମାନ ବଞ୍ଚିଥିଲେ ସେ ଅନୁରୂପ ଉପଦେଶ ଦେଇଥାନ୍ତେ ଯେ ଭାରତର ଲୋକମାନଙ୍କ ସହିତ ତହିଁର ଶାସନକାର୍ଯ୍ୟର ଅଧିକତର ସମ୍ବନ୍ଧ ସଂସ୍ଥାପନ ଏବଂ ସମସ୍ତ ଜାତି, ଶ୍ରେଣୀ ଏବଂ ସମ୍ପ୍ରଦାୟର ଲୋକମାନଙ୍କ ଶାନ୍ତ କରିବା ଉଦ୍ଦେଶ୍ୟରେ ଲର୍ଡ ମର୍ଲି ଏବଂ ଲର୍ଡ ମିଣ୍ଟୋ ମହୋଦୟମାନେ ଯେଉଁ ହିତକର ଦୂରଦର୍ଶୀ ସଂଶୋଧନ ନୀତି ଅବଲମ୍ବନ କରିଅଛନ୍ତି ତାହା ପ୍ରତ୍ୟେକ ନୂତନ ରାଜପ୍ରତିନିଧି ସାଧ୍ୟମତ ପର୍ଯ୍ୟବେକ୍ଷଣ ପୂର୍ବକ ଦୃଢ଼ୀଭୂତ କରିବା କର୍ତ୍ତବ୍ୟ । ଭାରତବାସି ପ୍ରଜାପୁଞ୍ଜଙ୍କ ପ୍ରତି ତାଙ୍କର ଯେଉଁ ପୂର୍ଣ୍ଣ ସହାନୁଭୂତି ଓ ଆସ୍ଥା ଅଛି ଏବଂ ସେମାନଙ୍କର ପାର୍ଥିବ-ଉନ୍ନତି ଏବଂ ନୈତିକ ମଙ୍ଗଳସନ୍ଧେ ତାଙ୍କର ଯେଉଁ ଐକାନ୍ତିକ ଆଗ୍ରହ ଅଛି ତଦ୍ଦ୍ୱାରା ବଳବାନ୍ ହୋଇ ସେ ସରଳଭାବରେ ସେହି ନୀତିର ଅନୁସରଣ କରିବେ । ସେ ଭାରତର ଶାସନକୁ ଶାନ୍ତି, ସୁନିୟମ ଏବଂ ନ୍ୟାୟପର ସହିତ ସାର୍ଥକ କରିବେ । ଭାରତର ସର୍ବଶ୍ରେଣୀର ଲୋକ ବିଶେଷତଃ ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ସହାୟତା ଉପରେ ସେ ନିର୍ଭର କରନ୍ତି ଏବଂ ସ୍ୱଚ୍ଛନ୍ଦରେ ସହାୟତା ମିଳିବାର ଆଶା କରନ୍ତି । ଭାରତଶାସନର ଦାୟିତ୍ୱ ସେ ବୁଝିଅଛନ୍ତି ଏବଂ ଆପଣାର ଗୁଣ ସୀମାବଦ୍ଧ ଥିବାର ଜାଣନ୍ତି । ସେ ବିଲାତଠାରୁ ଭାରତପର୍ଯ୍ୟନ୍ତ ସକଳଶ୍ରେଣୀର ଲୋକଙ୍କ ସହାୟତା ଓ ସହାନୁଭୂତି ପାଇବାର ବାଞ୍ଛା ଓ ଦାବି କରନ୍ତି ଏବଂ ବିଶ୍ୱାସ କରନ୍ତି ଯେ ତାଙ୍କର ଶାସନକାଳ ଶେଷ ହେଲେ ତହିଁରେ ଶାନ୍ତି, ସନ୍ତୋଷ ଏବଂ ପାର୍ଥିବ ଉନ୍ନତି ବିରାଜିତ ଥିବାର ଦେଖିପାରିବେ । ସର ରବର୍ଟ ପିଲ୍‌ଙ୍କ ପତ୍ରରେ ଭାରତଶାସନର ଆଦର୍ଶ ଲେଖାଥିଲା । ଯଥା—"If you can keep peace, extend commerce, reduce expenses, strengthen our hold

Digitized by srujanika@gmail.com

on India by confidence in our justice and kindness you will be received here on your return with acclaims a thousand times louder and a welcome infinitely more cordial than if you had a dozen victories to boast of" ଅର୍ଥାତ୍ ତୁମ୍ଭେ ଶାନ୍ତି ସ୍ଥାପନ, ବାଣିଜ୍ୟ ବିସ୍ତାର ବ୍ୟୟ ସଂକ୍ଷେପ ଏବଂ ଅମ୍ଭମାନଙ୍କର ନ୍ୟାୟ ବିଚାର ଏବଂ ଦୟାରେ ବିଶ୍ୱାସ ଜନ୍ମାଇ ଭାରତର ଅଧିକାର ଦୃଢ଼ୀଭୂତ କରିପାରିଲେ ଏଠାକୁ (ବିଲାତକୁ) ଫେରିଆସିବା ସମୟରେ ଗୋଟିଏ ଯୁଦ୍ଧରେ ଜୟ ଲାଭ କରି ଆସିବା ଅପେକ୍ଷା ସହସ୍ରଗୁଣ ଅଧିକ ପ୍ରଶଂସାବାଦ ଏବଂ ଅଶେଷ ଆନ୍ତରିକ ଅଭ୍ୟର୍ଥନା ପାଇବ । ଯେଉଁ ରାଜପ୍ରତିନିଧି ଏପରି ମତ ପୋଷଣ କରି ଆସୁଅଛନ୍ତି ତାଙ୍କ ଶାସନକାଳରେ ଯେ ଅମ୍ଭମାନଙ୍କ ଶାନ୍ତି ଏବଂ ଉନ୍ନତି ବିଘ୍ନଶୂନ୍ୟ ରହିବ ଏଥିରେ ତିଳମାତ୍ର ସନ୍ଦେହ ନାହିଁ । ଏପରି ଶାସନକର୍ତ୍ତାଙ୍କୁ ଭାରତର ଚିରପରିଚିତ ରାଜଭକ୍ତ ପ୍ରଜାପୁଞ୍ଜ ସହାୟ ହେବା କାରଣ ସ୍ୱତଃ ପ୍ରବୃତ୍ତ ହେବେ । ଈଶ୍ୱର କରନ୍ତୁ ନୂତନ ରାଜପ୍ରତିନିଧିଙ୍କ ମଧୁର ବାକ୍ୟ ସାର୍ଥକ ହେଉ ।

---

## ପର୍ତ୍ତୁଗାଲ ରାଷ୍ଟ୍ରବିପ୍ଳବ ।

ୟୁରୋପର ପଶ୍ଚିମ ପ୍ରାନ୍ତସ୍ଥ ପର୍ତ୍ତୁଗାଲ ରାଜ୍ୟ ପାଠକମାନଙ୍କଠାରେ ଅପରିଚିତ ନୁହେ । ବହୁ-ବାଣିଜ୍ୟ ପର୍ତ୍ତୁଗାଲ ରାଜ୍ୟକୁ ଧନ ଧାନ୍ୟରେ ଧନୀ କରିଅଛି ଏବଂ ସେଠାର ନାବିକମାନଙ୍କ କର୍ତ୍ତୃକ ପୂର୍ବକାଳରୁ ଭାରତାଦି ନାନାସ୍ଥାନରେ ଯେମନ୍ତ ବାଣିଜ୍ୟାଦି ଚଳୁଅଛି ସେମନ୍ତ ଅନ୍ଧ ଅନ୍ଧକାର ବହୁତ ମର୍ଦ୍ଦନ ରାଜ୍ୟାଦି ମଧ୍ୟ ଅଧିକୃତ ହୋଇଅଛି । ଦକ୍ଷିଣ ଆମେରିକାର ବ୍ରାଜିଲ ଦେଶରେ ଅଦ୍ୟାପି ପର୍ତ୍ତୁଗାଲର ପ୍ରାଚୀନ ଗୌରବ ଘୋଷିତ ହେଉଅଛି । ଉନ୍ନତିଶୀଳ ସମ୍ପ୍ରଦାୟ କର୍ତ୍ତୃକ ଗତମାସ ତା ୪ରିଖ ମଙ୍ଗଳବାର ଦିନ ସେଠା ରାଜାଙ୍କର ଶାସନ ଅବସାନ ହୋଇ ସାଧାରଣ ପ୍ରଜାତନ୍ତ୍ର ପରିଚାଳିତ ହୋଇଅଛି । ଇଂଲଣ୍ଡପରି ପର୍ତ୍ତୁଗାଲରେ ମଧ୍ୟ ଲୋକେ ଉନ୍ନତିଶୀଳ ଓ ରକ୍ଷଣଶୀଳ ଦୁଇ ରାଜନୈତିକ ଦଳରେ ବିଭକ୍ତ ଏବଂ ସେହି ଉଭୟ ଦଳରୁ ଲୋକ ବଛା ହୋଇ ପାର୍ଲିୟାମେଣ୍ଟ ସଂଗଠିତ ହୁଏ । ଫ୍ରାଙ୍କୋ ନାମରେ ଜଣେ ଉନ୍ନତିଶୀଳ ଦଳର ପ୍ରତିପତ୍ତିଶାଳୀ ଲୋକ ୧୯୦୧ ମସିହାରେ ସେହି ଦଳର ନାୟକ ପଦରେ ଅଭିଷିକ୍ତ ହୋଇ ୧୯୦୬ ମସିହାରେ ପ୍ରଧାନ ମନ୍ତ୍ରୀର ପଦ ଲାଭ କଲେ । ମାତ୍ର ପାର୍ଲିୟାମେଣ୍ଟର ଅଧିକାଂଶ ସଭ୍ୟ ତାଙ୍କର ବିରୋଧୀ ହେବାରୁ ଅଧିକାର ଲିପ୍ସୁ ଫ୍ରାଙ୍କୋ ପାର୍ଲିୟାମେଣ୍ଟ ଭାଙ୍ଗି ଦେଇ ରାଜାଙ୍କ ସହାୟତାରେ ଏକାକୀ ରାଜ୍ୟ ଶାସନ କଲେ । ପାର୍ଲିୟାମେଣ୍ଟ ପୁନର୍ଗଠିତ ନ ହେବାରୁ ଲୋକେ ଅସନ୍ତୁଷ୍ଟ ହେଲେ ଏବଂ ଉନ୍ନତିଶୀଳ ଦଳର ଲୋକେ ବିରକ୍ତ ହୋଇ ବଲଦେଲଙ୍କୁ ଆପଣା ନାୟକପଦରେ ବରଣ କଲେ । ସେ ପ୍ରକାଶ୍ୟଭାବେ କହିଥିଲେ ଯେ ଫ୍ରାଙ୍କୋର ଏକାଧିପତ୍ୟ ଦୂର ନ ହେଲେ ରାଷ୍ଟ୍ରବିପ୍ଳବ ଅଥବା ରକ୍ତପାତ ହେବ । ଲୋକେ ରାଜା ଓ ଫ୍ରାଙ୍କୋ ନିକଟରେ ପାର୍ଲିୟାମେଣ୍ଟ ସଂଗଠିତ କରିବା କାରଣ ପୁନଃପୁନ ଆବେଦନ କଲେ ମାତ୍ର ତାହା ଶୁଣା ନ ଯିବାରୁ ପରିଶେଷରେ ବୋମା ଓ ସମ୍ବାଦପତ୍ରରେ ଶାସନ କାର୍ଯ୍ୟର ତୀବ୍ର ସମାଲୋଚନା ଆରମ୍ଭ ହେଲା । ତେଣେ ଗବର୍ଣ୍ଣମେଣ୍ଟ କଠୋର ଶାସନ ଚଳାଇ ଅନେକ ସମ୍ବାଦପତ୍ର ବନ୍ଦ କରିଦେଲେ । ଲୋକେ ଉତ୍ତୋରୋତ୍ତର ବିରକ୍ତ ହୋଇ ସ୍ଥାନେ୨ ଦଙ୍ଗା ହଙ୍ଗାମା ମଚାଇଲେ । ୧୯୦୮ ମସିହା ଫିବ୍ରୁୟାରୀ ମାସ ପହିଲା ତାରିଖରେ ରାଜା କାର୍ଲୋ ଆପଣା ପତ୍ନୀ ଓ ପୁତ୍ର ସମଭିବ୍ୟାହାରେ ରାଜମାର୍ଗରେ ବଗିରେ ଯାଉଥିବା ସମୟରେ ଜଣେ ସୈନିକ ପୁରୁଷ ତାଙ୍କ ଆଡକୁ ବନ୍ଧୁକ ଦାଗିବାରୁ ରାଜା ଓ ଯୁବରାଜ ହତ ଏବଂ ରାଣୀ ଏମିଲି ଓ କନିଷ୍ଠ ରାଜକୁମାର ମାନୁଏଲ ଆହତ ହେଲେ। ରାଜାଙ୍କ ହତ୍ୟାପରେ ମାନୁଏଲ ରାଜପଦରେ ଅଭିଷିକ୍ତ ହେଲେ । ଫ୍ରାଙ୍କୋ ପ୍ରାଣଭୟରେ ଦେଶ ତ୍ୟାଗ କଲେ ଏବଂ ଉନ୍ନତିଶୀଳ ଓ ରକ୍ଷଣଶୀଳ ଉଭୟ ଦଳ ମିଳି ମନ୍ତ୍ରୀସଭା ଗଢ଼ିଲେ ଏବଂ ପାର୍ଲିୟାମେଣ୍ଟର ମେମ୍ବରମାନେ ପୁନର୍ନିର୍ବାଚିତ ହେଲେ । ମାତ୍ର ମନ୍ତ୍ରିମାନେ ନିଃସ୍ୱାର୍ଥଭାବେ ଦେଶ ସେବାରେ ନିରତ ନ ହୋଇ ଆପଣାର ସ୍ୱାର୍ଥସାଧନରେ ରହି ଦରିଦ୍ର ପ୍ରଜାଙ୍କର ଅର୍ଥ ହରଣ ଓ ଗବର୍ଣ୍ଣମେଣ୍ଟଙ୍କ ଟଙ୍କା ଆତ୍ମସାତ୍ କରିବାରେ ରହିଲେ । ପ୍ରଜାମାନେ ଏଥିରେ ବ୍ୟାକୁଳ ହେଲେ ଏବଂ ମନ୍ତ୍ରିମାନେ କର୍ମଚ୍ୟୁତ ଓ ସଙ୍ଗେ୨ ପାର୍ଲିୟାମେଣ୍ଟ ଭାଙ୍ଗି ଗଲା । ପ୍ରାୟ ଏକମାସ ହେବ ପାର୍ଲିୟାମେଣ୍ଟ ପୁନର୍ବାର ଗଠିତ ହୋଇଥିଲା ଏବଂ ତହିଁ ମଧ୍ୟରେ ପ୍ରଜାତନ୍ତ୍ର ମତାବଲମ୍ବୀ କେବଳ ୧୫ ଜଣ ମେମ୍ବର ଥିଲେ ମୁଦ୍ଧା ସେମାନଙ୍କର କ୍ଷମତା ବିସ୍ତର ଥିଲା ଓ ସେମାନେ ଭିତରେ୨ ନୌସେନା ଓ ସ୍ଥଳସେନାର ଅଧିକାଂଶକୁ ଆପଣାର ମତାବଲମ୍ବୀ କରି ଗତ ମାସ ତା ୨ରିଖରେ ଗୁପ୍ତସଭାରେ ତା ୪ରିଖ ମଙ୍ଗଳବାର ଦିନ ରାଷ୍ଟ୍ରବିପ୍ଳବ କରିବାର ସ୍ଥିର କଲେ । ମଙ୍ଗଳବାର ରାତ୍ରରେ ବ୍ରାଜିଲର ନୂତନ ସଭାପତିଙ୍କ ସମ୍ମାନାର୍ଥ ରାଜପ୍ରାସାଦରେ ମହାସମାରୋହରେ ଭୋଜି ହୋଇଥିଲା । ଭୋଜି ଅଧିକାଂଶ ଆମନ୍ତ୍ରିତ ବ୍ୟକ୍ତି ଯାଇଅଛନ୍ତି ଏବଂ ଦୀପ ସବୁ ନି… ଏମନ୍ତ କାଳରେ ରାତ୍ରି ଦେଢ଼ଟାରୁ ଗୋଟି ୨୧ ଟି ତୋପ ସେହି ସଙ୍କେତ ପାଇ ପ୍ରଜାତନ୍ତ୍ର ଅସ୍ତ୍ର ଶସ୍ତ୍ର ଘେନି ବାହାରିଲେ । ରାଜତନ୍ତ୍ର ଦଳର ଲୋକଙ୍କ ମଧ୍ୟ… ବୋମା ଉପରେ ପୁଲିସ ପଡ଼ା… ଯୁଦ୍ଧ ଜାହାଜର କପ୍ତାନ ପ୍ରଜାତ… ରାଜପ୍ରାସାଦ ଉପରେ ତୋପ ମା… କାରମାନେ ବୈଦ୍ୟୁତିକ ଆ… ବାର୍ତ୍ତାର ତାର କାଟି ଦେବାରୁ ଓ କୌଣସିଠାରୁ ସମ୍ବାଦ ନାଇ ବିପ୍ଳବକାରମାନେ ନଗର ମଧ୍ୟସ୍ଥ ଅଧିକାର କରି ତୋପ ଦାଗିଲେ । …ମାନେ ସର୍ବସୈନ୍ୟ ଯୁଦ୍ଧରେ … ମାତ୍ର ସମୁଦ୍ର ତରଙ୍ଗ ପ୍ରାୟ ଧ୍ୱଂ… ମାଡ଼ି ଆସିବାରୁ ନିରସ୍ତ୍ର ହୋଇ ଗତି ରାଜା ମାନୁଏଲଙ୍କ … ବିଶ୍ୱସ୍ତ ଭୃତ୍ୟ ରାଜାଙ୍କୁ ଗୋପନ ଘେନି ପଳାଇଯାଇ ଏକ ନ… ଇଲେ । ସ ୩୧ ଖା ଯୁଦ୍ଧ ଲୋକତନ୍ତ୍ରଙ୍କ ପ୍ରାସାଦ ମଧ୍ୟରେ ପ୍ର… ରାଜାଙ୍କୁ ଖୋଜି ନ ପାଇ ପ୍ରାସାଦୋପରି ମାନ ରାଜପତାକା ପରିବର୍ତ୍ତେ ପ୍ର… ପତାକା ଉଡ଼ାଇଲେ ଏବଂ ଯୁଦ୍ଧର ବିଷୟ ଲୋକସାଧାରଣଙ୍କୁ ଲକ୍ଷ୨ କଣ୍ଠରୁ … ଜୟଧ୍ୱନି ଉତ୍ଥିତ ହୋଇ ଆକାଶ … ସେହିଦ୍ୱାରା ବର୍ତ୍ତମାନ ପ୍ରଜାତନ୍ତ୍ରର ପଦରେ ପ୍ରତିଷ୍ଠିତ ହୋଇ ସାମ୍ୟଭାବ କରୁଅଛନ୍ତି । ରାଜା ମାନୁଏଲଙ୍କ ବୟସ ମାତ୍ର ୨୧ ବର୍ଷ । ସେ ଆପଣାର ପତ୍ନୀ ଓ ପୁତ୍ର ସହିତ ସାଧାରଣ ଲୋକ ବ୍ରିଟିସିଂହଙ୍କ ଆଶ୍ରୟ ଉଦ୍ଦେଶ୍ୟରେ ଜିବ୍ରାଲ୍ଟର ପଳାୟନ କଲେ । ପର୍ତ୍ତୁଗାଲର ପ୍ରଜାଶାସନ ସମସ୍ତ ରାଜ୍ୟକୁ ଜଣାଇ ଦିଆଯାଇ ଇଟାଲି, ସ୍ପେନ, ଫ୍ରାନ୍ସ ପ୍ରଭୃତିରେ ଦୂତ ନିଯୁକ୍ତ ହୋଇଅଛନ୍ତି ଏବଂ ଭାରତବର୍ଷର ଗୋଆଠାରେ ନୂତନ ଗବର୍ଣ୍ଣମେଣ୍ଟର ଘୋଷଣା ପ୍ରଚାରିତ ହୋଇଅଛି । ରାଜା ମାନୁଏଲ ଆପଣାର ପତ୍ନୀ ଓ ପୁତ୍ରଙ୍କୁ ଇଟାଲୀକୁ ପଠାଇ ଦେଇ ମାତା ସହିତ ବିଲାତ ଯାଇଅଛନ୍ତି ଏବଂ ପୁନର୍ବାର ସିଂହାସନ ତ୍ୟାଗକର ନ ଥିବା ବିଷୟ ସଭାପତିଙ୍କି ଜଣାଇ ଅଛନ୍ତି ।

---

ବନ୍ଦୋବସ୍ତର ଖଡ଼ିଯାନ ।

ଦୋବସ୍ତର ଖଡ଼ିଯାନକାଗଜ ଓ ମିଦାରମାନଙ୍କ ଶୁଭମାସ ପରେ ଅମ୍ଭେମାନେ ଯେଉଁ ପ୍ରବନ୍ଧ ତା ୧୭ ରଖର ସଂଖ୍ୟାରେ ତତ୍ସମ୍ବନ୍ଧେ ବନ୍ଦୋବସ୍ତ ଅଫିସ ମେଣ୍ଟ ଅଫିସର ବାବୁ ଉପେନ୍ଦ୍ର-ର ପତ୍ର ନିମ୍ନରେ ପ୍ରକାଶ କର-ର ଉତ୍ତର ପ୍ରଦାନପୂର୍ବକ ସର୍ବ ରେ ଶାନ୍ତ ସ୍ଥାପନର ସଦିଚ୍ଛା ଙ୍କର କାରଣ ଅନ୍ତରକ ଧନ୍ୟ-ଉଅଛୁଁ । ପତ୍ରଟି ଯଥା:—

ତ ସେପ୍ଟେମ୍ବରମାସ ତା ୧୭ ରଖ କାଶିତ "ପରଗଣାବନ୍ଦୋବସ୍ତର ର୍ଜ୍ଜନ ପ୍ରବନ୍ଧ ସମ୍ବନ୍ଧେ ମାନ୍ୟବର ଅଫିସରଙ୍କ ଆଦେଶମତେ ନିମ୍ନ-, ଅପଣଙ୍କ ପତ୍ରିକାରେ ପ୍ରକାଶ ରବା ହେବେ ।

ନାସ୍ତର ବଙ୍ଗଦେଶୀୟ ଅଭଧାନଯାଉ ମଣ୍ଡ ନିୟମାବଳୀର ଷଷ୍ଠଅଧ୍ୟାୟ-ମାରେ ଖଡ଼ିଯାନ ଚୂଡ଼ାନ୍ତ publication ) ନୋଟିସ ପୂର୍ବରୁ ଜମିଦାରମାନଙ୍କୁ ବଣ୍ଟନ ାନ୍ତେ ଖଡ଼ିଯାନ ଓ ଖେଓ୍ୟାଟ ସଦର ର ପ୍ରସ୍ତୁତ ହୋଇ ରଖା ଯାଇଥାଏ । ଉକ୍ତ ର ଏକଅଂଶ ନିମ୍ନରେ ଉଦ୍ଧୃତ ହେଉଅଛି ।-ର ଓ ମାଲିକ ମଧ୍ୟସତ୍ତ୍ୱାଧିକାରୀଙ୍କ ଯାନ ଓ ଖେଓ୍ୟାଟ ପ୍ରସ୍ତୁତ ହୋଇ ସରେ ରଖା ଯାଇଅଛି । ସେମାନେ । ଷମତାପ୍ରାପ୍ତ କର୍ମଚାରୀଙ୍କଦ୍ୱାରା ସଦର ଦନ୍ତା ଶର୍ତ୍ତରେ ପ୍ରାପ୍ତ ହେବେ"

ନୋଟିସରୁ ଅବଗତ ହୋଇ ଅନେକ ମାନେ ଯଥାସମୟରେ ସଦରଅଫିସରୁ ସେମାନଙ୍କର ଖଡ଼ିଯାନ ଓ ଖେଓ୍ୟାଟ ନେଉ-। ମୌଜାରେ ନୋଟିସ ଜାରି ହେଲା ଉତ୍ତାରେ ଯେବେ ଜମିଦାର କିମ୍ବା ମଧ୍ୟସତ୍ତ୍ୱାଧି-କାରମାନେ ସେମାନଙ୍କ ନିମନ୍ତେ ପ୍ରସ୍ତୁତ ଥିବା ଖଡ଼ିଯାନ ଓ ଖେଓ୍ୟାଟ ସଦର ଅଫିସରୁ ନ ନଅନ୍ତି ତେବେ ତାହା ସେମାନଙ୍କର ନିଜର ଦୋଷ ଛଡ଼ା ଅଉ କିଛି ନୁହେ । ଯେଉଁ ଜମି-ଦାରମାନେ ଚୂଡ଼ାନ୍ତ ପ୍ରଚାର ( Final publi cation ) ର ନୋଟିସ ଜାରି ଉତ୍ତାରେ ସଦର ଅଫିସରୁ ଖଡ଼ିଯାନ ଓ ଖେଓ୍ୟାଟ ନ ନଅନ୍ତି ସେ-ମାନଙ୍କୁ ନୋଟିସ ପାଇବା ତାରଖରୁ ୧୨ ଦିନ ମଧ୍ୟରେ ସଦରଅଫିସରୁ ଖଡ଼ିଯାନ ଓ ଖେଓ୍ୟାଟ ନେବା ନିମନ୍ତେ ପୋଷ୍ଟକାର୍ଡ ନୋଟିସଦ୍ୱାରା ପୁନ-ର୍ବାର ଜଣାଇ ଦିଆଯାଏ ।

ପରଗଣାବନ୍ଦୋବସ୍ତର ଖଡ଼ିଯାନ ଯେଉଁ କାଗଜରେ କଣ୍ଟିନ କରା ଯାଉଅଛି ତାହା ଗତ ବନ୍ଦୋବସ୍ତର ଖଡ଼ିଯାନକାଗଜ ଅପେକ୍ଷା ଉତ୍କୃଷ୍ଟ ଅଟେ ।

ଅପଣଙ୍କର

ଶ୍ରୀ ଉପେନ୍ଦ୍ରନାଥ ମହାନ୍ତି
ଅଃ ସେଃ ଅଫିସର
କଟକ ସଦର ସେଟଲମେଣ୍ଟ ଅଫିସ

ଏଥିରେ ଲେଖାଅଛି ଯେ ଖଡ଼ିଯାନ ଚୂଡ଼ାନ୍ତ ପ୍ରଚାରର ( Final publication ) ନୋଟିସ ଜାରି ହେବା ପୂର୍ବରୁ ଜମିଦାରମାନଙ୍କୁ ବଣ୍ଟନ ହେବା ନିମନ୍ତେ ଖଡ଼ିଯାନ ଓ ଖେଓ୍ୟାଟ ପ୍ରସ୍ତୁତ ହୋଇ ରଖା ଯାଇଥାଏ ।ଏବଂ ଉକ୍ତ ନୋଟିସର ଏକଅଂଶରେ ଜମିଦାର ଓ ମଧ୍ୟସତ୍ତ୍ୱାଧିକାରଙ୍କ ଖେଓ୍ୟାଟ ଓ ଖଡ଼ିଯାନ ସଦରଅଫିସରେ ରଖା-ଯାଇ ସେଠାରୁ ସେମାନେ ନିଜେ କିମ୍ବା ଷମତା-ପ୍ରାପ୍ତ କର୍ମଚାରୀଙ୍କଦ୍ୱାରା ଦନ୍ତା ଶର୍ତ୍ତରେ ପ୍ରାପ୍ତ ହେ-ବାର ଲେଖା ଯାଇଥାଏ । ମାତ୍ର ଅମ୍ଭେମାନେ ମୋଫସଲରେ ଜାରି ହୋଇଥିବା ନୋଟିସରେ ଏପର ଲେଖାଥିବାର ଦେଖି ନାହୁଁ ଏବଂ ଗବର୍ଣ-ମେଣ୍ଟ ନିୟମାବଳୀର ୭୯ ପ୍ର... ର ଚୂଡ଼ାନ୍ତ ଜାରି (Final publication) ସମ୍ବାଦେ ଯେଉଁ ନ ୧୭ ନ୍ଦ୍ରର ଫାରମରେ ନୋଟିସ ଦିଆଯିବାର ଲେଖା ଅଛି ସେ ଫାରମରେ ଯେପର କିଛି ନାହିଁ ଏମନ୍ତସ୍ଥଳେ କେଉଁ ବିଧି ଅନୁଯାୟୀ ଜମିଦାର ଓ ମଧ୍ୟସତ୍ତ୍ୱାଧିକାରଙ୍କ ଖେଓ୍ୟାଟ ଖଡ଼ିଯାନ ସଦରଅଫି-ସରେ ରଖାଯାଇ ସେଠାରୁ ନେବାର ନୋଟିସରେ ଲେଖାଗଲା ଅମ୍ଭେମାନେ ବୁଝିପାରୁ ନାହୁଁ ଏବଂ ତାହା ଅଉନସଙ୍ଗତ ନ ଥିବାରୁ ଜମିଦାର ବା ମଧ୍ୟସତ୍ତ୍ୱାଧିକାରୀମାନେ ବାଧ୍ୟ ହୋଇ ନ ପାରନ୍ତି । ଉକ୍ତ ନିୟମାବଳୀର ୮୧ ପ୍ରକରଣରେ ଜମିଦାର ଓ ମଧ୍ୟସତ୍ତ୍ୱାଧିକାରୀମାନଙ୍କୁ ଖେଓ୍ୟାଟ ଖଡ଼ିଯାନର ନକଲ କିପରି ଶର୍ତ୍ତରେ ଦିଆଯିବା ବିଷୟ ଅଗେ ଲେଖାଯାଇ ପରେ ପ୍ରତ୍ୟେକ ପ୍ରଜାଙ୍କୁ ଦେବାର ଲେଖାଯାଇଅଛି ମାତ୍ର କେଉଁଠାରେ ଦିଆଯିବ ତାହା ଲେଖା ନାହିଁ । ପ୍ରଜାଙ୍କୁ ନକଲ ଯେପରେ ବେଳେ ସରଜମିନରେ ଦିଆଯାଉଅଛି ଜମିଦାର ଓ ମଧ୍ୟସ୍ୱତ୍ତ୍ୱାଧିକାରଙ୍କୁ ମଧ୍ୟ ସେହିଠାରେ ଦେବା ସୁବଧାଜନକ । ଯେ ନୋଟିସ ଦେଖି ଉପସ୍ଥିତ ହୋଇ ନ ନେବେ ତାଙ୍କର ଗୁହାରି ଅଗ୍ରାହ୍ୟ । ଅମ୍ଭେମାନେ ଜାଣୁ ଯେ ସଦର କଚେରରୁ ଖେଓ୍ୟାଟ ଖଡ଼ିଯାନ ନେବା ଅତ୍ୟନ୍ତ ଅସୁବିଧା-ଜନକ ଏବଂ ଲୋକେ ସେଥି ସକାଶେ ସଦର କଚେରରୁ ଉମେଦ୍ୱାରଙ୍କର ଦଉଡ ଖୋସାମଦ କର ପାଇବା କଷ୍ଟ । ଜମିଦାର ବା ମଧ୍ୟସ୍ୱତ୍ତ୍ୱା-ଧିକାରମାନେ ନୋଟିସ ନ ମାନିଲେ ଦୋଷ ତାଙ୍କର ମାତ୍ର ନୋଟିଶଟି ଆଇନସଙ୍ଗତ ହେବ ଉଚିତ । ଏପର କାଗଜ ସମ୍ବନ୍ଧରେ ଅମ୍ଭେମାନେ ସାଧାରଣ ମତ ପ୍ରକାଶ କରଥିଲୁଁ । ପୂର୍ବ ହାଲ-ଦିଆ ବାଲିକାଗଜ ଅପେକ୍ଷା ବର୍ତ୍ତମାନ ଧଳା-କାଗଜ ଟିକିଏ ମୋଟା ହୋଇ ଲାଗୁଥିବା ଓ ଭଲ ଦିଶୁଥିଲେ ସୁଦ୍ଧା ବ୍ୟବହାରରେ ଶୀଘ୍ର ଚିର ଯାଉଅଛି । ବର୍ତ୍ତମାନ ଫାରମ ଇତ୍ୟାଦି ଛପା ନ ସରିବାଯାଏ କାଗଜ ବଦଳାଇବା ଅବଶ୍ୟ ସହଜ ନୁହେ ମାତ୍ର ଖେଓ୍ୟାଟ ଓ ଖଡ଼ିଯାନ ଭବିଷ୍ୟତରେ ବିଶେଷ ଟେକସଇ କାଗଜରେ ଛପା ହେଲେ ଏବଂ ତହିଁର ନକଲ ଜମିଦାର ଓ ମଧ୍ୟସ୍ୱତ୍ତ୍ୱା-ଧିକାରମାନଙ୍କୁ ଦେବା ବିଷୟ ବନ୍ଦୋବସ୍ତ କର୍ମ-ଚାରୀ ମହୋଦୟ ସୁବିବେଚନା ପୂର୍ବକ ସରଜମି-ନରେ ଦେବାର ନିୟମ କଲେ ସମସ୍ତଙ୍କର ସନ୍ତୋଷଜନକ ହେବ ।

———

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

ଉଦୋଗର ମାଃ ଓ ଡ଼େପୁଟିର ମିଃ ସୂର୍ଯ୍ୟକୁମାର ସଗଡ଼ି ଡାକ୍ତର ମାଃ ଓ ଡ଼େପୁଟିର ହେଲେ ।

ମୌଲବୀ ମହମ୍ମଦ ସବୂର ଅହାଉ ବି, ଏ, ତିଲାଜଙ୍ଗ ଡେପୁଟିର ନିଯୁକ୍ତ ହୋଇ ବଡ଼ିଆ ଜିଲ୍ଲାର ସଦର ମହକୁମାରେ ସବସ୍ଥା ପିତ ହେଲେ ।

ଡ଼କଲରର ଡ଼, ଏବଶହିନି ଧାଃଦ୍ୱବ ହାତେଲସର ସ୍ୱରନ ସୁପରଇଣ୍ଟେଣ୍ଡ ହେଲେ ।

ଏସ୍, ଏନ୍, ଓଁଯାବର ସାହେବ ସ୍ୱର୍ଣ ସୁପର ସୁପରନ ଟେଣ୍ଡେଣ୍ଟ ହେଲେ ।

ସନ ୧୯୧୦ ସେପ୍ଟେମ୍ବରରେ ଧାର୍ଯ୍ୟ ହୋଇଥିବା ଚେଉନ୍ଦ୍ରଏଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସନ୍ତ୍ରି ବଟନ— ସମତନ୍ତ ମହାନ୍ତି । ବାଲେଶ୍ୱର—ସବୁଲଚନ୍ଦ୍ର ଦେ ଓ ଗୋବିନ୍ଦଚନ୍ଦ୍ର, ଦେବ ।

ବଟକ ସବ୍ ଡେ ଲେକ୍ଟର ବାବୁ ହରାନନ୍ଦ ଚାରସର ବଟକ ସ୍ୱର ଓ ବାଲେଶ୍ୱର ଜେଲ ସଡ଼ିତାଙ୍କ ସେକେଣ୍ଡଲେଣ୍ଟ ପଦିବର ଯୁକ୍ତ ହେବାର ଆଦେଶ ରହିତ ହେଲା ।

ବଟକର ସବ ଡେଃ କଲେକ୍ଟର ବାବୁ ମୋହନମୋହନ ସେନାପତି ବଟକ, ସ୍ୱର ଓ ବାଲେଶ୍ୱର ଜେଲର ସଡ଼ିତାଙ୍କ ସେକେଣ୍ଡଲେଣ୍ଟ ପଦିବର ହେଲେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ମାନନୀୟ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

## ପଦକ ପୁରସ୍କାର

ମୋହର କନ୍ୟା "ଶ୍ରୀମତୀ କୃଷ୍ଣପ୍ରିୟା" ଙ୍କ ନାମାନୁଯାୟୀ ଗୋଟିଏ "କୃଷ୍ଣପ୍ରିୟା ପଦକ" ଉତ୍କଳର ବାଳିକା ମାନଙ୍କ ମଧ୍ୟରୁ ଜଣଙ୍କୁ ବାର୍ଷିକ ପୁରସ୍କାର ଦେବାକୁ ମନସ୍ଥ କରିଅଛି । ଯେଉଁ ମାନେ ପୁରସ୍କାର ପାଇବାକୁ ଇଚ୍ଛା କରନ୍ତି ସେମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ବାଚିତ ପ୍ରବନ୍ଧ ନିଜେ ୨ ଲେଖି ନିମ୍ନ ଠିକଣାରେ ପଠାଇବେ । ଯାହାଙ୍କର ପ୍ରବନ୍ଧ ସର୍ବୋତ୍କୃଷ୍ଟ ବୋଲି ବିବେଚିତ ହେବ ସେ ଉକ୍ତ ପୁରସ୍କାରର ଅଧିକାରିଣୀ ହେବେ । ଚଳିତ ବର୍ଷ "ମାତା" ସମ୍ବନ୍ଧରେ ପ୍ରବନ୍ଧ ଲେଖିବାର ନିର୍ଣ୍ଣିତ ହୋଇଅଛି । ଯେଉଁମାନେ ପ୍ରବନ୍ଧ ପ୍ରେରଣ କରିବାକୁ ଇଚ୍ଛା କରନ୍ତି ସେମାନେ ଡିସେମ୍ବର ମାସ ଶେଷ ପୂର୍ବା ପଠାଇ ପାରିବେ ।

ଶ୍ରୀ ଲକ୍ଷ୍ମୀ ପ୍ରସାଦ ନାରାୟଣ ବସୁ

ବାଲେଶ୍ୱର ୨୮।୧୦।୧୦ } ପୋ: ଅ: ମୋଟଗଞ୍ଜ ବଜାର ବାଲେଶ୍ୱର ।

---

### ନିଲାମୀ ଇସ୍ତିହାର ।

ନଂ ୩୨୨

ପାସିଙ୍କୁ ସାହାଣୀ । ସା । କୁଳିଆଳ । ପ୍ର । ଲହାଖଣ୍ଡ ଡି:

ବନାମ

ଉଦ୍ଧବ ପଧାନ । ସା । କୁଆଶାସନ । ପ୍ର । ଅସୁରେଶ୍ୱର ଦେ:

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୮୦/୬ ଅଦାୟ ସକାଶେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ନଭେମ୍ବର ମାସ ତା ୧୭ ରଖ । ମୁ । ସନ ୧୩୧୮ ସାଲ କାର୍ତ୍ତିକ ମାସ ଦି ୩୦ ନ ମଙ୍ଗଳବାର ଦିବା ଘ ୧୨ ଣ୍ଟା ସମୟରେ ନିଲାମ ହେବ ।

ଜିଲ୍ଲା କଟକ କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଓ ସବ୍‌ରେଜେଷ୍ଟ୍ରୀର ଓ କେନ୍ଦ୍ରାପଡ଼ା ପୁଲିଶ ଷ୍ଟେସନ ଇଲାକାର । ପ୍ର । ଅସୁରେଶ୍ୱର ନ ୧୦୬୨ ମ୍ବର ତଉଜିଭୁକ୍ତ । ତା । କୃଷ୍ଣପୁର । ମୌ । କୁଆଶାସନ ର ଥିବା ପ୍ରତିବାଦୀ ନାମର ବନ୍ଦୋବସ୍ତି ନ ୫୨ ମର ସିକ୍ତିଲ ଖତିଆନ । ବା । ସ୍ଥିତିବାନ୍ ଥାନ୍ତି ଏ ୪-୬୫ ଡେସିମିଲ ଜମିରୁ ଅଦାୟ ଜମା ଟ ୧୬।୫ ଅଟେ । ତହିଁ ମଧ୍ୟରୁ ଏ ୦-୮୧ ଡେସିମିଲ ଥାଇ ଜମି ତହିଁର ମୋଟ ଜମା ଟ ୧।୯୩ ଅଟେ ଉକ୍ତ ଏ ୦-୮୧ ଡେସିମିଲ ଜମି ଅବଶ୍ୟ ପଛ ନିଲାମ ହେବ ମୂଲ୍ୟ ଟ ୪୦ ଙ୍କା ଅଟେ ।

---

# ବିଜ୍ଞାପନ ।

ଅତ୍ୟାଶ୍ଚର୍ଯ୍ୟ ମ୍ୟାଜିକ ଲଣ୍ଠନ ।




ଏହା ବାଳେ ଲୋକଠକାଣ ମ୍ୟାଜିକଲଣ୍ଠନ ନୁହେ ଏକମାତ୍ର ଆମଦାନୀ କରିଅଛୁଁ ।

ମ୍ୟାଜିକ ଲଣ୍ଠନ ଅତ୍ୟାଶ୍ଚର୍ଯ୍ୟ ଯନ୍ତ୍ର । ଏହି ଲଣ୍ଠନଦ୍ୱାରା ନାନାପ୍ରକାର ଚମତ୍କାର ଦୃଶ୍ୟ ନାନା ଦେଶର ଅଦ୍ଭୁତ ଅଦ୍ଭୁତ ମନୁଷ୍ୟ ଷଣ୍ଢ, ବ୍ୟାଘ୍ର, ବନ, ଜଙ୍ଗଲ, ପର୍ବତ, ନଦୀ ପ୍ରଭୃତି ସମୁଦ୍ର ଓ ସମୁଦ୍ର ସ୍ଥିତ ପ୍ରକାଣ୍ଡ ଯାହାଜ ସେହି ସକଳ ଯାହାଜ ଝଡ଼ରେ ପଡ଼ି ଉତ୍ତାଳିତ ଅନ୍ଦୋଳିତ ହେଉଅଛି ଇତ୍ୟାଦି ସ୍ପଷ୍ଟ ଦେଖାଯାଏ । ସମୁଦ୍ର ଭିତରୁ ପ୍ରକାଣ୍ଡ ଦେହ ଗୋଟିଏ ଷ୍ଟିମରକୁ ନେଇ ଉଠୁଅଛି ଏବଂ ନାନାପ୍ରକାର ଫୁଲ ଇତ୍ୟାଦି ସୁନ୍ଦରରୂପେ ଦେଖାଯାଏ । ଏହି ମ୍ୟାଜିକ ଲଣ୍ଠନଦ୍ୱାରା ବାଜି ଦେଖାଇ ବେଶ ଉପାର୍ଜ୍ଜନ କରାଯାଏ । ମୂଲ୍ୟ ୧ ନଂ ଛୋଟ ସାଇଜ ଟ ୧୧, ମାସୁଲ ଟ ୧।୦ ୧୨ଖଣ୍ଡ ଛବି ୪୮ ପ୍ରକାର ଛବିସହିତ । ମୂଲ୍ୟ ୨ ନଂ ମଝିଲା ସାଇଜ ଟ ୨୧, ମାସୁଲ ଟ ୧, ୧୨ ଖଣ୍ଡ ଛବି ୪୮ ପ୍ରକାର ଛବି ସହିତ । ୩ ନଂ ବଡ଼ ସାଇଜ ଟ ୩୫ ମାସୁଲ ଟ ୧/ ୧୨ ଖଣ୍ଡ ଛବି ସହିତ ।

---

### ବନାପାସରେ ମେଜିକ ବନ୍ଧୁକ ବ୍ୟବହାର କରନ୍ତୁ ।



ଆମ୍ଭେମାନେ ଏହି ମେଜିକ ବନ୍ଧୁକ ନୂଆ ଆମଦାନୀ କରିଅଛୁଁ, ଏହା ଲୋକଙ୍କ ଠକାଇବାର ବା ପିଲାମାନଙ୍କର ଖେଳିବାର ବନ୍ଧୁକ ନୁହେ ଏଥିରେ କାର୍ତ୍ତୁଜ ଦେଇ ହିଂସ୍ର ଜନ୍ତୁ ଯଥା ବାଘ ଚିତା ପକ୍ଷୀ ମାଛ ଇତ୍ୟାଦି ନାନାପ୍ରକାର ଜନ୍ତୁ ଶିକାର କରାଯାଏ । ଏହା ୫୦୦ ଶତ ଫୁଟ ଦୂରରେ ଚଳିବେ । ପ୍ରତ୍ୟେକର ମୂଲ୍ୟ ଟ ୩୫ ପ୍ୟାକିଂ ଡାକମାସୁଲ ଓ ଭି:, ପି, ଟ ୧୧

---

ଡବଲ ୪ ଟଙ୍କାରେ ଜେଣ୍ଟଲମେନ ଓ୍ୱାଚ



ଏହି ଘଡ଼ି ଦେଖିବାକୁ ଅତି ସୁନ୍ଦର, ସୋଲିଡ଼, ଷ୍ଟ୍ରଙ୍ଗ, ଟିକାଉ, ସେକେଣ୍ଡ କଣ୍ଟା-ଯୁକ୍ତ, ଏନାମେଲ, ଦୀର୍ଘକାଳ ସ୍ଥାୟୀ, ଠିକ ସମୟ ରକ୍ଷକ; ଥରେ ଦମ ଦେଲେ ୩୬ ଘଣ୍ଟା ଚଳେ, ୩ ବର୍ଷ ସହାଁଷ ଗେରେଣ୍ଟି, ଜେନେରଲ ଚେଞ୍ଜ, ଚେନ ଓ ଲକେଟ ସହ ମୂଲ୍ୟ ଟ ୪୧ ଙ୍କା ମାତ୍ର ଡାକମାସୁଲ ଟ ୦।୵ ମାତ୍ର ।

ମଦପାନ ଛାଡ଼ିବାର ଫଳ ।

ଅତି ଅଳ୍ପ ସମୟରେ ଓ ୫ ମିନଟ ମଧ୍ୟରେ ଏହି ଔଷଧଦ୍ୱାରା ଦୁର୍ଗନ୍ଧ ମଦାପାନ ବାହାରେ । ଏହାକୁ ଧରିବାର ଗୋଟିଏ ବେଶ୍ରେଳ ଅଛି ତାଙ୍କ ଦୁଧରେ ପକାଇ ଦେଲେଖ ପିଇଲେ ପ୍ରବଳ ବେଗରେ ବଳ ଫୁଟେ ଓ ଦୁର୍ଗନ୍ଧ ସବୁ ମଦପାନ ବାହାରେ । ମୂଲ୍ୟ ଟ ୧। ଓ ମାସୁଲ ଟ ୦। ମାତ୍ର । ଯଦି କେହି ୩ ଗୋଟି ଦ୍ରବ୍ୟ ଏକତ୍ରରେ କ୍ରୟ କରନ୍ତି ତାହାହେଲେ ସେ ମଦାର ବାଲ ମୋଡ଼ା ବସାଇବାର ଗୋଟିଏ ଯନ୍ତ୍ର ବିନା ମୂଲ୍ୟରେ ଉପହାର ପାଇବେ ।

Address ;—
S. C. Gupta & Co.
General Order Suppliers
2-I Shambazar Street
P. O. Bagbzar Calcutta

---

NOTICE is hereby given to the public that Babu Tarini Charan Sur has no connection with the firms of Messrs. Sur Brothers and the said firm will not recognise or be bound by any act done by or with the said Babu Tarini Charan Sur.

SUR BROTHERS.
39, College Street
22-10-10 Calcutta.

---

## NOTICE,

Beautiful and showy horses for sale in the Dhenkanal Raj Stable as H. H. wants to dispose them of, to make room for new ones.

1. Asvini Kumar—black and white, Pure Burma guelding, very fast, sound, quite and showy, excellent Kadambaj in harness and saddle, won several races. Price Rs 600.

2. Darjeeling—a black guelding about 14 hands C. B., an excellent polo-pony, sound and showy trotter, winner in Darjeeling. Rs. 450

3 Badul—iron grey entire, 14 hands C. B, sound and fast trotter and a winner. Price Rs. 300

4. Several other horses ranging from Rs. 150 to Rs. 200.

*N. B.*—The first two were H. H's own riding horses. They are being *disposed of on account of opacity of* Cornea in one eye. The horses are open to any trial.

Apply for full particulars to the Veterinary Surgeon Dhenkanal.
(Orissa).

Digitized by srujanika@gmail.com

Split by PDF Splitter



# NOTICE.

Wanted a 2nd master for the Santrapur M. E. School on a salary of Rs 10 per mensem. Application to be received by the undersigned up to the 30th instant. None need apply who has not passed the M. E. examination and has no experence in teaching in new scheme.

Cuttack
10-11 12

Binodlal Bosu
(Secy. of the School)
Kathgada Sahi
Cuttack

## NOTICE.

Beautiful and showy horses for sale in the Dhenkanal Raj Stable as H. H. wants to dispose them of, to make room for new ones.

1. Asvini Kumar—black and white, Pure Burma guelding, very fast, sound, quite and showy, excellent Kadambaj in harness and saddle, won several races. Price Rs 600.

2. Darjeeling—a black guelding about 14 hands C. B., an excellent polo-pony, sound and showy trotter, winner in Darjeeling. Rs. 450

3 Badul—iron grey entire, 14 hands C. B , sound and fast trotter and a winner. Price Rs. 300

4. Several other horses ranging from Rs 150 to Rs. 200.

*N. B.*—The first two were H. H's own riding horses. They are being disposed of on account of opacity of Cornea in one eye. The horses are open to any trial.

Apply for full particulars to the Veterinary Surgeon Dhenkanal.
(Orissa).

# ଜଗମୋହନ ।

ଭକ୍ତକବି ଦୀନକୃଷ୍ଣ ଦାସଙ୍କର ସୁପ୍ରସିଦ୍ଧ ଗ୍ରନ୍ଥ । ଏ ଗ୍ରନ୍ଥରେ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରାର ବିସ୍ତାରିତ ବିବରଣ ଅତିପ୍ରାଞ୍ଜଳ, ଓ ସୁମଧୁର, ନାନାପ୍ରକାର ରାଗିଣୀ ଯୁକ୍ତ, ବିବିଧ ଛନ୍ଦବନ୍ଧରେ ରଚିତ । ଉତ୍କଳ ସାହିତ୍ୟ କ୍ଷେତ୍ରରେ ଭକ୍ତକବି ଦୀନକୃଷ୍ଣ ଦାସ ସୁପରିଚିତ । ଏହାଙ୍କର ସୁଲଳିତକାବ୍ୟ ଗୁଡ଼ିକ ଯେପରି ସୁରୁଚି ସମ୍ପନ୍ନ ସେହିପରି ଆବାଳ ବୃଦ୍ଧ ବନିତାଙ୍କର ପାଠୋପଯୋଗୀ ଅଟେ । ଏହାଙ୍କ କବିତାର ପ୍ରଶଂସା ଏସ୍ଥଳରେ କହି ହେବନାହିଁ । ଯେ ଥରେ ପଢ଼ିଅଛନ୍ତି ସେ ମୋହିତ ହୋଇ କବିଙ୍କର କବିତ୍ୱ ଶକ୍ତିର ଭୂୟସୀ ପ୍ରଶଂସା ନ କରି ରହିପାରି ନାହାନ୍ତି । ପାଠକେ ! ଥରେ ଭକ୍ତ କବିଙ୍କ ରଚିତ "ଏହି ଜଗମୋହନ" ସଦ୍ଗ୍ରନ୍ଥ ଖଣ୍ଡିକ ପାଠ କରି କବିଙ୍କର ଅସୀମ କ୍ଷମତାର ପରିଚୟ ପାଇବେ, ଏହା ବୋଲିବା ବାହୁଲ୍ୟ । ପୁସ୍ତକର ମୂଲ୍ୟ ୮ • । କଟକ ପ୍ରିଣ୍ଟିଂକମ୍ପାନୀଙ୍କର ଦୋକାନ୍ ବଜାରସ୍ଥ ପୁସ୍ତକଦୋକାନରେ ମିଳିବ ।


# NILMONEY HALDER & Co.,

106, Radha Bazar, Calcutta,
Stationers, Printers and Diesinkers.



Dealers in Stationery—Note and Letter Papers, Inks, Account Books Office Sundries Printing Materials, etc., etc., etc.,

Dealers and manufacturers of Drawing and Surveying Materials and Instruments, Compass Planetables Tracing Cloth, etc., etc.,



Price Lists sent when asked for.

Orders and enquiries respectfully solicited.

*Try our Emperor Note and Foolscap Papers; Very good value.*

# ନୀଳମଣି ହାଲଦାର ଏଣ୍ଡ କୋଂ ।

ନଂ ୧୦୬ ରାଧାବଜାର କଲିକତା ।
ଷ୍ଟେସନରସ୍, ପ୍ରିଣ୍ଟର୍ସ, ଡ଼ାଇ ସିଙ୍କର୍ସ ।




ଆମ୍ଭର ଦୋକାନରେ ଷ୍ଟେସନରୀ, ଚିଠି-କାଗଜ ଛାପାଖାନାର କାଗଜ ଓ ଛାପାଖାନାର ସମସ୍ତ ସାଜ ସରଞ୍ଜାମ, ଦୁଆତ, କଲମ, ଲେଖିବାର ନାନାବିଧ କାଳି, ହିସାବ ଲେଖିବାର ବହି, ଅଫିସ ବ୍ୟବହାରୋପଯୋଗୀ ଯାବତୀୟ ଜିନିସ ଓ ଚିତ୍ର ଆଙ୍କିବା ଓ ସର୍ଭେ ମାପର ଯନ୍ତ୍ର ଓ କାଗଜାଦି ସମସ୍ତ ଦ୍ରବ୍ୟ



ସର୍ବଦା ଶସ୍ତା ଦରରେ ବିକ୍ରି ନିମିତ୍ତେ ପ୍ରସ୍ତୁତ ଅଛି । ଚିଠି ପାଇବା ମାତ୍ରେ ସମସ୍ତ ଜିନିସ ସ୍ୱଳ୍ପ ସମୟ ମଧ୍ୟରେ ଶୀଘ୍ର ପଠାଯାଏ । ପତ୍ର ଲେଖିଲେ ଆମ୍ଭର ସଚିତ୍ର ବୃହତ ମୂଲ୍ୟ ତାଲିକା ବହି ପାଇବେ ।

ଆମ୍ଭର "ଏମ୍ପରର" ନୋଟ ପେପର ଓ ଫୁଲ୍‌ସ୍କେପ କାଗଜ ଅତି ଉତ୍କୃଷ୍ଟ । ବ୍ୟବହାର କଲେ ଜାଣିପାରିବେ ।

# ବିଜ୍ଞାପନ ।

ଟ୍ରାମୱେ ଚଳାଇବା ପାଇଁ ଉଚ୍ଚ ବଂଶୀୟ ସଚ୍ଚରିତ୍ରବାନ୍ ଯୁବକ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଭବିଷ୍ୟତରେ ଉନ୍ନତିର ଆଶା ଅଛି । କଲିକତା ଟ୍ରାମୱେଜ୍ କମ୍ପାନୀ ଲିମିଟେଡ଼ର ଟ୍ରାଫିକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିବାକୁ ହେବ । ୬୨ନମ୍ବର ଉଲେଣ୍ଟ ଷ୍ଟ୍ରିଟ କଲିକତା

# ଓଡ଼ିଶା ଆର୍ଟ ପ୍ରେସ୍

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଆର୍ଟ ପ୍ରେସରେ ସୁନା ଏବଂ ରୁପାର ଫିଲିଗିରୀ, ଅର୍ଥାତ୍ ତାରର କାର୍ଯ୍ୟ ଏବଂ ପାଲିସ ଓ ନୂଆ ଏଲୁମିନମ୍ କାମଦାର ଓ ମହଣ ସିଂହର ଇଂରେଜୀ ଏବଂ ଦେଶୀୟ ଅଳଙ୍କାରାଦି ଓ ଅନ୍ୟାନ୍ୟ ବିବିଧ ପ୍ରକାର ଆବଶ୍ୟକୀୟ କାର୍ଯ୍ୟମାନ ଏଠାରେ ବହୁତ ଯତ୍ନରେ ପ୍ରସ୍ତୁତ ହୁଏ ନୂଆ ଅର୍ଡର ଅର୍ଥାତ୍ ଫରମାସ୍ ଦେଲେ ଠିକ ସମୟରେ ଓ୍ୟାଜବ ମୂଲ୍ୟରେ ତିଆରି କରି ଦିଆଯାଏ ପତଳା କାର୍ଯ୍ୟମାନଙ୍କର ମୂଲ୍ୟ ଅଧିକ ଓ ମୋଟା କାର୍ଯ୍ୟର ମୂଲ୍ୟ କମ । କୌଣସି କାର୍ଯ୍ୟ ସକାଶେ ଫରମାସ୍ ଦେବାକୁ ହେଲେ ତିଆରି ପୂର୍ବରୁ କିଛି ଟଙ୍କା ଦିଆଯାଇ ରଖିବାକୁ ହେବ । ଯେ ଯେ ଜିନିସମାନ ଏଠାରେ ପାଆଯାଏ ଏବଂ ତିଆରି ହୁଏ ସେ ସମସ୍ତମଧ୍ୟରୁ କେତେକଟିର ନାମ ନିମ୍ନରେ ଦେଲୁଁ ।

ପ୍ରକାଶଥାଉ କି ଏଠାରୁ ପତ୍ର ଲେଖିବାକୁ ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ପତ୍ର ଦେବେ ।

| | | |
|---|---|---|
| ଫଟୋଫ୍ରେମ | ବାଲା | କାନଚଣା |
| ଅତରଦାନ | ଅନନ୍ତ | ଗୁଣା |
| ଗୋଲାବପାସ | ବେକରହାର | ବେସର |
| ପାନଡବା | ଚକ | ଗଣ୍ଠିଆ |
| ବାଡ଼ିର ହେଣ୍ଡଲ୍ | କଙ୍କଣ | ମଥାଚଢ଼ି |
| ହୁଦା | ପଇଁଚି | ଟୀକା |
| ଥାଳୀ | ଚୁଡ଼ି | ପଟା |
| ଘାଇଆ | ଷଡ଼ | ଗୋଠ |
| ଗିନା | ରତ୍ନଣିଆ | ଚନ୍ଦ୍ରହାର |
| କାନାରଙ୍ଗର ଖେଳଣା | ବାଜୁ | ପଦକ |
| ଗ୍ଲାସ୍ | ଖାଡ଼ୁ | ପାଇଜ |
| | ନଥ | ପାହୁଡ଼ |
| | ତୋଡ଼ାମ | ମଲ |
| | ଘାଘଡ଼ | ଅଙ୍ଗୁଠି |

ଅନ୍ୟାନ୍ୟ ଅନେକପ୍ରକାର ଜିନିସ ମଧ୍ୟ ପାଆଯାଏ

ମେନେଜର
ଓଡ଼ିଶା ଆର୍ଟ ପ୍ରେସ୍
କଟକ


Digitized by srujanika@gmail.com

Split by PDF Splitter



# NOTICE.

Wanted a 2nd master for the Santrapur M. E. School on a salary of Rs 10 per mensem. Application to be received by the undersigned up to the 30th instant. None need apply who has not passed the M. E. examination and has no experence in teaching in new scheme.

Cuttack
10-11 12

Binodlal Bosu
(Secy. of the School)
Kathgada Sahi
Cuttack

## NOTICE.

Beautiful and showy horses for sale in the Dheukanal Raj Stable as H. H. wants to dispose them of, to make room for new ones.

1. Asvini Kumar—black and white, Pure Burma guelding, very fast, sound, quite and showy, excellent Kadambaj in harness and saddle, won several races. Price Rs 600.

2. Darjeeling—a black guelding about 14 hands C. B., an excellent polo-pony, sound and showy trotter, winner in Darjeeling. Rs. 450

3 Badul—iron grey entire, 14 hands C. B , sound and fast trotter and a winner. Price Rs. 300

4. Several other horses ranging from Rs 150 to Rs. 200.

*N. B.*—The first two were H. H's own riding horses. They are being disposed of on account of opacity of Cornea in one eye. The horses are open to any trial.

Apply for full particulars to the Veterinary Surgeon Dhenkanal.
(Orissa).

# ଜଗମୋହନ ।

ଭକ୍ତକବି ଦୀନକୃଷ୍ଣ ଦାସଙ୍କର ପୁସ୍ତକଗ୍ରନ୍ଥ । ଏ ଗ୍ରନ୍ଥରେ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରାର ବିସ୍ତାରିତ ବିବରଣ ଅତିପ୍ରାଞ୍ଜଳ, ଓ ସୁମଧୁର, ନାନାପ୍ରକାରଗୀତି ଯୁକ୍ତ, ବିବିଧ ଛନ୍ଦବନ୍ଧରେ ରଚିତ । ଉତ୍କଳ ସାହିତ୍ୟ କ୍ଷେତ୍ରରେ ଭକ୍ତକବି ଦୀନକୃଷ୍ଣ ଦାସ ସୁପରିଚିତ । ଏହାଙ୍କର ସୁଲଳିତକାବ୍ୟ ଗୁଡ଼ିକ ଯେପରି ସୁରୁଚି ସମ୍ପନ୍ନ ସେହିପରି ଆବାଳ ବୃଦ୍ଧ ବନିତାଙ୍କର ପାଠୋପଯୋଗୀ ଅଟେ । ଏହାଙ୍କ କବିତାର ପ୍ରଶଂସା ଏସ୍ଥଳରେ କହି ହେବନାହିଁ । ଯେ ଥରେ ପଢ଼ି ଅଛନ୍ତି ସେ ମୋହିତ ହୋଇ କବିଙ୍କର କବିତ୍ୱ ଶକ୍ତିର ଭୂୟସୀ ପ୍ରଶଂସା ନ କରି ରହିପାରି ନାହାନ୍ତି । ପାଠକେ ? ଥରେ ଭକ୍ତ କବିଙ୍କ ରଚିତ "ଏହି ଜଗମୋହନ" ଖଣ୍ଡକାବ୍ୟ ଖଣ୍ଡିକ ପାଠ କରି କବିଙ୍କର ଅସୀମ କ୍ଷମତାର ପରିଚୟ ପାଇବେ, ଏହା କହିବା ବାହୁଲ୍ୟ । ପୁସ୍ତକର ମୂଲ୍ୟ ୮• । କଟକ ପ୍ରିଣ୍ଟିଂକମ୍ପାନୀଙ୍କର ଦୋକାନ ବଜାରସ୍ଥ ପୁସ୍ତକଦୋକାନରେ ମିଳିବ ।

# NILMONEY HALDER & Co.,

106, Radha Bazar, Calcutta,
Stationers, Printers and Diesinkers.




Dealers in Stationery—Note and Letter Papers, Inks, Account Books Office Sundries Printing Materials, etc., etc., etc.,

Dealers and manufacturers of Drawing and Surveying Materials and Instruments, Compass Planetables Tracing Cloth, etc., etc.,



Price Lists sent when asked for.

Orders and enquiries respectfully solicited.

*Try our Emperor Note and Foolscap Papers; Very good value.*

# ନୀଳମଣି ହାଲଦାର ଏଣ୍ଡ କୋଂ ।

ନଂ ୧୦୬ ରାଧାବଜାର କଲିକତା ।
ଷ୍ଟେସନରସ୍, ପ୍ରିଣ୍ଟର୍ସ, ଡ଼ାଇ ସିଙ୍କର୍ସ ।




ଆମ୍ଭର ଦୋକାନରେ ଷ୍ଟେସନରି, ଚିଠି-କାଗଜ ଛାପାଖାନାର କାଗଜ ଓ ଛାପାଖାନାର ସମସ୍ତ ସାଜ ସରଞ୍ଜାମ, ଦୁଆତ, କଲମ, ଲେଖିବାର ନାନାବିଧ କାଳୀ, ହିସାବ ଲେଖିବାର ବହି, ଅଫିସ ବ୍ୟବହାରୀୟ ଯାବତୀୟ ଜିନିସ ଓ ଚିତ୍ର ଅଙ୍କିବା ଓ ସର୍ଭେ ମାପର ଯନ୍ତ୍ର ଓ ଆନୁଷଙ୍ଗିକ ସମସ୍ତ ଦ୍ରବ୍ୟ



ସର୍ବଦା ସସ୍ତାଦରରେ ବିକ୍ରି ସ୍ୱାର୍ଥେ ପ୍ରସ୍ତୁତ ଅଛି । ଚିଠି ପାଇବା ମାତ୍ରେ ସମସ୍ତ ଜିନିସ ସ୍ୱଳ୍ପ ସମୟ ମଧ୍ୟରେ ଶୀଘ୍ର ପଠାଯାଏ । ପତ୍ର ଲେଖିଲେ ଆମ୍ଭର ସଚିତ୍ର ସୁବୃହତ୍ ମୂଲ୍ୟ ତାଲିକା ବିନା ପାଇବେ ।

ଆମ୍ଭର "ଏମ୍ପରର" ନୋଟ ପେପର ଓ ଫୁଲ୍‌ସ୍କେପ କାଗଜ ଅତି ଉତ୍କୃଷ୍ଟ । ବ୍ୟବହାର କଲେ ଜାଣିପାରିବେ ।

# ବିଜ୍ଞାପନ ।

ଟ୍ରେନିଂପାସ କରିଥିବା ଖାଣ୍ଟି ଉଚ୍ଚ ବର୍ଣ୍ଣୀୟ ଗ୍ରାଜୁଏଟ ଯୁବକ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଭବିଷ୍ୟତରେ ଉନ୍ନତିର ଆଶା ଅଛି । କଲିକତା ଟ୍ରାମୱେଜ୍ କମ୍ପାନୀ ଲିମିଟେଡ଼ର ଟ୍ରାଫିକ ସୁପର ଇଣ୍ଟେଣ୍ଡେଣ୍ଟ ନିକଟରେ ଆବେଦନ କରିବାକୁ ହେବ । ୨୭୩ନମ୍ବର ଓଲେଶନ ଷ୍ଟ୍ରିଟ କଲିକତା

# ଓଡ଼ିଶା ଆର୍ଟ ଓ୍ୱାର୍କସ୍

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଆର୍ଟ ଓ୍ୱାର୍କସରେ ସୁନା ଏବଂ ରୁପାର ଫିଲିଗିରି, ଅର୍ଥାତ୍ ତାରର କାମ ଏବଂ ପାଲିସ ଓ ନୂଆ ଏଲୁମିନମ୍ ବାସନ ଓ ମହଣ ସିଂହର ଇଂରେଜୀ ଏବଂ ଦେଶୀୟ ଅଳଙ୍କାରାଦି ଓ ଅନ୍ୟାନ୍ୟ ବିବିଧ ପ୍ରକାର ଆବଶ୍ୟକୀୟ କାର୍ଯ୍ୟମାନ ଏଠାରେ ବହୁତ ଯତ୍ନରେ ପ୍ରସ୍ତୁତ ହୁଏ ମଧ୍ୟ ଅର୍ଡର ଅର୍ଥାତ୍ ଫରମାସ୍ ଦେଲେ ଠିକ୍ ସମୟରେ ଓ୍ୟାଜବ ମୂଲ୍ୟରେ ତିଆରକରି ଦିଆଯାଏ ପତଳା କାର୍ଯ୍ୟମାନଙ୍କର ମୂଲ୍ୟ ଅଧିକ ଓ ମୋଟ କାର୍ଯ୍ୟର ମୂଲ୍ୟ କମ । ଯେକୌଣସି କାର୍ଯ୍ୟସକାଶେ ଫରମାସ୍ ଦେବାକୁ ହେଲେ ତିଆରପୂର୍ବରୁ କିଛି ଟଙ୍କା ଅଗାଉଁ ରଖିବାକୁ ହୁଏ । ଯେ ୨ ଜିନିସମାନ ଏଠାରେ ପାଆଯାଏ ଏବଂ ତିଆର ହୁଏ ସେ ସମସ୍ତମଧ୍ୟରୁ କେତେକଟିର ନାମ ନିମ୍ନରେ ଦେଲୁଁ ।

ପ୍ରକାଶଥାଉ କି ଏଠାକୁ ପତ୍ର ଲେଖିବାକୁ ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ପତ୍ର ଦେବେ ।

| | | |
|---|---|---|
| ଫଟୋଫ୍ରେମ | ବାଲା | ତାବିଜଣା |
| ଅତର୍‌ଦାନ | ଅନନ୍ତ | ଗୁଣା |
| ଗୋଲାବପାଶ | ବେଙ୍କରହାର | ବେସର |
| ପାନଡବା | ଚକ | ଗଣ୍ଠିଆ |
| ବାଡ଼ିର ହେଣ୍ଡଲ୍ | କଙ୍କଣ | ମଣ୍ଡିଚୂଡ଼ି |
| ଚୁଡ଼ା | ପଇଁଚି | ଟୀକା |
| ଥାଳୀ | ଚୁଡ଼ି | ପଟା |
| ତାଟିଆ | ଖଡ଼ୁ | ଗୋଠ |
| ଗିନା | ରତ୍ନଟିଆ | ଚନ୍ଦ୍ରହାର |
| ନାନାରକମର ଖେଳଣା | ବାଜୁ | ପଦ୍ମ |
| ବ୍ରୋଚ୍ | ଘାଡ଼ି | ପାଞ୍ଜି |
| | ନଥ | ପାହୁଡ଼ |
| | ବୋଟମ | ମଲ |
| | ପାପଡ଼ | ଅଙ୍ଗୁଠି |

ଅନ୍ୟାନ୍ୟ ଅନେକପ୍ରକାର ଜିନିସ ମଧ୍ୟ ପାଆଯାଏ

ମେନେଜର
ଓଡ଼ିଶା ଆର୍ଟ ଓ୍ୱାର୍କସ୍
କଟକ

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା ।

ଗତ ତା ୨୯ ରିଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ୪୨୭୮ ହୋଇଅଛି ଯେ ତହିଁମଧ୍ୟରୁ ବମ୍ବେଇ ୧୦୪୩ ପଞ୍ଜାବ ୭୦୨, ମଧ୍ୟପ୍ରଦେଶ ୫୮୭, ରାଜପୁତାନ ୫୮୭, ଯୁକ୍ତପ୍ରଦେଶ ୩୭୭, ମହୀଶୂର ୩୨୮, ହାଇଦ୍ରାବାଦ ୩୧୬ ଓ ମଧ୍ୟଭାରତ ୧୬୭ ଉକ୍ତ ସ୍ଥଳ । ଗତ ସପ୍ତାହର ମୋଟ ମୃତ୍ୟୁ ୪୭୬୮ ଥିଲା । ସୁତରାଂ କିଛି ଊଣା ପଡ଼ିବାର ଜଣାଯାଏ ।

—※—

ଏ ଜିଲ୍ଲା ଯାଜପୁର ସବ୍‌ଡିଭିଜନ ଅନ୍ତର୍ଗତ ଧର୍ମଶାଳାରେ ଗୋଟିଏ ସବ୍‌ରେଜିଷ୍ଟ୍ରି ଅଫିସ ଏହି ମାସ ତା ୧ ରିଖରେ ଖୋଲିବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଏହାର ନାମ ଧର୍ମଶାଳା ସବ୍‌ରେଜିଷ୍ଟ୍ରି ଅଫିସ ହୋଇଅଛି ଏବଂ ଏହାର ଏଲାକା ଧର୍ମଶାଳା ଥାନା ସୀମାରେ ରହିଲା । ଯାଜପୁର ସବ୍‌ରେଜିଷ୍ଟ୍ରି ଅଫିସରେ କେବଳ ଯାଜପୁର ଥାନାର କାର୍ଯ୍ୟ ହେବ । ଆପାତତଃ ଏକ ବର୍ଷ ପରୀକ୍ଷା ଏ ବନ୍ଦୋବସ୍ତ ହୋଇଅଛି ।

—*—

ଆମ୍ଭମାନଙ୍କର ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ଲେଭଞ୍ଜ ସାହେବ ବଙ୍ଗଳା ଦପ୍ତରର ଚିଫ ସେକ୍ରେଟେରୀ କାର୍ଯ୍ୟ ପରିତ୍ୟାଗ କରି ଗତ ଗୁରୁବାର ପ୍ରାତଃକାଳରେ ଏ ନଗରରେ ଉପସ୍ଥିତ ହୋଇ ସ୍ୱକାର୍ଯ୍ୟର ଭାର ଗ୍ରହଣ କରିଅଛନ୍ତି । ଶ୍ରୀଯୁକ୍ତ ଜେ, ଏଚ, ଇ ଗାରେଟ ଉକ୍ତ ଦିବସ ଅପରାହ୍ଣରେ ମୋତିହାରୀଠାରେ ସ୍ୱକାର୍ଯ୍ୟରେ ଉପସ୍ଥିତ ହେବା ପାଇଁ ଗମନ କଲେ ।

—o*o—

କୃଷକମାନଙ୍କ ବଙ୍ଗଳା 'କୃଷି ପତ୍ରିକାରେ ଲେଖାଅଛି କି ସରଷୋରଷ, ତମାହଲଦ, ପିଆଜ ଓ ଗଛାଗୁଡ଼ ସମାନଭାଗ ନେଇ ଗୋବର ସଙ୍ଗେ ଥରକେ ଏକଯା ଓଜନରେ ଦେଲେ ମୂଳେ ଥିଲେ ସବୁ ଓ କଲେରା ରୋଗ ଓ ବଳଦ ହୃଷ୍ଟପୁଷ୍ଟ ଓ ସବଳ ହୁଏ । ସୈନ୍ଧବଲୂଣ ଚୂନ ତେଳ ଓ ଚୁଣ୍ଣା ସହିତ ମିଶାଇ ଦେଲେ ଖୁଆଇଲେ ଗୋରୁଙ୍କ ନାନାରୋଗ ଶାନ୍ତ ଓ ଶରୀର ପୁଷ୍ଟ ହୁଏ । ଏହି ସହଜ ଚିକିତ୍ସା ଉପାୟ ଗୋପାଳମାନଙ୍କର ପରୀକ୍ଷା କରି ଦେଖିବା ଉଚିତ ।

—o—

କଟକ ଜିଲ୍ଲା ସାଲେପୁର ଥାନାନ୍ତର୍ଗତ ଗରଡ଼ୋ ନଉଜାର ଅଗ୍ନିଦ୍ଧା ସେଟଲମେଣ୍ଟ କର୍ମଚାରୀଙ୍କ ଯେଉଁ ଯେଷ୍ଟାର ସମ୍ବନ୍ଧରେ ଆମ୍ଭେମାନେ ଗତ ସପ୍ତାହରେ ଆପତ୍ତି କରିଥିଲୁଁ ସେ ଘଟନା ମଧ୍ୟରେ ଥାନାଦାର ଓ ତାଙ୍କ ସ୍ତ୍ରୀଙ୍କରେ ଅନ୍ୟ ଜଣେ ତଦନ୍ତ ହୋଇଥିବାର ଅବଗତ ହୋଇ ଆନନ୍ଦ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ । ବନ୍ଦୋବସ୍ତ କର୍ମଗୃହ ପୂରତା ସହିତ ଲୋକଙ୍କ ଗ୍ରହଣ ଶୁଣିବା ମାତ୍ରକେ ତହିଁର ପ୍ରତୀକାର କରିଥିବାରୁ ଆମ୍ଭେମାନେ କୃତଜ୍ଞ ହୃଦୟରେ ତାଙ୍କ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

---

ଏଥର ବଙ୍ଗପ୍ରଦେଶରେ ଜ ୯ ଣ ଡେପୁଟି ଏବଂ ଜ ୧୧ ଣ ସବ୍‌ଡେପୁଟି ନିଯୁକ୍ତ ହେବାର ଗତ କଲିକତା ଗେଜେଟରେ ପ୍ରକାଶ ହୋଇଅଛି । ଡେପୁଟି ମଧ୍ୟରେ ଜ ୫ ଣ ମୁସଲମାନ ସେମାନଙ୍କ ମଧ୍ୟରେ ୨ ଜଣ ଏମ, ଏ, ଏବଂ ୪ ଜଣ ହିନ୍ଦୁ ଅଟନ୍ତି । ବାକି ସମସ୍ତେ ବି, ଏ ଉପାଧିଧାରୀ । ସବ୍‌ଡେପୁଟି ମଧ୍ୟରେ ଜ ୩ ଣ ମୁସଲମାନ ଜଣେ ଖ୍ରୀଷ୍ଟିୟାନ ଓ ୭ ଜଣ ହିନ୍ଦୁ ଥିବାର ନାମରୁ ଜଣାଯାଏ । ଜଣେ ମୁସଲମାନ ଛଡ଼ା ଆଉ ସମସ୍ତ ସବ୍‌ଡେପୁଟି ବି, ଏ, ଉପାଧିଧାରୀ । ଏଥିରୁ ମୁସଲମାନଙ୍କ ଯୋଗ୍ୟତାର ଯଥେଷ୍ଟ ପରିଚୟ ମିଳୁଅଛି

—o—

ଗତ ଗୁରୁବାର ଦିନ ଗୋପାଷ୍ଟମୀ ପର୍ବ ଥିବାରୁ ପୂର୍ବବର୍ଷମାନଙ୍କ ପ୍ରାୟ ଏଠା ଗଉଡ଼ଅଗଡ଼ ଗୋଶାଳାଠାରେ ସାଡ଼ମ୍ବର ଗୋପାଷ୍ଟମୀ ବ୍ରତର ଅନୁଷ୍ଠାନ ହୋଇଥିଲା । ସେ ଶାଳା ସମ୍ବନ୍ଧୀୟ ସଭାର ସଭାପତି ବାବୁ ଦଶରଥ ବାଜପେୟୀ ଓକିଲ ମହାଶୟ ଅନ୍ୟ ଓକିଲଙ୍କ ସଙ୍ଗେ ମେଳ ଆମ୍ଭମାନଙ୍କର ଜଜ ଓ କଲେକ୍ଟର ସାହେବ ପ୍ରଭୃତିଙ୍କଠାରେ ଅଧାଦିନେ ଛୁଟି ଦେବା କାରଣ ପ୍ରାର୍ଥନା କରିବାରୁ କଚେରିମାନ ଦୁଇଟାବେଳେ ଛୁଟିଗଲା । କେବଳ ଜରୁର ଓ ଅତ୍ୟାବଶ୍ୟକୀୟ କାର୍ଯ୍ୟମାନ ବନ୍ଦ ନ ହୋଇ ଚାଲିଥିଲା । ସହରର ଦୋକାନପାଟ ଅନେକ ବନ୍ଦ ହୋଇଥିଲା ଏବଂ ଅନେକ ଲୋକେ ଗୋଶାଳାକୁ ଯାଇ ଧର୍ମକର୍ମ ସଙ୍ଗେ ଆନନ୍ଦ ଉପଭୋଗ କରିଅଛନ୍ତି ।

—o*o—

ଆମ୍ଭେମାନେ ଅବଗତ ହେଲୁଁ ଯେ ଶ୍ରୀଲ ଶ୍ରୀଯୁକ୍ତ ମଧୁପୁରର ରାଣୀ ମହୋଦୟା ଜରାୟୁ ସମ୍ବନ୍ଧୀୟ କଠିନ ସ୍ତ୍ରୀ ରୋଗରେ (ବାଧକ ଓ ପ୍ରଦର ରୋଗରେ) ଦୀର୍ଘକାଳ ବିଶେଷ କଷ୍ଟ ପାଉଥିଲେ କଲିକତାର ନାନାବିଧ ଇଂରାଜୀ ଚିକିତ୍ସା ଏବଂ କଟକର ଡାକ୍ତର ଓ ଧାତ୍ରୀମାନଙ୍କ ଚିକିତ୍ସା ଦ୍ୱାରା ଆରୋଗ୍ୟ ନ ହେବାରୁ ଅବଶେଷରେ ଏ ସହରର ପ୍ରସିଦ୍ଧ କବିରାଜ ଶ୍ରୀଯୁକ୍ତ ସାରଦାପ୍ରସାଦ କବିରତ୍ନଙ୍କ ଚିକିତ୍ସାଧୀନରେ ଥିଲେ । କବିରାଜ ମହାଶୟଙ୍କ ବିଶେଷ ଯତ୍ନ ଓ ସୁଚିକିତ୍ସାଦ୍ୱାରା ରାଣୀ ମହୋଦୟା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବାର ଶୁଣି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ । ଆମ୍ଭେମାନେ ଶାରଦା ବାବୁଙ୍କର ଉନ୍ନତି କାମନା କରୁଁ ଓ ଆଶାକରୁଁ ସେ ସୁଚିକିତ୍ସାଦ୍ୱାରା ସାଧାରଣରେ ପ୍ରଶଂସା ଲାଭ କରିବେ ।

—**—

ଗତ ଅକ୍ଟୋବର ମାସ ତା ୨୧ ରିଖରେ ଫରିଦପୁର ଜିଲ୍ଲା ଅନ୍ତର୍ଗତ ହୋଲଲୁଣ୍ଡୀ ଗ୍ରାମରେ ଗୋଟିଏ ଉପନୟନ କେନ୍ଦ୍ର ହୋଇ ତହିଁରେ ୮ ଜଣ କାୟସ୍ଥ ଯଥାଶାସ୍ତ୍ର ବ୍ରାତ୍ୟ ପ୍ରାୟଶ୍ଚିତ୍ତ କରି ଉପବୀତ ଧାରଣ କରିଅଛନ୍ତି ଏବଂ ଗତ କାର୍ତ୍ତିକ ମାସ ତା ୩ ରିଖରେ ଖୁଲନା ଜିଲ୍ଲା ସଉଦଣ ଗ୍ରାମରେ ଯେଉଁ ଉପନୟନ କେନ୍ଦ୍ର ହୋଇଥିଲା ତହିଁରେ ଉପବୀତ ଧାରଣ କରିଥିବା କାୟସ୍ଥଙ୍କ ସଂଖ୍ୟା ଜ ୨୧ ଣ ଅଟେ । ସ୍ଥାନୀୟ ପଣ୍ଡିତ ଓ ପୁରୋହିତମାନେ ପ୍ରଫୁଲ୍ଲ ଚିତ୍ତରେ ଉପରୋକ୍ତ କାର୍ଯ୍ୟ ସମାଧା କରିବା ଆନନ୍ଦର ବିଷୟ ଅଟେ । ଉପବୀତଧାରୀ ସମସ୍ତ କାୟସ୍ଥଙ୍କର ନାମ କଲିକତାର ସୁବିଖ୍ୟାତ ଅମୃତବଜାର ପତ୍ରିକାରେ ପ୍ରକାଶିତ ହୋଇଅଛି । ଉତ୍କଳର କାୟସ୍ଥମାନଙ୍କର ନିଦ୍ରା କେବେ ଭାଙ୍ଗିବ ?

—※—

ଆମ୍ଭମାନଙ୍କର ବର୍ତ୍ତମାନ ଭାରତସ୍ଥ ଷ୍ଟେଟ ସେକ୍ରେଟେରୀ ଲର୍ଡ ମର୍ଲି ମହୋଦୟ ବାର୍ଦ୍ଧକ୍ୟ ହେତୁ ଭାରତର ସେକ୍ରେଟେରୀ ସ୍ୱରୂପ ଗୁରୁଭାର ଉଠାଇବାକୁ ଅକ୍ଷମ ହେବାରୁ ତାଙ୍କୁ ମନ୍ତ୍ରୀସଭାର ଲର୍ଡ ପ୍ରେସିଡେଣ୍ଟ ଅର୍ଥାତ ସଭାପତି ପଦରେ ନିଯୁକ୍ତ କରାଯାଇ ଲର୍ଡ କ୍ରୁ ମହୋଦୟଙ୍କୁ ଭାରତର ଷ୍ଟେଟ ସେକ୍ରେଟେରୀ କାର୍ଯ୍ୟରେ ନିଯୁକ୍ତ କରାଯାଇଅଛି । ଲର୍ଡ ମର୍ଲି ମହୋଦୟଙ୍କ ବୟସ ବର୍ତ୍ତମାନ ୭୨ ବର୍ଷ । ନବ ନିଯୁକ୍ତ ଲର୍ଡ କ୍ରୁଙ୍କର ବୟସ ୫୨ ବର୍ଷ । ଏ ମହାଶୟ ଉପନିବେଶମାନଙ୍କର ମନ୍ତ୍ରୀ ଥିଲେ ଏବଂ ଦକ୍ଷିଣ ଆଫ୍ରିକାରେ ଭାରତୀୟ ତଥା ଏସିଆ ବାସୀଙ୍କ ପ୍ରତି ଅବିଚାର ଦେଖି ତହିଁ ବିରୁଦ୍ଧରେ ଲଢ଼ିଥିଲେ । ନୂତନ ଷ୍ଟେଟ ସେକ୍ରେଟେରୀଙ୍କ ଅମଳରେ ଯଦି ଏଥିର ପ୍ରତୀକାର ହୁଏ ତେବେ ଆମ୍ଭେମାନେ ଏହାଙ୍କ ନିଯୋଗରେ ବିଶେଷ ଲାଭବାନ ହେବାର ବୋଲି ଯିବ । ଦେଖାଯାଉ ଫଳରେ କ ହୁଏ ।

---

ଆସାମ ପ୍ରଭୃତି ସ୍ଥାନକୁ କୁଲି ଚାଲାଣ ସମ୍ବନ୍ଧୀୟ ଗତ ଜୁନମାସରେ ଶେଷହେବା ବାର୍ଷିକ ବିବରଣୀରେ ଦେଖିଲୁଁ ଯେ କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା କୁଲିସଂଗ୍ରହ ବ୍ୟବସ୍ଥା ଓ ସମ୍ବଲପୁରରେ ବନ୍ଦ ହୋଇଅଛି ଓ ପ୍ରେସିଡେନ୍ସି ବିଭାଗରେ ବନ୍ଦ ହେବା ବିବେଚନାଧୀନରେ ଅଛି । କୁଲି ସଂଗ୍ରହ ସହିତ ଅତ୍ୟାଚାର ବ୍ୟବହାର ନିବାରଣ ପ୍ରତି ଗବର୍ଣ୍ଣମେଣ୍ଟର ଯଥୋଚିତ ମନୋଯୋଗ ଅଛି । ଲୋକମାନେ ଆପଣା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏ ସମ୍ବନ୍ଧୀୟ ଅନ୍ୟାୟକାର୍ଯ୍ୟ ଜଣାଇଲେ ବହୁତ ପ୍ରତୀକାର ହେବ । ଗତବର୍ଷ ବଙ୍ଗ, ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ଯୁକ୍ତପ୍ରଦେଶ ଓ ସେ ସମସ୍ତ ସଂଲଗ୍ନ ଦେଶୀୟ ରାଜ୍ୟର କୁଲି ବଙ୍ଗଳା ଗୋଆଲନ୍ଦ ବାଟେ ୩୩୭୪୧ ଜଣ ପ୍ରେରିତ

Digitized by srujanika@gmail.com

ହୋଇଥିଲେ ଓ ତହିଁ ପୂର୍ବବର୍ଷ ସଂଖ୍ୟା ୬୭୨୧୧ ଥିଲା । ସ୍ୱାଭାବିକ ହେତୁ ଧାନ୍ୟାଦି ଫସଲ ଭଲ ଉତ୍ପନ୍ନ ନ ହେବା ଭୂଲ ଯିବାର ପ୍ରଧାନ କାରଣ ଅଟେ । ପୁଣି କାନପୁର ଓ ସରକାର ସଂଶୃଷ୍ଟ ଭୂଲ ଭଲ ହେବାନ୍ତିଲେ ସେଠାରେ ଯିବା ଭୂଲ ସଂଖ୍ୟା ବଢ଼ିବା ଏ ବର୍ଷର ବିଶେଷ ଘଟଣା ଜଣାଯାଏ । ଗବର୍ଣ୍ଣମେଣ୍ଟ ଏ ବିଷୟ ଲକ୍ଷ୍ୟ କରୁଅଛନ୍ତି । ଯାହାହେଉ ଭୂଲ ଚାଲଣି ବିଷୟରେ ସରକାର ବିଶେଷ ସତର୍କ ଅଛନ୍ତି ସୁଖର ବିଷୟ ଅଟେ ।

—o—

ପୁଲିସର ଡେପୁଟୀ ସୁପରିଣ୍ଟ ବାବୁ ଗୁରୁପ୍ରସାଦ ଦାସ ଦ୍ୱାରଭଙ୍ଗ ମୁଙ୍ଗେରକୁ ବଦଳି ହେବାର ଆଦେଶ ପାଇଥିବାରୁ ସେ ଏଠାରୁ ଗତକାଲି ଗମନ କରିଅଛନ୍ତି । ପୁଲିସ କର୍ମଚାରୀମାନେ ତାଙ୍କୁ ବିଦାୟ ଦେବା ନିମନ୍ତେ ଏଠା ସଦର ଥାନାରେ ଗୋଟିଏ ସାନ୍ଧ୍ୟ ମିଳନ କରିଥିଲେ । ବାବୁ ମହୋଦୟ ବହୁକାଳ ଏଠାରେ ରହି ପୁଲିସ କର୍ମଚାରୀମାନଙ୍କ ଓ ସାଧାରଣର ପ୍ରିୟ ହୋଇଥିଲେ । ଏଠା ପୁଲିସ ସୁପରିଣ୍ଟ ସାହେବ ଏକ ମାସର ଛୁଟୀ ନେଇଥିବା ସମୟରେ ସେ ପୁଲିସ ସୁପରିଣ୍ଟ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ, ଓ ଉକ୍ତ ସମୟ ଦୁର୍ଗୋତ୍ସବ ସମୟରେ ହୋଇଥିବାରୁ ସେ ସମୟରେ ପୂର୍ବବତ୍ କୌଣସି ପ୍ରକାର ବେନିୟମ କାର୍ଯ୍ୟ ନ ଘଟିବାଦ୍ୱାରା ବାବୁ ମହୋଦୟଙ୍କର କାର୍ଯ୍ୟ କୌଶଳର ପରିଚୟ ମିଳିଥିଲା । ସେ ଓଡ଼ିଶାବାସୀ ଯୁବକ ଅଟନ୍ତି । ଗାମ୍ଭୀର୍ଯ୍ୟସହିତ ନିରପେକ୍ଷଭାବରେ କାର୍ଯ୍ୟ କରିଥିବାରୁ ବଙ୍ଗାଳି ଓଡ଼ିଆ ପ୍ରଭୃତି ସମସ୍ତଙ୍କର ପ୍ରିୟ ହୋଇଥିଲେ । ତାହାଙ୍କ ଏଠାରୁ ବଦଳିରେ ସମସ୍ତେ ଦୁଃଖିତ ।

———

ଗତ ମାର୍ଚ୍ଚ ମାସରେ ଶେଷ ହୋଇଥିବା ୧୯୦୯।୧୦ ବର୍ଷର କୋର୍ଟ ଅଫ୍ ୱାର୍ଡସଙ୍କ ତତ୍ତ୍ୱାବଧାନରେ ଥିବା ନାବାଳଗୀ ଓ କ୍ରୋକମହାଲମାନଙ୍କର କାର୍ଯ୍ୟ ସମ୍ବନ୍ଧରେ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣୀ ବାହାରିଅଛି । ତହିଁରୁ ଦେଖାଯାଏ ଯେ ଏ ସବୁ ମହାଲର ସଂଖ୍ୟା ଗୋ୧୦୯ଟିରୁ ୧୧୩ ଗୋଟି ବଢ଼ିଥିଲା ଏବଂ ଉକ୍ତ ମହାଲ ତହସିଲ ଭଲ ହୋଇଥିଲା । ଅନେକ ସ୍ଥଳରେ ମହାଲରେ କୃଷି ପରୀକ୍ଷା ହୋଇଥିଲା ମାତ୍ର ପାରଦର୍ଶୀ ଲୋକର ଅଭାବ ଏବଂ ପ୍ରତିକୂଳ ଋତୁ ଇତ୍ୟାଦି ହେତୁ ତାହା ସଫଳ ହୋଇ ପାରିଲା ନାହିଁ । ହଟବାମହାଲରେ ଭଲ ବାଛୁରୀ ଉତ୍ପନ୍ନ କରିବାର ପ୍ରକ୍ରିୟା ଫଳପ୍ରଦ ହୋଇଅଛି ଏବଂ ସେ ମହାଲର ଭିନ୍ନ ଭିନ୍ନ ସ୍ଥାନରେ ଭଲ ଗୋରୁ ହୋଇଅଛି । ପରେ ସରକାରୀ ଗୋରୁ ବେଟିଆ ମହାଲକୁ ଦିଆଯାଇଅଛି ଯେ ପ୍ରଜାଙ୍କ ଉପକାର ନିମିତ୍ତ ତାହା ବ୍ୟବହୃତ ହେବ । ନାବାଳଗମାନଙ୍କର ଶିକ୍ଷା ଏବଂ ଯେଉଁ ନାବାଳଗମାନେ ଗତ ପାଞ୍ଚବର୍ଷ ମଧ୍ୟରେ ମହାଲ ଫେରି ପାଇଅଛନ୍ତି ସେମାନଙ୍କର ଅବସ୍ଥା ସମ୍ବନ୍ଧରେ ତଥ୍ୟ ଏ ନିର୍ଦ୍ଧାରଣୀରେ ଲେଖା ନାହିଁ । ଆମ୍ଭେମାନେ ଭରସାକରୁଁ ଏ ସବୁ ବିଷୟ ପରେ ଦୃଷ୍ଟିରେ ଲେଖି ତତ୍ପ୍ରତି କଲେକ୍ଟରମାନଙ୍କର ସୁଦୃଷ୍ଟି ଆକର୍ଷଣ କଲେ ଅନେକ ମଙ୍ଗଳ ହେବ ।

———

କଲିକତାରେ ଗତ ଅକ୍ଟୋବର ମାସ ତା ୩୦ ରିଖରେ ହିନ୍ଦୁ, ମୁସଲମାନଙ୍କର ଗୋଟିଏ ସଭାରେ ମହମ୍ମଦ ଇସ୍ମାଇଲ ଖଁ ସେ ନ ମହାଶୟ ଗୋରକ୍ଷା ସମ୍ବନ୍ଧରେ ହିନ୍ଦୁ ଭାଷାରେ ଗୋଟିଏ ବକ୍ତୃତା ଦେଇଥିଲେ । ସଭାସ୍ଥଳରେ ଅନେକ ଲୋକ ଉପସ୍ଥିତ ଥିଲେ । ବକ୍ତା ମହାଶୟ ଗୋରୁଦ୍ୱାରା ନାନା ପ୍ରକାର ଉପକାର ଓ କାର୍ଯ୍ୟ ହେଉଥିବା ବିଷୟ ଉଲ୍ଲେଖପୂର୍ବକ କହିଲେ ଯେ ଗୋଧନରକ୍ଷା ଇସଲାମ ଧର୍ମର ଅନୁମୋଦିତ ଏବଂ କାବୁଲର ଅମୀର ବକ୍ରୀଦ ଉପଲକ୍ଷେ ଗୋବଧ ନିବାରଣ କରିବାର ଯେଉଁ ଆଦେଶ ଦେଇଗଲେ ତାହା ସୁନ୍ନୀ ମୁସଲମାନମାନେ ପ୍ରତିପାଳନ କରୁଅଛନ୍ତି । ସ୍ୱଭାବତ ଧନକୁ ପାଶୋର କମାଇ ନ ହଲେ କାଫର ହେବା ବିଷୟ ଇସଲାମ ଧର୍ମଶାସ୍ତ୍ରରେ ଥିବାସ୍ଥଳେ କଲାର ମୁସଲମାନ ତାହା ପ୍ରତିପାଳନ କରୁ ନ ଥିବା ପ୍ରତ୍ୟକ୍ଷେ ଗୋଟିଏ ମନ୍ଦ ପ୍ରଥା ରହିଗଲା ଭଳି ବାଲେ ତାଙ୍କର ନଜର ନାଇଁ ବୁଝା ଯାଉ ନାହିଁ । ବୋମ୍ବାଇ ଅଞ୍ଚଳର ରାଧାନପୁରର ମୁସଲମାନ ନବାବ ଆପଣା ରାଜ୍ୟରେ ଗୋବଧ ନିବାରଣର ଆଦେଶ ୧୯୦୬ ମସୀହାରେ ଦେବାରୁ ସେଠାରେ ଗୋଧନ ବୃଦ୍ଧି ପାଇଅଛି ଏବଂ କାଠିଆବାଡ଼ର ମଙ୍ଗରଉଲର ନବାବଙ୍କ ରାଜ୍ୟର ମଧ୍ୟ ଅବସ୍ଥା ଏହିପରି । ଏହିରୂପ ଅନେକ ଦୃଷ୍ଟାନ୍ତ ଦେଖାଇ ବକ୍ରୀଦ ପର୍ବରେ ଗୋବଧ ଅବଶ୍ୟ ପ୍ରତିପାଳନୀୟ କାର୍ଯ୍ୟ ନ ଥିବାର ଶାସ୍ତ୍ରରୁ ଉଦ୍ଧୃତ କରି ଶ୍ରୋତୃବର୍ଗଙ୍କୁ ମୁଗ୍ଧ କରିଥିଲେ ।—ଭାରତ ପ୍ରାୟ କୃଷି ପ୍ରଧାନ ଦେଶରେ ଗୋବଧ ଯେ ଏକାନ୍ତ ଅକର୍ତ୍ତବ୍ୟ ଏଥିରେ ସନ୍ଦେହ ନାହିଁ । ମୁସଲମାନମାନେ ଅନ୍ତତଃ ଗୋମାଂସ ଭକ୍ଷଣରୁ ବିରତ ହେଲେ ଅନେକ ପରିମାଣରେ ଗୋବଧ ନିବାରିତ ହୋଇ ଦେଶର ପରମ କଲ୍ୟାଣ ସାଧିତ ହେବ ଆଉ ଏହା ଏହି କାର୍ଯ୍ୟ ହେତୁ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସଦ୍ଭାବ ବଢ଼ିବ ।

———

ପଞ୍ଜାବ ଅଞ୍ଚଳରେ ସମବାୟ ଋଣ ସମିତିର କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବାର ଦେଖାଯାଏ । ଗତ ଜୁଲାଇ ମାସ ତା ୩୧ ରିଖରେ ଶେଷ ହେବା ଏକ ବର୍ଷ ମଧ୍ୟରେ ସେହି ଅଞ୍ଚଳର ସମବାୟ ଋଣ ସମିତିମାନଙ୍କର ଯେଉଁ ବିବରଣୀ ବାହାରିଅଛି ତହିଁରୁ ଦେଖାଯାଏ ଯେ ବର୍ଷମଧ୍ୟରେ ସମିତିର ସଂଖ୍ୟା ୩୧୬ ରୁ ୭୦୬ ଗୋଟି, ସଭ୍ୟ ସଂଖ୍ୟା ୧୩୦୦୦ ରୁ ୩୮୦୦୦ ଜଣ ଏବଂ ମୂଳଧନ ୮ ଲକ୍ଷରୁ ୧୬ ଲକ୍ଷ ଟଙ୍କା ବଢ଼ିଅଛି ମଧ୍ୟ ସମିତିମାନଙ୍କର ବିସ୍ତାର ସହିତ ଲୋକଙ୍କର ଏହିମେଳରେ କାର୍ଯ୍ୟ କରିବାର ଶକ୍ତି ବିସ୍ତୃତ ଭାବରେ ଲାଭ କରୁଥିବାର ଦେଖାଯାଏ । କେତେକ ଉପଯୋଗ୍ୟଦ୍ୱାରା ସମିତିମାନେ କୃଷି କାର୍ଯ୍ୟର ଯନ୍ତ୍ର କିଣି ଦୋକାନ ଖୋଲି ହାଟ ଏବଂ ଗୋରୁର ବ୍ୟବସାୟ ଆରମ୍ଭ କରିଅଛନ୍ତି । ହୁସିଆରପୁରର ପଞ୍ଚବାରଠାରେ ଗ୍ରାମ୍ୟ ସମିତି ଗ୍ରାମକୁ ଜଳ ଖାଇ ଯାଉଥିବାରୁ ତହିଁର ରକ୍ଷା କାର୍ଯ୍ୟ ହାତରେ ନେଇଅଛନ୍ତି । ଲୁଧିଆନାଠାରେ ଲୋକେ ୯ ୧୦ ଟି ମୂଳଧନରେ ଯେଉଁ ବ୍ୟାଙ୍କ ଖୋଲିଥିଲେ ତାହା ଏମନ୍ତ ଉନ୍ନତି ଲାଭ କରୁଅଛି ଯେ ତହିଁରୁ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟକୁ ଅନେକ ଟଙ୍କା ଦାନ ଦିଆଯାଇଅଛି ଏବଂ ଗ୍ରାମ୍ୟ ବିବାଦ ମେଣ୍ଟାଇ ଦେବା କାରଣ ଗୋଟିଏ ପଞ୍ଚାୟତ ନିଯୁକ୍ତ ହୋଇଅଛି । ଅନେକ ସ୍ଥାନରେ ବ୍ୟାଙ୍କ କମିଟିମାନେ ପଞ୍ଚାୟତ ସ୍ୱରୂପ କାର୍ଯ୍ୟ କରିବାର ଦେଖାଯାଏ । ଜଙ୍ଗଲଜାତର ଲୋକେ ମୁଦ୍ରା ଏଥିର ଆସ୍ୱାଦନ ପାଇ ଆପଣା ମଧ୍ୟରେ ସମିତି ଖୋଲି ନାନାପ୍ରକାର ଦ୍ରବ୍ୟ ଏବଂ ଶସ୍ୟର ଭଣ୍ଡାର ସ୍ଥାପନ କରିଅଛନ୍ତି । ସେଠା ଲେଫଟେଣ୍ଟ ମହୋଦୟ କହିଅଛନ୍ତି ଯେ ଗ୍ରାମ୍ୟ ହେଉଥିବା ଜନମାନଙ୍କରେ ଏହି ସମିତିମାନଙ୍କଦ୍ୱାରା ଅମୂଲ୍ୟ କାର୍ଯ୍ୟ ହୋଇ ପାରେ । ମାଟିରେ ପୋତା ହୋଇଥିବା ଟଙ୍କା ଅନେକ ବ୍ୟାଙ୍କକୁ ଜମା ହେବା ସଙ୍ଗେ ଆସୁଅଛି ଏବଂ ପୋତା ଧନ ଚଳାଇବାର ଦେଖି ସେ ଅଞ୍ଚଳର ସଞ୍ଚିତ ଧନକୁ ସମବାୟ ଅନୁମୋଦିତ ଯୋଗ ବାହାର କରିବାକୁ ଆରମ୍ଭ କରିବାର ଉତ୍ତମରୂପେ ଜଣାଯାଏ ।—ସମବାୟ ଋଣ ସମିତିମାନ ସ୍ଥାପନ ହେବାଦ୍ୱାରା ଦେଶରେ ଏକତା ଏବଂ ପରସ୍ପର ପ୍ରତି ବିଶ୍ୱାସ ସ୍ଥାପନର ଯେଉଁ ବାଟ ପରିଷ୍କୃତ ହୋଇଅଛି ତାହା ବହୁ ମୂଲ୍ୟ ଅଟେ । ମହାଜନମାନେ ସ୍ୱାର୍ଥପର ବୁଦ୍ଧିରେ ପ୍ରେରିତ ନ ହୋଇଲେହେଁ ଦେଶଲୋକେ ଏଥିରେ ଲିପ୍ତ ହେଲେ ଅନନ୍ୟୋପାୟ ହୋଇ ତାଙ୍କୁ ଏଥିରେ ଯୋଗ ଦେବାକୁ ହେବ । କେବଳ ଶିକ୍ଷିତ ଲୋକମାନେ ଅଧିକ ସଂଖ୍ୟାରେ ଏଥିରେ ଅଗ୍ରସର ନ ହେବା ଦୁଃଖର ବିଷୟ । ଏହା ଯେ ଅଜ୍ଞତାର ଫଳ ତହିଁରେ ସନ୍ଦେହ ନାହିଁ ମାତ୍ର ସେ ଅଜ୍ଞତା କ୍ଷମଣୀୟ ନୁହେ ।

———

## ଡାକଘର ବିବରଣୀ ।

ଭାରତର ପୋଷ୍ଟମାଷ୍ଟର ବା ଡାକ ମହକୁମା ଗୋଟିଏ ପ୍ରକାଣ୍ଡ ମହକୁମା ଏବଂ ଏଥି ସଙ୍ଗେ ଲୋକଙ୍କର ଯେ ସମସ୍ତ ସମ୍ବନ୍ଧ ଅନ୍ୟ କୌଣସି ସରକାରୀ ମହକୁମା ସଙ୍ଗେ ସେମନ୍ତ ନୁହେ । ଏହାର

Split by PDF Splitter

Digitized by srujanika@gmail.com

Split by PDF Splitter



କାର୍ଯ୍ୟ ଯେମନ୍ତ ବିସ୍ତାର ଲାଭ କରିବା ସେମନ୍ତ ଆର୍ଥିକ ସ୍ଫୁର୍ତ୍ତି ଅଟେ । ଗତ ମାର୍ଚ୍ଚ ମାସରେ ଶେଷ ହେବା ସନ ୧୯୦୯।୧୦ ସାଲ ବାର୍ଷିକ ବିବରଣୀରେ ପ୍ରକାଶ ଯେ ସେ ବର୍ଷ ୧୮୬୪୨ ଡାକଘର ଏବଂ କର୍ମଚାରୀ ସଂଖ୍ୟା ୯୨୧୬୩ ଥିଲା । ଡାକ ଚଳିବା ବାଟ ଦେଢ଼ଲକ୍ଷ ମାଇଲର ଊର୍ଦ୍ଧ୍ୱ ଅଟେ । ବର୍ତ୍ତିତ ବର୍ଷରେ ୪୦ କୋଟି ପୋଷ୍ଟକାର୍ଡ଼ ୪୦ କୋଟି ଚିଠି ( ଏଥି ମଧ୍ୟରେ କେବଳ ୪ କୋଟି ବେରିଂ ) ୫ କୋଟି ସମ୍ବାଦପତ୍ର ପାର୍ଶ୍ୱେଲ ୨୪ ଲକ୍ଷ ବହି ଇତ୍ୟାଦି ପାକେଟ ଏବଂ ୬୪ ଲକ୍ଷ ପାର୍ଶ୍ୱେଲ ଯାଏ ପ୍ରାୟ ୯୨ କୋଟି ପତ୍ରାଦି ଡାକଘର ସମ୍ବନ୍ଧୀୟ ବଣ୍ଟା ହୋଇଥିଲା । ଏଥି ଉପରେ ୨୫ କୋଟି ମନିଅର୍ଡ଼ରଦ୍ୱାରା ପ୍ରାୟ ୪୩କୋଟି ଟଙ୍କା ବଣ୍ଟା ହୋଇଥିଲା । ଏଠି ପତ୍ରାଦି ଗତବର୍ଷ ପ୍ରତି ୩କୋଟି ଏବଂ ମନିଅର୍ଡ଼ର ୮ ଲକ୍ଷ ବଢ଼ିଥିଲା । ଏହା ଛଡ଼ା ଇନସୁର ବା ବୀମା କରିବା, ଟିକଟ ବିକିବା ସେଭିଂସବ୍ୟାଙ୍କ ଇତ୍ୟାଦି କେତେ କାର୍ଯ୍ୟ ଅଛି ଯେ ସେ ସମସ୍ତ ସଙ୍ଗେ ନଗଦ ଟଙ୍କାର କାରବାର ମିଶିଅଛି । ଡାକଘର ସମୂହରେ ପ୍ରାୟ ୩କୋଟି ଟଙ୍କାର ଷ୍ଟାମ୍ପ ବିକ୍ରୟ ହୋଇଥିଲା ଯେ ତହିଁ ମଧ୍ୟରେ ପଇସାବସ୍ତା ଟିକଟ ଅଧିକ ଏବଂ କ୍ରମେ ବଢ଼ୁଅଛି । ସେଭିଂସବ୍ୟାଙ୍କରେ ୧୫ କୋଟି ଲକ୍ଷ ଟଙ୍କା ଅର୍ଥାତ୍ ଗତବର୍ଷାପେକ୍ଷା ଅଧିକ ଲକ୍ଷ ଟଙ୍କା ଜମା ଥିଲା ଯେ ତହିଁ ମଧ୍ୟରେ ଧାରଣ ଲୋକଙ୍କର ଜମା ୧୧୫ କୋଟି ଟଙ୍କା ୮୯ ଏବଂ ଏହା ୧୧ଲକ୍ଷ ୨୮ ହଜାର ବ୍ୟକ୍ତି ଜମାକର ଅଛନ୍ତି । ଜମା କରିବା ବ୍ୟକ୍ତି ଅଧିକାଂଶ ଦେଶୀୟ ଲୋକ ଅଟନ୍ତି ପୁଣି ସେମାନଙ୍କ ମଧ୍ୟରେ ବ୍ୟବହାରଜୀବୀ ଏବଂ ସରକାରୀ ଚାକର ସଂଖ୍ୟା ଅଧିକ । ଗତବର୍ଷ ପ୍ରତି ଏ ବର୍ଷ ସକଳ କାର୍ଯ୍ୟ ବୃଦ୍ଧି ହୋଇଥିବା ପ୍ରତ୍ୟେକ ଡାକଘର ବିରୁଦ୍ଧରେ ଫରିଆଦି ସେ ବର୍ଷରେ ୫୧୪୮୩ ଥିଲା ଏବଂ ଅନୁସନ୍ଧାନରେ ତହିଁ ମଧ୍ୟରୁ କେବଳ ୧୬୬୪୮ ନ୍ୟାଯ୍ୟସଙ୍ଗତ ଥିବାର ଜଣାଗଲା । କାର୍ଯ୍ୟର ପରିମାଣ ଦୃଷ୍ଟିରେ ଏହା ସାମାନ୍ୟ ବୋଲିବାକୁ ହେବ । ଏପରି ଫରିଆଦି ଅନୁସାରେ କରିବା ମମଲା ନ ୮୪ ମିର, ମନିଅର୍ଡରସହିତ ଚିଠିକରା ଭ ୧୫୪ ମିର ଏବଂ ସେଭିଂସବ୍ୟାଙ୍କ ଚିଠିକରା ନ ୧୧ ମିର ଏବଂ ଡାକଘରୁ ଚୋରି ନ ୮୩ମିର ହୋଇଥିଲା । ଏ ସମ୍ବନ୍ଧରେ ୫୫ ପୋଷ୍ଟମାଷ୍ଟର ୩୪ ପିଅନ ଏବଂ ୨୨୪ ପୋଷ୍ଟମାନ ପ୍ରଭୃତି ଦଣ୍ଡ ପାଇଅଛନ୍ତି ଏବଂ ଚୋରି ହୋଇଥିବା ୫୬ ହଜାର ଟଙ୍କା ମଧ୍ୟରୁ ୨୬୪୬୨ ଟଙ୍କା ଅଦାୟ ହୋଇଅଛି । ଏ ସମସ୍ତ ବିବରଣୀରୁ ଉତ୍ତମରୂପେ ପ୍ରକାଶ ଯେ ଡାକଘର କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକରୂପେ ଚାଲୁଅଛି ଏବଂ ଏ ମହକୁମାପ୍ରତି ଲୋକଙ୍କର ବିଶ୍ୱାସ ବଢ଼ୁଅଛି ।

———

## ଘୁଅଁଗାଲୁ ଉପଦ୍ରବ ।

ଏ ବର୍ଷ ଚତୁର୍ଦ୍ଦିଗରେ ଘୁଅଁଗାଲୁ ଅଧିକ ହୋଇଥିବାର ଦେଖାଯାଉଅଛି ଏବଂ ଏ ନଗରରେ ମଧ୍ୟ ଲୋକେ ତାଙ୍କ ଉପଦ୍ରବରୁ ବ୍ୟତିବ୍ୟସ୍ତ ହୋଇଅଛନ୍ତି । ଆଶ୍ୱିନ ମାସର ଅଧିକା ବୃଷ୍ଟି ଯୋଗେ ଏମାନଙ୍କ ସଂଖ୍ୟା ବିସ୍ତର ବଢ଼ିଥିବାର ଜଣାଯାଏ । ଏଠା ମିଉନିସିପାଲଟି ଘୁଅଁଗାଲୁର ଉପଦ୍ରବ ନିବାରଣ ନିମିତ୍ତ ସକଳ ଘାସମାନ କାଟି ପକାଇବା କାରଣ ଢେଣ୍ଡରାଦ୍ୱାରା ଲୋକମାନଙ୍କୁ ଜଣାଇ ଦେଇଅଛନ୍ତି ଏବଂ ଅନେକ ଲୋକେ ଆପଣା ସକଳା ଗଛମାନ କାଟି ପକାଉଅଛନ୍ତି । ଘୁଅଁଗାଲୁର ହାତରୁ ରକ୍ଷା ପାଇବା କାରଣ ସକଳାଗଛ କାଟିବାର ଆଦେଶ ଯେମନ୍ତ ଅଭିନବ ସେମନ୍ତ କୌତୁକଜନକ ଅଟେ ଏବଂ ଘାସ ଘାଟିବା ହେଲୁ କଅଁରେ ଘର ପୋଡ଼ିଗଲେ ଅନ୍ତ ଘାସ ନ ଗନ୍ଧ ଉପାସ ରହିବା ନ୍ୟାୟପର ହୋଇଅଛି । ଘୁଅଁଗାଲୁ ଯେମନ୍ତ ସକଳା ସେମନ୍ତ ଗଙ୍ଗଶିଉଳୀ, ବରକୋଳି ଓ ଚମ୍ପା ଇତ୍ୟାଦି ଗଛରେ ମେଣ୍ଢ ବାନ୍ଧନ୍ତି ଏବଂ ଦରକାର ଲୋକେ ସେମାନଙ୍କୁ ଲୁଗା କଅଁରେ ପୋଛି ଦେଇ ସୁଖରେ ରହୁଥିବେ । ମୋଫସଲରେ ଏ ସ୍ଥିତି ଦେଖାଯାଏ । ସହରରେ ଯେଉଁମାନେ ଏ ନିୟମ ପ୍ରତିପାଳନ ପୂର୍ବକ ଆପଣା ବାଡ଼ିର ସକଳା ପ୍ରଭୃତି ଗଛର ଘୁଅଁଗାଲୁର ମେଣ୍ଢ ଦେଖି ପ୍ରତିଦିନ ଯତ୍ନପୂର୍ବକ ପୋଛନ୍ତି ସେମାନେ ଯେମନ୍ତ ନିସ୍ତାରରେ ରହନ୍ତି ସେମନ୍ତ ତାଙ୍କର ସକଳା ପ୍ରଭୃତି ଗଛ ମଧ୍ୟ ଭଲ ଥାଏ । ମାତ୍ର ଆମ୍ଭେମାନେ ଦେଖୁଅଛୁଁ ଯେ ଲୋକେ ଏଥିକି ନିତାନ୍ତ ନିଶ୍ଚେଷ୍ଟ ହୋଇ ସେ ଆଡ଼କୁ ଦୃଷ୍ଟି ଦେଉ ନାହାନ୍ତି । ଗତ କେତେକ ବର୍ଷ ଏ ଭଳି ବୃଷ୍ଟି ହୋଇ ନ ଥିବାରୁ ଏ ଉପଦ୍ରବ ନ ଥିଲେହେଁ ଲୋକେ ଏ ଉପାୟ ଭୁଲିଯାଇ ଥିବାର ଆମ୍ଭେମାନେ ବୋଧ କରୁ ନାହୁଁ । କେବଳ ଲୋକେ ନିତାନ୍ତ ନିରୁଦ୍ୟମଶୀଳ ଏବଂ ଆଳସ୍ୟପ୍ରିୟ ହୋଇଥିବାର ଜଣାଯାଉଅଛି । ମିଉନିସିପାଲଟିର ଆଦେଶ ପ୍ରତିକାର ଯଥାର୍ଥ ହେଲେ ଲୋକଙ୍କୁ ଗଙ୍ଗଶିଉଳୀ, ବରକୋଳି, ଚମ୍ପା ଇତ୍ୟାଦି ଗଛମାନ କାଟି ଆପଣା ବାଡ଼ି ସଫା କରି ଦେବାକୁ ହେବ ଏବଂ ମିଉନିସିପାଲଟିର କମିସନର ଓ କର୍ମଚାରୀମାନେ ଦେଶୀୟ ହୋଇଥିବାରୁ ତାଙ୍କୁ ପ୍ରକୃତ ପ୍ରତୀକାରର ବିଷୟ ଜଣା ନ ଥିବାର ବୋଲାଯାଇ ନ ପାରେ । ଘୁଅଁଗାଲୁ ପରି ମାଙ୍କଡ଼ର ଉପଦ୍ରବ ମଧ୍ୟ ବଢ଼ିଅଛି ଏବଂ ଲୋକେ ଆଗପରି ସେମାନଙ୍କୁ ଗୁଳି ବାଡ଼ି ନ ଥିବା ଦମ୍ଭ ବାଟ ଲଗାଇ ବ୍ୟବହାର କରୁ ନ ଥିବାରୁ ବାଡ଼ିରେ କଦଳୀ ଫଳ ଫୋଡ଼ି ବା ପିଣ୍ଡାରେ ଲାଉ କଖାରୁ ଇତ୍ୟାଦି କରିବା ଦୁଷ୍କର ହୋଇଅଛି । ବଜାରରେ କୁକୁରର ଉତ୍ପାତ ଏମନ୍ତ ହୋଇଅଛି ଯେ ଅନେକ ଲୋକେ କୁକୁର କାମୁଡ଼ାରେ ବ୍ୟତିବ୍ୟସ୍ତ ହୋଇଅଛନ୍ତି ଅଥଚ ମିଉନିସିପାଲଟିରୁ କୁକୁର ମାରିବାର କୌଣସି ବନ୍ଦୋବସ୍ତ ଓ ଚେଷ୍ଟା ଆଗପରି ଦେଖାଯାଉ ନାହିଁ । ଦୁଷ୍ଟ ଜନ୍ତୁମାନଙ୍କ ଉପଦ୍ରବ ନିବାରଣ ପ୍ରତି ଲୋକଙ୍କର ତଥା ମିଉନିସିପାଲଟିର ନିଶ୍ଚେଷ୍ଟତାର କାରଣ ଆମ୍ଭମାନଙ୍କ ସୂକ୍ଷ୍ମ ବୁଦ୍ଧିରେ ପଶୁ ନାହିଁ । ଘୁଅଁଗାଲୁର ଉପଦ୍ରବ ସକାଶେ ଯେବେ ସକଳା ଗଛ କାଟିବାକୁ ହେବ ତେବେ ମାଙ୍କଡ଼ର ଉପଦ୍ରବ ହେତୁ ବାଡ଼ିରେ କଦଳୀ ରୋପ ଓ ପିଣ୍ଡାରେ ଲାଉ କଖାରୁ ପ୍ରଭୃତି ନ କରିବା ଏବଂ କୁକୁର କାମୁଡ଼ାର ଉପଦ୍ରବ ଯୋଗେ ବଜାରକୁ ନ ଯାଇ ଘରେ ବସି ରହିବାକୁ ହେବ । ଏ ଉପଦେଶ କେମନ୍ତ ପାଠକେ ବିବେଚନା କରିବେ ।

—॰○*○॰—

## ବଙ୍ଗଳାର କୃଷିମହକୁମାର ବିବରଣୀ ।

ଗତ ଜୁନମାସ ତା ୩୦ ରିଖରେ ଶେଷହେବା ବର୍ଷ ମଧ୍ୟରେ ବଙ୍ଗଳାର କୃଷି ମହକୁମାର ରିପୋର୍ଟ ଉପରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ବାହାରିଅଛି । ତହିଁ ମଧ୍ୟରୁ ଅବଶ୍ୟ ଜ୍ଞାତବ୍ୟ ବିଷୟ ଏଠାରେ ପ୍ରକାଶ କଲୁଁ । ଯେଉଁ ସ୍ଥାନରେ ବର୍ତ୍ତମାନକାର୍ଯ୍ୟ ଖୋଲା ଯାଇଅଛି ସେଠା କାର୍ଯ୍ୟ ଉପଯୁକ୍ତ ଅବସ୍ଥାରେ ରଖା ନ ଯିବା ପର୍ଯ୍ୟନ୍ତ ନୂତନ ସ୍ଥାନରେ କାର୍ଯ୍ୟ ଖୋଲାଯିବ ନାହିଁ । ଆଖୁ ସମ୍ବନ୍ଧରେ ଭେରେଗୁଡ଼ାଏ ବୈଜ୍ଞାନିକ ପରୀକ୍ଷା ହୋଇଥିଲା ଏବଂ କେଉଁ ଆଖୁରୁ ଅଧିକ ଗୁଡ଼ ଉତ୍ପନ୍ନ ହୋଇ ପାରେ ଏହା ଅଳ୍ପଦିନ ମଧ୍ୟରେ ସ୍ୱତନ୍ତ୍ର ରିପୋର୍ଟରେ ପ୍ରକାଶିତ ହେବ । ବିହାରୀ ଲୋକେ ଆଖୁଚାଷ ଭଲ କରି ପାରୁ ନାହାନ୍ତି । କଟକର ଆଦର୍ଶ କୃଷିକ୍ଷେତ୍ରରେ ଯେଉଁ ଷ୍ଟୋଟ ହୋଇଥିଲା ତାହା ହେଷ୍ଟିଙ୍ଗସ ଷ୍ଟୋଟ ହାରଗାଡ଼ା ଭଲ ବୋଲି କହୁଅଛନ୍ତି ମାତ୍ର ତହିଁର ମୂଲ୍ୟରେ ଅଧିକ ଖର୍ଚ୍ଚ ପଡ଼ୁଥିବା ଏବଂ ଖର୍ଚ୍ଚା ଅଧିକ ହୋଇଥିବାରୁ କୃଷିମାନେ ତହିଁରୁ ବହୁତ ଉପକାର ପାଇବେ ନାହିଁ । ଗାଈ ଭଳି ହେବା ହେତୁ ବିହାରୀ ଲୋକେ ଷ୍ଟୋଟ ଚାଷ ଛାଡ଼ି ଦେଇଅଛନ୍ତି । ବଙ୍ଗପ୍ରଦେଶରେ କପାଚାଷ ଆଶାପ୍ରଦ ନୁହେ । ମଜଫରପୁର ବେଲେଭିଷ୍ଟମର ପାରଦର୍ଶୀ ଲୋକ ଭଲ ଛଣପଟ ନିର୍ମାଣ କରିଥିଲେ । ବଙ୍ଗଳାର ରେଶମ ଉନ୍ନତି କାର୍ଯ୍ୟ ଗୋଟିଏ କମିଟିର ଅଧୀନରେ ଅଛି । ସେହି କମିଟିରେ କୃଷିବିଭାଗର ଡାଇରେକ୍ଟର, ମୁରସିଦାବାଦର କଲେକ୍ଟର ଏବଂ ବଙ୍ଗଳାର ପ୍ରଧାନ ରେଶମ ବ୍ୟବସାୟୀଙ୍କର ଜ ୪ ଣ ପ୍ରତିନିଧି ଅଛନ୍ତି । ବାବୁ ଅପୂର୍ବକୁମାର ଘୋଷଙ୍କ ତତ୍ତ୍ୱାବଧାନରେ ଏଥିର ବିଶେଷ ଉନ୍ନତି ହୋଇଅଛି ଏବଂ ମୁରସିଦାବାଦ, ବୀରଭୂମ ଓ ମେଦନୀପୁରରେ

Digitized by srujanika@gmail.com

ଗୋ ୬ ଟି ରେଶମ ଉତ୍ପାଦନର କାରଖାନା ସ୍ଥାପିତ ହୋଇଅଛି । ସମ୍ପ୍ରତି ଗୋ ୧୮ ଟି ସ୍ଥାନରେ ରେଶମ ଉତ୍ପନ୍ନ ହୁଏ ଏବଂ ପେବ୍ରାଇନ ଧାମର ରୋଗଦ୍ୱାରା ରେଶମୀ ପୋକ ବିନଷ୍ଟ ହେବା ହେତୁ ସେ ବ୍ୟବସାୟର ଅବନତି ଘଟିବାରୁ ଉକ୍ତ ରୋଗ ନିବାରଣାର୍ଥ ଯଥୋଚିତ ଉପାୟ ଅବଲମ୍ବିତ ହୋଇଅଛି । ବରହମପୁରରେ ଗୋଟିଏ ଶିକ୍ଷାଶ୍ରେଣୀ ଖୋଲିଅଛି, ସେଠାରେ ବର୍ଷେ ପଢ଼ିବାକୁ ହୁଏ ଏବଂ ମାସିକ ୮ ଟଙ୍କାର ଗୋ ୬ ଟି ବୃତ୍ତି ମଧ୍ୟ ସ୍ଥାପିତ ହୋଇଅଛି ୬ଜଣ ବାଳକ ପଢ଼ୁଅଛନ୍ତି । ସାବୁରର ପ୍ରାଦେଶିକ କୃଷିକଲେଜ ପ୍ରସ୍ତୁତ ହୋଇଅଛି ଏବଂ ସେଥିର କାର୍ଯ୍ୟ ଏହି ନଭେମ୍ବର ମାସରୁ ଚଳିବ । ପ୍ରଥମବାର୍ଷିକ ଶ୍ରେଣୀରେ କେବଳ ୨୦ ଣ ଛାତ୍ର ପଢ଼ିବେ ଏବଂ ତହିଁ ମଧ୍ୟରୁ ପୂର୍ବବଙ୍ଗ ଓ ଆସାମର ଛାତ୍ର ଏକଚତୁର୍ଥାଂଶ ହେବେ । ସାଧାରଣ ବିଦ୍ୟାଳୟମାନଙ୍କରେ କୃଷିଶିକ୍ଷାର କୌଣସି ଉନ୍ନତି ହୋଇ ନାହିଁ । କଟକ, ଗୟା, ଡୁମରାଓଁ, ହଜାରିବାଗ ଏବଂ ବର୍ଦ୍ଧମାନରେ ଥିବା କୃଷିଶ୍ରେଣୀ ଉନ୍ନତ କରି । ବିଷୟ ପରୀକ୍ଷକ ବୋର୍ଡ ଦ୍ୱାରା ବିବେଚିତ ହୋଇ ତାଙ୍କ ରିପୋର୍ଟମତେ ବର୍ଦ୍ଧମାନ, ହଜାରିବାଗ ଏବଂ କଟକର ଶ୍ରେଣୀ ବର୍ତ୍ତମାନ ସକାଶେ ବନ୍ଦ କରାଯାଇଅଛି । ଉକ୍ତ ବିଦ୍ୟାଳୟମାନଙ୍କର ଛାତ୍ରଙ୍କୁ କୃଷିଶିକ୍ଷା ଦେବା ବିଷୟ ବିବେଚନାଧୀନ ଅଛି ମାତ୍ର ଉପଯୁକ୍ତ ଶିକ୍ଷକ ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟ ହୋଇ ପାରିବ ନାହିଁ । ଚଷାମାନଙ୍କୁ କାର୍ଯ୍ୟ-ଦ୍ୱାରା ଶିଖାଇବା ପ୍ରଧାନତଃ କଟକର ଆଦର୍ଶ କୃଷିକ୍ଷେତ୍ରରେ ଚଳିଅଛି ଏବଂ ଏ ପ୍ରଣାଳୀ ଅନ୍ୟ ସ୍ଥାନର କୃଷିକ୍ଷେତ୍ରରେ ସ୍ଥାନୀୟ କୃଷିସଭା ଅଧୀନରେ ଚଳାଇବାର ଉଦ୍ୟୋଗ ହେଉଅଛି । ପାଟନା ଏବଂ ଓଡ଼ିଶାର ପ୍ରାଦେଶିକ କୃଷିସଭା ଏବଂ ସମ୍ବଲପୁର ଜିଲ୍ଲା-ସଭାର ସଭ୍ୟମାନେ କୃଷିର ଉନ୍ନତି ବିଷୟରେ ବିଶେଷ ଦୃଷ୍ଟି ଦେଉଥିବା ଆନନ୍ଦର ବିଷୟ, ବର୍ଷ ମଧ୍ୟରେ ଅନେକ ସ୍ଥାନରେ କୃଷି ପ୍ରଦର୍ଶନୀ ହୋଇଥିଲା ଏବଂ ତହିଁକି ଗବର୍ଣ୍ଣମେଣ୍ଟ ଟ ୬୯୬୮ ସାହାଯ୍ୟ ଦେଇଥିଲେ । ଏ ପ୍ରଦର୍ଶନୀମାନ କୃଷିବିଭାଗର କାର୍ଯ୍ୟକୁ ଯେପରି ସହାୟ ହେବ ତହିଁର ବନ୍ଦୋବସ୍ତ ହେଉଅଛି । ଶେଷରେ ଗୟା ପ୍ରଭୃତି କେତେକ ଜିଲ୍ଲାରେ ଲୁଣା ଜଳରେ କୂଅ ଖୋଳା ଏବଂ ବଙ୍ଗୋପସାଗରର ମାଛ କାର୍ଯ୍ୟର ଉନ୍ନତି ହୋଇ ନିର୍ଦ୍ଧାରଣୀ ଶେଷ ହୋଇଅଛି ।—କୃଷିର ଉନ୍ନତି ସକାଶେ ଗବର୍ଣ୍ଣମେଣ୍ଟଙ୍କ ଚେଷ୍ଟା ଓ ଯତ୍ନ ଅବିରତ ଲାଗିଥିବାର ଦେଖାଯାଏ । ଏ ହେତୁ ଗବର୍ଣ୍ଣମେଣ୍ଟ ଧନ୍ୟବାଦର ପାତ୍ର ଅଟନ୍ତି ।

—*—

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଜି, ଏଚ୍, କିଲେଟ୍ସନ ମହାଶୟ ସାହେବ ଏମ୍ ଡି, ଏସ ସହିତ ଏ.ସି ପର୍ଯ୍ୟନ୍ତ ବଙ୍ଗ ଗବର୍ଣ୍ଣମେଣ୍ଟର ଉପ ସେକ୍ରେଟେରୀ ହେଲେ ।

ଛୁଟିରେ ଥିବା ଜେ ମା ଓ ଜେ ବଲେକ୍ଲନ ବାବୁ ପ୍ରତ୍ୟାଗତ ହୋଇ (୬୧) ଜଣକ ଜଣସରକାର ମହକୁମାରେ ପୁନଃସ୍ଥାପିତ ହେଲେ ।

ଜଣକର ଜେ, ମା. ଓ ଜେ, ବଲେକ୍ଲନ ଏସ ମହକୁମା ଅତିରିକ୍ତ ସହେବ ସାଇଣ ପଠାଇ ସ୍ଥାନ ମହକୁମାକୁ ବଦଳି ହେଲେ ।

ଇ, ଇ, ଲେଡଣ୍ଡ ସାହେବ ଅନ, ସ. ଏସ ପଦ ଅନେକ ପର୍ଯ୍ୟନ୍ତ ଓଡ଼ିଶା ବିଭାଗର କମିଶନର ହେଲେ ।

ପୂର୍ବେ ଜେ, ନୃପେନ୍ଦ୍ରନାଥ ମୌଲିକ ମାସିକ ଉପ ଝଣ୍ଡେନ ପଦ ବଦଳରେ ସ୍ଥାପିତ ହେଲେ ।

ବାଲେଶ୍ୱରର ୪ ମ ଶ୍ରେଣୀର ସବ ରେଜିଷ୍ଟ୍ରାର ବାବୁ ଅନନ୍ତ ଚରଣ ଦାସ ବନ୍ଧ କନ ସଙ୍ଗରେ ଜଣକ ଜଣର ଉଦ୍ଧବର ସବରେଜିଷ୍ଟ୍ରାର ହେଲେ ।

ଜଣକର ସ ଦାସ ସ୍କୁଲ ସବ ଇନସ୍ପେକ୍ଟର ବାବୁ କୃପାନାଥ ଦାସ ହିଂଗୁ ବେଳୁ ଜଣକ ସ୍କୁଲ ସବ ଇନସ୍ପେକ୍ଟର ହେଲେ ।

ଉକ୍ତ ଜଣକ ସ୍କୁଲ ସବ ଇନ୍ସପେକ୍ଟର ବାବୁ ସାମାଚରଣ ପାଣିଗ୍ରାହୀ ସମ୍ବଲପୁର ଜିଲ୍ଲାକୁ ବଦଳି ହେଲେ ।

ଗତ ତା ୬ ଦିନରେ ଶେଷ ହେବା ସପ୍ତାହରେ ମୂଲ୍ୟର ଦର ଏହି କଟକ ସେ ୧୦୪, ବାଲେଶ୍ୱର ସେ ୧୪ ପୁରୀରେ ସେ ୧୭୩, ପୁରୀ ସେ ୧୧୩/ ଓ ସମ୍ବଲପୁର ସେ ୧୬ ଏବଂ ଗଡ଼ଜାତ ମଧ୍ୟରେ ସଂକୋଚ ତାଳଚେର ସେ ୨୪ ଓ ସର୍ବନିମ୍ନ ତିତିଲିଆ ସେ ୧୩ ।

## ସ୍ଥାନୀୟ ସମ୍ବାଦ ।

ଏଠା ଦାରୋଗାବାବୁ ଲକ୍ଷ୍ମଣଦାସ ସାରେ ତେଲୁ ଲୋକାପଣ ମାନର ଜଣେ ପଣ୍ଡିତର ନହାକର ଦସ୍ତାବିଜ ୧୦୦୦ ଙ୍କା ଉଚିତର ଦସ୍ତାବେଜ ଗୋଟିଏ ସିନ୍ଧିହୋଇ ଟଙ୍କା ମେଣ୍ଟ ପାଇବାରୁ ପ୍ରଥମାନ ଲକ୍ଷ୍ମଣ ଦାସ ପୁଲିସରେ ଏତଦ ତେଲ ସେ ଉକ୍ତ ଦୋକାନର ହାତରେ ଟଙ୍କା ସହିତ ମୋଟ ଟ ୨୦୦ ଙ୍କା ମଲ୍ୟର ଲୁହାର ସଲକାର ଜେଲ ପାଇଅଛି ପୁଲିସ ତଦନ୍ତରେ ହକ ନିକଟର ସାର ବାହାରେ ଜେଲ ସହିତ ତହିଁ ନ ପାଇବା ସହିତ କଥ ଲକ୍ଷ୍ମଣ ଦାସ ପ୍ରତି ସନ୍ଦେହ ରଖି ତାହାର ମା ସହିତ ଲକ୍ଷ୍ମଣ ଦାସକୁ ମୁଚଳ ଦେଇ ସ୍ୱବାବୁ ପ୍ରତ୍ୟେକ ଟ ୧୦୦ ଙ୍କା ଜାମିନରେ ଥାଇ ମକଦ୍ଦମା ଚାଲୁ ହେଉଅଛି ।

ଏଠା ମୁନସିଫଙ୍କ ଅଦାଲତ ବେହେରା ହୋଟିସ୍ ସେସରେ ମୁଣ୍ଡ ଦଉ ସେଠା ପକ୍ଷର ଚମ୍ପୁର ଯଦୁ ମେହେର ଜଣ ସ୍ୱତା ଅପରାଧରେ ଗ୍ରେପ୍ତାର ହୋଇ ଟ ୧୦୦ ଙ୍କା ଜାମିନରେ ଅଛି ଓ ମକଦ୍ଦମା ଚାଲୁ ହେଉଅଛି ।

ଏଠା ଅସିଷ୍ଟାଣ୍ଟ ଡାକ୍ତର ଦେବୀ ବାବୁ ସର୍ଜରଙ୍କ ଶାଟିଫିକେଟ ଗୋଟିଏ ଦାଗ ଗୋ ୨ ଟି ପତ୍ରିକା ହାତୀର ସ୍ୱୟଂ କଲ୍ୟାଣ ଉକ୍ତ ବାବୁ ହେମ୍ ପଟଳ ଅଛନ୍ତି ।

## ଯାଜପୁର ସମ୍ବାଦ ।

ମେଘ ଛଡ଼ିଯିବାରୁ ସାମାନ୍ୟ ଶୀତ ଅନୁଭବ ହେଉଅଛି ଟେଙ୍କାନାଳରେ ଅଧାସରେ ସନ୍ତ୍ରୋ ମେସ ଦେଖାଯାଏ ପର ସମସ୍ତେ କାର୍ତ୍ତିକ ହେଉଅଛି ।

ମେଳମେସ ଜାର୍ମୀ ଅଟମ ହୋଇଅଛି ସଂସାରବାସ ଓ ସ୍ୱପ୍ନମାନଙ୍କର ଉପରେ ହୋଇ ଅପଣା ବଳ ଓ ସମ୍ବଲମାନଙ୍କରେ ଷଣ୍ଢା ସବେ ଜମ୍ବ ହେଉଅଛନ୍ତି ।

ପ୍ରାୟ ବର୍ଷାର ଶେଷ ଏଠାର ଶୀତ ନିମନ୍ତେ ବୃକ୍ଷରେ ଭାବ ରେ ବେଗେବ୍ୟାଂଶ ଇଞ୍ଚିଯାଇ ଲେଖେବେଗ ଲୁହାର ଭଲ ଭଲେ ଏସ୍ତିଦକ୍ଷେତ୍ର ଉକ୍ତ ପୁଣି ଇସାପୁରେ ଦସରୁ ଛଟି ବର୍ ତୃଜା ସେସ୍ତବାଣ ହେତୁ ଟ ୫୦୦ ଙ୍କା ଖା ହେତୁ ଶତେଲେଡମାଇ ସନ୍ନାଦ ଭଦ ବାସ୍ତବ୍ୟୁଦ । ବେନ୍ତେ ଭଦବାରୁ ସାହେବ ଦର ୦ ୧ ସେତେଜ ପଡ଼ିସର ଶସ୍ତ୍ର ବାବୁ ସଂପାଦ୍ୟ ପ୍ରଧୀ ବଲିବଟର ମହେ ବସ୍ତୁର ଭଦ ଓ ଅଇ ଲୋକକ ଉଦଶାରରେ ପ୍ରାୟ ଟ ୫୦୦ ଅଦାୟ ହୋଇ ତଲେପଡ଼ିବା । ପଅଟେ ବାଦରି ଉଠାଇ ନଭର ତୃତୀୟ ସର୍ଣ୍ଣ ଉପୀ ଭଜ ପୁନଃସ୍ଥାପିତ ହୋଇଅଛି ଓ ଷ୍ଟାନ ବେମରଭ ଭଣ୍ଡ ସାଧାରଣ ସର୍ବଦା ଉଦ ସମ୍ପ୍ରଦାୟରେ ଉପ ଲେଖକବତ ପଣ୍ଡ ନଭଷାକୁ ଜାମତ ଜଞ୍ଜିତ ତାହୁଣ ବାଣଗ ଘଟ ବଲୁଛନ୍ତି ।

ଶାହେବ୍ୟାନ ନ ପାତ୍ର କର୍ତ୍ତିକ ସାହେବ ଭର ହେଲେଷ୍ଟର ନଗ୍ଟ ପତ୍ର ସହ ପ ଧନ ଭଦ ଓ ଏଠାରୁ ଏ ମହାଜନ ଅଟି ଗ କର ବେଲରେ ସହାୟ ସ୍ୱଘଣ ଦେବାର ପ୍ର ଛନ୍ତି ସାହେବ ଧାନକଟା ଜଥା ହେ ଅ ମହଙ୍କ ଭଦ୍ର ଭାତ ଦେ ଇପର ଧାନର ତତ ଏହାପର ଛଟି ଅନ୍ୟାନ୍ୟ ଜଦେଶୀ ନଦାନ ସହେତବା କାରଣ ପଡ଼ି ସତ୍ରାଣ ଜେ ଣ୍ଡହେବାର ସେ ଅସାଧ୍ୟ ତାହା ବୁ ହେବ ।

## ଧାନ୍ୟ ନଣ ସମ୍ବାଦ ।

ଭଗମୋର ତା ୨୧ଶରେ ଉଦୟା ସର୍ବତ୍ର ହ୍ରାଦରର ଖୋଟ ଏବ ଘ ଗୋପାମରେ ଲକ୍ଷତ ଥାଇ ସେଠାରୁ ଜଦ୍ରା ସ୍ୱବା ସମସ୍ତେ ଖୋଟକ୍ରମାନଙ୍କରେ ଥା ସଜ୍ଜିତ ସପର୍ବ ହୋଇଥିବାର ପ୍ରବାଦ ; ଇହୁ ଏବେସ୍ପା ସମୟରୁ ପ୍ରାୟ ଗଜଠାପର୍ଯ୍ୟନ୍ତ ସ୍ୱଳ । ଖୋଟ ଛତ୍ରା ସନ୍ନାମାଳର ବଶେଷ କ ଖାଇଁ ଏବଂ ଛଡ଼ର ସନ୍ମାନ ପ୍ରାୟ ମଦଲଷଟ ।

ଅଉତାବାତ ଠାରୁ ସମ୍ବାଦ ମିଳୁ ସେ ଉତାଏଣ ବଳର ମୋକଦ୍ଦମାରେ ୪୬ ଜଣ ପଣା ୪୦ ଜଣ ଦଣ୍ଡପ୍ରାପ୍ତ ହୋଇଅଛନ୍ତି । ଏହି ମୋକଦ୍ଦମାରେ ୪୦୬ ଜଣ ସାକ୍ଷୀ ର ଯୋବାନବନ୍ଦୀ ଅଛି । ବସ୍ତୁବାଳି ଏହି ଉତ୍ପାଦବାଳର ଲେବକ ଧରସାଦ ହ ଶେଲ ମାତ୍ର ଗୋଟିଏ ମୋକଦ୍ଦମାରେ ବନ୍ଦୀ ଗୋଦାବରୀ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ପାଇ ସମ୍ବାଦ ବଜେଣ ପ୍ରବାସସବାଦ ସ୍ୱ ବୃଦ୍ଧ ହେବାର ତ. ଜ ଷମା ତିଥ ଯଥଯ । ସେ କେବଳ ୭୨ ଗୋଟି ଉତ୍ପାଦର ଦଶ ସ୍ତ୍ରବାସ ଦଳ ସେ ତହିଁରେ ସେମନ୍ତ ପ. ନବ ସବାତ ସନ୍ତ୍ରା ଲେମନ୍ତ ମୃତ୍ୟୁ ସଟନା ମଧ୍ୟ ବସ୍ତୁର ଅଛି ।

ପର୍ତ୍ତୁଗାଲର ପ୍ରଜାତନ୍ତ୍ର ଶାସନ କର୍ତ୍ତା ସେଠା ପ୍ରତ୍ୟେକ ଲକ୍ଷୀ ସ୍ଥାନୋ ବେଶଭଳ ଭୂଷାଜାସ କରିବା ଏବ ଜେଠେ ଲେବନର ଉପଦେଶାର୍ଥ ସକାଶ ଉତ୍ସବର ଅଦାଯ୍ୟ ଇଥିବା ସପରାଧରେ ଧନ ହେଇ ଲେଷ ପ୍ରାଣ ମୁକ୍ତର ଜାମିନରେ ମକ୍ତ ହୋଇଅଛନ୍ତି । ତୃତୀୟ ପ୍ରାୟ ଉପଷଣ । ଏହାଙ୍କସତ ବଂଶଧରମାନେ ପୁଣ ସହାୟତା ଏଚବାହେତୁ ଧରା ହୋଇଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter



# NOTICE.

Wanted a 2nd master for the Santrapur M. E. School on a salary of Rs 10 per mensem. Application to be received by the undersigned up to the 30th instant. None need apply who has not passed the M. E. examination and has no experence in teaching in new scheme.

Cuttack
10-11-12

Binodlal Bosu
(Secy. of the School)
Kathgada Sahi
Cuttack

## ନୋଟିସ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ମିଉନିସିପାଲିଟି ଇଲାକା ସହାଣେ ରଇତ ସନ ୧୯୧୦ ମସୀହା ଡିସମ୍ବର ମାସ ତା ୧ ରଖଠାରୁ । ଲା । ସନ ୧୯୧୧ ମସୀହା ଡିସମ୍ବରମାସ ତା ୩୧ ରଖ ସୁଦ୍ଧା ମୁଦତ୍ ତେର-ମାସ ନିମନ୍ତେ ନିମ୍ନଲିଖିତ ଜିନିଷାଦିମାନ ଦରକାର ଅତଏବ ଯେଉଁ ବ୍ୟକ୍ତିମାନେ ଉକ୍ତ ଜିନିଷାଦି-ମାନ ଯୋଗାଇବା ସକାଶେ ଇଚ୍ଛା କରନ୍ତି ସେମାନେ ଟିଏ ଦ ଖାତରେ ଯୋଗାଇବେ ତହିଁର ଲିଖିତ ଦରଖାସ୍ତ ଏ ନୋଟିସ ଜାରି ତାରଖଠାରୁ ଦ ୧୫ ଦ ମଧ୍ୟରେ ଆମ୍ଭ ନିକଟରେ ଦାଖଲ କରିବେ ।

ତଫସିଲ ।

୧—ନଡ଼ା ୨—ଚାଉଳ ୩—ଖେସାରୁ
୪—ଖମାପିଡଆ ୫—ଲୁଣ୍ଡା ୬—କେରେ-ସିନତେଲହାଡମାର୍କା

୧୪-୧୧-୧୯୧୨ *Jagadis Ch. Rai Chaudhury*
*Vice Chairman*

## ଜଗମୋହନ ।

ଭକ୍ତକବି ଦୀନକୃଷ୍ଣ ଦାସଙ୍କର ପୁସ୍ତକନ୍ତ୍ର । ଏ ଗ୍ରନ୍ଥରେ ଶ୍ରୀ ଜଗନ୍ନାଥମହା ପ୍ରଭୁଙ୍କର ଦ୍ଵାଦଶ ଯାତ୍ରାର ବିସ୍ତାରିତ ବିବରଣ ଅତିପ୍ରାଞ୍ଜଳ, ଓ ସୁମଧୁର, ନାନାରାଗରାଗିଣୀ ଯୁକ୍ତ, ବିବିଧ ଛନ୍ଦ-ବନ୍ଧରେ ରଚିତ । ଉତ୍କଳ ସାହିତ୍ୟ କ୍ଷେତ୍ରରେ ଭକ୍ତକବି ଦୀନକୃଷ୍ଣ ଦାସ ସୁପରିଚିତ । ଏହାଙ୍କର ସୁଲଳିତକାବ୍ୟ ଗୁଡିକ ନେପଥର ସୁରୂଚି ସମ୍ପନ୍ନ ସେହିପରି ଆବାଳ ବୃଦ୍ଧ ବନିତାଙ୍କର ପାଠୋ-ପଯୋଗୀ ଅଟେ । ଏହାଙ୍କ କବିତାର ପ୍ରସଂଶା ଏସମୟରେ କହି ହେବନାହିଁ । ଯେ ଥରେ ପଢ଼ି ଅଛନ୍ତି ସେ ମୋହିତ ହୋଇ ତାଙ୍କର କବିତ୍ୱ ଶକ୍ତିର ଭୂୟସୀ ପ୍ରଶଂସା ନ କରି ରହିପାରି ନାହାନ୍ତି । ପାଠକେ ! ଥରେ ମାତ୍ର କବିଙ୍କ ରଚିତ "ଏହି ଜଗମୋହନ" ଶଦ୍ରକାବ୍ୟ ଖଣ୍ଡିକ ପାଠ କରି କବିଙ୍କର ଅସୀମ କ୍ଷମତାର ପରିଚୟ ପାଇବେ, ଏହା ବୋଲିବା ବାହୁଲ୍ୟ । ପୁସ୍ତକର ମୂଲ୍ୟ ୮ ୦ । କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କର ଦରଜା-ବଜାରସ୍ଥ ପୁସ୍ତକଦୋକାନରେ ମିଳିବ ।

## NILMONEY HALDER & Co.,

106, Radha Bazar, Calcutta,
Stationers, Printers and Diesinkers.



Dealers in Stationery—Note and Letter Papers, Inks, Account Books Office Sundries, Printing Materials etc., etc., etc.,



Dealers and manufacturers of Drawing and Surveying Materials and Instruments, Compass Planetables Tracing Cloth, etc., etc.,

Price Lists sent when asked for.

Orders and enquiries respectfully solicited.

*Try our Emperor Note and Foolscap Papers; Very good value.*

## ନୀଲମଣି ହାଲଦାର ଏଣ୍ଡ କୋଂ ।

ନଂ ୧୦୬ ରାଧାବଜାର କଲିକତା ।
ଷ୍ଟେସନରସ୍, ପ୍ରିଣ୍ଟର୍ସ, ଡ଼ାଇ ସିଙ୍କର୍ସ ।




ଆମ୍ଭର ଦୋକାନରେ ଷ୍ଟେସନରୀ, ଚିଠି-କାଗଜ ଛାପାଖାନାର କାଗଜ ଓ ଛାପାଖାନାର ସମସ୍ତ ସାଜ ସରଞ୍ଜାମ, ହୁଅର, କଲମ, ଲେଖି-ବାର ନାନାବିଧ କାଳୀ, ହିସାବ ଲେଖିବାର ବହି, ଅଫିସ ବ୍ୟବହାରୀୟ ଯାବତୀୟ ଜିନିଷ ଓ ବହି ଜିଲ୍ଦ ଓ ସର୍ଭେ ମାପର ଯନ୍ତ୍ର ଓ କାଗଜ ନାନ ସମସ୍ତ ଦ୍ରବ୍ୟ



ସର୍ବଦା ଶସ୍ତା-ଦରରେ ବିକ୍ରି ସ୍ଵାର୍ଥେ ପ୍ରସ୍ତୁତ ଅଛି । ବସିଦ ପାଇବା ମାତ୍ରେ ସମସ୍ତ ଜିନିଷ ସ୍ଵଳ୍ପ ସମୟ ମଧ୍ୟରେ ଶୀଘ୍ର ପଠାଯାଏ । ପତ୍ର ଲେଖିଲେ ଆମ୍ଭର ସଚିତ୍ର ସୁବୃହତ୍ ମୂଲ୍ୟ ତାଲିକା ବିନା ପାଇବେ ।

ଆମ୍ଭର "ଏମ୍ପରର" ନୋଟ ପେପର ଓ ଫୁଲ-ସ୍କେପ କାଗଜ ଅତି ଉତ୍କୃଷ୍ଟ । ବ୍ୟବହାର କଲେ ଜାଣିପାରିବେ ।

## ବିଜ୍ଞାପନ ।

ଟ୍ରାମଗାଡ଼ି ଚଳାଇବା ପାଇଁ ଉଚ୍ଚ ବର୍ଣ୍ଣୀୟ ଗ୍ରାଜୁଏଟ୍ ସୁଦକ୍ଷ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଉତ୍ତମରୂପେ ଉନ୍ନତିର ଆଶା ଅଛି । କଲିକତା ଟ୍ରାମୱେଜ୍ କମ୍ପାନୀ ଲିମିଟେଡ଼ର ଟ୍ରାଫିକ ସୁପର ଇଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିବାକୁ ହେବ । ନଂ ୬୩ମ୍ବର ଡ଼ଲହାଉସି ଷ୍ଟ୍ରିଟ କଲିକତା

## ଓଡ଼ିଶା ଆର୍ଟ ଓ୍ୱାର୍କସ୍

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଆର୍ଟ ଓ୍ୱାର୍କସରେ ସୁନା ଏବଂ ରୁପାର ଫିଲିଗିରି, ଅର୍ଥାତ୍ ତାରର କାର୍ଯ୍ୟ ଏବଂ ପାଲିସ ଓ ମଧ୍ୟ ଏନାମେଲ୍ କାମଦାର ଓ ମହଣ ସିଂହର ଇଂରେଜୀ ଏବଂ ଦେଶୀୟ ଅଳ-ଙ୍କାରାଦି ଓ ଅନ୍ୟାନ୍ୟ ବିବିଧପ୍ରକାର ଆବଶ୍ୟକୀୟ କାର୍ଯ୍ୟମାନ ଏଠାରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଥାଏ ମଧ୍ୟ ଅର୍ଡର ଅର୍ଥାତ୍ ଫରମାସ୍ ଦେଲେ ଠିକ-ସମୟରେ ଓ୍ୟାଜବ ମୂଲ୍ୟରେ ଯୋଗାଇ ଦିଆଯାଏ ଏଠାରେ ଉକ୍ତ କାର୍ଯ୍ୟମାନଙ୍କର ମୂଲ୍ୟ ଅଳ୍ପ ଓ ମୋଟ କାର୍ଯ୍ୟର ମୂଲ୍ୟ କମ । କୌଣସି କାର୍ଯ୍ୟ ସକାଶେ ଫରମାସ୍ ଦେବାକୁ ହେଲେ ତୟାରପୂର୍ବରୁ କିଛି ଟଙ୍କା ଜମାକରି ରଖିବାକୁ ହୁଏ । ଯେ ଯେ ଜିନିଷମାନ ଏଠାରେ ପାଆଯାଏ ଏବଂ ତୟାର ହୁଏ ସେ ସମସ୍ତମଧ୍ୟରୁ କେତେକଟିର ନାମ ନିମ୍ନରେ ଦେଲୁଁ ।

ପ୍ରକାଶଥାଉ କି ଏଠାକୁ ପତ୍ର ଲେଖିବାକୁ ହେଲେ ନିମ୍ନ ସ୍ଵାକ୍ଷରକାରୀଙ୍କ ନାମରେ ପତ୍ର ଦେବେ ।

| | | |
|---|---|---|
| ଫଟୋଫ୍ରେମ | ବାଲା | କାନଫଣା |
| ଅତରଦାନ | ଅନନ୍ତ | ଗୁଣା |
| ଗୋଲ୍ଡବଟାଷ | ବେକହାର | ନେସର |
| ପାନଡବା | ତଡ଼ | ଗଜିମ୍ବ |
| ବାଡ଼ିର ହେଣ୍ଡଲ୍ | କଙ୍କଣ | ମଥାକଡ଼ି |
| ହୁକା | ପଇଁତି | ଟୀକା |
| ଥାଳି | ଚୁଡ଼ି | ଦ ଗା |
| ଗାଇଥ | ଖଡ଼ | [illegible] |
| ଗଳା | ରତ୍ନଚୂଡ଼ | ଚନ୍ଦ୍ରହାର |
| କାନାରକମର ଖେଲଣା | ବାଜୁ | ପଞ୍ଚମ |
| ଗ୍ଲାସ୍ | ତାଡ଼ | ପାଙ୍କ |
| | ତଥ | ପାହୁଡ଼ |
| | ବୋହାମ | ମାଳ |
| | ପାପଦ | ଅଙ୍ଗୁଠି |

ଅନ୍ୟାନ୍ୟ ଅନେକପ୍ରକାର ଜିନିଷ ମଧ୍ୟ ପାଆଯାଏ

ମେନେଜର
ଓଡ଼ିଶା ଆର୍ଟ ଓ୍ୱାର୍କସ୍
କଟକ

Digitized by srujanika@gmail.com

Split by PDF Splitter




## NOTICE.

Correspondence be made in English or Bengalee language.

**Amount refunded**

**if unapproved.**

# SHAWL.

*Very nicely worked*

Rs. 17 to 40 per pair.

For lady Rs. 8 for sheet

**Malida Chadder Rs. 16**

**Check Wrapper „ 6 to 9**

**Lahori Dhussa Rs 13**

**AMIR CHAND & SON,**

LAHORE.

Correspond in English or Bengalee language.


# ଉତ୍କଳ ଦୀପିକା ।

## LORD HARDINGE.

SIR Charles Hardinge, the new Viceroy, reaches Calcutta on Monday the 21st instant and will take charge of the Seals of office on the day following. Lord Minto will sail for Home from Bombay on the 24th instant.

Sir Charles is a grand-son of Sir Henry Hardinge ( Viscount Hardinge ) who was Governor-General of India from 1844-48. So the new Viceroy like his predecessor Lord Minto has a hereditary connection with this vast Continent of ours. Sir Henry distinguished himself in the Peninsular War and after the memorable Sutlej Campaign was created a Viscount in 1846. It was he "who penned his famous letter to the greatest of English Queens declaring that in order to reward Native talent and render it practically useful to the State he had evolved a scheme whereby the most meritorious students would be appointed to fill the public offices which fell vacant throughout Bengal and but three years later, after a severe struggle with the Sikh power, he was able to report that peace had been finally established throughout India."

Sir Charles was born in 1858. He was educated at Harrow and Trinity College, Cambridge. In 1880 he entered the Diplomatic Service and he is acknowledged as one of the best British Statesman and Diplomat of the present day. He served in Persia as Secretary to the Legation and in Russia as Secretary to the Embassy. While an Assistant Under-Secretary for Foreign Affairs, he attracted the attention of Marquis Lansdowne ( who was then Secretary of State for Foreign Affairs ) and of His Majesty, the late lamented King-Emperor. By sheer merit he gained the confidence of His Majesty and at a comparatively early age of 46 was appointed Ambassador at St. Petersburg. It was a very critical time, as then the Russo—Japanese War was in progress and England's alliance with Japan made the position of her Ambassador a delicate one, requiring extra-ordinary tact and circumspection. Sir Charles filled this office with great credit. The late Emperor had great confidence in him and he took Sir Charles with him when he went out on Continental tours consolidating England's peaceful relationship with all the great Powers. The new Viceroy has been decorated by almost all the sovereigns in Europe. He married in 1890 the daughter of the First Lord Allington.

The first pronouncement of the incoming Viceroy has inspired India with ardent hopes. He has expressed a desire to conciliate all classes, creeds and races of India. This surely does not imply that every section of the community is to get whatever it desires, but it means that he will recognise the just claims of all. We offer our hearty welcome to Lord and Lady Hardinge. India, as everybody knows, has been passing through a great transition. No Statesman can fail to recognise the mighty changes that have taken place socially and politically. The great awakening that has come over the land has been characterised by Lord Minto as the product of years of British Administration and adoption of British Political thought. The Viceroy is the representative of His Majesty, the King-Emperor. He naturally wields immense power, and if he so shapes his policy, he can do immense good to the country. It is open to him to refuse to recognise the signs of the time and the legitimate aspirations of the people, as Lord Minto said the other day, or recognise them and deal with them in the best way possible. We hope he will follow in the foot-steps of his illustrious predecessor and do all in his power to make India happy, prosperous and contented—not by mere words of mouth, but by deeds, by introducing into his administration elements of sympathy in a larger measure.

—o—

ଗତ ତା * ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗରୋଗ ମୃତ୍ୟୁ ୨୪୭୨ ହୋଇଥିଲା ଯେ ତହିଁମଧ୍ୟରୁ ବମ୍ବେରେ ୭୦୯, ପଞ୍ଜାବ *୯୨, ଯୁକ୍ତପ୍ରଦେଶ *୯୧, ମଧ୍ୟପ୍ରଦେଶ *୭୯, ମହୀଶୂର ୩୬୨, ମାନ୍ଦ୍ରାଜ ୧୮୨ ଓ ମଧ୍ୟଭାରତ ୧୭୯ ଉକ୍ତ ଥିଲା । ଗତ ସପ୍ତାହର ମୋଟ ମୃତ୍ୟୁ ୪୨୭୧ ଥିଲା । କ୍ରମେ ଜଣା ପଡ଼ିବା ସ୍ପଷ୍ଟର ହୃଷାଯ୍ୟ ।

—*—

ମାନ୍ୟବର ଗଭର୍ଣ୍ଣର ଗତ ତା ୯ ରିଖ କଲିକତା ଗେଜେଟରେ ଘୋଷଣା କରିଅଛନ୍ତି କି ବାଲେଶ୍ୱରଜିଲ୍ଲା ଅନ୍ତର୍ଗତ ବାଲେଶ୍ୱରଥାନାର ସମସ୍ତ ମୌଜାର ସବୁଲିପି ବଙ୍ଗୀୟ ପ୍ରଜାସତ୍ତ୍ୱ ଆଇନର ଧା ୧୦୩ (କ) ର ଅନୁସାରେ ରେକର୍ଡ ପ୍ରସ୍ତୁତ ହୋଇଅଛି । ଏଥିରୁ ଏହି ଘୋଷଣାର ତା ୪ ରିଖ ନଭେମ୍ବର ସନ ୧୯୧୦ ସାଲ ଅଟେ ମୋଫସଲରେ କେବେ ପ୍ରସ୍ତୁତ ହେଲା ଯେଉଁମାନଙ୍କର ସମ୍ପର୍କ ସେମାନେ ବୁଝିବେ ।

———

ପାଠକେ ଶୁଣି ଆନନ୍ଦିତ ହେବେ ଯେ କାଶୀଧାମର ମହାରାଜା ବଡ଼ଲାଟ ମହୋଦୟଙ୍କ ଦ୍ୱାରା ମାସ ତା ୧୦ ରିଖରେ ଯେଉଁ ଭୋଜ ଦେଇଥିଲେ ତହିଁରେ ମହାମାନ୍ୟ ଲାଟ ମହୋଦୟ

Digitized by srujanika@gmail.com

Split by PDF Splitter



ମହାରାଜାଙ୍କ ଗୁଣଗ୍ରାମ ବର୍ଣ୍ଣନ କରି ତାଙ୍କୁ ଫିର୍ ଭେଟଣ୍ଟ ରଜାଙ୍କ ମର୍ଯ୍ୟାଦା ପ୍ରଦାନ କରିବା-କାରଣ ବଙ୍ଗଳାରୁ ଦଣ୍ଡସ୍ୱ ଆସିଥିବା ବିଷୟ ପ୍ରକାଶ କଲେ । ଏହି ସଦୋପଲକ୍ଷେ ତରକାଳସନ୍ଧାରେ କୁଇଁଗୋଟି ମାହାଲ ପ୍ରଦତ୍ତ ହେବ । ଆମ୍ଭେମାନେ ଭାରତର ଧର୍ମ ଏବଂ ବିଦ୍ୟାର ପ୍ରଧାନ ତୀର୍ଥସ୍ଥାନର ମହାରାଜା ମହୋଦୟଙ୍କୁ ଏତଦୁପଲକ୍ଷେ ହର୍ଷୋତ୍ଫୁଲ୍ଲ ଚିତ୍ତରେ ଅଭିବାଦନ କରୁଅଛୁଁ ।

---

ଯାଅଁଳାର ଜଣେ ଭଦ୍ରଲୋକ ଲେଖିଅଛନ୍ତି ଯେ ସେ ଗ୍ରାମବାସୀ ବାବୁ ଗୌରକୃଷ୍ଣ ପଟ୍ଟନାୟକ ମହାଶୟ କୁଇବର୍ଷ ହେଲା ଗୋପାଷ୍ଟମୀପର୍ବ ସାଧନ କରି ଆସୁଅଛନ୍ତି । ଏଥର ସେହି ପର୍ବଦିନ ଯାଅଁଳା ଏବଂ ମୁଣ୍ଡମୁହାଣ କୁଇଗ୍ରାମର ଶତାଧିକ ଗୋରୁ ଏକ ପ୍ରଶସ୍ତ ପଡ଼ିଆରେ ଜମା କରି ଲୁଟା ଲୁଣ୍ଡା ତଣ୍ଡୁଳାଦି ଖାଦ୍ୟ ଦେଇ ପୂଜା କରିଥିଲେ ଏବଂ ଚତୁର୍ଦ୍ଦିଗର ଅନେକ ଦର୍ଶକ ତହିଁରେ ଯୋଗ ଦେଇ ଗୋଜାତିର ଉପକାରିତା ହୃଦୟଙ୍ଗମ କରି ଯତ୍ନପୂର୍ବକ ସେମାନଙ୍କର ସେବା କରିବା ଏବଂ ଭବିଷ୍ୟତରେ ବୃଦ୍ଧ ଅକ୍ଷମ ଗୋରୁଙ୍କୁ ନିର୍ଦ୍ଦୟ କଂସାଇଙ୍କ ବିକିବା ପାପରୁ କ୍ଷାନ୍ତ ହେବାର ଆବଶ୍ୟକତା ବୁଝିଥିଲେ ।

---

ମାନ୍ୟବର ମଧୁସୂଦନ ଦାସ ସି: ଆଇ: ଇ: ମହାଶୟ ଉତ୍କଳ ସଭାର ସଭାପତି ପଦରୁ ଅବସର ନେବାହେତୁ ତାଙ୍କ ସ୍ଥାନରେ ସଭାର ସହକାରୀ ସଭାପତି ବାବୁ ଜାନକୀନାଥ ବସୁ ଏବଂ ସହକାରୀ ସଭାପତି ପଦରେ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ମହାଶୟମାନେ ମନୋନୀତ ହୋଇଅଛନ୍ତି । ବହୁକାଳ ସହକାରୀ ସଭାପତି ତଥା ସଭାପତି ପଦରେ ରହି ଥାଇ ଦାସ ମହୋଦୟ ଅତୀବ ଯୋଗ୍ୟତାସହିତ କାର୍ଯ୍ୟ କରିଥିବାରୁ ସଭା ତାଙ୍କଠାରେ କୃତଜ୍ଞତା ଜଣାଇ ଅଛନ୍ତି । ନବ ନିଯୁକ୍ତ ସଭାପତି ଏବଂ ସହକାରୀ ସଭାପତି ଉଭୟ ଯୋଗ୍ୟ ଅଟନ୍ତି ଏବଂ ତାଙ୍କ ସମୟରେ ସଭାର କାର୍ଯ୍ୟ ପୂର୍ବପରି ଦକ୍ଷତା ସହିତ ଚଳିବାର ଆମ୍ଭେମାନେ ଭରସା କରୁଁ ।

---

କଲିକତାର ଏକ ସମ୍ବାଦପତ୍ର ପ୍ରକାଶିତ ପଞ୍ଜିକାମତେ ଗତ ବୁଧବାର ଶେଷରାତ୍ର ଚନ୍ଦ୍ରଗ୍ରହଣ ଭାରତର ଅନ୍ୟାନ୍ୟ ସ୍ଥାନମଧ୍ୟରେ କଲିକତାରେ ଘ ୪।୩୮, ବନାରସ ଘ ୪।୧୨, ହରଦ୍ୱାର ଘ ୩।୫୭ ଏବଂ ପୁନାରେ ଘ ୪।୨୮ ମିନିଟରେ ସ୍ପର୍ଶ ବା ଆରମ୍ଭ ହେବାର ଲେଖାଥିଲା । ଗତଥର ଆମ୍ଭର ଉତ୍କଳପଞ୍ଜିକାରେ ସ୍ପର୍ଶକାଳ ଘ ୪।୪୫ ମିନଟ ଥିଲା । ଉଭୟର ଅନ୍ୟ ଭୁଲ ପାଞ୍ଜିଲେଖା ସ୍ପର୍ଶକାଳ ପତ୍ରର ସଙ୍ଗେ ସମାନ । ସମ୍ବାଦପତ୍ର ଲିଖିତ ସମୟରୁ ରେଲବେ ସମୟ ଧରି ଦେଲେ ସେ ସମୟ ପାଞ୍ଜି ସମୟ ସଙ୍ଗେ ସମାନ ଆସୁଅଛି ଏବଂ ଫଳେ ତାହା ଠିକ୍ ଦେଖା ଯାଉଅଛି । ମାତ୍ର ପୁରୀ ଜଗନ୍ନାଥପଞ୍ଜିକା ଭଳି ଅତି ଗଣନା ଅନେକ ପ୍ରଭେଦ ଘଟିବାସ୍ଥଳେ ଗ୍ରହଣ ଗଣନା ଉପରେ ମିଶିଗଲା ଆଶ୍ଚର୍ଯ୍ୟ ବୋଧ ହେଉଅଛି ।

—※—

ଗତ କାର୍ତ୍ତିକମାସ ତା ୧୬ ରଖରେ ଫରିଦପୁର ଜିଲ୍ଲା ବର୍ଣ୍ଣିଗ୍ରାମରେ ଗୋଟିଏ ଉପନୟନ କେନ୍ଦ୍ର ହୋଇଥିଲା । ତହିଁରେ ନ ୫ ଣ କାୟସ୍ଥ ବ୍ରାତ୍ୟ ପ୍ରାୟଶ୍ଚିତ୍ତପୂର୍ବକ ଯଜ୍ଞୋପବୀତ ଧାରଣ କରିଥିବାର ସମ୍ବାଦ ମିଳଇ । ସେହିମାସ ତା ୧୪ ରିଖରେ ଦର୍ଶନଗର ଗ୍ରାମରେ ଯେଉଁ କେନ୍ଦ୍ର ହୋଇଥିଲା ତହିଁରେ ନ ୧୫ ଣ ଏବଂ ସେହିଦିନ ହୃଗଳିଦଅ ଗ୍ରାମର କେନ୍ଦ୍ରରେ ନ ୧୧ ଣ କାୟସ୍ଥ ଯଜ୍ଞୋପବୀତ ଗ୍ରହଣ କରିଅଛନ୍ତି । ଏ ସମସ୍ତ ସ୍ଥାନର ବ୍ରାହ୍ମଣମାନେ କୌଣସି ଆପତ୍ତି କରିନାହାନ୍ତି ଏବଂ ସଭାସ୍ଥଳରେ ପ୍ରଭୂତ ଉତ୍ସାହ ବର୍ଦ୍ଧିତ ଥିଲା । ଉପବୀତଧାରୀ କାୟସ୍ଥମାନଙ୍କର ନାମ କଲିକତାର ଆନନ୍ଦବଜାର ପତ୍ରିକାରେ ପ୍ରକାଶିତ ହୋଇଅଛି ।

---

ଆମ୍ଭମାନଙ୍କର ନୂତନ ରାଜପ୍ରତିନିଧି ବଡ଼ଲାଟ ଲର୍ଡ଼ ହାର୍ଡ଼ିଞ୍ଜ ମହୋଦୟ ଆଗାମୀ ସୋମବାର ତା ୨୧ ରଖ ପୂର୍ବାହ୍ନ ଦଶଘଣ୍ଟା ସମୟରେ କଲିକତାରେ ପ୍ରବେଶ ହେବାର ବିଜ୍ଞାପନ ବାହାରିଅଛି । ବିଲାତ ପ୍ରାୟ ସଭ୍ୟତମ ଦେଶରେ ପ୍ରଧାନ ରାଜନୀତିଜ୍ଞ ସ୍ୱରୂପ ଖ୍ୟାତିଲାଭ କରି ଉଦାରନୈତିକ ସମ୍ପ୍ରଦାୟର ଉଚ୍ଚ ପଦରେ ପ୍ରତିଷ୍ଠିତ ଥାଇ ଏ ମହାଶୟ ଆମ୍ଭମାନଙ୍କର ଘୋର ଦୁର୍ଦ୍ଦିନରେ ମିଷ୍ଟ କଥା ଦୁଇଟି ଶୁଣାଇ ଆସୁଥିବାରୁ ଆମ୍ଭେମାନେ ଅଶାନ୍ତିତ ହୃଦୟରେ ଏହାଙ୍କୁ ଆଦର ସହିତ ଆହ୍ୱାନ କରୁଅଛୁଁ । ଭରସା କରୁଁ ଏ ମହୋଦୟ ଭାରତର ସିଂହାସନରେ ପ୍ରତିନିଧି ସ୍ୱରୂପ ଆରୋହଣ କରି ଚତୁର୍ଦ୍ଦିଗରେ ଶାନ୍ତି ଏବଂ ଉନ୍ନତିର ପତାକା ଉଡ଼ାଇ କୋଟି କଣ୍ଠରୁ ବ୍ରିଟିସ ସିଂହଙ୍କର ଜୟ ନିର୍ଘୋଷିତ କରାଇବେ ।

---

ସ୍ଥାନାନ୍ତରେ ପ୍ରକାଶିତ ପ୍ରେରିତପତ୍ରରୁ ପାଠକମାନେ ଦେଖିବେ ଯେ ଏଠା ବ୍ରାହ୍ମ ସମାଜରେ ଧର୍ମସମ୍ବନ୍ଧୀୟ ଗୋଟିଏ ବକ୍ତୃତା ଶୁଣିବାକାରଣ କଲେଜର ଛାତ୍ରମାନେ ଅଧ୍ୟକ୍ଷ ମହୋଦୟଙ୍କର ଅନୁମତି ପ୍ରାର୍ଥନା କରିଥିଲେ ମାତ୍ର ତାହା ପାଇପାରିଲେ ନାହିଁ । ଧର୍ମସମ୍ବନ୍ଧୀୟ ବକ୍ତୃତା ଶୁଣିବା ବା ସଭାରେ ଉପସ୍ଥିତ ହେବା କାରଣ ଅନୁମତି ପ୍ରାର୍ଥନା କରିବା-ବିଷୟ ଆମ୍ଭମାନଙ୍କୁ ଯେମନ୍ତ ଅଭିନବ ସେମନ୍ତ ପ୍ରିନ୍ସିପାଲ ମହୋଦୟଙ୍କ ନିଷେଧାଜ୍ଞା ବିଚିତ୍ର ବୋଧ ହେଉଅଛି । ରାଜନୈତିକ ଆନ୍ଦୋଳନରେ ଯୋଗ ଦେବାହିଁ ଅନ୍ୟାୟ କାର୍ଯ୍ୟ ମାତ୍ର ଶିକ୍ଷାର୍ଥୀମାନଙ୍କ ଦୋଷଶୂନ୍ୟ ସଭା ବା ବକ୍ତୃତାସ୍ଥଳମାନଙ୍କୁ ଯାଇ ନ ଦେଇ ତାଙ୍କ ଜ୍ଞାନବୃଦ୍ଧିରେ ବାଧା ଘଟାଇବା କଦାପି ଉଚିତ ନୁହେ । ଏଥିରେ ଅବଶ୍ୟ କିଛି ରହସ୍ୟ ଅଛି ।

---

ମହାଗ୍ରାମର ସୁପ୍ରଖ୍ୟାତ ବାବୁ ଶ୍ରୀ ନବଦ୍ୱୀପଚନ୍ଦ୍ର ଦାସ ଗୁପ୍ତ ଗତମାସ ତା ୫ ରିଖରେ ମାନବଲୀଳା ସମ୍ବରଣ କରିଥିବାର ଆମ୍ଭେମାନେ ଅତ୍ୟନ୍ତ ଦୁଃଖସହକାରେ ପାଠକମାନଙ୍କୁ ଜଣାଉଅଛୁଁ । ଏ ମହାଶୟ ବିନାମୂଲ୍ୟରେ ଔଷଧ ବିତରଣ କରି ନିରାଶ୍ରୟ ଦୀନଦୁଃଖୀ ଲୋକଙ୍କର ପରମ ଉପକାର ସାଧନ କରୁଥିଲେ ବିଶେଷତଃ ଓଲାଉଠା ସନ୍ନିପାତ ପ୍ରଭୃତି ରୋଗିଙ୍କି ଅକାତରେ ଦେଖିବାକୁ ଯାଇ ବହୁପରିଶ୍ରମ ସହକାରେ ଚିକିତ୍ସା କରି ଅକ୍ଷୟକୀର୍ତ୍ତି ଲଭିଅଛନ୍ତି । ଏହାଙ୍କ ଆଚରଣ ସାଧୁପୁରୁଷ ପ୍ରାୟ ଥିଲା । ଆଜିକାଲି ମଫସଲମାନଙ୍କରେ ଯେପରି ବୈଦ୍ୟର ଅଭାବ ଏ ଭଳି ଲୋକଙ୍କ ବିୟୋଗ ଅନେକେ ମା ବାପ ହରାଇଲା ପ୍ରାୟ ଚତୁର୍ଦ୍ଦିଗ ଶୂନ୍ୟ ଦେଖୁଅଛନ୍ତି । ଆମ୍ଭେମାନେ ଜଗଦୀଶ୍ୱରଙ୍କଠାରେ ଏହାଙ୍କ ପରଲୋକଗତ ଆତ୍ମାର କୁଶଳ ଏବଂ ଶୋକସନ୍ତପ୍ତ ପରିବାର ବର୍ଗର ସାନ୍ତ୍ୱନା କାମନା କରୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ ଯେ ଆମ୍ଭମାନଙ୍କର ସରଳମନା ଦେଶହିତୈଷୀ ବାମଣ୍ଡାରାଜାଙ୍କ ୬ ବର୍ଷ ବୟସ୍କା କନିଷ୍ଠା କନ୍ୟା ପୋଡ଼ିଯାଇ ଇହଲୀଳା ସମ୍ବରଣ କରିଅଛନ୍ତି । ଗତ ଅକ୍ଟୋବରମାସ ତା ୩୦ ରଖ ସକାଳ ଘ ୮ ଣ୍ଟା ସମୟରେ ଅନ୍ୟ ପିଲାଙ୍କ ସହିତ ପୂଜାରେ ମାତିଥିବାବେଳେ ଲୁଗାରେ ନିଆଁ ଲାଗି ସର୍ବାଙ୍ଗ ପୋଡ଼ିଗଲା ଏବଂ ଯଥାମତ ଚିକିତ୍ସା ହେଲେ ସୁଦ୍ଧା ତହିଁ ଆରଦିନ ସନ୍ଧ୍ୟା ଘ ୬ଟା ସମୟରେ ପ୍ରାଣବାୟୁ ବାହାରି ଗଲା । ପିଲାମାନଙ୍କୁ ନିଆଁ ନିକଟକୁ ଛାଡ଼ିବା କଦାପି ଉଚିତ ନୁହେ । ଏହି ଶୋଚନୀୟ ସମ୍ବାଦ ପତ୍ରେ ସହଯୋଗୀ ସମ୍ବଲପୁର ହିତୈଷିଣୀରେ ପାଠକଙ୍କୁ ଯେ ସେହି କନିଷ୍ଠା କନ୍ୟାର ସ୍ମୃତି-ରକ୍ଷାନିମନ୍ତେ ବାମଣ୍ଡାଧିପତି ବାଳିକା ବିଦ୍ୟାଳୟଗୃହ ନିର୍ମାଣାର୍ଥେ ଦୁଇସହସ୍ର ଟଙ୍କା ଦାନ କରିଅଛନ୍ତି ଏବଂ ଏଥିମଧ୍ୟରେ ଯଥାନିୟମରେ ଗୃହର ଭିତ୍ତି ଦିଆ ଯାଇଅଛି । ଏହି ଗୃହର ନାମ ମହାରାଣୀ ବାଳିକାବିଦ୍ୟାଳୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



ଅସ୍ମାନଙ୍କର ସମ୍ମାନସ୍ପଦ ସୁଯୋଗ୍ୟ କଲେକ୍ଟର ବର୍ନି ସାହେବ ଆସନ୍ତା ମଙ୍ଗଳବାର କଟକ ଯାତ୍ରା କରିବେ । ତାହାଙ୍କ ବିଦାୟ ହେବା କାରଣ କଲେକ୍ଟରୀ ଫଉଜଦାରୀ କଚେରୀର କର୍ମଚାରିମାନେ ଗତକାଲି ସେହି ଉଦ୍ଦେଶ୍ୟ ବିଷୟରେ ମିଳନ କରିଥିଲେ ଏବଂ ସ୍ପୃହା ଅଭିନନ୍ଦନ ପ୍ରସ୍ତୁତର ଆୟୋଜନ ହୋଇଥିଲା । ବର୍ନି ସାହେବ ସ୍ୱଚ୍ଛନ୍ଦଭାବରେ ସମସ୍ତଙ୍କ ସହିତ ମିଳାମିଶାରେ ଯେମନ୍ତ ପଟୁ, ସରକାରୀ କାର୍ଯ୍ୟ ଚଳାଇବାରେ ସେମନ୍ତ ସୁଦକ୍ଷ । କଚେରୀର ଆମଲା ପ୍ରଭୃତିଙ୍କଠାରୁ ସେ ଯେମନ୍ତ ନିୟମିତରୂପେ କାର୍ଯ୍ୟ ନେଉଥିଲେ ସେମନ୍ତ ସେମାନଙ୍କ ପ୍ରତି ଜାତିଧର୍ମ ନିର୍ବିଶେଷରେ କରୁଣାଦୃଷ୍ଟି ରଖିଥିଲେ । ଏମନ୍ତ ଦୟାଶୀଳ ହାକିମଙ୍କ ବିଦାୟରେ ଆମଲାମାନେ ସ୍ୱତଃ ଦୁଃଖିତ ହୋଇ ଏକମେଳରେ ଆପଣା ମନୋଭାବ ପ୍ରକାଶ କରିବେ ଏହା ସ୍ୱାଭାବିକ । ଅଧୀନ ଓ ଉପରସ୍ଥ କର୍ମଚାରିଙ୍କ ମଧ୍ୟରେ ସର୍ବଦା ଏପରି ଭାବ ଜଗତ ରହିବା ବାଞ୍ଛନୀୟ । ମୋଫସଲରେ ଡେପୁଟି କଲେକ୍ଟରମାନଙ୍କ ଦ୍ୱାରା ନୂଆ କଥାବାର୍ତ୍ତା କରିବା ସେଉଁମାନେ ସାହେବମହୋଦୟଙ୍କୁ ଦେଖିଅଛନ୍ତି ସେମାନେ ତାହାଙ୍କ ସଦାଶୟତା ବୁଝିଅଛନ୍ତି । ଏ ମହାଶୟଙ୍କ ବିଦାୟରେ ଅସ୍ମେମାନେ ଯେ ଅନ୍ତରତଃ ଦୁଃଖିତ ହୋଇଅଛୁଁ ବୋଲି ବାହୁଲ୍ୟ । ଅଦ୍ୟ ସନ୍ଧ୍ୟାସମୟରେ ସପତ୍ନୀକ ସାହେବ ମହୋଦୟଙ୍କୁ ଭେଟିବାକାରଣ ଏଠା ସାହେବମାନଙ୍କ କ୍ଲବରେ ବାବୁ ଯୋଗେନ୍ଦ୍ରନାଥ ବସୁ ମହାଶୟ ମିଳନର ଆୟୋଜନ କରି ଅନ୍ୟାନ୍ୟ ଉଚ୍ଚଗଣ ତଥା ଦେଶୀୟ ଭଦ୍ରମଣ୍ଡଳୀଙ୍କି ଆମନ୍ତ୍ରଣ କରିଅଛନ୍ତି ।

---

ଅସ୍ମାନଙ୍କର ବଡ଼ଲାଟ ମହୋଦୟ ଗତ ତା ୯ ରଖେ ଅଲ୍ଲାହାବାଦରେ ପଣ୍ଡୁଆ ସମସ୍ତ ଭାରତର ମହାରାଣୀ ସ୍ମାରକ ସ୍ତମ୍ଭର ଶୁଭଦାନ କ୍ରିୟା ସମ୍ପନ୍ନ କରିଥିଲେ । ସମ୍ପାଦକ ମାନ୍ୟବର ପଣ୍ଡିତ ମୋତିଲାଲ୍ ନେହ୍ରୁ ମହାଶୟ ଯଥୋଚିତ ଅଭିନନ୍ଦନ ପତ୍ର ପାଠ କଲାରୁ ବଡ଼ଲାଟ ମହୋଦୟ କମେଟିକି ଧନ୍ୟବାଦ ଦେଇ କହିଲେ ଯେ ସାମ୍ରାଜ୍ଞୀ ଭିକଟୋରିୟା ଦେବୀଙ୍କ ଉଦାରଭାବ ୧୮୫୮ ମସୀହାରେ ଯେଉଁସ୍ଥଳରେ ତତ୍କାଳୀନ ବଡ଼ଲାଟ ଲର୍ଡ଼ କାନିଙ୍ଗ ମହୋଦୟ ପାଠ କରିଥିଲେ ସେହି ସ୍ଥାନରେ ଉକ୍ତ ଘଟଣର ଜୟ ସ୍ତମ୍ଭ ପ୍ରୋଥିତ କରିବା ଅତ୍ୟନ୍ତ ସଙ୍ଗତ । ସେହି ଉଦାରଭାବ ତାଙ୍କର ପରବର୍ତ୍ତୀ ଭୂପ ସମ୍ରାଟଙ୍କ କର୍ତ୍ତୃକ ଅନୁମୋଦିତ ହୋଇଅଛି । ଏ ସ୍ତମ୍ଭ ଭବିଷ୍ୟତ ବଂଶଧରଙ୍କୁ ମହତ୍ତ୍ୱ ସ୍ମରଣ କରାଇବାର ପ୍ରଶସ୍ତ ଉପାୟ ଅଟେ । ସଭାସ୍ଥଳରେ ରାୟ ବାହାଦୁର ଲାଲା ରାମଚରଣ ଦାସ ଉପସ୍ଥିତ ଥିଲେ । ଏ ମହାଶୟ ୧୮୫୮ ମସୀହାରେ ଲର୍ଡ କାନିଂ ଘୋଷଣାପତ୍ର ପାଠ କଲାବେଳେ ଶୁଣିଥିଲେ ଏବଂ ସେତେବେଳେ ସେ ପିଲା ଥିଲେ । ବର୍ତ୍ତମାନ ତେଷଠି ବର୍ଷ ହେଲା ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଅଟନ୍ତି । ବଡ଼ଲାଟ ଏବଂ ତାଙ୍କ ପତ୍ନୀ ମହୋଦୟା ଲାଲାଙ୍କ ରାୟ ବାହାଦୁରଙ୍କ ଗଳଦେଶରେ ପୁଷ୍ପମାଳ ଲମ୍ବାଇଦେଲେ । ପ୍ରସ୍ତାବିତ ସ୍ତମ୍ଭଟି ୬୫ ଫୁଟ ଉଚ୍ଚ ଏବଂ ଏଥିର ତଳଦେଶ ୩୩ ଫୁଟର ଚୌକି ହେବ । ଏଥିରେ ସାମ୍ରାଜ୍ଞୀ ଭିକ୍ଟୋରିୟା ଦେବୀ ଏବଂ ସମ୍ରାଟ ଏଡ଼ୱାର୍ଡ଼ ମହୋଦୟଙ୍କ ପ୍ରତିମୂର୍ତ୍ତି ଏବଂ ଭିକ୍ଟୋରିୟା ଦେବୀଙ୍କ ଘୋଷଣାପତ୍ରର କିୟଦଂଶ ଏବଂ ସମ୍ରାଟ ଏଡ଼ୱାର୍ଡ଼ ଓ ସମ୍ରାଟ ଜର୍ଜ ମହୋଦୟଙ୍କ ପତ୍ରର କିୟଦଂଶ ନାଗରୀ ଏବଂ ଉର୍ଦ୍ଦୁ ଅନୁବାଦ ସହିତ ଖୋଦିତ ହେବ । ଏଥିସକାଶେ ଏପରିକି ଲକ୍ଷେ ଷୋଳ ହଜାର ଟଙ୍କାରୁ ଅଧିକ ଚାନ୍ଦା ଉଠିଅଛି ।

---

ବୈଦ୍ୟନାଥ-ଦେବଗଡ଼ଠାରେ ଗତଲୁମାସ କୁଷ୍ଠାଶ୍ରମ ବନ୍ଧୁଜାଳରୁ ସ୍ଥାପିତ ହୋଇଅଛି । ଏହି ଆଶ୍ରମରେ ତିନି କୁଷ୍ଠରୋଗୀ ତତ୍ତ୍ୱାବଧାନ ହେଉଅଛନ୍ତି । ଏହା ଗୋଟିଏ ହାଟ ଦେବାଳୟ ସନ୍ନିକଟରେ ଅବସ୍ଥାପିତ ହୋଇଅଛି ଓ ବଣ୍ଡୁ ଭାରତୀୟ ଆଶ୍ରମ ଅଟେ । ମାସିକ ଅବା ସାମୟିକ ସାହାଯ୍ୟ ମଧ୍ୟ ଏକକାଳୀନ ଦାନଦ୍ୱାରା ଏହି ଆଶ୍ରମ ସଂରକ୍ଷଣାର୍ଥେ ଅର୍ଥ ସଙ୍ଗୃହୀତ ହୁଅଇ । ବର୍ତ୍ତମାନ ଆଶ୍ରମରେ ଗୋ ୪୦ ଟି କୁଷ୍ଠରୋଗୀର ସୁଶ୍ରୂଷା ହେଉଅଛି ଓ ଅଧିକ ଅର୍ଥ ହେଲେ ଏଥିର ସଂଖ୍ୟା ମଧ୍ୟ ବୃଦ୍ଧି ହୋଇ ପାରିବ । ଏହି ଆଶ୍ରମର ତତ୍ତ୍ୱାବଧାରଣ ନିମନ୍ତେ କମିଟି ଓ ଟ୍ରଷ୍ଟୀ ନିଯୁକ୍ତ ଅଛନ୍ତି । ଦେବଗଡ଼ର ସବ୍‌ଡିଭିଜନାଲ ଅଫିସର ଏ କମିଟିର ସମ୍ପାଦକ ଅଟନ୍ତି ଯେ କେହି ଦାନ ଇଚ୍ଛା କଲେ ତାଙ୍କ ନିକଟକୁ ଟଙ୍କା ପଠାଇ ପାରନ୍ତି । ବୈଦ୍ୟନାଥ ଦେବଗଡ଼କୁ ବାବା ବୈଦ୍ୟନାଥର ଦର୍ଶନ ସକାଶେ ଓ ବାୟୁ ସେବନାର୍ଥେ ଅନେକ ଯାତ୍ରୀ ଯାଉଥାନ୍ତି ସୁତରାଂ ଅନେକ କୁଷ୍ଠରୋଗୀ ମଧ୍ୟ ଉପସ୍ଥିତ ହୁଅନ୍ତି ଅତଏବ ସେଠାରେ ଗୋଟିଏ କୁଷ୍ଠାଶ୍ରମ ସ୍ଥାପିତ ହେବା ସେମାନଙ୍କର ଏକ ସ୍ଥାନରେ ଅବସ୍ଥାନଦ୍ୱାରା ଅନ୍ୟ ଭ୍ରମଣକାରୀ ଓ ସେଠା ଅଧିବାସିମାନଙ୍କ ଉପକାର ହୋଇଅଛି । ଏପ୍ରକାର ସ୍ଥଳରେ ଉକ୍ତ ଆଶ୍ରମର ଉନ୍ନତି ନିମନ୍ତେ ପ୍ରତିଗ୍ରହବାସିଙ୍କ ସାହାଯ୍ୟ ପ୍ରଦାନ କରିବା ଉଚିତ । ଅସ୍ମେମାନେ ଆଶା କରୁଁ ଓଡ଼ିଶାର ରାଜା, ଜମିଦାର, ଅନ୍ୟାନ୍ୟ ଧନୀ ଓ ଦେଶହିତୈଷୀ ବ୍ୟକ୍ତିମାନେ ଏ ଆଶ୍ରମର ଉନ୍ନତି ନିମନ୍ତେ ଯଥୋଚିତ ସାହାଯ୍ୟ ପ୍ରଦାନ କରିବାକୁ କୁଣ୍ଠିତ ହେବେ ନାହିଁ । ସାମାନ୍ୟ ସାହାଯ୍ୟ ମୁଦ୍ଧା ଗୃହୀତ ହେବ । କେହି ଅସ୍ମମାନଙ୍କ ନିକଟକୁ ସାହାଯ୍ୟ ପଠାଇଲେ ଅସ୍ମେମାନେ ଉଚିତ ସ୍ଥାନକୁ ପଠାଇ ଦେବୁଁ ।

---

ଡାକଘରର କର୍ମଚାରୀମାନେ ବର୍ତ୍ତମାନ ବଡ଼ଦିନ, ଇଷ୍ଟରଦିନ, ଗୁଡଫ୍ରାଇଡେ ଓ ରାଜାଙ୍କ ଜନ୍ମଦିନ ଛଡ଼ା ରବିବାର ଦିନ ଛୁଟୀ ଭୋଗ କରନ୍ତି ମାତ୍ର ଏଥିରେ ମୁଦ୍ଧା ତାଙ୍କୁ ଅନିବାର୍ଯ୍ୟ କାର୍ଯ୍ୟ କରିବାକୁ ପଡ଼େ । ସେମାନେ ଅଧିକା ଛୁଟୀ ସକାଶେ ପ୍ରାର୍ଥନା କରିବାରୁ ଭାରତ ଗବର୍ଣ୍ଣମେଣ୍ଟ ସମୁଦାୟ ବିବେଚନା କରି ସର୍ବସାଧାରଣଙ୍କର କ୍ଷତି ନ ହେବା ଦୃଷ୍ଟିରେ ବର୍ଷ ମଧ୍ୟରେ ଅଧିକା ଦ ୬ ଦିନ ଛୁଟୀର ପ୍ରସ୍ତାବ କରିଅଛନ୍ତି । ସ୍ଥାନୀୟ ପର୍ବୋପଲକ୍ଷେ ଛୁଟୀଦେବାର ନିୟମ କରି ମାନ୍ଦ୍ରାଜ ଓ ବ୍ରହ୍ମ ବିଭାଗସକାଶେ ସ୍ୱତନ୍ତ୍ର ଏବଂ ବଙ୍ଗ ପ୍ରଭୃତି ଅନ୍ୟ ବିଭାଗସକାଶେ ମୋହରମ, ହୋଲି, ଜନ୍ମାଷ୍ଟମୀ, ଇଦ, ଦଶହରା ଓ ଦେୱାଲିରେ ଦିନେ ଦେଲେ ଛୁଟୀଦେବାର ଏକ ନିର୍ଦ୍ଧାରଣୀ ବାହାର କରି ସର୍ବସାଧାରଣଙ୍କର ମତ ନେଉଅଛନ୍ତି ।— ଡାକବିଭାଗର କର୍ମଚାରିମାନେ ଯେ କଠିନ ପରିଶ୍ରମ କରି ଦାୟିତ୍ୱ ଚଳାଉଅଛନ୍ତି ଏଥିରେ ସନ୍ଦେହ ନାହିଁ ଏବଂ ସର୍ବସାଧାରଣଙ୍କର ଅସୁବିଧା ନ ହେବାର ବିବେଚନା କରି ଯେ ନିୟମରେ ତାଙ୍କ ବର୍ତ୍ତମାନ ଛୁଟୀ ମିଳୁଅଛି ସେହି ନିୟମରେ ଅଧିକ ଦ ୬ ଦିନ ଛୁଟୀରେ କୌଣସି କ୍ଷତି ହେବନାହିଁ । କେହି କହନ୍ତି ଯେ ମୁସଲମାନଙ୍କ ଖ୍ରୀଷ୍ଟିୟାନ ବ ହିନ୍ଦୁପର୍ବରେ ଜମା ହିନ୍ଦୁ ବା ଖ୍ରୀଷ୍ଟିୟାନମାନଙ୍କୁ ଅନ୍ୟଧର୍ମ ସଂକ୍ରାନ୍ତ ପର୍ବରେ ଛୁଟୀଦେବା ଉଚିତ ନୁହେ । ଏ କଥା ଧର୍ମର ନିୟମ ବୁଝିବାକୁ ଗଲେ ଯଥାର୍ଥ ହେଲେ ମୁଦ୍ଧା ବଡ଼ ପର୍ବମାନ ଯେପରି ସାଧାରଣ ଆମୋଦ ପ୍ରମୋଦ ପର ହୋଇଯାଇଅଛି ତହିଁରୁ ତାହାକୁ ବଞ୍ଚିତ କରିବା ଉଚିତ ନୁହେ ଏବଂ ଏପରି ମିଳାମିଶାର ସୁବିଧା ଦେବାରେ ମଧ୍ୟ ସୁଫଳ ଅଛି । ଅସ୍ମମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କର ଏ ପ୍ରସ୍ତାବରେ ବିଶେଷ ଆପତ୍ତି ହେବନାହିଁ ଏବଂ ଆଗାମୀ ଜାନୁୟାରୀମାସରେ ଏଥିର ସ୍ଥିର ହୋଇ ଆଦେଶ ବାହାରିବ ।

---

ପୁରୀ ପଞ୍ଚୟାତ୍ରା ।

ଏବର୍ଷ ସୁପାଳକହେତୁ ରଥଯାତ୍ରାରେ ଓଡ଼ିଶା ଓ ଗଡ଼ଜାତର ଅନେକ ଯାତ୍ରୀ ଆସିଥିଲେ । ଦାକ୍ଷିଣାତ୍ୟ କେତେଫସ୍ୟା ଅପେକ୍ଷାକୃତ ଊଣା ଏବଂ ବଙ୍ଗାଳୀ ଓ ପଶ୍ଚିମାଯାତ୍ରୀ ନିତାନ୍ତ ଅଳ୍ପ ଥିଲେ । ପୂର୍ଣ୍ଣିମା ପ୍ରସ୍ଥପୂର୍ବକୁ ଦିନ ସେଷ-

Digitized by srujanika@gmail.com

ପର୍ଯ୍ୟନ୍ତ ସମୁଦ୍ରତୀର ଓ ରାସ୍ତାରେ ବିଶେଷ ଜନତା ହୋଇଥିଲା । ଏ ସୁରକ୍ଷା ସକାଶେ ପୁଲିସ ସ୍ଥାନେ ନିଯୁକ୍ତ ଥିଲେ ଏବଂ ଅନେକ ଲୋକ ସମୁଦ୍ରରେ ସ୍ନାନ କରୁଥିବାରୁ ସମୁଦ୍ରର ଉତ୍ତାଳ ତରଙ୍ଗରେ କେହି କେହି ଜଳମଗ୍ନ ହେଲେ ସେମାନଙ୍କର ଉଦ୍ଧାର ସାଧନାର୍ଥ ପୁଲିସ ବ୍ୟବସ୍ଥାମତେ ଡୋଙ୍ଗାମାନେ ଯତ୍ରତତ୍ର ସେନ ଇତସ୍ତତଃ ବିଚରଣ କରୁଥିଲେ । ମାର୍କଣ୍ଡେୟ ଓ ଇନ୍ଦ୍ରଦ୍ୟୁମ୍ନାଦି ତୀର୍ଥମାନଙ୍କରେ ମଧ୍ୟ ଭିଡ଼ ହୋଇଥିଲା । ଶ୍ୱେତଗଙ୍ଗା ତୀର୍ଥରେ ସ୍ନାନ ନିଷେଧ ହୋଇଥିବାରୁ ପୁଲିସ ନିରୀହ ଲୋକଙ୍କୁ ଗୋଡ଼ ଧୋଇବାକୁ ମଧ୍ୟ ବାରଣ କରନ୍ତେ ଲୋକେ ଉପରେ ରହି ତୀର୍ଥଜଳ ମୁଣ୍ଡରେ ଦେଇ ଫେରି ଯାଉଥିଲେ । ଏହି ପାର୍ବଣ ବିଶେଷତଃ ମୂର୍ତ୍ତିମାନଙ୍କ ଶ୍ରୀମନ୍ଦିରରେ ପ୍ରବେଶ କଠିନ ହୋଇଥିଲା ମାତ୍ର ମନ୍ଦିର ପୁଲିସର ସୁବ୍ୟବସ୍ଥାରେ ଯାତ୍ରୀମାନେ ସ୍ୱଚ୍ଛନ୍ଦରେ ଦର୍ଶନାଦି କରିଥିଲେ । କାର୍ତ୍ତିକମାସରେ ପ୍ରତିଦିନ ଶ୍ରୀଜୀଉଙ୍କର ଦାମୋଦର ବେଶ ଏବଂ ଶେଷ ପାର୍ବଣ ଦିନ ଲକ୍ଷ୍ମୀନାରାୟଣ ବେଶ ହୁଏ । ଏହି ବେଶଯୋଗୁଁ ପଞ୍ଚକ ପାର୍ବଣ ଶ୍ରୀଜୀଉଙ୍କର ନୀତିରେ ବିଳମ୍ବ ଘଟିଥିଲା । ଗ୍ରହଣ ହେତୁ ପୂର୍ଣ୍ଣିମା ଦିନ ସନ୍ଧ୍ୟାପୂର୍ବରୁ ବଡ଼ସିଂହାର ଭୋଗପର୍ଯ୍ୟନ୍ତ ସମସ୍ତ ନୀତି ହୋଇ ସାରିଥିଲା । ଗ୍ରହଣରେ ଝଞ୍ଜା ହେତୁ ପରଦିନ ଗୁରୁବାର ଝଡ଼ଅଇରେ ବାଧା ପଡି ଶୁକ୍ରବାର ଲୋକେ ଛାଡ଼ିଯାଇ ବସି କରିଥିଲେ । ପୂର୍ଣ୍ଣିମାଦିନ ୨୫।୩୦ ହଜାର ଯାତ୍ରୀ ହୋଇଥିଲେ ।

---

### ୧୦୭ ଧାରା ନୋଟିସ ।

ବର୍ତ୍ତମାନ୍ ରିଭିଜନ ଅର୍ଥାତ୍ ସରଫାଳ ବନ୍ଦୋବସ୍ତରେ ଏଜିଲାର ଅନେକ ସ୍ଥାନର ସ୍ୱତ୍ୱଲିପି ଚୂଡ଼ାନ୍ତ ପ୍ରକାଶ ( Final publication ) ହେଲା ଉତ୍ତାରୁ ଲୋକେ ପ୍ରଜାସ୍ୱତ୍ୱ ଆଇନର ୧୦୭ ଧାରାମତେ ଖଜଣା ବିଷୟ ସମ୍ବନ୍ଧେ ମୋକଦ୍ଦମା ଦାଏର କରିଅଛନ୍ତି । ଅଧିକାଂଶ ମୋକଦ୍ଦମାର ବିବାଦୀୟ ଭୂମି ଅତି ଅଳ୍ପ ମୂଲ୍ୟର ଥିବାରୁ ଦେୱାନୀ ଅଦାଲତର ଅର୍ଜିର କୋର୍ଟଫିସ ଯେଉଁ ଭୂମିର ମୂଲ୍ୟ ଧରି ତହିଁ ଉପରେ କୋର୍ଟଫିସ ଦେଇ ଦାଖଲ କରିଥିଲେ । ଇତିମଧ୍ୟରେ ହାଇକୋର୍ଟରେ ନିଷ୍ପତ୍ତି ହୋଇଥିବା ଗୋଟିଏ ମୋକଦ୍ଦମାରେ ୧୦୭ ଧାରା ଅର୍ଜି ଉପରେ ଦଶ ଟଙ୍କାର କୋର୍ଟଫିସ ଲାଗିବାର ନଜିର ବାହାରିବାରୁ ବର୍ତ୍ତମାନ ସେ ବିଷୟ ବନ୍ଦୋବସ୍ତ କର୍ମଚାରୀଙ୍କର ଦୃଷ୍ଟିଗୋଚରରେ ଆସି ଯେଉଁମାନେ ଅର୍ଜି ଦାଖଲ କରିଅଛନ୍ତି ତାଙ୍କୁ ଅବଶିଷ୍ଟ କୋର୍ଟଫିସ ତଲବ ହେଉଅଛି । ଯେଉଁମାନେ ୧୦୭ ଧାରାର ସେ ସୀମା ନ ମାଡ଼ି ଦେୱାନୀ ଅଦାଲତରେ ଦେଲେ ସେମାନେ ଅଳ୍ପ ଖର୍ଚ୍ଚରେ ଅଦାଲତର ଉଚିତ ବିଚାର ପାଇ ମୁକ୍ତି ଲଭନ୍ତେ ମାତ୍ର ଅଜ୍ଞତା ଅଳ୍ପ ଖର୍ଚ୍ଚାର ପ୍ରତ୍ୟାଶୀ ହୋଇ ଯେଉଁମାନେ ୧୦୭ ଧାରାର ଆଶ୍ରୟ ନେଲେ ସେମାନଙ୍କୁ ଏ ବିପତ୍ତିରେ ପଡ଼ିବାକୁ ହେଲା । ଜଜିଙ୍ଗ ମେକ୍‌ଦନା ବିଚାରପତି ମୁଖର୍ଜ୍ଜୀ ଓ ସରଫୁଦ୍ଦିନ ମହୋଦୟମାନେ ଗତ ଜୁଲାଇ ମାସରୁ ନିଷ୍ପତ୍ତି କରିଅଛନ୍ତି । ତହିଁରେ ବନ୍ଦୋବସ୍ତ କର୍ମଚାରୀ ୧୦ଟଙ୍କା ମୂଲ୍ୟର କୋର୍ଟଫିସ ଲାଗିବାର ସିଦ୍ଧାନ୍ତ କରି ଅବଶିଷ୍ଟ କୋର୍ଟଫିସ ତଲବ କରିଥିଲେ ମାତ୍ର ବାଦୀ ତାହା ଦାଖଲ ନ କରିବାରୁ ମୋକଦ୍ଦମା ଡିସମିସ କଲେ ଏବଂ ଅପିଲରେ ସ୍ୱୟଂ ବାହାଲ ହେଲା । ହାଇକୋର୍ଟ ସମ୍ପ୍ରଦାୟ ବିଷୟ ବିଚାରପୂର୍ବକ ୧୦୭ ଧାରା ମୋକଦ୍ଦମାମାନ ସ୍ୱତ୍ୱ ସାବ୍ୟସ୍ତର ମୋକଦ୍ଦମା ଥିବା ଏବଂ ଦଖଲ ବାହାଲର ପ୍ରାର୍ଥନା ଥିଲେ ସୁଦ୍ଧା ତାହା ଅତିରିକ୍ତ ଥିବାହେତୁ ୧୦ଟଙ୍କା କୋର୍ଟଫିସ ଲାଗିବାର ଯାହା ସିଦ୍ଧାନ୍ତ କରିଅଛନ୍ତି ତାହା ଅତ୍ୟନ୍ତ ଅଟଳ । ସୁତରାଂ ପ୍ରଜାଏ ବର୍ତ୍ତମାନ ଲଣ୍ଡଭଣ୍ଡରେ ପଡ଼ିଲେ । ଅବଶ୍ୟ ଯଥାର୍ଥ ଦାବୀର ମୋକଦ୍ଦମାରେ ସୁଦ୍ଧା ଟ ୧୦ ଙ୍କା କୋର୍ଟଫିସ ଲାଗିଲେହେଁ ତହିଁର ସଂଖ୍ୟା -ଓ ତାଲାପର ଗୋଟିଏ ଦେଖିବାକୁ ଅତି ଅଳ୍ପ । ସେ ଯାହା ହେଉ, ସରକାରଙ୍କର ପ୍ରାପ୍ୟ ଯାହା ଉଣା ହେଉଥିଲା ତାହା ଠିକ୍ ଆସିଲା ମାତ୍ର ପ୍ରଜାଏ ବାଦୀ ହେଉନ୍ତୁ ବା ପ୍ରତିବାଦୀ ହେଉନ୍ତୁ ହାଇଲେ ହଇରାଣିରେ ମଲେ । ସରଫାଳ ବନ୍ଦୋବସ୍ତରେ ସେମାନଙ୍କ ସୁବିଧା ହେଲା କି ? ଅତଃପର ଲୋକେ ୧୦୭ ଧାରା ପାଖ ନ ମାଡ଼ି ଦେୱାନୀ ଅଦାଲତର ଉଚିତ ବିଚାରର ଆଶ୍ରୟ ନେବା ଲୋକଙ୍କର କର୍ତ୍ତବ୍ୟ ।

---

### ଶୂଦ୍ର ବିବାହ ।

ମାନ୍ଦ୍ରାଜ ହାଇକୋର୍ଟରେ ହିନ୍ଦୁଶୂଦ୍ର ଖ୍ରୀଷ୍ଟିୟାନ କନ୍ୟାକୁ ବିବାହ ହୋଇଥିବାରୁ ତହିଁ ସମ୍ବନ୍ଧେ ଗୋଟିଏ ମୋକଦ୍ଦମା ନିଷ୍ପତ୍ତି ହୋଇଅଛି । ପ୍ରୋକ୍ତ ହାଇକୋର୍ଟର ବିଚାରପତି ଶ୍ରୀଯୁକ୍ତ ଶଙ୍କର ନାୟର ଓ ଅବଦୁର ରହିମ ମହୋଦୟମାନଙ୍କ ସମ୍ମୁଖରେ ଏ ମୋକଦ୍ଦମା ଅଗତ ହୋଇଥିଲା । ବିଚାରପତି ଶଙ୍କର ନାୟର ମହୋଦୟ ଏକ ଦୀର୍ଘ ରାୟ ଲେଖି ପ୍ରବଳ ଯୁକ୍ତିଦ୍ୱାରା ସିଦ୍ଧାନ୍ତ କରିଅଛନ୍ତି ଯେ ଶୂଦ୍ରମାନଙ୍କ ମଧ୍ୟରେ ଏପରି ବିବାହ ଧର୍ମଶାସ୍ତ୍ରର ବିପରୀତ ନୁହଇ । ଶୂଦ୍ରମାନଙ୍କ ମଧ୍ୟରେ ନାନା ସମ୍ପ୍ରଦାୟ ଅଛି ଏବଂ ନାନାସ୍ଥାନର ଲୋକେ ନାନା ପ୍ରକାର ପ୍ରଥା ଅବଲମ୍ବନ କରିଅଛନ୍ତି । ଭାରତବର୍ଷରେ ବୌଦ୍ଧ, ଚୈତନ୍ୟ, ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଧର୍ମର ପ୍ରଚଳନରୁ ନାନାପ୍ରକାର ଜାତି ବା ସମ୍ପ୍ରଦାୟ ସୃଷ୍ଟି ହେଉଅଛି କୌଣସି ଯୁରୋପୀୟ ପୁରୁଷ ହିନ୍ଦୁରମଣୀ ଗର୍ଭ ଜାତ ହୋଇଥିବା ପୁତ୍ର ଶୂଦ୍ର ମଧ୍ୟରେ ଗଣ୍ୟ ହୋଇଅଛି ଏବଂ ଅନେକ ଜାତି ଯେମନ୍ତ ମୁସ ହୋଇ ହିନ୍ଦୁଆଚାର ବ୍ୟବହାର ପ୍ରଚଳିତ କରୁଅଛନ୍ତି ସେମନ୍ତ ହିନ୍ଦୁମାନଙ୍କ ମଧ ଅନେକେ ଖ୍ରୀଷ୍ଟିୟାନ କନ୍ୟା ବିବାହ ହୋ ଶ୍ରେଣୀରେ ରହିଅଛନ୍ତି । ବିଚାରପତି ମ ଦର୍ଶାଇଅଛନ୍ତି ହିନ୍ଦୁଙ୍କ କଥା ସ୍ୱତନ୍ତ୍ର ସେମାନେ ଯାହାକୁ ଜାତିକରୁ ପ ପ୍ରଚ କରନ୍ତି । ଯଥା ପୁରୀ ଓଡ଼ିଆ ପୂଜାରୀ ବ୍ରାହ୍ମଣମାନେ ନିମ୍ନଶ୍ରେଣୀଭୁକ୍ତ ଏବଂ ରଜାଙ୍କ ଠାରେ ବ୍ରାହ୍ମଣ ଅଛନ୍ତି । ରଜାଙ୍କରେ ବ୍ରାହ୍ମଣ ହେବାର ନ ଅନେକ ସ୍ଥଳରେ ଅଛି ଏବଂ ଏପରି ବ୍ର କନ୍ୟା ଉଚ୍ଚ ବ୍ରାହ୍ମଣଙ୍କ ଘରେ ବିବାହ ସେମାନେ ମାତୃକୁଳରେ ରହ ନାହିଁ । ହିନ୍ଦୁଙ୍କ ମଧ୍ୟରେ ଜାତି ଧର୍ମ ସଂଘର୍ଷଣରେ ପଡ଼ି କ୍ରମ ହେଉଥିବାର ଜଜ ମହୋଦୟ ଏବଂ ଶାସ୍ତ୍ରକାରମାନ ପ୍ରତିପାଦିତ କରି କହିଅଛନ୍ତି ଯେ କୌଣସି ବିବାହକୁ ତାହା ଧର୍ମଶାସ୍ତ୍ର ନିଷେଧ ନ ଅଟେ ଏବଂ ଜାତିଲୋକେ ସଂଘଟନ ହେତୁ ନୈତିକ ହେଲେ ମଧ୍ୟ ଅଦାଲତ ତହିଁରେ କରି ନ ପାରନ୍ତି । ଯେଉଁ ମୋକଦ୍ଦମା ନେଇଥିଲା ତହିଁରେ ଜଣେ ହିନ୍ଦୁ ଯାନ କନ୍ୟାକୁ ଜାତି ପ୍ରଥାମତେ ବି ଅଛି । ପୁରୋହିତ ହୋମ କରି ଚନ୍ଦନର କପାଳରେ ଲଗାଇ ଦେଇ ବାନ୍ଧି ଦେଇଅଛନ୍ତି । ଏତଦ୍ୱାରା ଖ୍ରୀଷ୍ଟିୟା ହିନ୍ଦୁ ହୋଇଗଲା ଏବଂ ଜାତିଲୋକେ ରେ ଉପସ୍ଥିତ ଥିଲେ । ବର କନ୍ୟା ତହିଁ ଉତ୍ତାରୁ ସ୍ୱଚ୍ଛନ୍ଦରେ ଜାତି ମଧ୍ୟରେ ଖିଆପିଆ କରୁଅଛନ୍ତି ଏବଂ ଏପରି ବି ଉଦାହରଣ ସୁଦ୍ଧା ସାକ୍ଷୀମାନଙ୍କ ମୁଖରୁ ବାହାରିଅଛି ମଧ୍ୟ ଅନେକ ଦେଖାଯାଏ । ଶୂ ମାନଙ୍କର ସମ୍ପ୍ରଦାୟ ମଧ୍ୟରେ ଯେତେବେଳେ ପ୍ରଥା ସେତେବେଳେ ପ୍ରଥାମତେ ଖ୍ରୀଷ୍ଟିୟାନ କନ୍ୟା ବିବାହରେ ଣସି ଅନୀତି ଦେଖା ନ ଯାଏ । ଅନ୍ୟ ବି ମହୋଦୟ ଏଥିରେ ସମ୍ମତି ପ୍ରକାଶ କରିଅଛନ୍ତି ଅମ୍ଭେମାନେ ମଧ୍ୟ ଏଥିରେ ଶାସ୍ତ୍ରଗତ ଆପତ୍ତି ଦେଖୁ ନାହୁଁ । ଅଗ୍ରବିବାହ

Split by PDF Splitter
Digitized by srujanika@gmail.com

Split by PDF Splitter



...ମାନେ ପତିତ ଜାତି । ସୁତରାଂ ସେମାନଙ୍କୁ ...ଛୁଇଁ ଯାଏ ନାହିଁ, କେତେକସ୍ଥଳରେ ଶୂଦ୍ର ...ର ସୁଦ୍ଧା ଅଥବା ଆପଣାକୁ ଶୂଦ୍ର ବୋଲି ...ମେ ଲୋକେ କାୟସ୍ଥଙ୍କର ଅପମାନ ଏହାହିଁ ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

କର୍ମଯୋଗିନ ମୋକଦ୍ଦମା ।

...ଉ ମୁରଶ୍ୟାର ବାବୁ ଅରବିନ୍ଦ ଘୋଷ ...ନମ୍ ମୋକଦ୍ଦମାର ନତ୍ତିଲାର କଲ୍ପରେ ...ଦିତ କର୍ମଯୋଗିନ୍ ନାମକ ପତ୍ରିକା ...ଥିଲେ । ତହିଁରେ ସେ ଦେଶବାସିଙ୍କ ...ଉପଦେଶ ଏକ ପତ୍ର ପ୍ରକାଶ କରିଥିଲେ ...ତାହା ରାଜଦ୍ରୋହମୂଳକ ଥିବା ଅଭିଯୋଗରେ ପତ୍ରିକାର ପ୍ରିଣ୍ଟର ଧୃତ ହୋଇଥିଲେ । ବାବୁ ନିରୁଦ୍ଦେଶ ହେବାରୁ ଛାପାଖାନାର ...ପତି ଉପରେ ମୋକଦ୍ଦମା ପ୍ରିଣ୍ଟର ନାମ... ...୍ୟ ନାମରେ ଚଳିଲା । ପ୍ରଧାନ ...ଜିଷ୍ଟ୍ରେଟ ଉକ୍ତ ପ୍ରବନ୍ଧ ରାଜଦ୍ରୋ- ...ହିକାର କରି ଅସାମିକୁ ୬ ମାସ ...ସହିତ କାରାଦଣ୍ଡ ଦେବାରୁ ...ର୍ଟରେ ଅପିଲ କରିଥିଲା । ଗତ- ...ତା ୭ ଇଖଦିନ ହାଇକୋର୍ଟ... ...ଣ୍ଟର ସାହେବ ହିସ୍ ଉକ୍ତ ...ଜଦ୍ରୋହମୂଳକ ନ ଥିବାରୁ ...ଙ୍କ ଅସାମିକୁ ମୁକ୍ତି ପ୍ରଦାନ ...ପ୍ରଧାନ ବିଚାରପତି ସ୍ୱତନ୍ତ୍ର ରାୟ ...ବିଚାରପତି ହୋମଉଡ଼୍ ସାହେବ ...ଟର ସାହେବଙ୍କ ରାୟ ଦେଖି ...ଏ ହୋଇ ଏହିପରି ଲେଖିଅଛନ୍ତି ...ହାରେ ଅନ୍ୟ କେତେକ ରାଜ- ...ପ୍ରବନ୍ଧ ଥିଲା ମାତ୍ର ଯେଉଁ ଦର୍ଶକ ମୋକଦ୍ଦମା ହୋଇଅଛି ତାହା ...ହ ଏବଂ ମୋକଦ୍ଦମା ନିମ୍ନ ଅଦାଲତ- ...ତରେ ନ ଥିଲା । ଅନ୍ୟ ବିଚାରପତି ...ର ରାୟ ବହୁମୂଲ୍ୟ ଅଟଇ । ସେ ...ଙ୍କରେ ସମାଲୋଚନା କରିବାର ଉତ୍ତମରୂପ ଆଲୋଚନା କରି ଯଥାର୍ଥ ...ନ୍ତି ଯେ ଏତତ୍ସମ୍ପର୍କେ ଭାରତ ଓ ଇଂଲ- ...ଅବସ୍ଥା ସମାନ ଅଟେ । ସ୍ୱଜାତିପ୍ରିୟ ...onalist) ଦଳଙ୍କର ବ୍ୟବସ୍ଥାପକ ସଭା ...ବ୍ୟୟ ବିଭାଗରେ ଅଧିକ ମତ ଦେବାର ଏବଂ ଶାସନ ବିଭାଗ ଉପରେ ଅଧିକାର ...ବା ଦାବି କରିବା ଅସଙ୍ଗତ ନହେ । ସଂଶୋଧନପ୍ରଣାଳୀ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ହୋଇଅଛି ତାହା କପଟ ଅଥବା ଉପହାସମିଶ୍ରିତ କପଟଭାବେ ପ୍ରବର୍ତ୍ତିତ ହୋଇ ନ ଥିବାର ଯାହା ଉକ୍ତ ପ୍ରବନ୍ଧରେ ବୋଲାଯାଇଅଛି ତାହା ଗବର୍ଣ୍ଣମେଣ୍ଟଙ୍କ ପ୍ରତି ଘୃଣା ବା ଅନାଦର ଉଦ୍ରେକମୂଳକ ନୁହେ । ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ସମାଲୋଚନା କରିବାରେ ଲେଖକଙ୍କର ଅଧିକାର ଅଛି । ନରମପନ୍ଥି ଦଳଙ୍କ ହାତରେ ଅବନତି, ଲାଞ୍ଛନା ଏବଂ ଅପମାନ ଲାଭ ଏବଂ ଅବଶେଷରେ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ଅପଦସ୍ଥ ଏବଂ ପରିତ୍ୟକ୍ତ ହେବାର ଯାହା ଲେଖାଅଛି ତଦ୍ୱାରା ମଧ୍ୟ ଗବର୍ଣ୍ଣମେଣ୍ଟଙ୍କ ପ୍ରତି କୌଣସି ଘୃଣା ବା ଅନାଦର ଜାତ ନ ହୋଇ ସ୍ୱଭାବତଃ ସଂଶୋଧନ ପ୍ରଣାଳୀ ସ୍ୱୀକାର କରିବା ହେତୁ ସେମାନେ ଅପଦସ୍ଥ ହୋଇଥିବା ଏବଂ ସେ ପ୍ରଣାଳୀ ଉନ୍ନତିକାରକ ନ ଥିବାର ବୋଲାଯାଇଅଛି । ତତ୍ପରେ ପ୍ରବନ୍ଧରେ ଆଇନ ଉଲ୍ଲଙ୍ଘନ ଅଥବା ଅପରାଧ ସଂଘଟନ ବା ଉତ୍ପାତ ନ କରି ସଭା ସମିତି ଦ୍ୱାରା ଆନ୍ଦୋଳନ କରାଇ ଅଧିକାର ପ୍ରାପ୍ତ ହେବା କଥା ମଧ୍ୟ ରାଜଦ୍ରୋହମୂଳକ ନୁହେ । ପ୍ରବନ୍ଧରେ କେତେକ କଠିନ ଶବ୍ଦ ବ୍ୟବହୃତ ହେବା ସମ୍ଭବତ ହୋଇ ଥିଲେହେଁ ତାହା ଦଣ୍ଡବିଧି ଆଇନର ୧୨୪ କ ଦଫା ଅନୁଯାୟୀ ରାଜଦ୍ରୋହମୂଳକ ନହଇ । ଏ ପ୍ରକାର ବିଚାରଦ୍ୱାରା ଯେ କଲିକତାର ହାଇକୋର୍ଟର ମର୍ଯ୍ୟାଦା ଶତଗୁଣ ବଢ଼ିଅଛି ଏଥିରେ ସନ୍ଦେହ ନାହିଁ ଏବଂ ଲୋକେ ଇଂରାଜଙ୍କ ନିରପେକ୍ଷ ବିଚାରର ଶତ ପ୍ରଶଂସା କରୁଅଛନ୍ତି । ସେହି ତାରଖର ପତ୍ରଦ୍ୱାରା ଅରବିନ୍ଦ ବାବୁ ଏବେ ବହୁକାଳ ଫରାସିସ ଶାସନାଧୀନ ପଣ୍ଡିଚେରୀ ନଗରରେ ବାସ କରୁଥିବା ଓ ସେ ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ଜଣା ଥିବା ମଧ୍ୟ ସେ ରାଜନୈତିକ ଆନ୍ଦୋଳନରୁ ବିରତ ହୋଇ ଯୋଗସାଧନରେ ଲିପ୍ତ ଥିବାର ସମ୍ବାଦପତ୍ରଦ୍ୱାରା ଜଣାଇଅଛନ୍ତି । ଦେଶର ଅବସ୍ଥାଦୃଷ୍ଟିରେ ସରକାରୀ କର୍ମଚାରୀ ବିଶେଷ ଚକ୍ଷୁକୁ ସର୍ବ ଭ୍ରମ ହେବା ଆଶ୍ଚର୍ଯ୍ୟର କଥା ନୁହେ ମାତ୍ର ପ୍ରତ୍ୟେକ କଥା ନିରପେକ୍ଷ ବିଚାରରୂପ ପୋତ୍ରରେ ପକାଇ ପରୀକ୍ଷା କରିବା ଇଂରାଜ ଶାସନର ମହତ୍ ଗୁଣ ଅଟେ ଏବଂ ତାହାହିଁ ଭାରତର ଲୋକମାନଙ୍କୁ ବଶୀ କରିଅଛି ।

---

ଶାରଦାବାବୁ ଓ କାୟସ୍ଥୋପନୟନ ।

ଯଶୋହରରେ ଅଳ୍ପ କାଳ ପୂର୍ବେ ଏକ ବିରାଟ କାୟସ୍ଥସଭା ହୋଇଥିଲା । ତହିଁରେ କଲିକତାର ଉପବୀତଧାରୀ ହାଇକୋର୍ଟର ଭୂତପୂର୍ବ ବିଚାରପତି ବାବୁ ଶାରଦାଚରଣ ମିତ୍ର ଯେଉଁ ବକ୍ତୃତା କରିଥିଲେ ତହିଁର କିୟଦଂଶ ଏଠାରେ ଉଦ୍ଧୃତ କଲୁଁ । କାୟସ୍ଥମାନଙ୍କର ପୂର୍ବକାଳର ଗୌରବ ଏବଂ ରାଜଦରବାରରେ ଉଚ୍ଚାସନାଦି ଅଧିକାର ଓ ସେମାନେ କ୍ଷତ୍ରିୟ ଥିବା ବିଷୟ ବିଶଦଭାବେ ପ୍ରକାଶ କରି ବକ୍ତା ମହୋଦୟ କହିଲେ "ଅନେକେ କାୟସ୍ଥଜାତିର ମୂଳ ସନ୍ଦେହ କରନ୍ତି । ଏ ଜାତି ଯେ ହିନ୍ଦୁ ସମାଜ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରି ରହିଅଛି, ଏ ଜାତି ଯେ କ୍ଷତ୍ରିୟ ଜାତି ଏବଂ ଏମାନଙ୍କର ଯେ ମୂଳ ପୁରୁଷ କ୍ଷତ୍ରିୟ ତହିଁରେ କିଞ୍ଚିନ୍ମାତ୍ର ସନ୍ଦେହ ନାହିଁ । ଯେ ସବୁ କାର୍ଯ୍ୟରେ ପୂର୍ବେ କେବଳ କାୟସ୍ଥ ଜାତି ନିଯୁକ୍ତ ହେଉଥିଲେ ଏବେ ଅପରାପର ଜାତି ସବୁ ସେହି କାର୍ଯ୍ୟରେ ନିଯୁକ୍ତ ହେଉଅଛନ୍ତି । ବ୍ରାହ୍ମଣ ପୂର୍ବେ କେବଳ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନାରେହିଁ ନିଯୁକ୍ତ ଥିଲେ ବୈଦ୍ୟମାନେ କେବଳ ଚିକିତ୍ସକ ଥିଲେ । ମାତ୍ର ସେମାନେ ଅନେକେ ଏବେ କାୟସ୍ଥର କାର୍ଯ୍ୟ ଗ୍ରହଣ କରୁଅଛନ୍ତି । ଏଥିରେ ଆମ୍ଭେ ଦୁଃଖିତ ନୋହୁଁ । ସକଳ ଜାତିର ପଦୋନ୍ନତି ହେଉ ମାତ୍ର ସେଥି ସଙ୍ଗେ ଯେମନ୍ତ ଆମ୍ଭମାନଙ୍କର ମଧ୍ୟ ପଦୋନ୍ନତି ହୁଏ ଏହାହିଁ ଆମ୍ଭର ଆନ୍ତରିକ କାମନା । କାୟସ୍ଥ ଜାତିର ଯେ ସବୁ ଜୀବନୋପାୟ ଥିଲା ସେହିସବୁ ରକ୍ଷା କରିବା ଆମ୍ଭମାନଙ୍କର ବିଶେଷ କର୍ତ୍ତବ୍ୟ ଏବଂ ଜୀବନୋପାୟର ବାଟ ବୃଦ୍ଧି କରିବା କର୍ତ୍ତବ୍ୟ । ବଙ୍ଗଦେଶୀୟ ବର୍ତ୍ତମାନ କାୟସ୍ଥସଭା ଏହା କି କରିପାରେ ? ସମସ୍ତେ ଆସନ୍ତୁ ଉତ୍ତରରାଢ଼ୀ, ଦକ୍ଷିଣରାଢ଼ୀ, ବଙ୍ଗଜ ଓ ବାରେନ୍ଦ୍ର ସମାଜର ଯେ ଯେଉଁଠାରେ ଅଛନ୍ତି ସମସ୍ତେ ଏହି ବଙ୍ଗଦେଶୀୟ କାୟସ୍ଥ ମହାସଭାରେ ଯୋଗଦାନ କରନ୍ତୁ, ଏକ ଜାତୀୟ ମହାକ୍ଷେତ୍ରରେ ସମ୍ମିଳିତ ହେଉନ୍ତୁ, କାୟସ୍ଥ ମହାସଭାର ମହାନ୍ ଉଦ୍ଦେଶ୍ୟ ସାଧନ ସଂଶୋଧନରେ ଯତ୍ନବାନ୍ ହେଉନ୍ତୁ । ଭାରତବର୍ଷର ଉତ୍ତର ପଶ୍ଚିମର ମହାରାଷ୍ଟ୍ର ଦେଶର ସମସ୍ତ କାୟସ୍ଥଜାତିକୁ ସେନ ଏକ ବିରାଟ ଜାତିରେ ପରିଣତ କରାଯାଇପାରେ କି ନାହିଁ ସେ ବିଷୟ ସମସ୍ତେ ବିବେଚନା କରନ୍ତୁ । ଗତ ସେନ୍ସସରେ ଆମ୍ଭେମାନେ ଜାଣିଅଛୁଁ ଯେ ଏହି ବଙ୍ଗଦେଶରେ ନବଲକ୍ଷ କାୟସ୍ଥର ବାସ ଅଛି, ଆମ୍ଭେମାନେ ଯଦି ଏହି ନବଲକ୍ଷ କାୟସ୍ଥ ସନ୍ତାନ ଏକ ହୋଇପାରୁଁ, ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ତ ବିଷୟରେ ଯଦି ଏକମତ ହୋଇପାରୁଁ, ତେବେ ଆମ୍ଭେମାନେ ସମାଜର କେତେ ଉନ୍ନତି ସମ୍ପାଦନ କରି ପାରନ୍ତୁ । ଅନେକେ ମନେ କରନ୍ତି ଯେ ଆମ୍ଭେମାନେ 'ଭାଇ ଭାଇ ଠାଇ ଠାଇ' ମାତ୍ର ଆମ୍ଭର ମନେ ହୁଏ ଭାଇ ଭାଇ ବିଦେଶରେ ଥିଲେ ମଧ୍ୟ ଯଦି ମନର ମେଳଥାଏ, ଯଦି ଆମ୍ଭେମାନେ ଏକମତାବଲମ୍ବୀ ହେଉଁ, ସମାଜର ଉନ୍ନତି ଆମ୍ଭମାନଙ୍କର ପ୍ରତ୍ୟେକ ଭାଇର ଏକ ଲକ୍ଷୀଭୂତ ହୁଏ, ଯଦି ଆମ୍ଭେମାନେ ସମସ୍ତେ ଏକତ୍ର ହେଉଁ ତେବେ ଆମ୍ଭେମାନେ ଅନେକ

Digitized by srujanika@gmail.com

ଅତଃପ ପଦ୍ମାବତୀଙ୍କ 'ଶଠ ଲୁଣ୍ଠାର ତାଲିକାମା ଓ ଶ୍ରୀନାଥ କାର୍ଯ୍ୟ ପ୍ରଣାଳୀ ସମସ୍ତ ହୋଇଥିଲା । ପ୍ରାୟ ସମସ୍ତ ସ୍ଥାନ ସଙ୍କୀର୍ଣ୍ଣ ଶବ ବହୁଥିଲା । ଉକ୍ତ ସ୍ଥଳ ଦେଖିବାର ଅଧିକ ସୁବିଧା ହୋଇଥିଲା ଗୋ ୮ ଟି ଛାତ୍ରିଦେବର ସେଠାରେ ସରକାର ସମାଲୋଚନା ଚାଲିଥିବାରୁ ଭଲଭାବେ ଅଧିକ ହୋଇଥିଲା ।

ଉତ୍କଳତ୍ରିଲିଙ୍ଗର ସହାଯ୍ୟର୍ଥ କମିଟିର ସଭାପତି ଲକ୍ଷ୍ମୀନାରାୟଣ ଅନୁଷ୍ଠାନରେ ବାବୁ ଚମାରବାରଣ ମିଶ୍ର ସହଯୋଗୀ ସମ୍ପାଦକ, ବାବୁ ନ ଜନୁଲାଲ ଦାସ ବୋଷାୟ ଏବଂ ଅନ୍ୟ କେତେକ ଜଣ ସହକାରୀ ସମ୍ପାଦକ ନିଯୁକ୍ତ ହେଲେ ଏବଂ କେ.ଡ଼ି ଜଣ ସଭାର ଉଦ୍ଦେଶ୍ୟ ଅର୍ଥ ସଂଗ୍ରହ ଓ ଅନ୍ୟାନ୍ୟ ବିଷୟ ଭାବ ପରିଚାଳନା ହେଉଥିବାରେ ପର୍ଯ୍ୟବେକ୍ଷଣ ଓ ପରିଚାଳନା କରିବା ଭଲ ହେବ ।

ଖେଳନା ଲେଖା ସମ୍ବନ୍ଧ ଅବଶ୍ୟ ବଢ଼ିଲା ହୋଇଥିବ ସମ୍ବନ୍ଧ ୧୨ ୫୦୦ ଟା, ଚୋ ଦୈନିକ ଛାଏ ଦେ କାଟିଛନ୍ତି ୫୦୨ ଟା ଏବଂ ଅବଶିଷ୍ଟ ଠା ର ସହେବ ୫ ୧୦୦ ଟା ସାହାଯ୍ୟ ଦେଇଥାନ୍ତି । — ସା ହ୍ମ ।

ଆଗାମୀ ଉତ୍କଳ ଜଳ ନଗର ନ କଟକରେ ଅନୁଷ୍ଠିତ ପ୍ରଦର୍ଶନୀ ମାସ ତା ୨୭, ୨୮ ଓ ୨୯ ଦିନମାନ କରେ ହେବ ୨ ୬ ହୋଇଅଛି । ହେଲେ କୃତି ଶିକ୍ଷ ସମିତିର ଅନୁଷ୍ଠାନ ହୋଇ ଏହି ଦେଖି ସହିତ ମନୋମୋହନ ମାନଙ୍କ ନକୋଳର ହୋଇଥିଲା ।

## ଦେଶୀୟ ସମ୍ବାଦ ।

ଅନ୍ତର ସ୍ଥାନରେ ଅନୁକୂଳ ବୃଷ୍ଟି, ଗୋବର୍ଦ୍ଧନ ପୂଜା ଓ ରଥ ଯାତ୍ରା ସମ୍ବନ୍ଧରେ ବହୁ ସଂଖ୍ୟକ ଲୋକ ସମାଗମ ହୋଇ ୧୯୮ ଟାଉନ ହଲ୍ ଦେଖି ଯାତ୍ରୀ ଲେଖକ କେ ଥିଲେ ।

ପ୍ରତିଷ୍ଠାନସ୍ଥରେ କର୍ଣ୍ଣ ଉତ୍ପତ୍ତି ସହ ଧାନ ଫସଲ ଉତ୍ତମ ହୋଇଅଛି କେବଳ ଉଦିଗାଳ ପ୍ରୋମିଷ୍ଟଙ୍କ ପୁଣ୍ୟ ହୋଇବାରୁ ଭଲ ଅଣ୍ଡା ଦେଖା ଯାଉ ନାହିଁ ।

ଏ ସମୟରେ ଲୋକମାନେ ଧାନ କଟିଗଲେ ଧାନ ବାହି ସେଇ ଲୁଣ୍ଠନ କେ ଅବସ୍ଥା କରୁଛନ୍ତି । ଏ ସମୟ ପ୍ରଜା ଦୁର୍ଦ୍ଦଶା ମାନଙ୍କର ବୃଦ୍ଧି ଅଦୃଷ୍ଟ ହେବା ମଙ୍ଗଳକର ।

କାନ୍ଥ ହଣ୍ଟରେ ଶ୍ରୀ ଅନନ୍ତ ପ୍ରଦେଶ ଉତ୍କର୍ଷ ସମର୍ଥକରୁ କେତେ ବର୍ଷ ସମାଦର ହୋଇ ପ୍ରକାଶ କର ହୋ ମାନ୍ଦ୍ରାଜ ବିରୁଦ୍ଧରେ ଅଭାବ ହୋଇ ପତ୍ରିକାର କହୁଛି ହୋଇ ଦଶଥିଲେ । ଏଥିରୁ ବାର୍ଷିକ ଉନ୍ନତି ଜଣାଯାଏ ଯେ ହଣ୍ଟରେ ବାବୁ ସମ୍ପାଦକ ବା ସମ୍ପାଦକଙ୍କ ନୁହନ୍ତି । କେବେ ଅନୁଭବ କରନ୍ତୁ କୌଣସି ସମ୍ପାଦକଙ୍କ କାର୍ଯ୍ୟ ଉଦ୍ଦେଶ୍ୟ ସମ୍ପାଦନ କାର୍ଯ୍ୟ ସମ୍ପାଦିତ ହୋଇଥିବ କୋଉ ସମ୍ପାଦିତ ହେବ ।

କଟକ ଓ ଜାଜପୁର ଅଞ୍ଚଳ ମହକୁମାମାନଙ୍କରୁ ମହାମାରୀ ପ୍ଲେଗରେ ପ୍ରାୟ ୮୦ ଜଣ ଲୋକ ମୃତ ହୋଇଅଛନ୍ତି ।

## ସ୍ଥାନୀୟ ସମ୍ବାଦ ।

ଗତ ତା ୮ ରାତ୍ର ଦଶ ଘଡ଼ିକାଳରୁ ୧୦୮ ଘର ଜଳି ଭସ୍ମ ହୋଇଗଲା ଲୋକ ସାଥିରେ । ଅନେକ ଅନୁସନ୍ଧାନରେ ଜଣାଯାଏ ଏହି କୋଟାର ସବୁ ଘର ଅଗ୍ନିରେ ଦଗ୍ଧ ହେବା ସମ୍ପଦ କ୍ଷତି ହୋଇଅଛି ପ୍ରକାଶ ହେବାରୁ ପ୍ରକାଶ ଉତ୍କଳରେ ଅନୁଭବ ମୂର୍ତ୍ତି ସହିତ ଚିକିତ୍ସା ଲେଖ ଶୀଘ୍ର ସମ୍ଭବ । ସ୍ଥାନର ଖେଳ ସେ ସ୍ଥାନରେ ନୂତନ ଏକ ଦଳ ଆରମ୍ଭ କରାଯାଉଛି ।

ଦରଦମାଦ ଅଞ୍ଚଳ ମୋଡ଼ମାନଙ୍କରେ ସରକାର ସହାୟତାରେ ଅନୁଷ୍ଠିତ କାର୍ଯ୍ୟ ଅଗ୍ରସର ହୋଇଅଛି ।

ଭାରତବର୍ଷରେ ସମ୍ଭାବ୍ୟ ଠାକୁରଙ୍କ ନଅଟଙ୍କ ଦେଶୀବାବାଜଣ ଏ ସହର ଓ ମୋଫସଲମାନଙ୍କୁ ଅନେକ ଦେଖାଯାଉଅଛି । ସେ ତା ୭ ଦିନ ବନ୍ଦରେ ପର୍ଯ୍ୟ-ବେକ୍ଷଣ ମନେ ରହିଲେ ଅନ୍ୟ ଘରେ ଶ୍ରୀ ୫ଟା ସହ ଏବଂ ଏହି ସହାନୁଭୂତି ଆପଣ ନ ଦେଖି ଲୋକ-ଯାଉଅଛି

ଏ ସମୟରେ ଶୀତ୍ର ମେଘ ଦେଖା ଦେବାରୁ ଶୀତ ଜଣା ପଡ଼ୁ ନାହିଁ ଅନ୍ତ ଦୁର୍ଦ୍ଦଶା । ଶୀତ ସମୟ ବର୍ଷା ହୋଇଅଛି । ନୂତନ ପ୍ରଭାବ ଧାନ ପଡ଼ିଅଛି । ସ୍ୱାସ୍ଥ୍ୟ ଭଲ ।

## ସାଧାରଣ ସମ୍ବାଦ ।

ବାଲେଶ୍ୱର ଦଣ୍ଡ ଗାଡ଼ି ନମ୍ବର ଦେଇଁ ଅସାମୀ ପକ୍ଷ ଦେଖିବାର ପଟାସା ହ ସାଇ ଅପଣା ତାଙ୍କ ହାନି ପକାଇ ଉଦ୍ଧାର ବିରୁଦ୍ଧରେ ପ୍ରାଣ ଦଣ୍ଡ ଦିଆଯାଇ ହାଇକୋର୍ଟ ବିଚାର ରେ ତାହା ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡରେ ପରିଣତ ହୋଇଅଛି । ଆସାମୀର ଓକିଲ ଆପୀଲ ସହାୟ ଗାର ଗାଲରେ ମତ ହୋଇଥିବାର ଜଣାଯାଉଛି ଏବେ ହେଲେ ।

କ୍ଲେଶ ଲୋଗ ହାଇମସ୍ତ ସଂଖ୍ୟା ଦେଖି ଅଙ୍କ ସ୍ଥ ଅନୁଷ୍ଠାନ ସମ୍ମାନ ପ୍ରବଳ ପ୍ରତିଷ୍ଠା ପ୍ରଥମ ନେଇ ବିଚାର ଜିଲ୍ଲାରେ ସଙ୍କଟ ଉପରେ ୧୨୦ ପର୍ଯ୍ୟନ୍ତ ହଜାର କରିବାର ଅଣା ସତ୍ତ୍ୱ କିନ୍ତୁ ଅନୁସନ୍ଧାନରେ ଯେ ଖବର ହେଉ ସେ ସୋହମାନ ଦେଶ ତର ଉକାର ଉଚ୍ଚାରଣ ହୋଇ ଅଚଳରେ ମୃତ୍ୟୁ ଘଟିବ ।

ମୟୂରଭଞ୍ଜର ମହାରାଜା, ବର୍ତ୍ତମାନ ମହାରାଣୀଙ୍କ ସହିତ ବିଲାତରେ ଅଛନ୍ତି । ସେଠାରେ ମହାରାଣୀଙ୍କ ଶରୀର ଗୋଟିଏ ଅନ୍ୟ ଜନ୍ମ ହୋଇଅଛି ଅବଗତ ହେଲୁ । ଚନ୍ଦ୍ରମାସ ଜଣା ଯାଇବ ଏ ବର୍ଷ ଗତ ସର୍ବସାଧାରଣ ସ୍ୱତନ୍ତ୍ର ପ୍ରଥା ଦୃଷ୍ଟାନ୍ତ ବହିତ ପ୍ରାଚ୍ୟ ସୁମୋଳଙ୍କରେ ଅଲକ୍ଷ୍ମୀ ଦୂର ସ୍ୱରୂପ ଭଗବାନମାନଙ୍କର ସୁଯୋଗ ମୋଚନର ଉପାୟ କରନ୍ତୁ ଏହେ ପ୍ରାର୍ଥନା ।

ଶ୍ରୀ ନାମ ଦେବେ ବର୍ତ୍ତମାନ ଲୋକ ୫ମ ମହାଦବକରୁ ତାଙ୍କର ବୟସ ବ ୬୯ ବର୍ଷ ବହୁତ ବଢ଼ିରେ ଥାଇ ଏ ମହୋଦୟ ଶାନ୍ତିରେ ଭାଷା ଲଢ଼ା ଇଂରେଜ, କର୍ମଠ ଓ ପରିଶ୍ରମ ଭାଷାରେ ସାଲେନୀ ହୋଇଥିଲେ ମଧ୍ୟ ଅପଣା ସମୟ ଦେଇ ପ୍ରଚାର ଭାଷାମାନ ପରିଶ୍ରମ ଭାଷାରେ ଲେଖି ବ୍ୟତୀତ କରିଅଛନ୍ତି । ଦେଶରେ ଅନ୍ୟ ଶାନ୍ତ ଭଲ ସମୟରେ ସେ ଦେଶର ବଡ଼ ଲୋକରେ ଥାଇ ସାମ ତାର ଶିକ୍ଷା ମଧ୍ୟ ପରି କରିଅଛନ୍ତି । ସେଥିରେ ଲେଖମାନେ ବହୁରୂପ ଶିକ୍ଷିତ ହେବା ସମ୍ଭବ ଭାବେ କାମନାସ୍ ।

ପରୀକ୍ଷାରେ ପ୍ରବେଶ ମହର୍ଷି ଦେବେନ୍ଦ୍ର ସହଯୋଗ ନମ୍ବର ଇଂରେଜୀ ଦେବେଦାନ୍ତି ଅସ୍ୱୀକାରରୂପେ କରୁଅଛି । ସେଥିର କଲେଜ ଶ୍ରେଣୀରେ ୨୦୦୦ ଟଙ୍କା ପାଇଥିବ କରୁଅଛନ୍ତି । ବିଦ୍ୟାଳୟର ଉନ୍ନତ୍ୟର୍ଥ ନିମିତ୍ତ ଶିକ୍ଷାର ଭୋ ୮ ଟି ଶ୍ରେଣୀରେ ବନାରେଜନରେ ଦିଗମାନ ପଢ଼ନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଅବିଶ୍ରିତ ହୋଇଥିବା ସମସ୍ତ ବିଷୟର ଶିକ୍ଷା ବିଅସିବାର ବନ୍ଦୋବସ୍ତ ଏହ ଏବଂ ଏବା ଶିକ୍ଷା କାର୍ଯ୍ୟରେ ସରକାର ୨୦ ହଜାର ଟଙ୍କା ଲଗ ହୋଇଥିଲା । ଗତ ୧୯୧୦ ମସୀହା ଶେଷରେ ସମସ୍ତ ଖର୍ଚ୍ଚ ଯାଇ ୬୮ ଲକ୍ଷ ଟଙ୍କା ପଡ଼ିବ ଶୁଣା

ଭରଦ୍ୱାଜ ସମୟରେ ସେହି ବିଷୟ କହିବା ଦେଖ ଏହି ହାତରେ ଜଣେ ମୁସଲମାନ ଗୋଟିଏ ସାଗର ଦେଶ ଭ୍ରମଣ କରି ଅଙ୍କିତ ଅକ୍ଷର ଯେ ପ୍ରଥମ ଏବଂ ସହିତ ପ୍ରାୟ ଦଶହଜାର ଟଙ୍କା ସହିତ ଦେଶ ତାହାର ବାହାଦରେ କରି ସେ ହୋଇଥିବା ବଳ ତତ ହେବ ଏବଂ ଯାଇଥିବା ଏବଂ ଚୁକ୍ତିରୁ ହେଲେ ତିରଣ ଦେଇବାର ନାମ ଦେଖାଇ ହୋଇ ତାହାର ମାନେବଳ ଏବଂ ଅତିକ୍ରମ ଥାଇ ହାଜାର ତାହା ପ୍ରତି କରିବା ସମୟ ସହଜ ମା ୮ ସ ଜାରାବତ୍ ଅବେଶ ହୋଇଅଛି । ପାପସ୍ଥ କରିବାର ଏହିରୂପ ଫଳ ସବୁ ହୁଏ ।

ତାଲଚେରର ଓଡ଼ିଆ କଳେକ୍ଟର ସମ୍ପ୍ରତି ଅବିରାମ ସମସ୍ତ ଭାବାର ବିଭାଗରେ ସମ୍ପତ, ତାଙ୍କ କେତେକ ପ୍ରଜାଙ୍କ ବୋଝର ଅଭାବ ଦୂର ହେବା ବିଷୟରେ ଉପର୍ଯ୍ୟକ୍ତ ଯୋଷଣା ପ୍ରଚାର କରନ୍ତୁ ।

## ପତ୍ରପ୍ରେରକଙ୍କ ପ୍ରତି ।

Observer—It is to late now to expect Mr. Birley to consider your complaints regarding the Jajpur Exhibitions accounts you may submit them if you like to his successor takes charge.

ଶ୍ରୀ ରତ୍ନାକର ପଣ୍ଡା—ମଲହା ବାଲେଶ୍ୱରର ମହାଦେବ ମନ୍ଦିରର ଜୀର୍ଣ୍ଣ ସଂସ୍କାର ସାହାଯ୍ୟ ପ୍ରାର୍ଥନା ପ୍ରେରଣପତ୍ରଦ୍ୱାରା ସଫଳ ହେବାର ଆଶା ଅଳ୍ପ । ଯେବେ ମହାଦେବଙ୍କର କରୁଣା ଚାହିଁବା ହେଲେ ଦର୍ଶନ ଯାତ୍ରୀ ସମାଗମ ହେଉଅଛି ସେବେ ମନ୍ଦିର ଓ ସେବକବର୍ଗର କଷ୍ଟ ଦୂର ହେଉଅଛି । ସେବକଗଣ ଯେ ସମସ୍ତ ଆୟ ସେବାରେ ଖରଚ ନ କରି ତାହାର କେତେ ଅଂଶ ଏହି ଉଦ୍ଦେଶ୍ୟର ସାହାଯ୍ୟ ଲୋକଙ୍କଦ୍ୱାରା ଅଭ୍ୟାସରେ କ୍ରମେ ମନ୍ଦିର ସଂସ୍କାର କରିପାରନ୍ତି । ଚେଷ୍ଟା ଦେଖାଇଲେ ଫଳ ମିଳେ ଜିତା ।

## ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ-ଦାୟୀ ନୋହୁଁ ।

ଜଗତସଂଯୁକ୍ତ ଶ୍ରୀ ଉତ୍କଳଦୀପିକା ପତ୍ରିକାର ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଗତ ମଙ୍ଗଳବାର ସନ୍ଧ୍ୟା ସ ୫½ ଟିକ-ସମୟରେ ଅତ୍ରତ୍ୟ ବ୍ରାହ୍ମମନ୍ଦିରରେ ବୋଲପୁର ବ୍ରହ୍ମଚର୍ଯ୍ୟ ଆଶ୍ରମର ଶିକ୍ଷକ ଶ୍ରୀ କ୍ଷିତିମୋହନ ସେନ୍, ଏମ୍, ଏ, ମହୋଦୟ "ମୁକ୍ତି" ବିଷୟରେ ଗୋଟିଏ ସୁନ୍ଦର ଔପଦେଶ ଶୁଣାଇଥିଲେ—ବକ୍ତୃତା ପ୍ରଦାନ କରିଥିଲେ ସେ ଏଥିରେ ଗୀତଗାୟ, କବିର, ଜ୍ଞାନଦାସ, ଇତ୍ୟାଦି ନାନା ଋଷି ଓ ବେଦ ଓ ଉପନିଷଦରୁ ଅନେକ ସାର ଗର୍ଭ ବ୍ୟାଖ୍ୟା ଓ ଉଦାହରଣ ବର୍ଣ୍ଣନା କରି ଦେଖାଇ ଦେଇ ଥିଲେ ଯେ ଏଥିରେ କୌଣସି ଭୟ ବା ସନ୍ଦେହର କାରଣ ନାହିଁ । ଶ୍ରୋତୃବର୍ଗ ସ୍ଥାନାଭାବ ସତ୍ତ୍ୱେ ଓ ମନ୍ତ୍ର-ମନ-ପ୍ରାଣରେ କର୍ଣ୍ଣସ୍ଥାନାନ୍ତ ହୋଇ ତାହାଙ୍କ

, ଓ କଲ୍ୟାଣ ପୂର୍ଣ୍ଣ ମୂଲ୍ୟବାନ୍ ଉପଦେଶ ଶ୍ରବଣ କରି ମୋହିତ ହୋଇଥିଲେ । ସମସ୍ତେ ବୁଝିପାରିଥିଲେ ଯେ କଲ୍ୟାଣମୟୀ ବିଶ୍ରାମଦାୟିନୀ ଜଗଦ୍ଜନନୀ ମୂର୍ତ୍ତିରେ ସମସ୍ତ ଜୀବନର ମଧୁମୟ ଫଳ ଏବଂ ଜ୍ଞାନ ଅନନ୍ତ ଅମ୍ଳାନ କଲ୍ୟାଣପୂର୍ଣ୍ଣ ଆନନ୍ଦ ନିହିତ ହୋଇ ରହିଅଛନ୍ତି । ଦୁଃଖର ବିଷୟ ଏହି ଯେ ଏହି ହୃଦୟ-ଗ୍ରାହୀ ସଭାରେ କଲେଜର ଯୁବକ ବନ୍ଧୁମାନେ ପ୍ରିନ୍ସିପାଲ ସାହେବ ମହୋଦୟଙ୍କ ଅନିଚ୍ଛା ହେତୁ ଉପସ୍ଥିତ ହୋଇପାରି ନ ଥିଲେ । ବୋଧ ହୁଏ ସାହେବ ମହୋଦୟ "ମୂର୍ତ୍ତି"ର ଅନର୍ଥ ଶବ୍ଦ ଶୁଣି ଭୟରେ ଉମ୍ମତ ହେଉଥିଲେ । କିନ୍ତୁ ଯଦି ସାହେବ ମହୋଦୟ ସଭାରେ ଉପସ୍ଥିତ ହୋଇ ବକ୍ତୃତାଟିକୁ ହୃଦୟଙ୍ଗମ କରି ପାରିଥାନ୍ତେ ତାହା ହେଲେ ତାହାଙ୍କର ଏହି ଭୟ ଦୂର ହୋଇ ଯାଇଥାନ୍ତା ଏବଂ ସେ ମୁକ୍ତି ଓ କଲ୍ୟାଣପ୍ରଦ ସମ୍ଭୋଗର ଦ୍ୱାରସ୍ୱରୂପ ଅନିର୍ବାଚ୍ୟ ମୂର୍ତ୍ତିକୁ ହୃଦୟରେ ଅଙ୍କିତ କରିବାକୁ ସମର୍ଥ ହୋଇ ପାରିଥାନ୍ତେ । ଏଥିରେ ସନ୍ଦେହ ନାହିଁ । ସେ ଯାହା ହେଉ ସାହେବ ମହୋଦୟଙ୍କ ଭ୍ରମରୁ ଦେଶର ସରଳମତି ଯୁବକ ଗଣ ଏହି ଅମୂଲ୍ୟ ସତ୍ୟୋପଦେଶରୁ ବଞ୍ଚିତ ହେଲେ ତାହା କି ଉକ୍ତ ମହୋଦୟ ଅନୁ ଧାରଣା କରି ପାରିବେ ? ସଂସାରରେ ଏପରି କୌଣସି ବିଷୟ ନାହିଁ ଯହିଁରେ ସର୍ବବ୍ୟାପୀ ଈଶ୍ୱରଙ୍କର ଅନନ୍ତ ଜ୍ଞାନର ଉପଦେଶ ନିହିତ ହୋଇ ନ ରହିଅଛି; କିନ୍ତୁ ଉକ୍ତ ମହୋଦୟଙ୍କର "ମୋ ବିଶ୍ୱାସରେ ଛାତ୍ରମାନଙ୍କର ଏହି ସଭାରେ ଉପସ୍ଥିତ ହେବା ଉଚିତ ନୁହେ । ଏଥିରେ ସେମାନଙ୍କର କୌଣସି ଉପକାର ହେବ ନାହିଁ ।" ଇତ୍ୟାଦି ମତ ପ୍ରକାଶ କରିବା କେତେଦୂର ସୁସଙ୍ଗତ ହୋଇଅଛି ତାହା ଆପଣମାନେ ବୁଝି ନିଅନ୍ତୁ । ଇତି ।

ଆପଣଙ୍କର
ଜନୈକ କଟକ ନିବାସୀ ବନ୍ଧୁ

---

ମାନ୍ୟବର ସମ୍ପାଦକ ମହାଶୟ

ଆଜ ଅମ୍ଭେ ଅତିଶୟ ଦୁଃଖର ସହିତ ଜଣାଉଅଛୁଁ ଯେ ଅମ୍ଭର ଏ ଅଞ୍ଚଳର ମହତ ଲୋକ ଶ୍ରୀ ବାବୁ ଶ୍ରୀ ନବଦ୍ୱୀପଚନ୍ଦ୍ର ଦାସ ଗୁପ୍ତ ଗତ ତା ୬।୧୧।୧୦ରେ ମାନବଲୀଳା ଶେଷ କରିଅଛନ୍ତି । ତାହାଙ୍କ ନ୍ୟାୟ ସାଧୁଲୋକ ଓ ପରଉପକାରୀ ଅନ୍ୟତ୍ର ଦେଖାଯାଏ ନାହିଁ ଅଜ ଅମ୍ଭେ ତାହାଙ୍କ ନିକଟ ଔଷଧନିମିତ୍ତ ଯାଇଥିଲୁ କିନ୍ତୁ ତାହାଙ୍କ ଗ୍ରାମ ନିକଟ ( ମହାଙ୍ଗା ) ରୁ ଏହି ଦୁଃଖର ସମ୍ବାଦ ପାଇ ଲେଉଟି ଆସିଲୁଁ । ଅମ୍ଭର ଏ ଅଞ୍ଚଳରେ ଡାକ୍ତର ନ ଥିବାର ତାହାନ୍ତି । ସେ କେବଳ ଗରିବମାନଙ୍କର ଭରସା ଥିଲେ ଅଜ ଏ ଅଞ୍ଚଳର ଜନମା ଚିକିତ୍ସାର୍ଥ ଅସ୍ଥିର ହେଲେ ସେ ଗରିବମାନଙ୍କର ଘର ସବୁ ଥିଲେ ଅଧା କରୁଁ ଘଣ୍ଟିକାରେ ସର୍ବସାଧାରଣଙ୍କ ଜଣାଇ ବାଧିତ କରିଅଛେ । ଇତି

୬।୧୧।୧୦ { ଶ୍ରୀ ଧନଞ୍ଜୟ ମହାନ୍ତି
ଲୁଣ ପାଳ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମହିପି ଯତୀନ୍ଦ୍ର ବେରା ବଗୁଡ଼ | | ୫ ।( |
| ବାବୁ ଶ୍ରୀ ହରେକୃଷ୍ଣ ପଟ୍ଟନାୟକ ଓଡ଼ିଶା | | ୫ । |
| ,, ଗୋପାଳଚନ୍ଦ୍ର ଦାସ କୀବ | | ୫ । |
| ,, ଚକ୍ରଧର ଦାସ | | ୫ । |
| ,, ଅନ୍ନଦେ ଓ ପତ୍ରା ସମ୍ବଲ | | ୫ । |
| ,, ଏ ରୁଦ୍ର ସିଂହ ଏଣ୍ଡ କୋଂ ସୟା | | ୫ । |
| ,, ଚନ୍ଦ୍ରଶେଖର ମିଶ୍ର କାଳପୁର | | ୫ ୧ |
| ଜ, ତି, ପାଇ ଏସ୍ପାଇ ବଧ | | ୫ । |
| ବାବୁ ଶ୍ରୀ ଜନାର୍ଦ୍ଦନ ପଟ୍ଟନାୟକ | | ୫ । |
| ,, ହେଡ଼ ଇନ୍‌ସପେକ୍ଟର ଜଗନ୍ନାଥପୁର | | ୫ । |
| ,, ଗୋପାଳକୃଷ୍ଣ ଢେଙ୍କାନାଳ | | ୫ ୧୪ |

---

NOTICE,

WANTED for one year an Assistant Accountant on Rs. 40 to Rs. 60 per month by an annual increment of Rs 2. There is every prospect of the post being made permanent.

Applications should be submitted to the undersigned on or before the 28th November 1910.

None but those who can draft letters and are well up in accounts should apply.

District Board Office Cuttack } G. N. Choudhry Vice Chairman.

---


# ବିଜ୍ଞାପନ ।

ଅତ୍ୟାଶ୍ଚର୍ଯ୍ୟ ମ୍ୟାଜିକ ଲଣ୍ଠନ ।




ଏହା ବାଳେ ପ୍ଲେଟ ଦ୍ୱାର ମ୍ୟାଜିକଲଣ୍ଠନ ନୁହେ କେବଳ ଅମଦାନୀ କରିଅଛୁଁ ।

ମ୍ୟାଜିକ ଲଣ୍ଠନ ଅତ୍ୟାଶ୍ଚର୍ଯ୍ୟ ଯନ୍ତ୍ର । ଏହି ଲଣ୍ଠନଦ୍ୱାରା ନାନା ପ୍ରକାର ଚିତ୍ତାକର୍ଷକ ଦେଶ୍ୟ ନାନା ଦେଶର ଅଦ୍ଭୁତ ଅଦ୍ଭୁତ ମନୁଷ୍ୟ, ଜୀବ, ବ୍ୟାଘ୍ର, ବନ, ଜଙ୍ଗଲ, ପର୍ବତ, ନଦୀ ପ୍ରଭୃତି ସମୁଦ୍ର ଓ ସମୁଦ୍ର ସ୍ଥିତ ପ୍ରକାଣ୍ଡ ଯାହାଜ ସେହି ସକଳ ଯାହାଜ ଜଳରେ ପଡ଼ି ଭସାଉଛନ୍ତି ଅନୋହର ଦେଖୁଅଛୁ ଇତ୍ୟାଦି ସ୍ପଷ୍ଟ ଦେଖାଯାଏ । ସମସ୍ତ ଲୋକରୁ ପ୍ରକାଣ୍ଡ ଦେଶ୍ୟ ଗୋଟିଏ ସ୍ଲାଇଡକୁ ନେଇ ଉଠୁଅଛି ଏବଂ ନାନା ପ୍ରକାର ଫଳ ଇତ୍ୟାଦି ସୁନ୍ଦରରୂପେ ଦେଖାଯାଏ । ଏହି ମ୍ୟାଜିକ ଲଣ୍ଠନଦ୍ୱାରା ବାଜୀ ଦେଖାଇ ବେଶ ରୁପଇସା ଉପାର୍ଜ୍ଜନ କରାଯାଏ । ମୂଲ୍ୟ ୧ ନଂ ଖୁବ ବଡ଼ ସାଇଜ ୫ ୧୧୧, ମାସୁଲ ଟ ୧୪ ୮୨ ଖଣ୍ଡ କାଚ ୪୮ ପ୍ରକାର ଛବି ସହିତ । ମୂଲ୍ୟ ୨ ନଂ ମଝିଲା ସାଇଜ ଟ ୬୯, ମାସୁଲ ଟ ୧ ୮୨ ଖଣ୍ଡ କାଚ ୪୮ ପ୍ରକାର ଛବି ସହିତ ୩ ନଂ ଛୋଟ ସାଇଜ ଟ ୪୪ ମାସୁଲ ଟ ୧୫ ୮୨ ଖଣ୍ଡ ଛବି ସହିତ ।

---

ବନାପାସରେ ମେଜନ ବନ୍ଧୁକ
ବ୍ୟବହାର କରନ୍ତୁ



ଅମ୍ଭେମାନେ ଏହି ମେଜନ ବନ୍ଧୁକ ନୂଆ ଅମଦାନୀ କରିଅଛୁଁ, ଏହା ଲୋକଙ୍କୁ ଠକାଇବାର ବା ଛୁଆମାନଙ୍କର ଖେଳିବାର ବନ୍ଧୁକ ନୁହେ ଏଥିରେ ଗର୍ଦ୍ଦା ନ ଦେଇ ବିଂଚ୍ଛି ଚଳୁ ଯଥା; କାକ ବଟି ପକ୍ଷୀ ପାଣ ଇତ୍ୟାଦି ନାନାପ୍ରକାର ଜନ୍ତୁ ଶିକାର କରାଯାଏ । ଏଥି ୩୦୦ ଗଡ ଶେଟ ଗୁଳିସବୁ ଗାଳିବେ । ପ୍ରତ୍ୟେକର ମୂଲ୍ୟ ଟ ୩୪ ସେହିଂ ଡାକମାସୁଲ ଓ ଭି, ପି, ଟ ୧୯

ଦଶ ୪ ଟଙ୍କାରେ ଜେବଲିଭର ଓ୍ୱାଚ



ଏହି ଘଡ଼ି ଦେଖିବାକୁ ଅତି ସୁନ୍ଦର, ଖୋଲ୍ଲାଦାର, ସୁଦୃଢ଼ ଚଳାଏ, ସେକେଣ୍ଡ କଣ୍ଟାଯୁକ୍ତ, ସଜବୁଡ, ଦୀର୍ଘକାଳ ସ୍ଥାୟୀ, ଠିକ ସମୟ ଦିଏ; ଏହା ଦମ ଦେଲେ ୩୬ ଘଣ୍ଟା ଚଳେ, ୩ ବର୍ଷ ସକାଶ ଗ୍ୟାରେଣ୍ଟି, ନଦେଲ ବେଶ୍, ଚେନ ଓ ଲକେଟ ସହ ମୂଲ୍ୟ ଟ ୪୧ ନ୍ତା ମାତ୍ର ଡାକମାସୁଲ ଟ ୦୪ ମାତ୍ର ।

---

ମଶା ତାଡ଼ିବାର କଳ ।

ଅତି ଅଳ୍ପ ପରିଶ୍ରମରେ ଓ ୫ ମିନିଟ ମଧ୍ୟରେ ଏହି କଳଦ୍ୱାରା ଘରରୁ ମଶା ବାହାରେ । ଏହାକୁ ଧରିବାର ଗୋଟିଏ ଦେଶ୍ୱେଲ ଅଛି ତଳିଟି ଭୁଷରେ ଧରାଇ ଦେଇଥିଲେ ସ୍ୱୟଂରେ ପ୍ରବଳ ବେଗରେ କଳ ଘୂରେ ଓ ଘରରୁ ସବୁ ମଶା ବାହାରେ । ମୂଲ୍ୟ ୫ ୧ ଓ ମାସୁଲ ଟ ୦ । ମାତ୍ର । ଯଦି କେହି ୩ ଗୋଟି ଦ୍ରବ୍ୟ ଏକଥରେ ଖରିଦ କରିବେ ତାହାହେଲେ ସେ ମଶାର ଦାଲ ମେ.ଡା ୨ ଦରଇବାର ଗୋଟିଏ ଯନ୍ତ୍ର ବିନା ମୂଲ୍ୟରେ ଉପହାର ପାଇବେ ।

Address :—
S. C. Gupta & Co.
General Order Suppliers
2-I Shambazar Street
P. O. Bagbzar Calcutt


Split by PDF Splitter

Digitized by srujanika@gmail.com

# NOTICE.

Correspondence be made in English or Bengalee language.

**Amount refunded**

**if unapproved.**

# SHAWL.

*Very nicely worked*

Rs. 17 to 40 per pair.

For lady Rs. 8 for sheet

**Malida Chadder Rs. 16**

**Check Wrapper ,, 6 to 9**

**Lahori Dhussa Rs 13**

Correspond in English or Bengalee language.

**AMIR CHAND & SON,**

*General shawl merchant*

LAHORE.



## The Cheap Alloepathic Pharmacy.

( Formerly "The People's Dispensary" ).

**CHOUDHURY BAZAR**

CUTTACK

OPEN DAY & NIGHT

The largest in the town.

Wholesale and Retail.

All sorts of Surgical instruments, medicines ( Official, non-official and Patent ), preparations of Cocaine, Morphia and Opium kept in stock.

Defy competition in Cheapness, freshness & reliability.

Prescriptions carefully and promptly dispensed.

Cosultation free.

The Dispensary is provided with an operation room. Major and minor operations undertaken with all possible care and under strictest privacy.

Ask for your choicest perfumery and toilet preperations here

## Chander's hair oils

ONCE USED   ALWAYS USED

Advertise themselves on their own merits.

| | |
|---|---|
| Sweet scented | Rs 0-12-0 |
| Bakul scented | Rs 0-12 0 |
| Ranibilas | Re 1-0-0 |

## NEW TONE TEA

The king of T's.

Delicious Flavour

Use it and you will use no other.

Moffussil orders executed with cares & promptitude.

*Trial orders solicited.*

Dr. S. C. CHANDRA



## ଈଶୋପନିଷଦ୍ ।

ମୂଳମନ୍ତ୍ର, ସ୍ୱଷ୍ଠଟୀକା ଓ ସରଳ ଉତ୍କଳ ବ୍ୟାଖ୍ୟା ସହିତ ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଦରଘା-ବଜାର ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଏକଅଣା


## ଉତ୍କଳ ଦୀପିକା ।

Mr. Birley is going home on eleven months' leave. He assumed charge of the District as Offg. Magistrate and Collector on April 1st, 1909. With the announcement of his appointment there had been a good deal of speculation as to how he would administer the District. Bengal was then in fever heat, as the trial of the infamous Alipur Bomb Case had not been completed. Mr. Birley was the Magistrate who had committed the case to the Sessions. People here were naturally apprehensive that a Magistrate who had waded through mass of evidence in a diabolical case like that might unconsciously have imbibed impressions which might prove prejudicial to the loyal and peace-loving people of this country. But Mr. Birley did not take long to remove these misgivings. People soon found out that there was no cause for any uneasiness. Thoroughly independent, he brought to bear his calm and considerate judgment in every department of his work. The *Amlahs*, who had been noticed sometime before Mr. Birley come in to work from morn to dewy eve, and often till late in night consuming mid-night oil, in office and out of office, bending double over enormous files, soon found that beyond office hours they could breathe a sigh of relief and live as members of society. The bills for purchase of oil and candles came to stand at a low figure, while the quality and quantity of work improved and kept pace with the exigency of time by application of right method. Though somewhat reserve, Mr. Birley mixed freely with all who had occasion to come in contact with him. Courtious and polite to all, he made himself popular with all classes. Though over-burdened with work he found time to take active part in sports and to bridge up the gulf that separates an Englishman from an Indian he would gladly accept invitations to wedding party and attend muffosil home of Indian gentlemen. In his muffosil tours he would visit Presidents and Punchayats and had a kind or good word for all who would come and see him. Temper he had none and he was accessible to all. He always evinced an anxiety to remove the grievances brought to his notice, but it must be said that the realisation of fines from defaulting Zemindars, on the occasion of exempting their Estates from Revenue sales, has involved many in heavy debts. In fact he did not well understand the condition of the Zemindars of Orissa who in several instances are in no better position than mere rent collectors with a nominal margin of profit left to them. Mr. Birley had been to Cuttack once before as Offg. Magistrate in May 1903 but as his stay then was for a month only, we had little opportunity of knowing him so well. With a strong individuality, strength of character and suavity of manners he won the hearts of all who came in contact with him. We bid him good-bye and wish him a happy voyage home.

Mr Egerton took charge of the District on the 22nd Instant. Mr. Egerton though new to Cuttack, is not new to Orissa. He held charge of Balasore District for a pretty long time and is fully conversant with the people, their language, manners and custom. We offer him our hearty welcome. We trust he will also earn the good will of the people by his efficient and sympathetic administration.

Digitized by srujanika@gmail.com

Our Contemporary, The Utkal Barta, seems to take a delight in setting class against class and to indulge in vulgarity when she has to say something regarding Domiciled Bengalees. The very news that the next conference will sit at Cuttack in December has upset our comtemporary and we think she will be in Hysterics when the Conference meets. She cannot bear the idea of Domiciled classes, especially the Domiciled Bengalees, whom she chooses to call "Keras" working hand in hand and shoulder to shoulder with other children of Utkal. The conference buried the term "Uriya" and in its place adopted the term "Utkalya" in order to include within its fold all permanent residents of the soil irrespective of caste, creed and colour. The definition of the term "Utkalya" as adopted by the Conference has we think been distasteful to our contemporary. Such has been her panic that with a brazen-face she advises the children of Utkal not to have the Conference. The sight of the "Keras" taking part in it is quite intolerable to her. Our contemporary would fain toll the knell of the Conference so dear to the nation, rather than see the people domiciled in Orissa sit side by side with the Oriyas. We feel no hesitation in saying that no true son of Utkal would thank our contemporary for this piece of gratuitous advice. We cannot too strongly set our face against it. Little does our contemporary know of the mischief she has been creating by these vagaries and thoughtless vituperations. Her conduct in this particular reminds us of an old adage well known in Orissa—" Let my husband die, I don't care, I shall have the satisfaction of seeing my co-wife turn a widow."

---

ଆସନ୍ତା ଡିସେମ୍ବର ମାସ ତା ୧୦ ରିଖ ଶନିବାର ସକାଳ ସ ୧୧ ଘଣ୍ଟା ସମୟରେ ଲେଫ୍ଟେଲାଟଙ୍କ ବେଲଭେଡିୟର ଭବନରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଅଧିବେଶନ ହେବା ବିଷୟରେ ସରକାରୀ ବିଜ୍ଞାପନ ବାହାରିଅଛି ।

---

ଗତ ତା ୧୭ ରିଖ ଶେଷ ସପ୍ତାହରେ ବଙ୍ଗପ୍ରଦେଶ ମଧ୍ୟରେ କେବଳ ବିହାର ଓ ଆସାମ ଛଡ଼ା ଅନ୍ୟତ୍ର ବର୍ଷା ଆଦୌ ନ ଥିଲା । ମାତ୍ର ଯୁକ୍ତପ୍ରଦେଶ ମଧ୍ୟପ୍ରଦେଶ ବମ୍ବେ ଏବଂ ଦକ୍ଷିଣ ମାନ୍ଦ୍ରାଜରେ ଭଲ ବର୍ଷା ହୋଇଥିଲା । ବର୍ଷାର ପରିମାଣ କାଶୀପୁରରେ ୬ ଇଞ୍ଚ ଓ ଏବଟାବାଦରେ ୩ ଇଞ୍ଚ ଥିଲା ।

—o*o—

ଗତ ତା ୮ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗରୋଗ ମୃତ୍ୟୁ ୫୩୫୯ ହୋଇଥିଲା ଯେ ତହିଁମଧ୍ୟରେ ବୋମ୍ବାଇ ୧୦୬୪ ଯୁକ୍ତପ୍ରଦେଶ ୧୦୬୬ ପଞ୍ଜାବ ୮୫୭ ମଧ୍ୟପ୍ରଦେଶ ୭୩୪ ରାଜପୁତାନା ୫୦୩ ମାନ୍ଦ୍ରାଜ ୬୮୬ ବଙ୍ଗ ୬୦୦ ଏବଂ ମହୀଶୂର ୩୫୮ ଉଠିଥିଲା । ଏ ସମସ୍ତ ପ୍ରଦେଶରେ ପୂର୍ବସପ୍ତାହ ପ୍ରତି ବଢ଼ିଅଛି । ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୩୪୭୬ ଥିଲା ।

—※—

ସମ୍ବଲପୁର ମ୍ୟୁନିସିପାଲିଟି ଫଣ୍ଡରୁ ବେତନ ଜମି ସେହି ମ୍ୟୁନିସିପାଲିଟି ମଧ୍ୟରେ ଭରତ କରିବାକୁ ମାନ୍ୟବର କମିଶନର ଇଚ୍ଛା କରୁଅଛନ୍ତି । ସେହି ଅଂଶ ନିବାସୀ କୌଣସି ବ୍ୟକ୍ତିର ଏଥିରେ ଆପତ୍ତି କରିବାର ହେଲେ କଲିକତା ଗେଜେଟରେ ବିଜ୍ଞାପନ ପ୍ରକାଶ ହେବାର ୬ ସପ୍ତାହ ମଧ୍ୟରେ କରିବେ । ବିଜ୍ଞାପନ ଗତ ତା ୧୭ ରିଖ କଲିକତା ଗେଜେଟରେ ବାହାରିଅଛି ଏବଂ ସେହି ବିଜ୍ଞାପନରେ ପ୍ରସ୍ତାବିତ ଜମିର ଚୌହଦ ଲେଖାଅଛି ।

---

ଏଠା ଉତ୍କଳସଭାର ଗତ ବୁଧବାର ଅଧିବେଶନରେ ସଭା କଂଗ୍ରେସର ନିୟମାନୁଯାୟୀ ପ୍ରାଦେଶିକ କମିଟିର ଅନ୍ତର୍ଭୁକ୍ତ ହେବାର ଧାର୍ଯ୍ୟ ହୋଇ ନିମ୍ନଲିଖିତ ସଭ୍ୟମାନଙ୍କୁ ଅଲ୍ଲାହାବାଦର ଆଗାମୀ କଂଗ୍ରେସ ଅଧିବେଶନରେ ଉପସ୍ଥିତ ହେବା ସକାଶେ ପ୍ରତିନିଧି ନିଯୁକ୍ତ କରାଯାଇଅଛି । ଯଥା—ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ, ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ପୁଷ୍ଟି, ଶ୍ରୀଯୁକ୍ତ ହରମୋହନ ରାୟ ଚୌଧୁରୀ, ଶ୍ରୀଯୁକ୍ତ କପିଳଦ୍ୱାସ ମିଶ୍ର, ଶ୍ରୀଯୁକ୍ତ ହଲୋଦଲାଲ ବସୁ, ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ମୁଖର୍ଜ୍ୟା, ଶ୍ରୀଯୁକ୍ତ ପ୍ରିୟନାଥ ଚଟ୍ଟର୍ଯ୍ୟା ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦତ୍ତ ଓ ଶ୍ରୀଯୁକ୍ତ ଶୁକଦେବ ରାମ ।

—※—

ଯଶୋହର ଜିଲ୍ଲାରେ ବଗଟ ଉପନୟନ ବ୍ୟାପାର ହୋଇଥିବା କଥା ଆମ୍ଭେମାନେ ଆନନ୍ଦସହକାରେ ପାଠକମାନଙ୍କୁ ଜଣାଉଅଛୁଁ । ମାଗୁର ମହକୁମାର ଅଧୀନ ପୂର୍ବ ଶ୍ରୀକୋଲ, ବାରୁଇପଡ଼ା ଓ ଖମାରପଡ଼ାରେ ଗତ କାର୍ତ୍ତିକମାସ ତା ୧୩, ୧୪ ଓ ୧୫ ରିଖମାନଙ୍କରେ ଉପନୟନ ହୋଇ ୧୦୧ ଜଣ କାୟସ୍ଥ ବ୍ରାତ୍ୟପ୍ରାୟଶ୍ଚିତ୍ତ କରି ଯଥାବିଧି ଯଜ୍ଞୋପବୀତ ଗ୍ରହଣ କରିଅଛନ୍ତି ଏ ପରେ ତହିଁପ୍ରାନ୍ତର କେନରେ ୧୦ ଜଣ ଏବଂ ବନ୍ଦ୍ରଯୋଗୀମଠରେ ୮ ଜଣ କାୟସ୍ଥ ସେହିପରି କରିଅଛନ୍ତି । ଏ ସମସ୍ତଙ୍କର ନାମ ଧାମ ଆନନ୍ଦବଜାର ପତ୍ରିକାରେ ପ୍ରକାଶିତ ହୋଇଅଛି ।

---

ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଏହି ନିୟମରେ ଏକ ସରକ୍ୟୁଲର ଜାରି କରିଅଛନ୍ତି ଯେ ଇଂରାଜ ଶାସନ ସମ୍ବନ୍ଧୀୟ ଭ୍ରାନ୍ତ ମୂଳକ କଳ୍ପିତା ବା ଧାରଣ ପ୍ରତିରୋଧ କରିବା କାରଣ ସମସ୍ତ ସରକାରୀ କର୍ମଚାରୀ ଯତ୍ନ କରିବାକୁ ବାଧ୍ୟ । କୌଣସି କର୍ମଚାରୀ ରାଜଦ୍ରୋହ ଅଭିଳ୍ପ ଭାବ ଥିବାର ସନ୍ଦେହ ହେଲେ ତାଙ୍କୁ ପ୍ରଥମେ ସତର୍କ କରି ପରେ ତାହାର ଆଚରଣ ସଂଶୋଧିତ ନ ହେଲେ ଦଣ୍ଡ ଦିଆଯିବ । ସରକାରୀ କର୍ମଚାରିମାନେ ତାଙ୍କର ପୁତ୍ର ବା ପ୍ରତିପାଳିତ ପିଲାଙ୍କ ରାଜଦ୍ରୋହ ସୂଚକ ଆଚରଣ ଦମନ କରିବା କର୍ତ୍ତବ୍ୟ ଏବଂ ସେମାନେ ଏହା କରି ନ ପାରିଲେ କର୍ତ୍ତୃପକ୍ଷଙ୍କୁ ନ ଜଣାଇଲେ ସେମାନେ ଦାୟୀ ହେବେ । କେବଳ ସରକାରୀ କର୍ମଚାରୀ ନାହିଁ ନିଜ ରାଜଭକ୍ତ ପ୍ରଜାମାନଙ୍କର ଏହା କର୍ତ୍ତବ୍ୟ ଏବଂ ଯେଉଁମାନେ ଗଭର୍ଣ୍ଣମେଣ୍ଟଙ୍କ ଅନ୍ନରେ ପ୍ରତିପାଳିତ ସେମାନେ ବିଶେଷତଃ ବାଧ୍ୟ ଅଟନ୍ତି । ମାତ୍ର ପୁତ୍ର ସକାଶେ ପିତାକୁ ଦାୟୀ କରିବା ସୁଶାସନ ବୋଲି ଆମ୍ଭମାନଙ୍କ ମନକୁ ଆସୁନାହିଁ ।

---

ବିଲାତର ରାଜନୈତିକ ଅବସ୍ଥା ପୁଣି ଚିନ୍ତାଯୁକ୍ତ ହୋଇଅଛି । ବଜେଟ ବା ଆୟବ୍ୟୟ ସମ୍ପର୍କିତ ବ୍ୟବସ୍ଥା ଯେଉଁ ଗତବର୍ଷ ପାର୍ଲିଆମେଣ୍ଟର ମନ୍ତ୍ରୀଙ୍କ ବା ଲର୍ଡ ସଭା ଓ ସାଧାରଣ ବା କମନ୍ସ ସଭାମଧ୍ୟରେ ଯେଉଁ ମତଭେଦ ଘଟିଥିଲା ତାହା ଆପଣାମଧ୍ୟରେ ଭାଙ୍ଗିଦେବା କାରଣ ଉଭୟ ସଭାର କେତେକଣ ପ୍ରତିନିଧି ଏକାଏକ ବସି କନଫରେନ୍ସରେ ଭାଙ୍ଗିବାର ଯତ୍ନ କରିଥିଲେ । ମାତ୍ର ଏକାଧିକଥର ବୈଠକରେ ମତଭେଦ ଭାଙ୍ଗିଲା ନାହିଁ । ତେଣୁ ଆଗାମୀ ସୋମବାର ପାର୍ଲିଆମେଣ୍ଟ ସଭା ଭାଙ୍ଗିବାର ସ୍ଥିର ହୋଇ ତହିଁପର ସୋମବାର ପୁଣି ସଭ୍ୟ ନିର୍ବାଚନର ସମୟ ଧାର୍ଯ୍ୟ ହୋଇଅଛି । ଆଗାମୀ ଡିସେମ୍ବର ମାସ ତା ୧୫ ରିଖମଧ୍ୟରେ ସଭ୍ୟ ନିର୍ବାଚନ ଶେଷ ହେଲାରୁ ନୂତନ ପାର୍ଲିଆମେଣ୍ଟ ବସିବ । ଏହି ହେତୁ ବ୍ରିଟିଶ୍ ଦ୍ୱୀପପୁଞ୍ଜରେ ଭାରି ଗୋଳ ପଡ଼ିଅଛି ରକ୍ଷଣଶୀଳ ଓ ଉଦାର ଦଳମଧ୍ୟରେ କିଏ ଜିତିବ ଅଳ୍ପକାଳରେ ଜଣାପଡ଼ିବ ।

—:※:—

ମାନ୍ୟବର ଲେଫ୍ଟେନାଣ୍ଟ ମହୋଦୟଙ୍କ ବଙ୍ଗପ୍ରଦେଶର ଶାସନ କାର୍ଯ୍ୟରେ ସାହାଯ୍ୟାର୍ଥେ ଯେଉଁ କାର୍ଯ୍ୟକାରୀ ସଭା ନିଯୁକ୍ତ ହେବାର ଥିଲା ତାହା ଗତ ଶନିବାର ଅତିରିକ୍ତ କଲିକତାଗେଜେଟଦ୍ୱାରା ପ୍ରସ୍ତୁତ ହୋଇଅଛି । ସେହି ସଭାରେ ଭାରତ ସମ୍ରାଟଙ୍କ ଅନୁମୋଦନାନୁଯାୟୀ ମାନ୍ୟବର ସ୍ମିଥ ଓ ମାନ୍ୟବର ଡିଉକ ସାହେବମାନେ ଏବଂ ମାନ୍ୟବର ରାଜା କିଶୋରୀଲାଲ ଗୋସାଇଁ ବାହାଦୁର

Digitized by srujanika@gmail.com

Split by PDF Splitter



ନିଯୁକ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଷ୍ଟାର୍କ ସାହେବ ମହୋଦୟ ବୋର୍ଡ଼ର ମେମ୍ବର ଥାଇ ଆପଣାର ନିରପେକ୍ଷ ଯୋଗ୍ୟତା ଦେଖାଇଅଛନ୍ତି । ଉକ୍ତ ସାହେବ ମଧ୍ୟ ଅମ୍ଭମାନଙ୍କର ପରିଚିତ ଏବଂ ଏଠା କମିଶନରରୁ ସେ ବଙ୍ଗଳା ଦପ୍ତରର ପ୍ରଧାନ ସେକ୍ରେଟରୀ ହୋଇ ଉପଯୁକ୍ତ ଦକ୍ଷତା ସହିତ କାର୍ଯ୍ୟ ଚଳାଇଥିଲେ । ଜଶୋଶୀ ବାବୁ ଜଣେ ସୁଯୋଗ୍ୟ ଜମିଦାର ଏବଂ ବ୍ୟବସ୍ଥାପକ ସଭାରେ ସମାସୀନ ଥାଇ ଆପଣାର ଯୋଗ୍ୟତାର ପରିଚୟ ଦେଇଅଛନ୍ତି । ଏମାନଙ୍କ ନିଯୋଗରେ ଅମ୍ଭେମାନେ ଆନନ୍ଦିତ ହୋଇ ବଙ୍ଗଳାର ନୂତନ ମନ୍ତ୍ରିମାନଙ୍କ ଅଭିବାଦନ କରୁଅଛୁଁ ।

———

ଗତ ଶନିବାର ସନ୍ଧ୍ୟା ସମୟରେ ଏଠା ସାହେବମାନଙ୍କ କ୍ଲବରେ ଅମ୍ଭମାନଙ୍କର ଶ୍ରଦ୍ଧେୟ ବାବୁ ଶ୍ରୀ ଯୋଗେନ୍ଦ୍ରନାଥ ବସୁ ମହାଶୟ ଅମ୍ଭମାନଙ୍କ କଲେକ୍ଟର ବର୍ଲ ସାହେବଙ୍କ ସ୍ୱପତ୍ନୀ ସମଭିବ୍ୟାହାରେ ବିଦାୟ ହେବା କାରଣ ଯେଉଁ ମିଳନର ଆୟୋଜନ କରିଥିଲେ ତାହା ସର୍ବସୁରେ ଅତିବାହିତ ଓ ସଫଳ ହୋଇଥିବାର ଆନନ୍ଦ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ । ଏ ମିଳନକୁ ଯୋଗେନ୍ଦ୍ର ବାବୁ ସାହେବ ମେମଗଣ ସହିତ ଅନେକ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସମସ୍ତେ ଏକତ୍ର ମିଳାମିଶା କରି ଆମୋଦ ପ୍ରମୋଦ ଓ ଜଳପାନ ସହ ଚରିତାର୍ଥ ହୋଇ ସାହେବ ମହୋଦୟଙ୍କୁ ବିଦାୟ ଦେଇଅଛନ୍ତି । ୟୁରୋପୀୟ ଏବଂ ଦେଶୀୟ ଲୋକଙ୍କ ମିଳନରେ ଉଭୟଦଳ ପୃଥକ୍ ୨ ରହିବାର ଭାବ ଅଦ୍ୟାପି ଯାଇ ନ ଥିଲେହେଁ ଅମ୍ଭମାନଙ୍କର ସୁଯୋଗ୍ୟ କମିଶନର ଓ କଲେକ୍ଟର ସାହେବମାନେ ଦେଶୀୟ ଲୋକଙ୍କୁ ଜଣ ୨ ଧରି କଥାବାର୍ତ୍ତା କରି ଆପଣାର ସଦାଶୟତା ଦେଖାଇଅଛନ୍ତି ଏବଂ ଆଗଠାରୁ ଉଭୟ ଦଳର ଅଧିକ ମିଳାମିଶା ଏ କ୍ଷେତ୍ରରେ ନିରୀକ୍ଷିତ ଥିବାର ଉପସ୍ଥିତ ବ୍ୟକ୍ତି ମାତ୍ରକେ ଲକ୍ଷ କରିଅଛନ୍ତି । କଲେକ୍ଟର ସାହେବ କଲିକତା ନ ଯାଇ ଗତ ମଙ୍ଗଳବାର ଏଠାରୁ ବିଦାୟ ହୋଇ ଖଡ଼ଗପୁର ବାଟେ ବୋମ୍ବାଇ ଡାକ ମେଲରେ ସ୍ୱଦେଶାଭିମୁଖେ ଯାତ୍ରା କରିଅଛନ୍ତି । ସାହେବ ମହୋଦୟ ସୁଖେ ସ୍ୱଦେଶରେ ପହଞ୍ଚି ସୁସ୍ଥ ଶରୀରରେ ପ୍ରତ୍ୟାବର୍ତ୍ତିତ ହେଉନ୍ତୁ; ଏହାହିଁ ଅମ୍ଭମାନଙ୍କର କାମନା ।

———

ହେସ ଶବ୍ଦଟି ଓଡ଼ିଆ ନୁହେ । ଉତ୍କଳବାର୍ତ୍ତା ଛଡ଼ା କୌଣସି ଓଡ଼ିଆ ସମ୍ବାଦପତ୍ର ବା ପୁସ୍ତକରେ ଏହାର ବ୍ୟବହାର ଦେଖି ନାହୁଁ ଏବଂ ଜନସାଧାରଣ ବ୍ୟବହାର କରିବାର କେବେ ଶୁଣି ନାହୁଁ । ଏତିକି ଜଣାଅଛି କି ଓଡ଼ିଶା ପ୍ରବାସୀ-ବଙ୍ଗାଳୀଙ୍କ ବଙ୍ଗଳାଭାଷା ଓଡ଼ିଆ ସଂସର୍ଗରେ କିଞ୍ଚିତ ବିକୃତ ହେବା ହେତୁ କେହି ୨ ବଙ୍ଗବାସୀ ବଙ୍ଗାଳୀ ବିଦ୍ରୂପ କରି ହେସ କହୁଥିଲେ । ଏବେ ନାନା କାରଣରେ ବଙ୍ଗଳାର ଅନେକ ବଙ୍ଗାଳୀ ଓଡ଼ିଶାରେ ଆସି ରହି ଉତ୍କଳୀୟ ବଙ୍ଗାଳୀଙ୍କ ସଙ୍ଗେ ମିଶିବାରେ ସେହି ବିଦ୍ରୂପାସ୍ପଦ ହେସଶବ୍ଦ ସେମାନେ ଆଉ ବ୍ୟବହାର କରନ୍ତି ନାହିଁ । ଏହା ମହତ୍ତ୍ୱର ପରିଚାୟକ ଅଟେ । ମାତ୍ର ଯାହାର ମନ କ୍ଷୁଦ୍ର ତାହାର ମହତ୍ତ୍ୱପଣ ଲାଭ କରିବା ସହଜ ନୁହେ । ସେପରି ଲୋକ ଗୁଣ ଅପେକ୍ଷା ଦୋଷ ଅନୁକରଣରେ ଅଧିକ ପଟୁ ଏବଂ ଅଳ୍ପକାଳର ସାଧୁ ସଙ୍ଗରେ ସୁଦ୍ଧା ତାହାର ଚରିତ୍ରଶୁଦ୍ଧି ଘଟେ ନାହିଁ । ତେଣୁ 'ଉତ୍କଳବାର୍ତ୍ତା' ସୁସଭ୍ୟ ବଙ୍ଗଳାର ପ୍ରଧାନ ନଗର କଲିକତାରେ ପ୍ରକାଶ ହେଉଥିଲେହେଁ ପ୍ରକୃତ ଦୋଷରେ ସର୍ବଦା ହେସ ବକିବାକୁ ଉନ୍ମତ୍ତ ହୋଇଅଛନ୍ତି । ତାହାଙ୍କର ପାଠକବର୍ଗ ଏଥିରେ କି ସୁଖ ପାଉଅଛନ୍ତି ନ ଜାଣୁ ମାତ୍ର ଅମ୍ଭେମାନେ ତାହାଙ୍କର ଶାନ୍ତିକାମନା କରୁଅଛୁଁ ।

———

ଏଥର ଉତ୍କଳସମ୍ମିଳନୀର ବାର୍ଷିକ ଅଧିବେଶନ ଆସନ୍ତା ଡିସେମ୍ବରର ପ୍ରସ୍ତାବ ଉତ୍କଳବାସିଙ୍କ ମନକୁ ଘେନିଥିବାର କେତେକ ସମ୍ବାଦପତ୍ର ଯୋଗେ ପ୍ରକାଶ ପାଇଅଛି । ମାତ୍ର ଗତ ଉତ୍କଳବାର୍ତ୍ତାର ପ୍ରାପ୍ତ ସ୍ତମ୍ଭରେ ଦେଖିଲୁଁ ଯେ ଏକସମ୍ପ୍ରଦାୟ ଓଡ଼ିଆଙ୍କର ତହିଁରେ ଭୀତି ଜନ୍ମିଅଛି । ତହିଁର କାରଣ ଏହି କି ସମ୍ମିଳନୀର ସଭ୍ୟଶ୍ରେଣୀରେ ଲେଖକ ଯାହାଙ୍କ ହେସବୋଲି ଉତ୍କଳଛଡ଼ା ମନେ କରନ୍ତି ସେମାନେ ମିଶିଯିବେ ତାହା ହେଲେ ଓଡ଼ିଆଙ୍କର ସ୍ୱାର୍ଥହାନି ହେବ । ଉତ୍କଳବାର୍ତ୍ତାର ସେହି ସଂଖ୍ୟାର ସମ୍ପାଦକୀୟ ସ୍ତମ୍ଭରେ ମୁଦ୍ରିତ 'ଅର୍ଥ ନା ଅନର୍ଥ' ପ୍ରବନ୍ଧରେ ଯାହା ଲେଖାଅଛି ଯେ "ହେସମାନେ ଓଡ଼ିଆଙ୍କ ସଙ୍ଗେ ଗଣ୍ଡଗୋଳ ନ କରି ଆପେ ଆପଣା ଉନ୍ନତି ଚେଷ୍ଟା କରନ୍ତୁ" ତଦ୍ୱାରା ପ୍ରାପ୍ତସ୍ତମ୍ଭମତ ସହଯୋଗିଙ୍କ ମତ ଥିବାର ସ୍ପଷ୍ଟ ବୁଝା ଯାଉଅଛି । ଏଥିରୁ ଉତ୍କଳ ବା ଓଡ଼ିଶାବାସିଙ୍କ ମଧ୍ୟରେ ଯେଉଁ ଦଳ ଏକା ଉତ୍କଳୀୟ ବା ଓଡ଼ିଆବୋଲି ମନେ କରନ୍ତି ଏବଂ ଅନ୍ୟ ଓଡ଼ିଶାବାସିଙ୍କୁ ସେମାନଙ୍କ ସଙ୍ଗେ ମିଶାଇବା ଭଲପାନ୍ତି ନାହିଁ ସେମାନେ ନିଜର ମଙ୍ଗଳ ସକାଶେ ଯତ୍ନବାନ୍ ହେବା ବାଞ୍ଛନୀୟ ଏବଂ ତହିଁରେ କାହାର ଆପତ୍ତି ହୋଇ ନ ପାରେ ଏକଥା ଅମ୍ଭେମାନେ ପୁନଃ ୨ କହୁଅଛୁଁ । ଏହାର ନିଷ୍ଠାରେ ପ୍ରକୃତ ମଙ୍ଗଳ ସମ୍ବନ୍ଧୀ ଚିନ୍ତା କଲେ କ୍ରମେ ହୃଦୟ ପ୍ରଶସ୍ତ ଓ ଉଦାରଭାବ ଜାତ ହେବ ତେତେବେଳେ ଅନ୍ୟମାନଙ୍କ ସଙ୍ଗ ଲୋଡ଼ିବା ଅନିବାର୍ଯ୍ୟ ହେବ କାରଣ ଏହାତ ପ୍ରସଙ୍ଗରେ ସାଧିର ବୃଦ୍ଧି ହେବା ସ୍ୱାଭାବିକ ନୁହେ । ହେସମାନେ କଥିତ ଓଡ଼ିଆଙ୍କ ସହିତ ବଳେ ପଡ଼ି ନାହାନ୍ତି । ସେମାନେ ଆପଣା ୨ ସତ୍ତ୍ୱରକ୍ଷା ଏବଂ ଉନ୍ନତି ସାଧନର ଉପାୟ ଆଗେ ଅବଲମ୍ବନ କରୁଅଛନ୍ତି ।

———

କେତେକ ଦିନ ହେଲା ଯାଜପୁର ଟାଉନ ଓ ତତ୍ପାର୍ଶ୍ୱବର୍ତ୍ତୀ ଗ୍ରାମସମୂହର ଦାଣ୍ଡରେ ଥିବା ଗୋଶାଳାରୁ କେତେକ ବଦମାସ୍ ମୁସଲମାନ ଓ ମେହେନ୍ତର ମିଳି ରାତ୍ରିକାଳରେ ଭଲ ୨ ଗୋରୁ ଫିଟାଇ ନେଇ ହତ୍ୟା କରି ଚମଡ଼ା ବିକ୍ରୟ କରି ଦେଉଥିଲେ ମାତ୍ର ସେମାନେ ସହଜରେ ଧରା ପଡୁ ନ ଥିଲେ । ଗୋରୁହତ୍ୟା କରି ପାର ପାଇ ଯାଉଥିଲେ । ଯାଜପୁର ଟାଉନ ପଦନା ମୌଜା ସୁଦର୍ଶନ ପାଢ଼ୀର ଗୋଟିଏ ଗାଈ ଏହିପରି ଗତ ତା ୭ ରଖ ରାତ୍ରରେ ତାହାର ଗୁହାଳରୁ ଚୋରି ଯିବାରୁ ସରକ୍ଲର ପ୍ରେସିଡେଣ୍ଟ ବାବୁ ଗୋବିନ୍ଦ ପ୍ରସାଦ ବୋଷଙ୍କଠାରେ ଏତଲା ହେବାରୁ ସେ ବିଶେଷ ଅନୁସନ୍ଧାନଦ୍ୱାରା ସଉଫୁଲା ସାହୁ ନାୟକ ବାଲୁଙ୍କୀ ନାୟକ ହଜାରି ନାୟକ ଇ ନାୟକ ଓ ସୁଗଣି ନାୟକ ମେହେନ୍ତରମାନ ଧରାଇ ପୁଲିଶରେ ଦାଖଲ କଲାରୁ ପୁଲିଶ ତଦନ୍ତ କରି ସଉଫୁଲା ସାହା ସହିତ ମେହେନ୍ତରମାନଙ୍କୁ ବିଚାରାର୍ଥେ ଚାଲାଣ ଦେଲେ ଓ ସବଡିଃ ମାଜିଷ୍ଟ୍ରେଟ ମହୋଦୟ ପ୍ରଥମ ମେହେନ୍ତରମାନଙ୍କ ମୋକଦ୍ଦମା ବିଚାର କରି ହାଡ଼େ । ନାୟକ ଓ ବାଲୁଙ୍କୀ ନାୟକର ପୂର୍ବ ସଜା ଥିବାରୁ ସେମାନଙ୍କୁ ପ୍ରତ୍ୟେକେ ଦୁଇବରଷ ଓ ଅବଶିଷ୍ଟ ତିନିଜଣଙ୍କୁ ପ୍ରତ୍ୟେକେ ଏକବରଷ ହିସାବ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ଦେଇଅଛନ୍ତି । ଗୋବିନ୍ଦ ବାବୁ ଯେଉଁ ଉପାୟରେ ଅସାମିମାନଙ୍କୁ ଚୋରା ମାଲ ସହିତ ଧରିଅଛନ୍ତି ସେଥିନିମନ୍ତେ ସେ ସାଧାରଣର ଧନ୍ୟବାଦର ପାତ୍ର ଅଟନ୍ତି । ଅନ୍ୟ ପ୍ରେସିଡେଣ୍ଟମାନେ ଗୋବିନ୍ଦ ବାବୁଙ୍କ ଅନୁକରଣ କଲେ ଆପଣା ୨ ସରକ୍ଲରର ଦୁଷ୍ଟ ଲୋକମାନଙ୍କର ଭୟଜାତ ହେବ ।

—:*:—

ନୂତନ ବଡ଼ଲାଟ ମାନ୍ୟବର ଲର୍ଡବାରନ ହାରଡିଞ୍ଜଙ୍କ ଶୁଭାଗମନ ଓ କାର୍ଯ୍ୟଭାର ଗ୍ରହଣ ଏବଂ ପୁରୁଣା ବଡ଼ଲାଟ ଅର୍ଲମିଣ୍ଟୋଙ୍କର ଭାରତରୁ ପ୍ରସ୍ଥାନ ଏ ସପ୍ତାହର ପ୍ରଧାନ ଘଟ-

Digitized by srujanika@gmail.com

Split by PDF Splitter



ସ୍ଥଳପାଇଁ ଏବଂ ଏହି ମହାତ୍ମାମାନଙ୍କ ସାକ୍ଷାତ କ୍ରମରେ ବେଳେବେଳେ ସବୁଠାରେ 'ଉତ୍କର୍ଷଶ୍ରୀ ଏବଂ ଦେଶୀୟ ରାଜାଗଣର ଶୁଭାଗମନ ହେତୁ କଲିକତାରେ ଭାରି ଗହଳ ପଡ଼ିଯାଇଥିଲା ଏବଂ ପ୍ରାୟ ନିତ୍ୟ ସମାରୋହ ଲାଗିଥିଲା । ମହାମାନ୍ୟ ନୂତନ ବଡ଼ଲାଟ ଗତ ସୋମବାର ପୂର୍ବାହ୍ନ ୧୦ଟା ବେଳେ ହାବଡ଼ା ରେଲଷ୍ଟେସନରେ ପହଞ୍ଚି କଲିକତା ଲାଟଭବନକୁ ବିଜେ ହେଲେ ଏବଂ ମହାମାନ୍ୟ ଲର୍ଡ଼ମିଣ୍ଟୋଙ୍କ ଅତିଥିରୂପେ ରହିଲେ । ତା ୨୩ ରଖ ମଧ୍ୟାହ୍ନପରେ ୨ଟା ୪୦ ମିନିଟରେ ମହାମାନ୍ୟ ଲାଟମିଣ୍ଟୋ ସପତ୍ନୀ ଓ ଦଳବଳ ସଙ୍ଗେ କଲିକତାରୁ ଯାତ୍ରା କରି ଠିକ ୩ ଘଣ୍ଟା ବେଳେ ହାବଡ଼ାଷ୍ଟେସନରୁ ଖାସ ରେଲଗାଡ଼ିରେ ବମ୍ବାଇକୁ ପ୍ରସ୍ଥାନ କଲେ । ସେଠାରେ ପହଞ୍ଚି ଜାହାଜରେ ବିଲାତ ଗମନ କରିବେ । ଲାଟ ହାର୍ଡିଞ୍ଜ କଲିକତା ପ୍ରବେଶବେଳେ ଯେମନ୍ତ ସମାରୋହ ପୂର୍ବକ ତାହାଙ୍କର ଅଭ୍ୟର୍ଥନା ହୋଇଥିଲା, ଲାଟ ମିଣ୍ଟୋଙ୍କ ପ୍ରସ୍ଥାନକାଳରେ ଠିକ ସେହିରୂପ ହୋଇଥିଲା । ଲାଟ ମିଣ୍ଟୋ ବାହାଦୁର କଲିକତା ପରିତ୍ୟାଗକଲେ ୩୧ ଟା ଏବଂ ହାବଡ଼ାରେ ତାହାଙ୍କର ରେଲଗାଡ଼ି ପ୍ରସ୍ଥାନବେଳେ ୩୧ ଥର ତୋପ ଫୁଟ ହୋଇଥିଲା ଏବଂ ସୈନ୍ୟଶ୍ରେଣୀ ସମସ୍ତ ଷ୍ଟେସନ ଘେରିଥିଲେ । ହାବଡ଼ା ଗାଡ଼ି ... ମି ତୋପ ଧ୍ୱନିର ଅବ୍ୟବହିତପରେ । ଲାଟଭବନର ସିଂହାସନ ମଣ୍ଡପରେ ... ନ୍ୟ ଲର୍ଡ଼ହାର୍ଡିଞ୍ଜ ସଦଳ ସମଭିବ୍ୟାହାରେ ବସନ୍ତେ ତାହାଙ୍କର ନିୟୋଗ ... ଙ୍କୀୟ ପ୍ରବଳପ୍ରତାପ ସମ୍ରାଟଙ୍କର ଘୋଷଣାପତ୍ର ପଠିତ ହେଲା ଏବଂ ସଲମି ତୋପ ଫାୟର ହେଲା ପରେ ସେ ସଭା ଭଙ୍ଗ କରି ପ୍ରତ୍ୟାବର୍ତ୍ତନ କଲେ । ପରେ [illegible] ଗେଜେଟରେ ସେହି ଘୋଷଣାପତ୍ର ପାଠ ହୋଇ ମହାମାନ୍ୟ ବଡ଼ଲାଟ ମହୋଦୟଙ୍କର ଶାସନଭାର ଗ୍ରହଣକ୍ରିୟା ଶେଷ ହେଲା । ଆମ୍ଭେମାନେ ବିନୀତଭାବରେ ନବଲାଟ ମହାମାନ୍ୟ ହାର୍ଡିଞ୍ଜ ବାହାଦୁରଙ୍କ ସ୍ୱାଗମନରେ ମଙ୍ଗଳବାଦ ଏବଂ ପୁରୁଣାଲାଟ ମହାମାନ୍ୟ ଲର୍ଡମିଣ୍ଟୋଙ୍କ ବିଦାୟ ସମ୍ମାନ ପ୍ରଦାନ କରୁଅଛୁଁ ଏବଂ ଉଭୟଙ୍କର ଦୀର୍ଘଜୀବନ ଏବଂ ସୁଖସମ୍ଭୋଗ ଏକାନ୍ତ କାମନା କରୁଅଛୁଁ । ଈଶ୍ୱରଙ୍କ ଅପାର କରୁଣାରେ ମହାମାନ୍ୟ ମିଣ୍ଟୋ ବାହାଦୁର ଯେମନ୍ତ ସର୍ବଜନର ସୁଖ୍ୟାତି ଓ ପ୍ରୀତି ସେନ ବିଦାୟ ହେଉ ଗଲେ ମହାମାନ୍ୟ ଲାଟହାର୍ଡିଞ୍ଜ ସେହିପରି ବା ତତୋଧିକ ସୁଖ୍ୟାତି ଓ ପ୍ରୀତିଭାଜନ ହେଉନ୍ତୁ ।

### ଶସ୍ୟାରଅବସ୍ଥା ।

ସ୍ଥାନାନ୍ତରେ ପ୍ରକାଶିତ 'ଜଣେ ମୋଫସଲ ଜନଙ୍କ ସ୍ୱାକ୍ଷରିତ ଇଂରାଜୀ ପ୍ରେରିତପତ୍ର ପଢ଼ି ପାଠକମାନେ ଦେଖିବେ ଯେ ଗତ ପଞ୍ଚୁକପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ଦିନ ମୋଫସଲର ଏଡ଼ ବନ୍ଦୋବସ୍ତ ଡେସ୍କରେ ହଟେଉ ହେବାର ଦେଖି ଲୋକେ ଚମକ ପଡ଼ି ଅଛନ୍ତି । ତାହାଙ୍କୁ ତ ଜଣା ନାହିଁ ଯେ ବନ୍ଦୋବସ୍ତ ଜେରାରେ ଓଷାବାର କଥା କିଏ ପଚାରେ, ଉତ୍ତର ସୁଦ୍ଧା କରେଉ ବନ୍ଦ ନାହିଁ । ସଦରର ଜଡ଼ାଗାଡ଼ ସୋଡ଼ାପଉ ପରଗଣାବନ୍ଦୋବସ୍ତ ହାକିମ ଓ ଅମଲାମାନେ ପ୍ରତିଦିନ ସକାଳୁ ରାତ୍ରି ଦୁଇପ୍ରହର ଯାଏ ଅବଶ୍ରାନ୍ତ ଖଟୁଛନ୍ତି ଏବଂ ତେଣୁ ବାହାରେ ଗଛମୂଳେ ଶତ ଶତ ଲୋକ ଶୀତ କାକର ଖାଇ ପଡ଼ି ରହନ୍ତି । ଏଥିରେ କିପରି ସ୍ୱାସ୍ଥ୍ୟ ରହେ ଏହା କହନ୍ତୁ । କେତେ ଲୋକ ଶୀତ କାକରରେ ଜ୍ୱର କାଶ ଇତ୍ୟାଦି ରୋଗ ଭୋଗିବାର ଦେଖାଯାଉଅଛି । ଏସମସ୍ତ କି ଉପସ୍ଥିତ ହାକିମ ଓ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟିଗୋଚର ହେଉନାହିଁ ? କଥିତ ଅଛି ସେଟଲମେଣ୍ଟ ଡେପୁଟି ହାକିମ ମାସରେ ୨୫ ହଜାର ନମ୍ବର ଫଏସଲ କରିବେ । ତେଣୁ ଅତିରିକ୍ତ ସମୟ ନ ଖଟି ଗତି ନାହିଁ ଏବଂ ନ୍ୟାଯ୍ୟ ଖରଚରେ କାର୍ଯ୍ୟ ଉଠାଇବା ଅଭିପ୍ରାୟରେ ଏପରି ନିୟମ ହୋଇଅଛି । ଖରଚ କମାଇବା ଅବଶ୍ୟ ଉଚିତ ନୁହେ ମାତ୍ର ଅତିରିକ୍ତ ଖଟଣି ଓ ଅଳ୍ପକାଳରେ କାର୍ଯ୍ୟ ଭଲ ହୁଏ ନାହିଁ ଏହା ବିଚକ୍ଷଣ ହାକିମମାନଙ୍କ ଅଜଣା ନାହିଁ । ଏତ ଭିନ୍ନ ଅନେକ ବଦର ମୋଫସଲରେ ଉପସ୍ଥିତ ହେବାର ଶୁଣାଯାଏ ଅଧିକାଂଶ ମୌଖିକ ପ୍ରମାଣ ବିଶ୍ୱାସ ଯୋଗ୍ୟ ନୁହେ । ଭଲକରି ବୁଝିବା ସମୟସାପେକ୍ଷ । ସୁତରାଂ ଅନେକସ୍ଥଳେ ଭୁଲର ବୃଦ୍ଧି ହେବା ବିଚିତ୍ର ନୁହେ । ସେ ଯାହା ହେଉ ଯେଉଁମାନେ ଉଚ୍ଚ ଶିକ୍ଷା ଲାଭକରି ବହୁ ଉଚ୍ଚ ବେତନ ସହାଯେ ହାକିମି କରୁଅଛନ୍ତି ଓ ନିର୍ଦ୍ଦିଷ୍ଟ ପରିମାଣ କାର୍ଯ୍ୟ ଦେଖାଇବା ଚେଷ୍ଟାରେ ବେଳେ ସ୍ୱାସ୍ଥ୍ୟର ମହତ୍ୱ ରକ୍ଷା କରିବାକୁ ଅବକାଶ ପାଉ ନାହାନ୍ତି ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ନୁହେ କି ? ମୂଳରୁ ଏହି ଭାବରେ ହାକିମ ଗଢ଼ା ହେଲେ ପରିଣାମ ସୁଫଳ ହେବ କି ? ବଦର ତଦନ୍ତି ଗୁରୁତର କାର୍ଯ୍ୟ ତହିଁ ପାଇଁ ଉଚିତ ସମୟ ଦେବା ଆବଶ୍ୟକ ଏବଂ ଅମଲା ଅମିନ ପ୍ରଭୃତିଙ୍କ ଅକାର୍ଯ୍ୟ ଓ ଅନ୍ୟାୟ ଉପାୟ ପ୍ରତି ଦୃଷ୍ଟି ରଖିବା ସକାଶେ ମଧ୍ୟ ଅବକାଶ ଆବଶ୍ୟକ । ଅତଏବ କାର୍ଯ୍ୟଭାର ଯୋଗେ ସ୍ୱାସ୍ଥ୍ୟ ନ୍ୟାୟ ଓ ନୀତି ସମସ୍ତ ବାଧା ଘଟିବା ଅନିବାର୍ଯ୍ୟ । କର୍ତ୍ତୃପକ୍ଷ ଏଥିର ପ୍ରତିକାର କଲେ ଭଲ ହେବ ।

### ସମ୍ରାଟଙ୍କ ଅଭିଷେକ ।

ଆମ୍ଭମାନଙ୍କର ଆଶା ଫଳବତୀ ହୋଇଅଛି— ପ୍ରବଳପ୍ରତାପ ଭାରତ ସମ୍ରାଟ ପଞ୍ଚମ ଜର୍ଜ ମହୋଦୟଙ୍କ ଦିଲ୍ଲୀଠାରେ ସନ ୧୯୧୨ ମସିହା ଜାନୁୟାରୀ ମାସ ତା ୧ ରଖରେ ଅଭିଷେକ ହେବ । ଏତେ କାଳ ସମ୍ରାଟ ସ୍ୱୟଂ ଏଠାରେ ଅଭିଷିକ୍ତ ନୋହିବାରୁ ଦିଲ୍ଲୀର ସିଂହାସନ ଏକପ୍ରକାର ଶୂନ୍ୟ ଥିଲା ଏବଂ ଭାରତବର୍ଷର ରାଜଭକ୍ତ ପ୍ରଜାପୁଞ୍ଜ ସମ୍ରାଟଙ୍କ ପ୍ରତିନିଧିଙ୍କ ଦର୍ଶନ କରି ତଦତିରିକ୍ତ ଆଶା ପୂରଣ ପରାହତ ହେବାର ବିବେଚନା କରୁଥିଲେ । ସମ୍ରାଟ ଏଡ଼ୱାର୍ଡ଼ ଅସୁସ୍ଥତା ଯୋଗେ ଆସି ନ ପାରିବାର ଯଦ୍ୟପି ବର୍ତ୍ତମାନ ପ୍ରକାଶିତ ହେଲା ମାତ୍ର ପୂର୍ବେ ଏତେ ଦୂରଦେଶରୁ ଅଭିଷେକ ସକାଶେ ଆସି ସ୍ୱରାଜ୍ୟରୁ ମାସାଧିକ କାଳ ଅନୁପସ୍ଥିତ ରହିବା ଅସମ୍ଭବ ବୋଲି ଆମ୍ଭେମାନେ ଆପଣା କପାଳ ଆଦରି ପ୍ରତିନିଧିଙ୍କ ଅଭିଷେକରେ କୃତାର୍ଥ ହେଉଥିଲୁଁ । ମାତ୍ର ଦୟାବାନ୍ ସମ୍ରାଟ ମହୋଦୟ ଭାରତକୁ ଅଳ୍ପକାଳ ପୂର୍ବେ ଦେଖି ଯାଇଥିଲେହେଁ ଭାରତର କଲ୍ୟାଣ କାମନାରେ ସ୍ୱରାଜ୍ୟର ଅଭିଷେକ ପରେ ଏହି ଦେଶରେ ସ୍ୱୟଂ ସପରିବାରରେ ଅଭିଷିକ୍ତ ହେବାର ଯେଉଁ ଆଦେଶ ଦେଇଅଛନ୍ତି ତାହା ଆମ୍ଭମାନଙ୍କର ପରମଭାଗ୍ୟ ବୋଲିବାକୁ ହେବ । ଏ ଆଦେଶ ପ୍ରଚାରିତ ହେବାମାତ୍ରକେ ହିମାଳୟଠାରୁ କୁମାରିକା ତଥା ବେଲୁଚିସ୍ଥାନ ଠାରୁ ବ୍ରହ୍ମରାଜ୍ୟର ପୂର୍ବ ସୀମା ପର୍ଯ୍ୟନ୍ତ ସମଗ୍ର ଭାରତ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଅଛି ଏବଂ ସମସ୍ତେ ଯେ ସତୃଷ୍ଣ ନୟନରେ ସେହି ଅଭିଷେକର ଦିନକୁ ଅନାଇଁ ରହିଅଛନ୍ତି ବୋଲିବା ବାହୁଲ୍ୟ । ମହାନୁଭବ ପଞ୍ଚମ ଜର୍ଜ ମହୋଦୟ ଯୁବରାଜ ଥାଇ ଏ ଦେଶରେ ପରିଭ୍ରମଣ ପୂର୍ବକ ସହାନୁଭୂତିର ଯେଉଁ ପରାକାଷ୍ଠା ଦେଖାଇ ଥିଲେ ତାହା କେହି ଭୁଲିବେ ନାହିଁ । କଲିକତାରେ ପଦାର୍ପଣ କଲା ବେଳେ ତାଙ୍କୁ ଛତ୍ର ଶ୍ରମସ୍ୱେଦ ସଙ୍କୋଚିତ ଛାତ୍ରମାନଙ୍କଦ୍ୱାରା ଅଭ୍ୟର୍ଥନା କରାଯାଇଥିଲା । ବର୍ତ୍ତମାନ ସମ୍ରାଟ ହୋଇ ଦିଲ୍ଲୀର ସିଂହାସନରେ ତତୋଧିକ ସଜ୍ଜିତ ହୋଇ ତାଙ୍କୁ ସମ୍ମାନିତ କରିବା କାରଣ ଲୋକେ ବ୍ୟଗ୍ର । ଏ ଅଭିଷେକ ଉତ୍ସବରୁ ଆଉ କାହାର " ବିଦେଶୀ ରାଜା " ବୋଲି କହିବାର ଅଧିକାର ରହିବ ନାହିଁ । ପରମପିତା ପରମେଶ୍ୱରଙ୍କର ସମସ୍ତେ ସନ୍ତାନ । ସେ ଯେଉଁଠାରେ ଥିଲେହେଁ ପରସ୍ପର ଭାଇ ଅଟନ୍ତି । ସଙ୍କୀର୍ଣ୍ଣ ଜ୍ଞାନରେ ବିଲାତବାସୀ ଭାରତକୁ ପର ହେଲେହେଁ ବିଶ୍ୱପ୍ରେମିକର ଉଦାର ଭାବରେ ବିଲାତବାସୀ ଭାରତବାସିଙ୍କ ଭାଇ ଏବଂ ଉଦାର ସନାତନ ଧର୍ମର ଏକାନ୍ତ ପକ୍ଷପାତୀ ହିନ୍ଦୁ ଆପଣାର ବୋଲି ସମ୍ରାଟଙ୍କୁ ଅନ୍ତରର ଶ୍ରଦ୍ଧାଭକ୍ତି ସହିତ ଅଭ୍ୟର୍ଥନା କରିବାକୁ କୁଣ୍ଠିତ ହେବେ ନାହିଁ । କେହି କହନ୍ତି ଯେ ଦେଶରେ ଅଶାନ୍ତି ବିରାଜିତ ଥିବା ଏବଂ ଅରାଜକ

Digitized by srujanika@gmail.com

ତର ଅବସ୍ଥା ନଷ୍ଟ ହୋଇ ନ ଥିବା ସ୍ଥଳେ ସମ୍ରାଟଙ୍କ ପକ୍ଷେ ଭାରତ ଆଗମନ ସମ୍ଭବ ନୁହେ । ମାତ୍ର ଅମ୍ଭେମାନେ ସେ ମତର ବିରୋଧୀ । ସମ୍ରାଟ୍ ଅମ୍ଭେ ନ ଦେଖୁଁ ବୋଲି ରାଜା ଅମ୍ଭମାନଙ୍କ ଅମ୍ଭମାନଙ୍କ ନିକଟକୁ ଆସି ଆପଣାର ଦର୍ଶନ ଦିଅନ୍ତୁ ବୋଲି କେହି ? ସମ୍ରାଟ୍ ଅବହେଳା କରି ଉଚିତ ହୋଇ ପାରନ୍ତ ମାତ୍ର ଯେତେବେଳେ ପ୍ରଜା—ଭାରତ ସମ୍ରାଟ ସ୍ୱୟଂ ଆପଣାର ପ୍ରଜାଙ୍କ ଇଚ୍ଛାକୁ ଯେନ କରୁଣା ସ୍ରୋତରେ ଭାସିଆସି ସ୍ନେହ ଗୁଣି ସ୍ୱହସ୍ତେ ବିତରଣ କରିବେ ସେତେବେଳ ତାହାର ପରବୋଲ କହିବାର କ୍ଷମତା ରହିବ ନାହିଁ । ଶାନ୍ତିମୟୀ ସ୍ନେହ ବାରରେ ଅଶାନ୍ତିର ଅଗ୍ନି ଚିରକାଳ ସକାଶେ ନିର୍ବାପିତ ହେବ ସୁତରାଂ ଅମ୍ଭେମାନେ ସର୍ବାନ୍ତଃକରଣରେ କରୁଣାନିଧି ସମ୍ରାଟ ମହୋଦୟଙ୍କ ପାଦରେ ଅଭ୍ୟର୍ଥନା କରୁଅଛୁଁ ।

---

## ଅବକାରୀ ବିବରଣୀ ।

ବଙ୍ଗପ୍ରଦେଶର ସନ ୧୯୦୯।୧୦ ସାଲର ଅବକାରୀ ବା ମାଦକ ମହଲୁମାର ବାର୍ଷିକ ବିବରଣୀରୁ ଯେଉଁ ତଥ୍ୟମାନ ସର୍ବସାଧାରଣଙ୍କ ଜାଣିବାପାଇଁ ଗବର୍ଣ୍ଣମେଣ୍ଟ ପ୍ରଚାର କରିଅଛନ୍ତି ତହିଁରେ ଦେଖିଲୁ ଯେ ସେବର୍ଷ ଏହି ମହଲୁମା ୧୬୮ ଲକ୍ଷ ଏବଂ ତହିଁ ପୂର୍ବବର୍ଷ ୧୭୦ ଲକ୍ଷ ଟଙ୍କା ଆଦାୟ କରିବାକୁ ସମର୍ଥ ହୋଇଥିଲା ଏବଂ ଖରଚ ଯାଇଁ ନିଟ ଲାଭ ଯଥାକ୍ରମେ ୧୫୯ ଓ ୧୬୨ ଲକ୍ଷ ଟଙ୍କା ହୋଇଥିଲା । ପୂର୍ବବର୍ଷ ତୁଳନାରେ ଦେଶୀମଦରେ ୩୪ ଲକ୍ଷ ଟଙ୍କା ଓ ଅଫିମରେ ୧୪ ଲକ୍ଷ ଟଙ୍କା ଊଣା ଏବଂ ଅନ୍ୟ ଦଫାରେ ଗଞ୍ଜେଇରେ ୧୪ ଲକ୍ଷ ବୃଦ୍ଧିହ୍ରାସ ମୋଟରେ ୨୪ ଲକ୍ଷ ଟଙ୍କା ଊଣା ହୋଇଥିଲା । ଏ ମହଲୁମାର ପ୍ରଧାନ ପର୍ଯ୍ୟାୟ ପ୍ରାପ୍ୟ ଅଧେ ଆୟ ଏହା ଦେଶୀ ମଦହ୍ରାସ ହୁଅଇ । ମଦ ଖରଚ କଲିକତା ବର୍ଦ୍ଧମାନାଦି କେତେ ଜିଲ୍ଲାରେ ବଢ଼ିଥିଲେହେଁ ସାନ୍ତାଲପରଗନା ମାନଭୂମ ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାରେ ଊଣା ପଡ଼ିବା ସୁସମ୍ବାଦ ଅଟେ । ସମ୍ବଲପୁରରେ ମଦ-ଖରଚ ଊଣା କରିବା ହେତୁ ମାସୁଲ ବଢ଼ାଇଦିଆ ଯାଇଅଛି ଓ ସାନ୍ତାଳମାନେ ସ୍ୱଇଚ୍ଛାରେ ମଦ-ଖାଇବା ଊଣା କରିଅଛନ୍ତି । ମଦଦୋକାନ ସୀମାବଦ୍ଧ କରିବା ଏବଂ ଉପଯୁକ୍ତ ସ୍ଥାନରେ ରଖିବା, ପରାମର୍ଶ ଦେବାକାରଣ ୨୭ ଟା ମିଉନିସିପାଲିଟିରେ ଗୋଟିଏ୨ କମିଟି ଅଛି ଯେ ଜିଲ୍ଲାକଲେକ୍ଟର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ମିଉନିସପଲ ଚେଅରମାନ ଓ ଜଣେ କମିଶନର ଏହିପରି ଜ ୪ ଣ ତହିଁର ସଭ୍ୟ ଅଟନ୍ତି । ଏହି କମିଟି ପରାମର୍ଶରେ ୨୦ ମ୍ୟୁନିସିପାଲିଟି ଅନ୍ତର୍ଗତ କେତେକ ମଦ ଓ ତାଡ଼ି ଦୋକାନ ବନ୍ଦ ବା ସ୍ଥାନାନ୍ତରିତ ହୋଇଥିଲା । ଓଡ଼ିଶାରେ ଏହି କମିଟି ବିଶେଷ ମନୋଯୋଗ ସହିତ କର୍ତ୍ତବ୍ୟ ପାଳିବାର ନିଦର୍ଶନ ଅମ୍ଭେମାନେ ନ ଦେଖି ଦୁଃଖିତ ଅଛୁଁ । କଥିତ ହୁଅଇ ଯେ ମଦ ମୂଲ୍ୟ ବଢ଼ାଇ ଅଟକ ହେବାରେ ମଦୁଆମାନେ ଅଫିମ ଓ ଗଞ୍ଜେଇ ଧରୁଅଛନ୍ତି । ଗଞ୍ଜେଇ ଖରଚ ବଢ଼ିବାର ଏହା ଗୋଟିଏ କାରଣ ଏବଂ ପଶ୍ଚିମାଞ୍ଚଳୁ ଅନେକ ପରିମାଣରେ ବଙ୍ଗଳା କଲକାରଖାନାରେ ମଜଲାଗି ରହିବା ଗଞ୍ଜେଇ ଖରଚ ବୃଦ୍ଧିର ଅନ୍ୟ କାରଣ ଅଟେ । ସମ୍ବଲପୁରରେ କେବଳ ରାଜସାହୀ ଗଞ୍ଜା ଖରଚ ହେବା ଏବଂ ସେର ପ୍ରତି ଦର ଟ ୨୧ ଙ୍କା ମାସୁଲ ନିଆଯିବାର ନିୟମ ହୋଇଅଛି ଏବଂ ଓଡ଼ିଶା ସଂଲଗ୍ନ ଗଞ୍ଜାମ ଜିଲ୍ଲା ଗଡ଼ଜାତରେ ଗଞ୍ଜେଇଗଛ ନିଷେଧାଜ୍ଞା ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ପ୍ରଚାର କରିଅଛନ୍ତି । ପୁଣି ପାଖରେ ରଖିବା ଏବଂ ଖାଉଟିଙ୍କୁ ବିକ୍ରୀ କରିବା ପରିମାଣ ଭ ୨୦ ରି ସ୍ଥଳେ ଭ ୫ ର ହୋଇଅଛି । ୫ ଭରିରୁ ଅଧିକ କେହି ରଖିବାର ଧରା ପଡ଼ିଲେ ଦଣ୍ଡ ପାଇବ । ଆଶା କରୁଅଛୁ ଏସମସ୍ତ ଉପାୟ ଗଞ୍ଜେଇ ଖରଚ କିଛି ଅଟକାଇ ଦେବ । ଅଫୁ ଖରଚ ପ୍ରାପ୍ୟ ଦୁଇଶତ ମହଣ ଊଣା ହୋଇଅଛି କଲିକତାରୁ ବ୍ରହ୍ମାକୁ ଅନେକ ଆଫୁ ଚୋରା-ପ୍ରକାରରେ ଯାଉଥିଲା । କଲିକତା କଲେକ୍ଟର ଏବଂ କଷ୍ଟମଅଫିସ ଅଧୀନ ପହରାବାଲା ବିଶେଷ ଜଗିବାଦ୍ୱାରା ଚୋରା ଅନେକ ନିବାରଣ ହେତୁ ଅଫୁଖରଚ ଊଣା ପଡ଼ିଅଛି । ସ୍ୱାଙ୍ଗସୁଲେଙ୍କ ଅଫୁଖିଆ ଊଣା କରିବାର ନିଦର୍ଶନ ରହିବ ବର ଓଡ଼ିଶାରେ ଧାନ ଚାଉଳ ଦୁର୍ମୂଲ୍ୟତାଯୋଗେ ଗତବର୍ଷ ଅଫୁଖିଆ ଯାହା ଊଣା ପଡ଼ିଥିଲା ଏବର୍ଷ ତାହା ନ ହୋଇ ବରଂ ବଢ଼ିଅଛି । 'ଅଫୁଖରଚ ବାଲେଶ୍ୱରରେ ଅତ୍ୟନ୍ତ ଅଧିକ ଦେଖି ଗବର୍ଣ୍ଣମେଣ୍ଟ ଊଣା କରିବା ଆଶାରେ ୬ ଟା ଦୋକାନ ଉଠାଇ ଦେଇଅଛନ୍ତି ଏବଂ ହାଟରେ ଥିବା ଦୋକାନମାନ ସ୍ଥାନାନ୍ତରିତ ହୋଇଅଛି । ଏଥିରୁ ଦେଖାଯାଏ ଯେ ମାଦକସେବନ ନିବାରଣପକ୍ଷେ ଗବର୍ଣ୍ଣମେଣ୍ଟ ଉଦାସୀନ ନୁହନ୍ତି ମାତ୍ର ଲୋକମାନେ ମନ ଅଭ୍ୟାସ ଛାଡ଼ି ପାରୁନାହାନ୍ତି । ଏହେତୁ ସରକାରଙ୍କ ଆହୁରି କଠିନ ବ୍ୟବସ୍ଥା କରିବା ଆବଶ୍ୟକ ହେଉଅଛି ।

---

## ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ନଗର ।— ଶ୍ରୀ ମୃତ୍ୟୁଞ୍ଜୟ ରଥ ବାଣୀଭୂଷଣ କାବ୍ୟତୀର୍ଥଙ୍କ କର୍ତ୍ତୃକ ପ୍ରଣୀତ ଓ ଓଡ଼ିଶା ପେଟ୍ରିୟଟ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ । କଟକର ନିକଟବର୍ତ୍ତୀ ସୁନାମ ପ୍ରସିଦ୍ଧ ସ୍ଥାନର ବର୍ଣ୍ଣନା ଏହି ପୁସ୍ତକରେ କବିତାରେ ରଚିତ ହୋଇଅଛି । ଉଥେ କବିତା ଶେଷରେ ନ ଥି । ଅମ୍ଭେମାନେ ତାଙ୍କୁ ସୁପ୍ରିତ ଏବଂ ସୁଶାରେ ପତ୍ରିତ ବୋଲି ଜାଣିଥିଲୁଁ ଏବଂ କେବେ କବିତା ଦେଖି ନ ଥିବାରୁ ସେ ସେଥିରେ ତାଙ୍କର କୃତି ଦେଖିବାପାଇଁ ଅଧିକ ହୋଇ ଏହା ପଢ଼ିବାକୁ ବସିଲୁଁ । ଲେଖା ଯେମନ୍ତ ସରଳ ତେମନ୍ତ ସରସ ଏବଂ ଅମ୍ଭେମାନେ ମୁକ୍ତ କଣ୍ଠରେ କହିପାରୁଁ ଯେ ତାଙ୍କର ଲେଖା ଭଙ୍ଗିରୁ ସେ ଉତ୍କଳୀୟ ଲେଖକ ବୃନ୍ଦଙ୍କ ମଧ୍ୟରେ ଉଚ୍ଚାସନରେ ବସିପାରିବେ । କବିତାର ଶେଷରେ କବି ନମ୍ରତା ଦେଖାଇ 'ନାହିଁ ଏଥି ଲବେ କବିତାର ଛଟା, କବି କଳପନା ଅଳଙ୍କାର ଘଟା, ବାଉଛନ୍ତି ସୁଧା-ସ୍ୱାଦ ଯେଉଁମାନେ, ସେ କ୍ଷମା ରସିବେ ଖାଉ ଜଳପାନେ' ଲେଖିଅଛନ୍ତି ମାତ୍ର ଅମ୍ଭେମାନେ ସାହସକରି କହିପାରୁଁ ପାଠକେ ତହିଁର ଅନ୍ୟଥା ଦେଖି ଖୁସୀ ହେବେ । 'କବିବରଙ୍କର ଉପଦେଶ ଭଲେ, କବିତାକୁ କେବେ ଲେଖନୀ ନ ଧରେଁ ।' କଥାଟା ଯଥାର୍ଥ, ଯେଉଁମାନେ ଲେଖି ନ ଜାଣନ୍ତି ସେମାନେ କବିତା ଲେଖି ପାଠକଙ୍କର ସମସ୍ତ କଷ୍ଟକର ବିରକ୍ତି ଭାଜନ ହେବା ସଙ୍ଗେ ଉପହାସାସ୍ପଦ ହେବା ଉଚିତ ନୁହେ ମାତ୍ର 'ବସ୍ତ୍ର ଫୁଟି ହେମଅଙ୍ଗ ଦିଶେ ଶୋଭ ଯୁବା ଦର୍ଶକର କରଣ ପାଶେରା, ମନ୍ଦାନ ଧୀରେ ଚଳନ୍ତେ ପବନ, ଅଳ ହେତନ ଓ ସଘନ' ଏମନ୍ତ ସୁନ୍ଦର ଅଦ ଉପର ବର୍ଣ୍ଣନ ଅଶ୍ଳୀଳତାର ଏକାନ୍ତ ପରତ୍ୟାଗ କବି କବିତାରେ ଯୁବା ହରଲ । 'ମଧ୍ୟେ ବିରାଜଇ ନାର ବରଣୀ-ଉଛିଙ୍କା ଗାମିନୀ ଗୈରିକ ସରଣି 'ଦେଉଳ ଚୋବାଇ ଦାଣ୍ଡେ ଢାଳିଥିଇ ପବିତ୍ର ପ୍ରୀତି ଗମନ୍ତ୍ର ଧୂଅଇଁ' 'ଶାର୍ଦ୍ଦୂଳ ପରାଏ ଗରଜି ଧାବନ୍ତି, ପ୍ରବଳ ଟଙ୍କାରେ ଟାଳଇ ପଥର' ପ୍ରଭୃତି ବାଣୀ ଭୂଷଣ କବିଙ୍କ ଭୂଷଣ ଏବଂ ତାହା ଉତ୍କରେର ଶୁଣିବା ପାଇଁ ଅମ୍ଭେମାନେ କର୍ଣ୍ଣ ଡେରି ରହିଲୁଁ ।

ନାସ୍ତିକ ।— ଶ୍ରୀ ଦାମୋଧର ପଟ୍ଟନାୟକଙ୍କ କର୍ତ୍ତୃକ ସଙ୍କଳିତ ଓ ଓଡ଼ିଶା ପେଟ୍ରିୟଟ ପ୍ରେସରେ ମୁଦ୍ରିତ ଏବଂ ପ୍ରକାଶିତ ବିନାମୂଲ୍ୟେ ବିତରିତ ଏଥିରେ ନାରୀମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଗୋଟିଏ ରଚନା ପ୍ରକାଶିତ ହୋଇଅଛି । ସ୍ତ୍ରୀମାନଙ୍କର ପତିସେବା ପ୍ରଧାନ ଧର୍ମର ଅନେକ ଶୁଭ ଏ-ଉଦାହରଣ ଦିଆଯାଇ ତହିଁ ସଙ୍ଗେ ଗୋଟିଏ ପଙ୍ଗୁ ସ୍ୱାମିର ବେଶ୍ୟାସକ୍ତ ବାସ କରିବାକୁ ମନ ବଳନ୍ତେ ସ୍ତ୍ରୀ ବେଶ୍ୟାର ପ୍ରାଙ୍ଗଣ ମାର୍ଜ୍ଜନାଦି କରି ସୁଦ୍ଧା ବେଶ୍ୟାକୁ ସମ୍ମତ କରାଇ ସ୍ୱାମିକୁ ତାହାସହିତ ସହବାସ କରିବାକୁ ନେଇ ତାହା ପରେ ସବୁ ଛାଡ଼ି ଦେଇ ପରବିନ ଯେଉଁ ଆସିବା କଥା ଜଣାନ୍ତି ପୁଣି ଏବଂ ଯେମନ୍ତ ସତୀ ସ୍ତ୍ରୀ ଉଦରର ଦଂପତୀର ତେମନ୍ତ

Split by PDF Splitter
Digitized by srujanika@gmail.com

ସୀମାନଙ୍କର ଜଗାନ୍ତ ଅପାଠ୍ୟ । କେବଳ ଏମନ୍ତ ଦୃଷ୍ୟମାନ ନ ହେଉ ବେଦାଦି ଶାସ୍ତ୍ରରୁ ବଚନୋ-ଦ୍ଧାର କରି ଲାଗାଇ ପ୍ରତିପନ୍ନ କରିଥିଲେ ଅ-ମ୍ଭେମାନେ ସମ୍ୟକ୍ ସନ୍ତୋଷ ଲାଭ କରିଥାନ୍ତୁ ଓ ଲୋକମାନଙ୍କର ମଙ୍ଗଳ ହୋଇଥାନ୍ତା ।

ବାର୍ଷିକ ପର୍ବ ସଂଗ୍ରହ ।— ପଣ୍ଡିତ ଭୁବନେଶ୍ୱର ବଡ଼ ପଣ୍ଡାଙ୍କ କର୍ତ୍ତୃକ ବିରଚିତ ଏବଂ ଶ୍ରୀ ମାଧବ-ଚନ୍ଦ୍ର ମିଶ୍ରଙ୍କଦ୍ୱାରା ମଲ୍ଲୁର ପ୍ରେସରେ ମୁଦ୍ରିତ ହୋଇ ପ୍ରକାଶିତ । ଏଥିରେ ଉକ୍ତ ଜନ୍ମାଷ୍ଟମୀ ଦୋଳ, ଶିବରାତ୍ରି, ମହାଷ୍ଟମୀ ପ୍ରଭୃତି ପର୍ବର ସଂସ୍କୃତ ବ୍ରତ କଥା ଏବଂ ଓଡ଼ିଆ ଅନୁବାଦ ଏବଂ ସେହିପରି ଗ୍ରନ୍ଥ ଶେଷରେ ଅଶୌଚ ସମ୍ବନ୍ଧୀୟ କେତେକ ବଚନ ଓ ଅନୁବାଦ ଦିଆଯାଇଅଛି । ବ୍ରତ ପାଳନକାରୀ ଏବଂ ଅଶୌଚ ଜିଜ୍ଞାସୁ ହିନ୍ଦୁମାନଙ୍କର ଏତଦ୍ଦ୍ୱାରା ଅବଶ୍ୟ ସାହାଯ୍ୟ ହେବ । ମୂଲ୍ୟ ଲେଖା ନାହିଁ ।

ବାଲବୃନ୍ଦାସ୍ୱା ବ୍ରତକଥା ।— ପଣ୍ଡିତ ଶ୍ରୀ ଯୋଗେନ୍ଦ୍ର ମିଶ୍ର କାବ୍ୟ ବିଶାରଦଙ୍କଦ୍ୱାରା ଅନୁବାଦିତ ସଂସ୍କୃତ ବ୍ରତ କଥା ଶ୍ରୀ ବୈଦ୍ୟନାଥ ମିଶ୍ରଦ୍ୱାରା ପୁରୀ ମଦନମୋହନ ପ୍ରେସରେ ମୁଦ୍ରିତ ପ୍ରକାଶିତ । ପାଞ୍ଜି-ରେ ବାଲବୃନ୍ଦାସ୍ୱା ବୋଲି କୌଣସି ପର୍ବର ଉଲ୍ଲେଖ ଦେଖିଲୁଁ ନାହିଁ ଏବଂ ହରତାଳିକା ପର୍ବ ମୀ ବୋଲି ଚିରକାଳ ପ୍ରସିଦ୍ଧ । ତେବେ ଥିଅ ମହାଦେବ କେତେବେଳେ କେଉଁ ଭକ୍ତ ଉପରେ ପ୍ରସନ୍ନ ହୋଇ ଦେବେ କଥା ଗାନ ପଢ଼ାଇଅଛନ୍ତି ତହିଁର କଳନା ବା କଠିନ ଅଟେ । ସମସ୍ତ ଶାସ୍ତ୍ର ନାମରେ ର ପାଇଯାଉଅଛି । ଅନୁପଯୁକ୍ତ ବ୍ରତରୁ ହିନ୍ଦୁମାନେ କେବେ ରକ୍ଷା ପାଇବେ ଭଗବାନଙ୍କ ଗୋଚର । ସେ ଯାହାହେଉ ପଣ୍ଡିତଙ୍କ ଅନୁବାଦଟି ସରଳ ଏବଂ ବ୍ରତ କଥାର ପ୍ରଧାନ ଶ୍ରୋତ୍ରୀ ସ୍ତ୍ରୀମା-ନଙ୍କର ସହଜବୋଧ ହୋଇଅଛି ।

Loyalty to the British crown:— ଶ୍ରୀ ରବୀନ୍ଦ୍ର ମୋହନ ଦାସଙ୍କ କର୍ତ୍ତୃକ ରଚିତ ଓ ନରସିଂହପୁର ରକ୍ଷା ରାଜାଙ୍କ କର୍ତ୍ତୃକ ଓଡ଼ିଶା ମିଶନପ୍ରେସରେ ମୁଦ୍ରିତ ଓ ପ୍ରକାଶିତ । ଏଥିରେ ସରଳ ଇଂରାଜୀ ଭାଷାରେ ଇଂରାଜମାନଙ୍କର ଗୁଣା-ନୁବାଦ ଓ ଭାରତରେ ତାଙ୍କର କାର୍ଯ୍ୟର ବର୍ଣ୍ଣନା କରାଯାଇ ସେମାନଙ୍କପ୍ରତି ଭାରତୀୟ ଲୋକଙ୍କର ରାଜଭକ୍ତି ଉଦ୍ରେକ କରାଯାଇଅଛି । ରବୀନ୍ଦ୍ର-ମୋହନ ଅଳ୍ପବୟସ୍କ ଯୁବକ ବର୍ତ୍ତମାନ ଇଣ୍ଟର-ମିଡିଏଟ ପରୀକ୍ଷାରେ ଯୋଗ୍ୟତାସହିତ ଉତ୍ତୀର୍ଣ୍ଣ ହୋଇ କଲିକତାରେ ବି ଏ ପଢ଼ୁଅଛନ୍ତି ତାଙ୍କପରି ଛାତ୍ରଙ୍କ ପକ୍ଷେ ଏ ରଚନା ଯେମନ୍ତ ଆଶାପ୍ରଦ ତେମନ୍ତ ଅନ୍ୟ ଛାତ୍ରଙ୍କ ପ୍ରତି ଶିକ୍ଷଣୀୟ ଅଟେ । ନରସିଂହପୁର ରାଜା ରାଜଭକ୍ତିସୂଚକ ପ୍ରବନ୍ଧ ନିମନ୍ତେ ଯେଉଁ ସ୍ୱର୍ଣ୍ଣପଦକ ଯାଚିଥିଲେ ତହିଁର ପ୍ରତିଯୋଗିତାରେ ରବୀନ୍ଦ୍ରମୋହନ ଏହି ରଚନା ହେଉ ପୁରସ୍କାର ଲାଭ କରିଅଛନ୍ତି । ନରସିଂହ-ପୁର ରାଜା ଏହାକୁ ମୁଦ୍ରିତ କରି ଦେଶର ଗୋଟିଏ ମହତ୍ ଉପକାର କରିଅଛନ୍ତି ଏବଂ ଏହା ପ୍ରତି-ଛାତ୍ରଙ୍କ ନିକଟରେ ରହିବା ଉଚିତ ।

ପ୍ରେମତରଙ୍ଗ ନାଟକ ।— ଗଞ୍ଜାମଜିଲ୍ଲାନ୍ତର୍ଗତ ଚଲିଟୀ ( ସାଧାରଣ ନାମ ଚଣ୍ଡିଟି ) ଅଧୀଶ୍ୱର ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବଙ୍କ କର୍ତ୍ତୃକ ରଚିତ ଓ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ପ୍ରକାଶିତ । ଏଥିରେ ସଂସ୍କୃତ କାଦମ୍ବରୀ ନାଟକାକାରରେ ପ୍ରକାଶିତ ହୋଇ-ଅଛି । ନାଟକଟି ପ୍ରକାଣ୍ଡ ଏମନ୍ତ କି ବଡ଼ ଆଠ-ପେଜୀ ଫର୍ମାର ୧୩୩ ପୃଷ୍ଠା ଅଧିକାର କରିଅଛି ଏବଂ ସଂସ୍କୃତନାଟକ ନିୟମରେ ୭ ଅଙ୍କରେ ସମ୍ପୂର୍ଣ୍ଣ ହୋଇଅଛି । ନାଟକମାନ ଏହରାଜ ଅଭିନୟରେ ଶେଷ ହେବା ଉଚିତ ଏବଂ ଏ କାଳକୁ ଆଧୁନିକ ନାଟକସବୁହିଁ ଉପଯୋଗୀ । ତଥାପି ଏହି ପଢ଼ି ଆମ୍ଭମାନଙ୍କର ବିଲକ୍ଷଣ ସନ୍ତୋଷ ଜନ୍ମିଅଛି । ରାଜା ଦକ୍ଷିଣୀ ହେଲେ ସୁଦ୍ଧା ଦକ୍ଷିଣିଆ ଭାଷା-ଦୋଷ ଏଥିରେ ନ ଥିବାର ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ସାହିତ୍ୟସେବୀ ରାଜା-ମହୋଦୟ ସଂସ୍କୃତଜ୍ଞ ଏବଂ ସଂସ୍କୃତଭାଷାରେ କାଦ-ମ୍ବରୀ ରଚନା ଛଟାରେ ଯେମନ୍ତ ପ୍ରଥମସ୍ଥାନ ଅଧିକାର କରିଅଛି ବିଷୟ ମଧ୍ୟ ତେମନ୍ତ ମନୋ-ହର । ଯେମନ୍ତ ଦୀର୍ଘ ସମାସ ବହୁଳ ପଦାବଳୀ ଆଉ କାହିଁରେ ଦେଖା ନ ଯାଏ । ଏମନ୍ତ ପୁସ୍ତ-କକୁ ଭାଷାରେ ନାଟକଛାଞ୍ଚରେ ଢାଳିବାକୁ ଗଲେ ତହିଁର ଭାଷା [illegible] ଲୋକଙ୍କପକ୍ଷେ ବଡ଼ ବଡ଼ ଶବ୍ଦମାନ ଏଡ଼ିବା ସହଜ ନୁହେ । ତଥାପି ଏଥିରେ ତେତେ ବଡ଼ ବଡ଼ କଥା ନ ଥିବାର ଦେଖି ଅମ୍ଭେ-ମାନେ ରାଜାମହୋଦୟଙ୍କୁ ଧନ୍ୟବାଦ ନ ଦେଇ ରହି ପାରୁନୁ ନାହିଁ । ଏଥିର ଭାଷା ବିଶୁଦ୍ଧ, ଭାବ ପ୍ରାଞ୍ଜଳ ଏବଂ ଗୀତଗୁଡ଼ିକ ଅତୀବ ମନୋ-ହର । ପ୍ରତ୍ୟେକ ଉତ୍କଳୀୟ ଏହାକୁ ପାଠ କରିବା କର୍ତ୍ତବ୍ୟ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ତରଲତର, ଇଜରଟନ ସାହେବ ଆଇ, ସି, ଏସ ଅସ୍ଥା-ୟୀଭାବେ ସତ୍ୟାନ୍ତୁ ୧ମ ଶ୍ରେଣୀର ମାଃ ଓ କଲେକ୍ଟର ହେଲେ ।

ବାଲେଶ୍ୱର ଡ଼ିଭିଜନର ୧ମ ଶ୍ରେଣୀର ଓଭରସିୟର ବାବୁ ତାରିଣୀଚରଣ ଦାସ୍ ମାଂ ୩ ମାସ ଛୁଟି ପାଇଲେ ।

ପୁରୁଷେ ଗୋର୍ଦ୍ଧା, ପଟିଆ, କମାରଡ଼ା ଓ ଗୋପର ଆବଶ୍ୟ ତହସିଲଦାର ସମୂହର ବାର୍ଷିକ ବୋହିକା ସମିତି ସମୂହର ସର୍ବାସମ ନଗର ନାମ ପ୍ରକାଶ ହୋଇଅଛି ।—

ଗତ ତା ୨୧ ଦିନରେ ଶେଷହେବା ସପ୍ତାହରେ ସହରର ଦର ଥିବା ଚାଉଳ ସେ ୧୩/, ବାଲେଶ୍ୱର ସେ ୭, ଓ ସମ୍ବ-ଲପୁର ସେ ୧୨ ଏବଂ ଗଞ୍ଜାମ ମଧ୍ୟରେ ସର୍ବୋଚ୍ଚ ଦର ଚାଉଳର ସେ ୨୪ ଏବଂ ସର୍ବନିମ୍ନ ଦର ୧୮( ।

---

### ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ପ୍ରବଳ ଶୀତ । ଶୀତ ପ୍ରବଳ ହେଉଁ ଏ ସମୟରେ ଅଧିକ ହୋଇଅଛି ।

ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ । କେବଳ ଜ୍ୱର ଓ ରେଟି ସାମାନ୍ୟରେ ଦେଖାଯାଏ ।

ଏ ନଗର ନୂଆ କଲେଜର ଛାତ୍ରମାନେ ସାହେବ ଗତ ମଙ୍ଗଳବାର ସକାଳେ ଏ ନଗରରେ ପହଞ୍ଚି କାର୍ଯ୍ୟ ଭାର ଗ୍ରହଣ କରିଅଛନ୍ତି । ସାହେବ ମହୋଦୟଙ୍କ ସମ୍ମାନର୍ଥେ ମୁନସିପାଲ ଏବଂ ଜାଲଗୁର ଓ କେତେକ ସ୍କୁଲ ଛାତ୍ରମାନେ ଷ୍ଟେସନରେ ଉପସ୍ଥିତ ହୋଇଥିଲେ ।

ଏଠା ପୁରୁଣା କଲେଜର ଛାତ୍ର ବାବୁ ସହିତ ସେହି ମଙ୍ଗଳବାର ସନ୍ଧ୍ୟା ରେଳରେ ପ୍ରସ୍ଥାନ କଲେ ।

ମେ.ଫସଲର ଠାକୁର ଓଭରଠା ରବିବାରକୁ ଯାଏ ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ବୁଧବାର ମଫସଲ ଗା-ରେ ଯାଇଥିଲେ । ଗତ ରାତ୍ର ଫେରି ଆସି ଅଛନ୍ତି ।

ଧାନକଟା ଆରମ୍ଭ ହୋଇଅଛି । ମୋଟଧାନର ଦର ଅଳ୍ପ କମ ହୋଇଅଛି ମାତ୍ର ଏ ନଗରର ଦର ବଢ଼ି ନାହିଁ ।

ତଦୋବସ୍ତ ଏସିଷ୍ଟାଣ୍ଟ ରମରବର ବହରମ୍ପୁର ଓ ମୋହରର ରଘୁନାଥ ମହାନ୍ତି ସେ କ ଫଉଜଦାରୀରେ ମା ୪ ଓ ବର୍ଷ ଦଣ୍ଡ ପାଇଥିଲେ ଜଜ୍‌ଙ୍କଠାରେ ଆପିଲରେ ଗତ ତା ୮ ଦିନରେ ଖଲାସ ପାଇଅଛନ୍ତି ।

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଡାକ୍ତର ଡି, ଏନ, ମହାନ୍ତି | କେନ୍ଦୁଝର | ୫ ॰ |
| ବାବୁ ଶ୍ରୀ ମୋହନ ଦାସ | କଟକ | ୫ ॰ |
| ,, ଗୋବିନ୍ଦ ମହାନ୍ତି | ବାଙ୍କି | ୫ ॰ |
| ,, ଧାତୁଚରଣ ଦେହୁରୀ | ଢେଙ୍କାନାଳ | ୫ ॰ |
| ,, ଚିନ୍ତାମଣି ଚୌଧୁରୀ | କଟକ | ୫ ୨ |
| ମୁନସି ମହମ୍ମଦ ଯାକୁବ | କଟକ | ୫ ॰ |
| ବାବୁ ଶ୍ରୀ ଜଗନ୍ନାଥ ମହାନ୍ତି | ଯାଜପୁର | ୫ ॰ |
| ,, ଦେବାଧର ପଟ୍ଟନାୟକ | କଟକ | ୫ ॰ |
| ,, ସଦାଶିବ ସାହୁ | କେନ୍ଦ୍ରାପଡ଼ା | ୫ ॰ |
| ,, ମାଗୁଣି ମହାନ୍ତି | ଯାଜପୁର | ୫ ॰ |
| ,, ଜଗନ୍ନାଥ ସିଂହ | ସିଂହାପୁର | ୫ ୧ |
| ,, ରୁକ୍ମିଣୀ ମହାନ୍ତି | ଯାଜପୁର | ୫ ୧ |
| ,, ଗଦାଧର ମହାନ୍ତି | ଲୋକନାଥ | ୫ ୧ |
| ,, ଦେଶବାନନ୍ଦ ମହାନ୍ତି | ଦଶପଲ୍ଲା | ୫ ୧ |
| ,, ଗୁଣନିଧି ବଡ଼ପାଣ୍ଡ ସିଂହ | ବାଣପୁର | ୫ ॰ |
| ,, ଜଗବନ୍ଧୁ ସିଂହ | ପୁରୀ | ୫ ॰ |
| ,, ବନୋବିହାରୀ ପଟ୍ଟନାୟକ | ସିଦ୍ଧପୁର | ୫ ॰ |
| ,, ଧର୍ମ୍ମଦାସ ମାଝି | ବାରିପଦା | ୫ ॰ |
| ,, ଗୋପୀନାଥ ମିଶ୍ର | କଟକ | ୫ ॰ |
| ମୁନସି ସେଖ ରହମାନ ମହମ୍ମଦ | କଟକ | ୫ ॰ |
| ବାବୁ ଶ୍ରୀ ଲକ୍ଷ୍ମୀ ନାରାୟଣ ମହାପାତ୍ର | ଏରଗାଡ଼ି | ୫ ॰ |
| ,, ଦାମୋଦର ପଟ୍ଟନାୟକ | କମଳାପୁର | ୫ ॰ |
| ,, ଗଦାଧର ବଳିଆର | ସୋରଡ଼ା | ୫ ୧ |
| ,, ସତ୍ୟବାଦୀ ପଟ୍ଟନାୟକ | ଜାହାଜପୋତ | ୫ ॰ |
| ,, ସୁଦର୍ଶନ ରାମଚନ୍ଦ୍ର ସିଂହ ମହାପାତ୍ର | | |
| | ଚଣ୍ଡିଖୋଲ | ୫ ॰ |

Split by PDF Splitter
Digitized by srujanika@gmail.com

## ମୋଫସଲ ସମ୍ବାଦ ।

ଏତ ଗ୍ରହଣ ଦଶ ବର୍ଷରେ ଶୋଚନୀୟ "ମାଗେ" ... ମୋଟା ଧୋଇ ହୋଇ ଅଛେକ ଶତି ଜଳସହ ।

ଜଯଧାନ ... ବଢ଼ ହୋଇସହ ।

... ମୁସଲମାନ ... ମୁସଲମାନ ...

ସେହି ମହାଶୟ ସେଠାରେ ... 

ବାବୁ ... ମୁକାମରେ ...

ବାବୁ ... ମୁକାମରେ ...

... ଗତମାସ ତା ୧୧ ... ବାଲେଶ୍ୱର ...

## ପତ୍ରପ୍ରେରକଙ୍କ ପ୍ରତି ।

... ଜେନା—ଏଥିକୁ ... ପ୍ରକାଶ ... 

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

To

The Editor, the Utkal Dipika

Sir,

Recently I had the good fortune to encounter a Settlement camp during the last Ras Purnima and lunar eclipse. I found the Assistant Settlement officer doing work, though to us—laymen, these days were public holidays. Moreover you can well imagine how the mofassal people like this. I do not know if the legislature subtracted from these camps the observance of public Gazetted holidays. Settlement officers in camp may afford to be holiday-proof, but the ceremony-loving and stay-at-home mass in Orissa, never.

Is it not harassing and disappointing, Mr. Editor ?

Cuttack } 21-11-10 } I remain Yours truly A voice of mofassal

Chawliagunge. Cuttack
The 23rd November 1910.

To

The Editor of the Utkal Dipika,
Cuttack

Dear Sir,

It is with much delight that of late I read through the medium of your paper that the Central Committee have resolved to hold the sitting of the Utkal Union Conference this year in this centre. I am sincerely thankful to him from whom this proposal has its origin but am at the same time curious to know as to the object of the sitting of the conference. All those that are interested in the public movements know it full well the object with which the conference was started and I cannot but mention here that our worthy members of the Central Committee have altogether lost sight of that aim. Have they done some substantial work throughout the year that they are going to arrange for a vast assembly of their brethern in one common platform ? Do they ever care to enquire as to what has become of the Branch Associations ? Have they collected facts and figures relating to the development of their schemes from the said associations to lay before the ensuing sitting of the Conference ? In the annual sittings of conference several resolutions pertaining to the well-being of Orissa at large were passed but I believe they have not yet been passed their initial stage. Although the next sitting of the conference is drawing nigh, no opportunity has been given to the public to facilitate the progress of the movement. Mr. Editor ! I am an unworthy patriot of Orissa and as such cannot but give expression to my view as above, although they might prove gall and worm wood to many. It is far from my intention to offend my worthy representatives of the Central Committee but I want only to be distinctly understood that every attempt must be made to place the conference in a firm and substantial basis. I long to see the result of the ensuing sitting of the conference and beg to say that if no improvement is effected so as to give a finishing touch to the object which the leaders had in view at the start of the movement, I observe with regret that it will simply be loss of money and energy on the part of the Central Committee to hold the ensuing sitting.

By the bye I beg to observe that the public is quite unaware about the selection of the President of the Conference. Is it that the Central Committee mean to get over this item of business secretly ? At any rate before concluding my observations I would request the organisers to induce the Hon'ble M. S. Das Esqr C. I. E. to accept the offer. I believe every body would be at one with me in the matter and let us all hope with sincerity that Mr. Das will not act contrary to the public sentiments.

Yours faithfully,
An unfortunate patriot.

ମହାଶୟ !

ଗତମାସ ତା ୧୦ ରଖ ଗୁରୁବାରଠାରୁ ... ଗୋଶାଳାରେ କଟକର ଉତ୍ସୋ-ସ୍ତ୍ରା ଗୋରକ୍ଷିଣୀସଭାଦ୍ୱାରା ଗୋପାଷ୍ଟମୀବ୍ରତ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଉକ୍ତ ଦିବସ ମାନ୍ୟବର କମିସନର, କଲେକ୍ଟର ଓ ଜଜସାହେବ ମହୋଦୟଗଣ ଅଫିସ ଓ କଚେରୀମାନ ୨ଟା ସମୟରେ ବନ୍ଦ ହେବାର ଆଦେଶ ଦେବାଦ୍ୱାରା ଅନେକ କର୍ମଚାରୀ ଉକ୍ତ ଉତ୍ସବରେ ଯୋଗ ଦେବାର ସୁବିଧା ହୋଇଥିଲା । ଏଥି-ଯୋଗୁଁ ଅମ୍ଭେମାନେ ଉକ୍ତ ମହୋଦୟମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ, ସେ ଦିନ ପ୍ରାତଃକାଳଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ପ୍ରାୟ ୧୦୦୦୦ ଦର୍ଶକ ହୋଇଥିଲେ । କଟକର ସଙ୍କୀର୍ତ୍ତନ ମଣ୍ଡଳୀ ମାନ ଉତ୍ସାହ ସହକାରେ ଗୋଶାଳାଠାରେ ସମବେତ ହୋଇ ଦର୍ଶକମାନଙ୍କୁ ଉତ୍ସାହିତ ଓ ଆନନ୍ଦିତ କରିଥିଲେ । ଗତ କେତେକ ବର୍ଷ ହେଲା ମଣ୍ଡଳ ସମ୍ପ୍ରଦାୟ ମଧ୍ୟରେ ବିବାଦ ହେତୁ ଯାହା ଅସ୍ପୃଶ୍ୟତା ହେଉ ଥିଲେ ଏଥରକ ମଣ୍ଡଳମାନଙ୍କର ମଧ୍ୟସ୍ଥ ... ସଜ୍ଜନମାନଙ୍କ ... ଚେଷ୍ଟାରେ ତାହା ମେଣ୍ଟିଯାଇ ସମସ୍ତେ ଏକତ୍ରିତ ହୋଇ ଥିବାରୁ ସେ ସଜ୍ଜନମାନଙ୍କୁ ଅମ୍ଭେମାନେ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛୁଁ ।

ସାଧାରଣ ଦର୍ଶକମାନଙ୍କ ଚିତ୍ତରଞ୍ଜନ ନିମନ୍ତେ ସୁରଙ୍ଗଖେଳ ଯାତ୍ରା ଆଦି ହୋଇଥିଲା ଓ ଅନେକ ଗୃହସ୍ଥ ବଜାର ହାଟ ବସିଥିଲା । ମେଳାସ୍ଥଳରେ କେତେକ ସଦାଶୟବ୍ୟକ୍ତି ଗୋପାଳନ ନିମନ୍ତେ ଦୟା ପୂର୍ବକ ବହୁ ବହୁ ଅର୍ଥ ସାହାଯ୍ୟ କରିଥିଲେ; କଟକର ଅନେକ ଗୃହସ୍ଥ ସମ୍ଭ୍ରାନ୍ତ ଓ ଶିକ୍ଷିତବ୍ୟକ୍ତି ଓ ଛାତ୍ରମାନେ ଉକ୍ତ ମେଳାରେ ଯୋଗ ଦେଇଥିଲେ । ଉକ୍ତ ମେଳା-ଦିନ ସନ୍ଧ୍ୟା ସମୟରେ ସେଠାରେ ଗୋଟିଏ ସଭା ହେବାର ସ୍ଥିର ହୋଇଥିଲା କିନ୍ତୁ ଉକ୍ତ ଦିବସ ସଭାପତି କେତେକ ଅନିବାର୍ଯ୍ୟ କାରଣରୁ ସଭା-ସ୍ଥଳକୁ ଯିବାର ବିଲମ୍ବ ଘଟିବାରୁ ଅଗତ୍ୟା ସ୍ଥଗିତ ରହିଥିଲା । ସମ୍ପ୍ରତି ବିଲମ୍ବରେ ଅପରାହ୍ଣ ସମୟରେ ଅନେକ ଦର୍ଶକ ମେଳାରୁ ଫେରି ଯାଇ ଥିଲେ ଏବଂ ଉତ୍କଳସମ୍ମିଳନୀ ମଣ୍ଡପରେ ବାର୍ଷିକ ସଭାର ଅଧିବେଶନ ହେବାର ସ୍ଥିର ହୋଇଥିଲା, ଏହି ଗୋଶାଳାରେ ବର୍ତ୍ତମାନ ୨୦୪ ଗୋଟି ଗୋରୁ, ଅସମର୍ଥ ଦାଆଗାଈ ଓ ବଳଦ ... ସାଧାରଣଙ୍କ ଦୃଷ୍ଟି ଏହି ଗୋଶାଳାପ୍ରତି ଅମ୍ଭେ-ମାନେ ବିଶେଷରୂପେ ଆକର୍ଷଣ କରୁଅଛୁଁ ।

କଟକ } ତା ୨୫।୧୧।୧୦ } ବଶମ୍ବଦ ଶ୍ରୀ ଗୋପାଳଚନ୍ଦ୍ରପ୍ରହରାଜ ସମ୍ପାଦକ କଟକ ଗୋରକ୍ଷିଣୀ ସଭା

Split by PDF Splitter

Digitized by srujanika@gmail.com

Split by PDF Splitter




ପୁସ୍ତକ ! ପୁସ୍ତକ ! ! ପୁସ୍ତକ ! ! !

# କୃଷ୍ଣପୁରତ୍ନୋଦ୍ଧାରୀ ।

ସରଳ ଦୋଳକୁଣ୍ଡ ବା କେହ ଅଜ ରଇଷାପ୍ତ ସଫଟ ଗୌରବ ସବଳନ ।




ସୁଇଟ ଭଗାରୁ ପଢ଼ିତ ଇଶ୍ଚରେଷ ପଣ୍ଡାଙ୍କଦ୍ୱାସ୍ ସରଳ ଉତ୍କଳଭାଷାରେ ରଚୋଷ୍ଟ ନାମକ ପୁସ୍ତକ ପଦ୍ୟ ଅନୁବାଦିତ । ଏହି ଗ୍ରନ୍ଥ ଏତେଦୂର ବ୍ୟୁତ୍ପାଦକ ଭାବରେ ଲେଖା ହୋଇ ଅଛି । ଏଥିରେ ସ୍ତ୍ରୀ ଓ ପୁରୁଷର ଯେ ସମସ୍ତ ଗୁପ୍ତ ଅବଶ୍ୟ ଜ୍ଞାତବ୍ୟ ଅଛି ତାହା ପୁସ୍ତକରେ ଅଛ କୌଣସି ପୁସ୍ତକରେ ନାହିଁ । ସେଥିରେ ଓ ପାଠ କଲେ ଅର୍ଥସଂପନ୍ନ ହେବାର ହେବ ।

ଏଥିରେ ସ୍ତ୍ରୀ ଜାତି ପୁରୁଷର ଗଠନ, ଲକ୍ଷଣ, ବର୍ଣ୍ଣ, ମିଳନ, ଋତୁ, ସହବାସ, ସନ୍ତାନାଦି ହେଲାଙ୍କ ହେବାର କାରଣ, କେଉଁ ଜାତ ରମଣୀର କେଉଁ ପ୍ରକାର ଓ କିପ୍ରକାରେ ସନ୍ତୋଷ ଯୋଗ ହୁଏ ଇତ୍ୟାଦି ସମସ୍ତ ଅଛି । ଉକ୍ତ ସ୍ତ୍ରୀ ଓ ପୁରୁଷର ଅଙ୍ଗ, ପ୍ରତ୍ୟଙ୍ଗ, ଜନ୍ମ, ଜାତି, ମୁଖାଦି ଅବୟବର ଚିତ୍ରାଦି ବର୍ଣ୍ଣନରେ ବୁଦ୍ଧି, ଚରିତ୍ର, ଧର୍ମ, ବଶରୁ କାଳକ୍ରମେ ପ୍ରେମିକ ପତ୍ନୀ ଇତ୍ୟାଦି ନାନା ବିଷୟ ଜାଣି ପାରିବେ ।

ପୁସ୍ତକ ଦେଖିଲେ ଜାଣି ପାରିବେ କି ଅମୂଲ୍ୟ ରତ୍ନ ବହି ହୋଇଅଛି ।

ମୂଲ୍ୟ ସୁନ୍ଦର ଉତ୍ତମ ମାର୍ବଲସହ ଟ ୦ ୮
ଏକତ୍ରେ " ଟଙ୍କା ଟ ୧୮ ଆ
ପାଇକାର ( Book seller ) ମାନଙ୍କୁ ଯଥେଷ୍ଟ କମିଶନ ଦେଉଛୁ ।

ଏକମାତ୍ର ବିକ୍ରେତା
ବାବୁ ଦାଶରଥି କରଗୁରୁ ।
୨ ନମ୍ବର ଦାଁର ଗଳ, ବେଳେଘୋଲ ଷ୍ଟ୍ରିଟ
ବାଗବଜାର ପୋଃ ଅଃ କଲିକତା ।



# ଜଗମୋହନ ।

ଭକ୍ତକବି ପାନକୃଷ୍ଣ ଦାସଙ୍କର ପୁସ୍ତକାବଳୀ । ଏ ଗ୍ରନ୍ଥରେ ଶ୍ରୀ ଜଗନ୍ନାଥଙ୍କର ପ୍ରଭୁଙ୍କର ଦ୍ୱାଦଶ ଯାତ୍ରାର ବୃତ୍ତାନ୍ତ ବିବରଣ ଅତିପ୍ରାଞ୍ଜଳ, ଓ ସୁମଧୁର, ନାନାରାଗରାଗିଣୀ ଯୁକ୍ତ, ଛନ୍ଦରେ ରଚିତ । ଉତ୍କଳ ସାହିତ୍ୟ କ୍ଷେତ୍ରରେ ଭକ୍ତକବି ପାନକୃଷ୍ଣ ଦାସ ସୁପରିଚିତ । ଏହାଙ୍କର ପ୍ରକାଶିତକାବ୍ୟ ଗୁଡିକ ଯେପରି ସୁରଚିତ ସେହିପରି ଆବାଳ ବୃଦ୍ଧ ବନିତାଙ୍କର ପାଠୋପଯୋଗୀ ଅଟେ । ଏହାଙ୍କ କବିତାର ପ୍ରଶଂସା ଏସ୍ଥଳରେ କହି ହେବନାହିଁ । ଯେ ଥରେ ପଢ଼ି ଅଛନ୍ତି ସେ ମୋହିତ ହୋଇ କବିଙ୍କର କବିତ୍ୱ ଶକ୍ତିର ଭୂୟସୀ ପ୍ରଶଂସା ନ କରି ରହିପାରି ନାହାନ୍ତି । ପାଠକେ ? ଥରେ ଭକ୍ତ କବିଙ୍କ ରଚିତ "ଏହି ଜଗମୋହନ" ଛନ୍ଦକାବ୍ୟ ଖଣ୍ଡିକ ପାଠ କରି କବିଙ୍କର ଅସୀମ କ୍ଷମତାର ପରିଚୟ ପାଇବେ, ଏହା ବୋଲିବା ବାହୁଲ୍ୟ । ପୁସ୍ତକର ମୂଲ୍ୟ ଟ ୦। ଜଟକ ଟ୍ରିଷ୍ଟି କମ୍ପାନୀଙ୍କର ଦୋକାନ ବିକ୍ରୟସ୍ଥ ପୁସ୍ତକଦୋକାନରେ ମିଳିବ ।



# NILMONEY HALDER & Co.,

106, Radha Bazar, Calcutta,
Stationers, Printers and Diesinkers.




Dealers in Stationery—Note and Letter Papers, Inks, Account Books Office Sundries, Printing Materials, etc., etc., etc.,

Dealers and manufacturers of Drawing and Surveying Materials and Instruments, Compass Planetables Tracing Cloth, etc., etc.,



Price Lists sent when asked for.

Orders and enquiries respectfully solicited.

*Try our Emperor Note and Foolscap Papers; Very good value.*

# ନୀଲମଣି ହାଲଦାର ଏଣ୍ଡ କୋଂ ।

ନ ୧୦୬ ରାଧାବଜାର କଲିକତା ।
ଷ୍ଟେସନରସ୍, ପ୍ରିଣ୍ଟର୍ସ, ଡାଇ ସିଙ୍କର୍ସ ।




N H & Co



ଆମ୍ଭର ଦୋକାନରେ ଷ୍ଟେସନରୀ, ଛାପାଖାନାର କାଗଜ ଓ ଛାପାଖାନାର ସମସ୍ତ ସାଜ ସରଞ୍ଜାମ, ଦୁଆତ, କଲମ, ଲେଖିବାର ନାନାବିଧ କାଳୀ, ହିସାବ ଲେଖିବାର ବହି, ଅଫିସ ବ୍ୟବହାର୍ଯ୍ୟ ଯାବତୀୟ ଜିନସ ଓ ବହି କଶିବ ଓ ସର୍ଭେ ମାପର ସନ୍ତ ଓ କାଗଜାଦ ସମସ୍ତ ଦ୍ରବ୍ୟ ସର୍ବଦା ଶସ୍ତା ଦରରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ବଗିଚ ପାଇବା ମାତ୍ରେ ସମସ୍ତ ଜିନସ ସ୍ୱଳ୍ପ ସମୟ ମଧ୍ୟରେ ଶୀଘ୍ର ପଠାଯାଏ । ପତ୍ର ଲେଖିଲେ ଆମ୍ଭର ସଠିକ ପୁସ୍ତକର ମୂଲ୍ୟ ତାଲିକା ବହି ପାଇବେ ।

ଆମ୍ଭର "ଏମ୍ପରର" ନୋଟ ପେପର ଓ ଫୁଲସ୍କେପ କାଗଜ ଅତି ଉତ୍କୃଷ୍ଟ । ବ୍ୟବହାର କଲେ ଜାଣିପାରିବେ ।



# ବିଜ୍ଞାପନ ।

ଷ୍ଟିମଲାଞ୍ଚ ଚଳାଇବା ପାଇଁ ଉକ୍ତ ବର୍ଷୀୟ ସୁଶିକ୍ଷିତ ଯୁବକ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଉଦ୍ୟୋଗରେ ଉନ୍ନତିର ଆଶା ଅଛି । କଲିକତା ଷ୍ଟିମର୍ସଓ୍ୟେ କମ୍ପାନୀ ଲିମିଟେଡ଼ର ଟ୍ରାଫିକ ସୁପର ଇଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିବାକୁ ହେବ । ୨୬ନମ୍ବର ଡାଲହୌସି ଷ୍ଟ୍ରିଟ କଲିକତା



# ଓଡ଼ିଶା ଆର୍ଟ ଓ୍ୱାର୍କସ୍

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଆର୍ଟ ଓ୍ୱାର୍କସରେ ସୁନା ଏବଂ ରୂପାର ଫିଲିଗିରି, ଅର୍ଥାତ୍ ତାରର କର୍ମାଦି ଏବଂ ପାଲିସ ଓ ମଧ୍ୟ ଏଲୁମିନମ୍ ଦ୍ୱାରାଦାନ୍ତ ଓ ମହଣ ସିନ୍ଦୁର ଇଂରେଜୀ ଏବଂ ଦେଶୀୟ ଅଳଙ୍କାରାଦ ଓ ଅନ୍ୟାନ୍ୟ ବହୁପ୍ରକାର ଆବଶ୍ୟକୀୟ କାର୍ଯ୍ୟମାନ ଏଠାରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଥାଏ ମଧ୍ୟ ଅର୍ଡର ଅର୍ଥାତ୍ ଫରମାସ୍ ଦେଲେ ଠିକ ସମୟରେ ଓ୍ୟାଜବ ମୂଲ୍ୟରେ ତୟାରକରି ଦିଆଯାଏ ଅନ୍ୟଠାରୁ ଏଠାରେ କାର୍ଯ୍ୟମାନଙ୍କର ମୂଲ୍ୟ ଅଧିକ ଓ ମୋଟ କାର୍ଯ୍ୟର ମୂଲ୍ୟ କମ । କୌଣସି କାର୍ଯ୍ୟସଦାଟ ଫରମାସ୍ ଦେବାକୁ ହେଲେ ତୟାରପୂର୍ବରୁ କିଛି ଟଙ୍କା ଜମାରଖି ରଖିବାକୁ ହୁଏ । ଯେ ୨ ଜିନିସମାନ ଏଠାରେ ପାଆଯାଏ ଏବଂ ତୟାର ହୁଏ ସେ ସମସ୍ତମଧ୍ୟରୁ କେତେକଟିର ନାମ ନିମ୍ନରେ ଦେଲୁଁ ।

ପ୍ରତ୍ୟାଶଥାଉ କ ଏଠାକୁ ପତ୍ର ଲେଖିବାକୁ ହେଲେ ନିମ୍ନ ସ୍ୱାକ୍ଷରକାରଙ୍କ ନାମରେ ପତ୍ର ଦେବେ ।

| | | |
|---|---|---|
| ଫଟୋଫ୍ରେମ | ବାଲା | ନୋଲକଗଣା |
| ଅତରଦାନ | ଅନନ୍ତ | ଗୁଣା |
| ଗୋଲାବପାସ | ବେକରହାର | ବେସର |
| ପାନଡବା | ତାଳ | ଗଣ୍ଠିଆ |
| ବାଡ଼ିର ହେଣ୍ଡଲ୍ | କଙ୍କଣ | ମନ୍ଦକଡ଼ି |
| ଝୁଡ଼ା | ପଇଁଚି | ଟାବା |
| ଥାଳି | ଚୁଡ଼ି | ସତା |
| ଗାଟିଆ | ଖଡୁ | ଗୋଠ |
| ଏଗଳା | ରତ୍ନଚଉଥି | ଚନ୍ଦ୍ରହାର |
| ଚାମଚ ଓ ଭୀମର ଗେଲଣା ଦାଣ୍ଡ | | ପଞ୍ଚମ |
| ଗ୍ଳାସ୍ | ବାଡ଼ | ଝୀଙ୍କ |
| | ନଥ | ପାହୁଡ଼ |
| | ବୋଗାମ | ମଲ |
| | ପାପଡ଼ | ଅଙ୍ଗୁଠି |

ଅନ୍ୟାନ୍ୟ ଅନେକପ୍ରକାର ଜିନସ ମଧ୍ୟ ପାଆଯାଏ ।

ମ୍ୟାନେଜର
ଓଡ଼ିଶା ଆର୍ଟ ଓ୍ୱାର୍କସ୍
କଟକ


Digitized by srujanika@gmail.com

Split by PDF Splitter




## NOTICE

Correspondence be made in English or Bengalee language,

**Amount refunded**

**if unapproved**

## SHAWL.

*Very nicely worked*

Rs 17 to 40 per pair

For lady Rs 8 for sheet

**Malida Chadder Rs 16**

**Check Wrapper ,, 6 to 9**

**Lahori Dhussa Rs 13**

Correspond in English or Bengalee language

**AMIR CHAND &**

*General shawl merchants*

LAHORE



## NOTICE.

Is hereby notified that the Uriya Version of the Junior Teachers Manual is ready for sale and can be had from the Poprietor, Hare Press, Calcutta at Re. 1-6-0 a copy.

Cuttack, 14-11-10 — J. MacLean, Inspector of schools, Orissa Division

## ଜଗମୋହନ ।

ଭକ୍ତକବି ଦୀନକୃଷ୍ଣ ଦାସଙ୍କର ସୁପ୍ରସିଦ୍ଧ ଗ୍ରନ୍ଥ । ଏ ଗ୍ରନ୍ଥରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରାର ବିସ୍ତାରିତ ବିବରଣ ଅତିପ୍ରାଞ୍ଜଳ ଓ ସୁମଧୁର, ନାନାରାଗରାଗିଣୀ ଯୁକ୍ତ, ବିବିଧ ଛନ୍ଦବନ୍ଧରେ ରଚିତ । ଉତ୍କଳ ସାହିତ୍ୟ କ୍ଷେତ୍ରରେ ଭକ୍ତକବି ଦୀନକୃଷ୍ଣ ଦାସ ସୁପରିଚିତ । ଏହାଙ୍କର ରସକଲ୍ଲୋଳ କାବ୍ୟ ଗୁଣରେ ଯେପରି ସୁରୁଚି ସମ୍ପନ୍ନ ସେହିପରି ଆବାଳ ବୃଦ୍ଧ ବନିତାଙ୍କର ପାଠୋପଯୋଗୀ ଅଟେ । ଏହାଙ୍କ କବିତାର ପ୍ରଶଂସା ଏସ୍ଥଳରେ କରିବା ଦରକାର ନାହିଁ । ଯେ ଥରେ ପଢ଼ିଅଛନ୍ତି ସେ ମୋହିତ ହୋଇ ତାହାଙ୍କର କବିତ୍ୱ କୀର୍ତ୍ତିର ଭୂୟସୀ ପ୍ରଶଂସା ନ କରି ରହିପାରି ନାହାନ୍ତି । ପାଠକେ ! ଥରେ ଏହି କବିଙ୍କ ରଚିତ "ଏହି ଜଗମୋହନ" ଗ୍ରନ୍ଥଖଣ୍ଡିକ ପାଠ କର ତାହାଙ୍କର ଅସୀମ କ୍ଷମତାର ପରିଚୟ ପାଇବେ, ଏହା ବୋଲିବା ବାହୁଲ୍ୟ । ପୁସ୍ତକର ମୂଲ୍ୟ ୫ ୦ । କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କର ଦୋକାନ ଓ କଲିକତାସ୍ଥ ପୁସ୍ତକଦୋକାନରେ ମିଳିବ ।

## ଈଶୋପନିଷତ୍ ।

ମୂଳମନ୍ତ୍ର, ସଂସ୍କୃତଟୀକା ଓ ସରଳ ଉତ୍କଳ ବ୍ୟାଖ୍ୟା ସହିତ ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦ୍ୱାରା କଟକର ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଏକଅଣା


# ଉତ୍କଳ ଦୀପିକା ।

## UTKAL SAMMILANI.

The Conference will sit at the close of this month. Up to date the name of the President has not been announced, but there is a strong rumour afloat that the Rajah of Dhenkanal is to occupy the Presidential Chair. For our part we cannot vouch for the accuracy of this rumour. If it turns out to be true, we think the selection will give satisfaction to all, People have grown naturally uneasy and have been inquiring as to who will be the next President of the Sammilani. The Secretary will do well to disclose his name at an early date.

It has been said in some quarters what work has been done by the Central Committee during the past year that they are going to arrange for the meeting of the Conference ? Some accuse the commitee of idleness, apathy, want of energy and so on and they argue that it is idle to have the next Conference when there is nothing substantial to be placed before it. We however do not agree in this view. We say it is prejudging the Central Committee before hearing them. Besides, if it be found that they have failed in their duty, it will be for the Conference to elect proper and capable men for carrying out its objects. At all events, the very arguments advanced by the oppossition shew the necessity for holding the Conference; for then the people will be in a position to judge to what extent the aims and objects of the Conference have been carried out. It must be borne in mind that the Conference is yet in its infancy. The work it has undertaken to accomplish is not a very easy one. An up-hill work it has to do and it requires the whole hearted energy of Utkal's ablest sons. Carping criticism merely would not be of much help. Criticism there must be, as without it defects cannot be mended, but it must proceed from the best of intentions and from a quarter sympathising with the movement and ready and willing to help and guide us in our work. The Sammilani is not the property of the Central Committee or of any of its members. It is the property of the Nation. If there be any worker outside the Committee willing to devote his energy for its cause he is quite welcome to volunteer his services, and we have little doubt the Conference will be only too glad to accept them.

We have it from reliable source that the Chairman of the Municipality had been approached for a site and that the land lying to the East of the Town Library Hall has been selected as the place for erecting a Pandal. We should say that it is not desirable to have a very costly Pandal. To spend much on a Pandal is merely waste of money. We can very well utilise this money on various worthy objects. Reception Committee had their sittings and they are now busy arranging for the Conference. Let us all unite to make it a success.

ଶ୍ରୀଯୁକ୍ତ ସି, ଏଚ୍, ବମ୍ପାସ ଏବଂ ଶ୍ରୀଯୁକ୍ତ ସି ଏଫ୍, ଯାଉନ ମାଃ ୭ ସ ସପ୍ତାହରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ନିଯୁକ୍ତ ହୋଇଅଛନ୍ତି । କଲିକତା ସହରର ବିଶେଷ ଅଭିଜ୍ଞତା ଏମାନଙ୍କର ଅଛି ଓ ସେହି ସହର ଉନ୍ନତି ବିଷୟକ ଯାହା ଲିପି ହେଉଥିବେ ଏମାନଙ୍କର ପରାମର୍ଶ ମୂଲ୍ୟବାନ ହେବ ।

ଗତ ମାସ ତା ୨୧ ରିଖରୁ ଭାରତ ମନ୍ତ୍ରୀସଭାର ସଦସ୍ୟ ମାନ୍ୟବର ସତ୍ୟେନ୍ଦ୍ର ପ୍ରସନ୍ନ ସିଂହ ମହୋଦୟ ପଦତ୍ୟାଗ କରିବା ଓ ତାଙ୍କ ସ୍ଥାନରେ ମାନ୍ୟବର ଅଲି ଇମାମ୍ ମହୋଦୟ ସେହିପଦ ନିଯୁକ୍ତ ହୋଇଥିବା ବିଷୟ ଅତିରିକ୍ତ ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି ।

Digitized by srujanika@gmail.com

ଗତ ତା ୨୪ ରଖେ ଶେଷହେବା ସପ୍ତାହରେ କେବଳ ବଙ୍ଗସାଗର ଦକ୍ଷିଣଭାଗରେ ଅସ୍ଥିର ବାୟୁ ହେତୁ ବର୍ଷା ହୋଇଥିଲା ମାତ୍ର ୧୦ ହୋଇନଥିଲା। ଅନ୍ଦମାନ ଦ୍ୱୀପରେ ତେଣେ ଏବଂ ମାନ୍ଦ୍ରାଜପ୍ରଦେଶରେ ସାଧାରଣ ବର୍ଷା ହୋଇଥିଲା। ବୃଷ୍ଟିର ପରିମାଣ ମାନ୍ଦ୍ରାଜରେ ପ୍ରାୟ ୫ ଟେ ଥିଲା। ଶୀତ ସବୁଠାରେ ଆରମ୍ଭ ହୋଇଅଛି।

---

ଗତ ତା ୧୯ ରଖେ ଶେଷହେବା ସପ୍ତାହରେ ଭାରତର ପ୍ଲେଗ ରୋଗ ମୃତ୍ୟୁ ୬୧୦୬ ଥିଲା ଯେ ତହିଁ ମଧ୍ୟରେ ଯୁକ୍ତପ୍ରଦେଶ ୧୬୧୮ ପଞ୍ଜାବ ୮୪୦ ବମ୍ବେ ୮୦୬ ମଧ୍ୟପ୍ରଦେଶ ୬୮୦ ରାଜପୁତାନା ୫୮୩ ମହୀଶୂର ୪୩୫ ଓ ହାଇଦରାବାଦ ୩୬୧ ଉଠିଥିଲା। ଏ ସମସ୍ତ ପ୍ରଦେଶ ଏବଂ ମାନ୍ଦ୍ରାଜରେ ବୃଦ୍ଧି ହେଉଅଛି। ଗତ ସପ୍ତାହର ଅଙ୍କ ୫୩୧୯ ଥିଲା।

—✻—

ବିଲାତ ପାର୍ଲିୟାମେଣ୍ଟ ସଭା ଗତ ସୋମବାର ଭଙ୍ଗ ହେଲା। ସେ ସମୟରେ ପଠିତ ହେବ, ପ୍ରବଳ ପ୍ରତାପ ବ୍ରିଟିସ ସମ୍ରାଟଙ୍କ ବକ୍ତୃତାରେ ଭାରତଶାସନ ସଂସ୍କାରସମ୍ବନ୍ଧୀୟ ନୂତନ ଆଇନମତେ ବଙ୍ଗ ପ୍ରଦେଶରେ ଶାସନକାର୍ଯ୍ୟ ନିମିତ୍ତ କାଉନସଲ ନିଯୋଗ ହେବାର ଉଲ୍ଲେଖଥିଲା। ଏଥିରୁ ଜଣାଯାଏ ଯେ ଭାରତଶାସନ ସଂସ୍କାର ସାଧନରେ ଇଂଲଣ୍ଡ ରାଜ ଓ ଭାରତର ସମ୍ରାଟ ଅତ୍ୟନ୍ତ ମନୋଯୋଗୀ ଅଟନ୍ତି ଏବଂ ଏହା ଆମ୍ଭମାନଙ୍କର ପରମ ସୌଭାଗ୍ୟ।

---

ଜର୍ମାନୀର ଯୁବରାଜ ସ୍ୱପତ୍ନୀ ସମଭିବ୍ୟାହାରେ ସିଂହଳଦ୍ୱୀପରେ ଗତ ନବମ୍ବର ମାସ ତା ୨୦ ରିଖରେ ପଦାର୍ପଣ କଲେ। ତାଙ୍କର ଭ୍ରମଣ ଅପରିଚିତଭାବେ ହେଉଥିବା ହେତୁ ତାଙ୍କର ଅଭ୍ୟର୍ଥନା ସକାଶେ ବାଟଘାଟରେ କୌଣସି ଆଡ଼ମ୍ବର ହୋଇ ନ ଥିଲା। ତଥାପି ତାଙ୍କର ସମାଦର ସକାଶେ ନାନାସ୍ଥାନରେ ଭୋଜ ଓ ନୃତ୍ୟାଦିର ଆୟୋଜନ ହୋଇଅଛି। ଯୁବରାଜ ଓ ଯୁବରାଜ୍ଞୀ ମହୋଦୟମାନଙ୍କ ଭାରତଭ୍ରମଣ ଏହଠାରୁ ଆରମ୍ଭ ହେବାରେ ଆମ୍ଭେମାନେ ସର୍ବାନ୍ତଃକରଣରେ ତାଙ୍କ ଅଭ୍ୟର୍ଥନା ଓ ତାଙ୍କର କୁଶଳ କାମନା କରୁଅଛୁଁ।

---

ପାରସରୁ ଯେତେ ପର୍ଯ୍ୟନ୍ତ ବେଲୁଚିସ୍ଥାନ ଭିତର ହୋଇ ଗୋବି ମରୁଭୂମି ମଧ୍ୟ ଦେଇ ଗୋଟିଏ ରେଲଓ୍ୱେ ନିର୍ମିତ ହେବାର ପ୍ରସ୍ତାବ ହେଉଅଛି। ଏ ବାଟ ୧୯୧୮ ମସିହା ଶେଷହେବା ସମୟକୁ ନିର୍ମିତ ହୋଇଥିବ। ଏତଦ୍ଦ୍ୱାରା ପାରସରୁ ଯେତେ ସାର୍ଦ୍ଧ ତିନିଦିନ ଓ ସେଣ୍ଟପିଟର୍ସବର୍ଗରୁ ଯେତେ ସାଢ଼େ ସାତଦିନ ମଧ୍ୟରେ ଲୋକେ ଯାଇପାରିବେ। ଏ ବାଟ ନିର୍ମିତ ହୋଇଗଲେ ୟୁରୋପ ଏବଂ ଏସିଆମଧ୍ୟରେ ଆଉ ଦୂରତ୍ୱର ଭାବ ରହିବ ନାହିଁ ଏବଂ ଅବାଧ ବାଣିଜ୍ୟରେ ଉଭୟ ମହାଦେଶର ପ୍ରଭୂତ ଉନ୍ନତି ହେବ।

---

କର୍ମଯୋଗିନ୍ ପତ୍ରିକାରେ ରାଜଦ୍ରୋହସୂଚକ ପ୍ରବନ୍ଧ ପ୍ରକାଶ କରିଥିବା ହେତୁ ବାବୁ ଅରବିନ୍ଦ ଘୋଷଙ୍କ ଉପରେ ୱାରେଣ୍ଟ ବାହାରିବା ଓ ସେ ନିରୁଦ୍ଦେଶ ହେବାରେ ତାଙ୍କର ସମ୍ପତ୍ତି କ୍ରୋକ କରିବା ଘୋଷଣାପତ୍ର ଜାରି ହୋଇଥିଲା। ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତତ୍ସମସ୍ତ ପ୍ରତ୍ୟାହାର କରିଅଛନ୍ତି ଏବଂ ତାଙ୍କ ବିରୁଦ୍ଧରେ ଯେଉଁ ମୋକଦ୍ଦମା ଆଗତ ହୋଇଥିଲା ତାହା ଖାରଜ ହୋଇଅଛି। ହାଇକୋର୍ଟଙ୍କ ନିଷ୍ପତ୍ତି ପରେ ଗବର୍ଣ୍ଣମେଣ୍ଟ ଏ କାର୍ଯ୍ୟଦ୍ୱାରା ମହତ୍ତ୍ୱ ବଢ଼ାଇ ପ୍ରୀତିଭାଜନ ହୋଇଅଛନ୍ତି।

ଆନନ୍ଦ ସହକାରେ ପାଠକମାନଙ୍କୁ ଜଣାଉଅଛୁଁ ଯେ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଷ୍ଟାଣ୍ଡିଂ କାଉନସେଲ ପଦରେ ଶ୍ରୀଯୁକ୍ତ ବି, ସି, ମିତ୍ର ବାରିଷ୍ଟର ନିଯୁକ୍ତ ହୋଇଅଛନ୍ତି। ଏ ମହାଶୟ କଲିକତା ହାଇକୋର୍ଟର ଭୂତପୂର୍ବ ବିଚାରପତି ସାର୍ ରମେଶଚନ୍ଦ୍ର ମିତ୍ରଙ୍କ ପୁତ୍ର ଅଟନ୍ତି। ୧୮୯୬ ମସିହାରେ ବିଲାତରେ ବାରିଷ୍ଟରୀ ପାସ୍ କରି ୧୮୯୮ ମସିହାରୁ ହାଇକୋର୍ଟରେ ଦକ୍ଷତା ସହିତ କାର୍ଯ୍ୟ କରୁଅଛନ୍ତି ଏହାଙ୍କ ନିଯୁକ୍ତିରେ ଦେଶବାସୀ ସମସ୍ତେ ଆନନ୍ଦିତ, ଯୋଗ୍ୟ ବ୍ୟକ୍ତିଙ୍କି ଉପଯୁକ୍ତ ପଦପାଇଁ ବାଛି ନେବା ହେତୁ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କ ସାଧୁବାଦ ପ୍ରଦାନ କରୁଅଛୁଁ।

—:—:—

ବଙ୍ଗ ଗବର୍ଣ୍ଣମେଣ୍ଟ ଫଉଜଦାରୀ କାର୍ଯ୍ୟବିଧି ଧାରା ୪ ର ଅନୁସାରେ ଗତ ତା ୨୩ ରଖ କଲିକତା ଗେଜେଟରେ ଘୋଷଣା ଦେଇଅଛନ୍ତି କି ପୁରୀଜିଲାର ନିମ୍ନଲିଖିତ ପୁଲିସ ଥାନା ଓ ଆଉଟପୋଷ୍ଟମାନ ପୁଲିସଷ୍ଟେସନ ବୋଲାଇବ ଯଥା- ପୁରୀ, ସତ୍ୟବାଦୀ, କଣାସ, ବ୍ରହ୍ମଗିରି; କୃଷ୍ଣପ୍ରସାଦ, ପିପିଲି, ଡେଲାଙ୍ଗ, କନାପଡ଼ା, ବାଲିପାଟଣା, ବାଲିଅନ୍ତା, ଗୋପ, ଖୋର୍ଦ୍ଧା, ଜଟଣି, ଭୁବନେଶ୍ୱର, ବାଣପୁର, ହାଲଟପୁର, ବୋଲଗଡ଼, ଟାଙ୍ଗୀ, ଜଙ୍କିଆ, ଓ ଗୋବିନ୍ଦପୁର। ପ୍ରତ୍ୟେକ ଷ୍ଟେସନର ଚୌହଦୀ ଓ ମୌଜାର ବିସ୍ତାରିତ ବିବରଣ ଗେଜେଟରେ ପ୍ରକାଶ ହୋଇଅଛି।

---

ପଞ୍ଜାବରେ ଦେଶୀୟ ହିନ୍ଦୁ ଯୁବକମାନଙ୍କୁ ଶ୍ରମଶିଳ୍ପ ଶିକ୍ଷା ସକାଶେ ୟୁରୋପ, ଆମେରିକା ଓ ଜାପାନ ପଠାଇବା ଉଦ୍ଦେଶ୍ୟରେ ଗୋଟିଏ ଫଣ୍ଡ ସଂସ୍ଥାପିତ ହୋଇଅଛି ଏବଂ ଶ୍ରୀଯୁକ୍ତ ହରକିଷନ ଲାଲ ବାରିଷ୍ଟର ତହିଁର ସମ୍ପାଦକ ହୋଇଅଛନ୍ତି। ଯେଉଁ ଛାତ୍ରମାନେ ୟୁରୋପ ଓ ଆମେରିକା ଯିବେ ସେମାନେ ମାସକୁ ଟ ୧୨୦ ଙ୍କା ପାଇବେ ଏବଂ ଜାପାନ ଯିବା ଛାତ୍ରମାନଙ୍କୁ ମାସିକ ଟ ୬୦ ଙ୍କା ବୃତ୍ତି ଦିଆଯିବ। ସଭା ଦେଶର ପ୍ରତ୍ୟେକ ହିତୈଷୀ ଲୋକଙ୍କୁ ବାର୍ଷିକ ଟଙ୍କାଟିଏ ଚାନ୍ଦା ଦେବାର ପ୍ରାର୍ଥନା କରିଅଛନ୍ତି।—ଏ ସରଳ ଉପାୟରେ ଅର୍ଥ ସଂଗ୍ରହ କରି ଦେଶର ଉନ୍ନତି ସାଧନ କରିବା ପ୍ରଶସ୍ତ ଅଟେ। ଆମ୍ଭେମାନେ ସମସ୍ତ ଦେଶୀୟ ଲୋକମାନଙ୍କୁ ଏଥିରେ ଅଗ୍ରସର ହେବାକାରଣ ଅନୁରୋଧ କରୁଅଛୁଁ।

---

ଆମ୍ଭମାନଙ୍କର ନୂତନ କଲେକ୍ଟର ଶ୍ରୀଯୁକ୍ତ ଇଲଇଟନ ସାହେବ କେଡ଼େଡବର୍ଡ ପୂର୍ବେ ବାଲେଶ୍ୱର କଲେକ୍ଟର ଥିଲେ। ତାହାଙ୍କର ଦୟା ନିରପେକ୍ଷ ବିଚାର ଶିଷ୍ଟପାଳନ ଓ ଦୁଷ୍ଟଦଳନ, ସ୍ତ୍ରୀ ଶିକ୍ଷା ଓ ସାଧାରଣ ଉନ୍ନତି ସାଧନରେ ଏକାନ୍ତ ଅନୁରାଗ ଗୁଣମାନ ସ୍ମରି ବାଲେଶ୍ୱରର ସମ୍ବାଦପତ୍ରଦ୍ୱୟ ତାହାଙ୍କ ଓଡ଼ିଶାକୁ ଶୁଭାଗମନରେ ଆଦର ପୂର୍ଣ୍ଣ ଅହ୍ଵାନବାଦ ପ୍ରଦାନ କରିଅଛନ୍ତି ଏବଂ ଏହାଦ୍ୱାରା ସହଯୋଗିମାନେ ଆମ୍ଭମାନଙ୍କର ସୌଭାଗ୍ୟ ଉଦୟରେ ସହାନୁଭୂତି ଦେଖାଇ ଅଛନ୍ତି। ଆମ୍ଭେମାନେ ସେମାନଙ୍କୁ ଧନ୍ୟବାଦ ଦେଇ ଆଶା କରୁଁ ସାହେବ ମହୋଦୟଙ୍କର ସେହି ଗୁଣାବଳୀରୁ ପ୍ରତ୍ୟକ୍ଷ ଫଳ ଶୀଘ୍ର ଲାଭ କରିବାକୁ ସମର୍ଥ ହେବୁଁ।

---

ବଙ୍ଗ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇଅଛନ୍ତି କି କଳ ଏବଂ ବୈଦ୍ୟୁତିକ ଇଞ୍ଜିନୀୟରିଂ ବିଦ୍ୟା ଇଉରୋପ ଏବଂ ଆମେରିକାରେ ଶିକ୍ଷା କରିବା କାରଣ ଏକଜଣ ଅଥବା ଦୁଇଜଣ ଛାତ୍ରଙ୍କୁ ଆସନ୍ତା ସନ ୧୯୧୧ ସାଲରେ ବୃତ୍ତି ଦେବେ। ବୃତ୍ତି ବାର୍ଷିକ ଟ ୨୨୫୦ ଙ୍କା ଦିଆଯିବ ଏବଂ ପଢ଼ିବା ବିଦ୍ୟାଳୟର ଫିସ ପୃଥକ୍ ଦିଆଯିବ। ଯେଉଁମାନେ ଭାରତରେ ଏ ବିଦ୍ୟା କିଛି ଶିଖିଅଛନ୍ତି ଏବଂ ଅଧିକ ଶିଖିବାର ଯୋଗ୍ୟ ଜଣାଯିବେ ଏବଂ ଶିକ୍ଷା କରି ଆସିଲେ ଭାରତରେ ସେହି ବ୍ୟବସାୟ କରିବେ ଏପରି ଭାରତୀୟ ଛାତ୍ର କେହି ଏ ବୃତ୍ତି ନେଇଲେ ଆଗାମୀ ଫେବ୍ରୁୟାରିମାସ ତା ୨୫ ରଖ ମଧ୍ୟେ ଶିକ୍ଷାବିଭାଗ ଡାଇରେକ୍ଟର ମହାଶୟଙ୍କ ନିକଟକୁ ଆବେଦନ କରିବେ।

---

ଦରମ ସେଣ୍ଟ ଉପନଦୁଲ ସେଟୋପଡ ଭସ୍ମ ଲେଖିଅଛନ୍ତି କି ପୁରାଣ କର୍ମଚାରିଗଣ ତତ ଏକକାଳେ ସ୍ୱସ୍ଥ ଅଥବା ତତର ସମାପ୍ତିହାର

Split by PDF Splitter
Digitized by srujanika@gmail.com